# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ମେ ୨୮/୨୦୨୧ (୧୨ ପୃଷ୍ଠା) | Bhubaneswar, Friday, May 28/2021 | ★★★★★★

୪୭ଶ ଭାଗ ୧୮୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




### ବେଟିଅଲ ୧୮ତମ ଷ୍ଟେଜ ବିଜେତା

ଇଏଫ ଏଜୁକେଶନ-ନିପ୍ପୋ ଟିମ୍ ରାଇଡର ଇଟାଲୀର ଆଲବର୍ଟୋ ବେଟିଅଲ ଗିରୋ ଡି'ଇଟାଲିଆ ସାଇକ୍ଲିଂର ୧୮ତମ ଷ୍ଟେଜ ବିଜେତା ହୋଇଛନ୍ତି। ୧୨

୧୨

୧୦

### ରେଡ୍ ଚିଲିସ୍ ବ୍ୟାନରରୁ ଓହରିଲେ କାର୍ତ୍ତିକ

ଫିଲ୍ମ ନିର୍ମାତା କରନ ଜୋହରଙ୍କ 'ଦୋସ୍ତାନା-୨' ପରେ ଏବେ ରେଡ୍ ଚିଲିସ୍ ବ୍ୟାନର ଫିଲ୍ମ 'ଗୁଡ୍‌ବାଏ ଫ୍ରେଡି'ରୁ ଓହରିଛନ୍ତି କାର୍ତ୍ତିକ ଆର୍ଯ୍ୟନ।



## ଆଜି ଆକାଶମାର୍ଗରୁ ଦେଖିବେ ପ୍ରଧାନମନ୍ତ୍ରୀ



ନରେନ୍ଦ୍ର ମୋଦି

**ନୂଆଦିଲ୍ଲୀ, ୨୭।୫**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଓଡ଼ିଶା ଓ ପଶ୍ଚିମବଙ୍ଗ ଗସ୍ତ କରି ବାତ୍ୟା ୟାସ୍ ପରବର୍ତ୍ତୀ ସ୍ଥିତି ଓ କ୍ଷୟକ୍ଷତିର ସମୀକ୍ଷା କରିବେ। ବୁଧବାର ସାମୁଦ୍ରିକ ଝଡ଼ ଓଡ଼ିଶା ଉପକୂଳରେ ମାଡ଼ କରିବା ସହ ଉଭୟ ରାଜ୍ୟରେ ବ୍ୟାପକ କ୍ଷୟକ୍ଷତି କରିଥିଲା। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ସୂଚନା ଅନୁଯାୟୀ ମୋଦି ଶୁକ୍ରବାର ଭୁବନେଶ୍ୱରରେ ବିମାନରୁ ଅବତରଣ କରି ଏକ ସମୀକ୍ଷା ବୈଠକରେ ଯୋଗଦେବେ। ଏହା ପରେ ସେ ବାଲେଶ୍ୱର ଓ ଭଦ୍ରକ ଜିଲାର କ୍ଷୟକ୍ଷତି ଆକାଶମାର୍ଗରୁ ଅନୁଧ୍ୟାନ କରିବେ। ପଶ୍ଚିମବଙ୍ଗର ପୂର୍ବ ମେଦିନିପୁର ଜିଲା ବାତ୍ୟାଞ୍ଚଳ ଆକାଶମାର୍ଗରୁ ଦେଖିବା ସହ ସେଠାରେ ଅନ୍ୟ ଏକ ସମୀକ୍ଷା ☞ପୃଷ୍ଠା-୪

# ବୈତରଣୀରେ ବନ୍ୟା ବିପଦ



ଭଦ୍ରକ ଜିଲା ଭଣ୍ଡାରିପୋଖରୀର ଆଖୁଆପଦାଠାରେ ଗୁରୁବାର ବିପଦସଙ୍କେତ ଉପରେ ବୈତରଣୀ।

- ଖାଲୁଆ ଅଞ୍ଚଳରୁ ଲୋକଙ୍କୁ ସ୍ଥାନାନ୍ତର
- ସତର୍କ ରହିବାକୁ ଜିଲା ପ୍ରଶାସନକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ
- ଜାତୀୟ ରାଜପଥ ନଂ.୪୯ରେ ଯାତାୟାତ ବାଧାପ୍ରାପ୍ତ
- ୭୭ ବ୍ଲକରେ ୩୦୦ରୁ ୪୦୦ ମିଲିମିଟର ବର୍ଷା
- ସମ୍ଭାବ୍ୟ ବନ୍ୟା ପାଇଁ ଜିଲା ପ୍ରଶାସନ ପ୍ରସ୍ତୁତ: ଏସ୍ଆର୍‌ସି

**ଭୁବନେଶ୍ୱର,(ବ୍ୟୁରୋ)/ ଭଣ୍ଡାରିପୋଖରୀ (ଡି.ଏନ୍.ଏ.)/ ଆନନ୍ଦପୁର(ସ୍ୱ.ପ୍ର.)/ଯାଜପୁର ଅଫିସ,୨୭।୫**

ବାତ୍ୟା 'ୟାସ୍' କ୍ଷତ ଭରି ନ ଥିବା ବେଳେ ବନ୍ୟା ବିପତ୍ତି ଦୁର୍ଦ୍ଦଶାକୁ ଆହୁରି ବଢ଼ାଇବା ଆଶଙ୍କା ସୃଷ୍ଟି କରିଛି। ବାତ୍ୟାଜନିତ ବର୍ଷା ଯୋଗୁ ଉତ୍ତର ଓଡ଼ିଶାର ଅଧିକାଂଶ ଜିଲାରେ ଗତ ୨୪ ଘଣ୍ଟା ମଧ୍ୟରେ ପ୍ରବଳରୁ ଅତିପ୍ରବଳ ବର୍ଷା ହୋଇଛି। ଏଥିଯୋଗୁ ବୈତରଣୀରେ ବନ୍ୟା ପାଣି ଉଚ୍ଛୁଳୁଛି। ଏହି ନଦୀର ଆନନ୍ଦପୁର ଏବଂ ଆଖୁଆପଦାଠାରେ ବନ୍ୟାଜଳ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ଆନନ୍ଦପୁରଠାରେ ବିପଦ ସଙ୍କେତ ୩୮.୩୬ ମିଟର ଥିବା ବେଳେ ୩୯.୨୭ ମିଟର, ଆଖୁଆପଦାଠାରେ ବିପଦ ସଙ୍କେତ ୧୭.୮୩ ମିଟର ଥିବା ବେଳେ ୧୮.୬୯ ମିଟର ଉପରେ ବନ୍ୟାଜଳ ପ୍ରବାହିତ ହେଉଛି। ଏହାଦ୍ୱାରା ଯାଜପୁର ଜିଲାର ବୈତରଣୀ ନଦୀ ତଟବର୍ତ୍ତୀ କୋରେଇ, ଦଶରଥପୁର ଓ ଯାଜପୁର ବ୍ଲକବାସୀ ଆତଙ୍କିତ ଅବସ୍ଥାରେ ଅଛନ୍ତି। ସେହିପରି ଭଦ୍ରକ ଜିଲାର ଧାମନଗର, ଭଣ୍ଡାରିପୋଖରୀ ଓ ତିହିଡ଼ି ବ୍ଲକରେ ବନ୍ୟା ଆଶଙ୍କା ବଢ଼ିଯାଇଛି। ଏହି ବନ୍ୟାଜଳ ୩ ବ୍ଲକର ନଈକୂଳିଆ ଗାଁ ପାଇଁ ବିପଦ ଆଣିପାରେ ☞ପୃଷ୍ଠା-୪



'ୟାସ୍' ଯୋଗୁ କ୍ଷତିଗ୍ରସ୍ତ ଅଞ୍ଚଳକୁ ଆକାଶମାର୍ଗରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେଖୁଛନ୍ତି।

## ୭ ଦିନରେ କ୍ଷତି ଆକଳନ ନିର୍ଦ୍ଦେଶ

- ପୁନରୁଦ୍ଧାର କାର୍ଯ୍ୟ ଯୁଦ୍ଧକାଳୀନଭିତ୍ତିରେ କରିବାକୁ ପରାମର୍ଶ
- ବୈତରଣୀରେ ବନ୍ୟା ସମ୍ଭାବନା ଥିବାରୁ ସତର୍କ ରହିବାକୁ ନିର୍ଦ୍ଦେଶ
- ତ୍ରୁଟିଶୂନ୍ୟ ପରିଚାଳନା ପାଇଁ ମୁଖ୍ୟମନ୍ତ୍ରୀଙ୍କ ପ୍ରଶଂସା

**ଭୁବନେଶ୍ୱର,୨୭।୫(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଅପରାହ୍ନରେ ହେଲିକପ୍ଟର ଯୋଗେ ବାତ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି କ୍ଷୟକ୍ଷତି ଅନୁଧ୍ୟାନ କରିଛନ୍ତି। ସନ୍ଧ୍ୟାରେ ଭିଡିଓ କନ୍‌ଫରେନ୍ସ ଜରିଆରେ ମୁଖ୍ୟମନ୍ତ୍ରୀ ବରିଷ୍ଠ ଅଧିକାରୀ, ଜିଲାପାଳମାନଙ୍କ ସହ ବାତ୍ୟା 'ୟାସ୍' ପରବର୍ତ୍ତୀ ପୁନର୍ଗଠନ ଓ ପୁନରୁଦ୍ଧାର କାର୍ଯ୍ୟ ସମ୍ପର୍କରେ ସମୀକ୍ଷା କରିଛନ୍ତି। ଆସନ୍ତା ୭ ଦିନ ମଧ୍ୟରେ ବାତ୍ୟା ପ୍ରଭାବିତ ଜିଲାଗୁଡ଼ିକରେ ଭାଙ୍ଗିଯାଇଥିବା ଘରଗୁଡ଼ିକର ଆକଳନ କରି ରିପୋର୍ଟ ପ୍ରଦାନ କରିବାକୁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବର୍ତ୍ତମାନ ରିଲିଫ୍, ପୁନର୍ଗଠନ ଓ ପୁନରୁଦ୍ଧାର ପ୍ରକ୍ରିୟା ଉପରେ ସମସ୍ତ ☞ପୃଷ୍ଠା-୪

## ୪ ସପ୍ତାହରେ ଡିଜେଲ ବଢ଼ିଲାଣି ୪.୨୧ଟଙ୍କା

### ପେଟ୍ରୋଲ ୨୪, ଡିଜେଲ ୩୨ ପଇସା ବୃଦ୍ଧି

**ନୂଆଦିଲ୍ଲୀ/ଭୁବନେଶ୍ୱର,୨୭।୫:** ମହାମାରୀ ସମୟରେ ତୈଳ ଦର ବୃଦ୍ଧି ପାଇଚାଲିଛି। ବୁଧବାର ତୈଳ ଦରରେ ସ୍ଥିରତା ରହିବାପରେ ଗୁରୁବାର ପୁଣି ଥରେ ବଢ଼ିଛି। ଭୁବନେଶ୍ୱରରେ ପେଟ୍ରୋଲ ୨୪ ପଇସା ଏବଂ ଡିଜେଲ ୩୨ ପଇସା ବୃଦ୍ଧି ଘଟି ପେଟ୍ରୋଲ ଲିଟର ପିଛା ୯୪.୪୦ ଟଙ୍କା ଏବଂ ଡିଜେଲ ୯୨.୧୯ ଟଙ୍କାରେ ପହଞ୍ଚିଛି। ଏହାକୁ ମିଶାଇ ଓଡ଼ିଶା ବଜାରରେ ଗତ ୪ସପ୍ତାହରେ ଡିଜେଲ ଲିଟର ପିଛା ୪.୨୧ ଟଙ୍କା ବଢ଼ିଥିବାବେଳେ ପେଟ୍ରୋଲ ଲିଟର ପିଛା ୩.୨୮ ଟଙ୍କା ବଢ଼ିଥିବା ଉତ୍କଳ ପେଟ୍ରୋଲିୟମ ଡିଲର ଆସୋସିଏଶନ ପକ୍ଷରୁ ସୂଚନା ଦିଆଯାଇଛି। ଯାହାଫଳରେ ଏହାର ସିଧା ପ୍ରଭାବ ପରିବହନ ବ୍ୟବସ୍ଥା ଉପରେ ପଡିଛି। ସେହିଭଳି ଏହି ସମୟ ମଧ୍ୟରେ ଦିଲ୍ଲୀ ବଜାରରେ ପେଟ୍ରୋଲ ଲିଟର ପିଛା ୩.୨୮ ଟଙ୍କା ଏବଂ ଡିଜେଲ ୩.୮୮ ଟଙ୍କା ବୃଦ୍ଧି ପାଇଥିବା ଆଇଓସିଏଲ୍ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ସ୍ଥାନୀୟ ଗଣମାଧ୍ୟମର ସୁରକ୍ଷା ଲୋଡ଼ା

## ପରଲୋକରେ ସଙ୍ଗୀତ ନିର୍ଦ୍ଦେଶକ ଶାନ୍ତିରାଜ

**କଟକ ଅଫିସ/ଜୟପୁର (ଡି.ଏନ୍.ଏ./ନି.ପ୍ର.), ୨୭।୫**



ଶାନ୍ତିରାଜ ଖୋସ୍‌ଲା

- ଶୋକ ପ୍ରକାଶ କଲେ ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ
- ଜୟପୁରରେ ହେବ ଶେଷକୃତ୍ୟ

ଓଡ଼ିଆ ଚଳଚ୍ଚିତ୍ର ଜଗତର ଲୋକପ୍ରିୟ ସଙ୍ଗୀତ ନିର୍ଦ୍ଦେଶକ ଶାନ୍ତିରାଜ ଖୋସ୍‌ଲା(୫୫)ଙ୍କ ପରଲୋକ ଘଟିଛି। ସେ ଗତ ୨୨ରେ କରୋନା ସଂକ୍ରମିତ ଚିହ୍ନଟ ହୋଇ ଘରେ ସଙ୍ଗରୋଧରେ ଥିଲେ। ଗୁରୁବାର ସକାଳେ ନିଃଶ୍ୱାସପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରିବାରୁ ତାଙ୍କୁ କଟକ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ତାଙ୍କ ଶେଷକୃତ୍ୟ ଜନ୍ମମାଟି ଜୟପୁରରେ କରାଯିବ ବୋଲି ପରିବାର ଲୋକଙ୍କ ପକ୍ଷରୁ ସୂଚନା ମିଳିଛି। ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଓଡ଼ିଆ ଚଳଚ୍ଚିତ୍ର ଜଗତରେ ଶୋକର ଛାୟା ଖେଳିଯାଇଛି। ଶାନ୍ତିରାଜଙ୍କ ପରଲୋକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ପ୍ରତାପ ଷଡ଼ଙ୍ଗୀ ଗଭୀର ଶୋକ ପ୍ରକାଶ କରିଛନ୍ତି।

ଶାନ୍ତିରାଜ ୧୯୬୬ ଅକ୍ଟୋବର ୬ରେ କୋରାପୁଟ ଜିଲା ଜୟପୁର ସହର ଖ୍ରୀଷ୍ଟିଆନପେଟା ସାହିରେ ଜନ୍ମଗ୍ରହଣ କରିଥିଲେ। କୋରାପୁଟରୁ ପ୍ରଥମେ ଭୁବନେଶ୍ୱର ଆସି ସେ ନିଜ ସଙ୍ଗୀତ ସାଧନା ଆରମ୍ଭ କରିଥିଲେ। ☞ପୃଷ୍ଠା-୪






# ଓଡ଼ିଶାରେ ବିଧ୍ୱଂସକ ଥିଲା ୧୯୭୧

### ୫୦ ବର୍ଷରେ ଭାରତରେ ୧୧୭ ବାତ୍ୟା

**ନୂଆଦିଲ୍ଲୀ,୨୭।୫**

୧୯୭୦ରୁ ୨୦୧୯ ମଧ୍ୟରେ ଭାରତ ୧୧୭ ବାତ୍ୟାର ସମ୍ମୁଖୀନ ହୋଇଛି। ଏହି ୫୦ ବର୍ଷ ମଧ୍ୟରେ ସାମୁଦ୍ରିକ ଝଡ଼ ଓ ବାତ୍ୟାରେ ୪୦,୦୦୦ ଲୋକଙ୍କ ଜୀବନ ଯାଇଛି। ସାମୁଦ୍ରିକ ଝଡ଼ ଯୋଗୁ ମୃତ୍ୟୁହାର ବିଗତ ୧୦ ବର୍ଷରେ ବହୁଳ ଭାବେ ହ୍ରାସ ପାଇଛି ବୋଲି ଏକ ଗବେଷଣାମୂଳକ ନିବନ୍ଧରେ ପ୍ରକାଶ ପାଇଛି। ତେବେ ଓଡ଼ିଶା ପାଇଁ ସବୁଠୁ ବିଧ୍ୱଂସକ ଥିଲା ୧୯୭୧ ଅକ୍ଟୋବର ୩୦ର ବାତ୍ୟା। ଏଥିରେ ବହୁ ଧନଜୀବନ ହାନି ହୋଇଥିଲା। ପ୍ରାୟ ୧୦,୦୦୦ ଲୋକଙ୍କ ମୃତ୍ୟୁ ଘଟିବା ସହ ୧୦ ଲକ୍ଷ ଲୋକ ବାସଚ୍ୟୁତ ହୋଇଯାଇଥିଲେ। ସେହିପରି ୧୯୯୯ ମହାବାତ୍ୟା ମଧ୍ୟ ସଂହାରଲୀଳା ରଚିଥିଲା, ଯାହାର ସ୍ମୃତି



ଅନେକଙ୍କ ମନରୁ ଏଯାଏ ଲିଭିନାହିଁ।

ଭୂବିଜ୍ଞାନ ମନ୍ତ୍ରଣାଳୟ ସଚିବ ଏମ୍. ରାଜୀବନଙ୍କ ସହ ମିଶି ବୈଜ୍ଞାନିକ କମଲଜିତ ରାୟ, ଏସ୍.ଏସ୍.ରାୟ, କେ.କେ. ଗିରି ଏବଂ ଏ.ପି. ଡିମ୍ରି ଏହି ରିପୋର୍ଟ ପ୍ରସ୍ତୁତ କରିଛନ୍ତି। କମଲଜିତଙ୍କ ନେତୃତ୍ୱରେ ପ୍ରସ୍ତୁତ ଉକ୍ତ ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ଭାରତରେ ୫୦ ବର୍ଷରେ ☞ପୃଷ୍ଠା-୪

**ବଢ଼ୁଛି ଗ୍ରୀଷ୍ମ ପ୍ରବାହ**

## ସର୍ବାଧିକ ପ୍ରଭାବିତ ରାଜ୍ୟରେ ଓଡ଼ିଶା

**ନୂଆଦିଲ୍ଲୀ,୨୭।୫**

ଦେଶରେ ଗ୍ରୀଷ୍ମ ପ୍ରବାହ ବଢ଼ିବାରେ ଲାଗିଛି। ଗତ ୩ ଦଶନ୍ଧି ମଧ୍ୟରେ ୬୬୦ ଗ୍ରୀଷ୍ମ ପ୍ରବାହରେ ୧୨,୨୭୩ ଜଣଙ୍କ ମୃତ୍ୟୁ ଘଟିଛି। ଏଥିରୁ ୮୦% ମୃତ୍ୟୁ କେବଳ ୫ ରାଜ୍ୟରେ ଦେଖିବାକୁ ମିଳିଛି। ଆନ୍ଧ୍ରପ୍ରଦେଶରେ ୪୨%, ରାଜସ୍ଥାନ ୧୭୨%, ଓଡ଼ିଶା ୧୦୨%, ଉତ୍ତରପ୍ରଦେଶ ୭୨% ଓ ବିହାରରେ ୭୨% ଲୋକଙ୍କ ଜୀବନ ଯାଇଥିବା ନେଇ ଏକ ଗବେଷଣାମୂଳକ ନିବନ୍ଧରେ ଦର୍ଶାଯାଇଛି। ବିଜ୍ଞାନ ପତ୍ରିକା 'କରେଣ୍ଟ ସାଇନ୍ସ'ରେ ପ୍ରକାଶିତ ଡିଜାଷ୍ଟ୍ରସ୍ ୱେଦର ☞ପୃଷ୍ଠା-୪

# ବାତ୍ୟା ପରେ ...


କେନ୍ଦୁଝର କେଥ ହଟିଂ ନିକଟରେ ସୁନା ନଦୀ ପୋଲ ଭାସିଯାଇଛି।


କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ତାଳଚୁଆ ପଞ୍ଚାୟତ କାର୍ଯ୍ୟାଳୟ ଓ ପାର୍କ ପାଣିରେ ବୁଡି ରହିଛି।


ବାଲେଶ୍ୱର ଜିଲା ସୋର ବ୍ଲକ ଚଡକମରା ଗାଁର ଜଣେ ବ୍ୟକ୍ତିଙ୍କ ଘର ଭାଙ୍ଗିଯାଇଥିବାରୁ ଦୁଇ ଶିଶୁ ବାହାରେ ଶୋଇଛନ୍ତି।


ସିମୁଳିଆ ବ୍ଲକ ଦୀପ ଅଞ୍ଚଳରେ ବର୍ଷା ପାଣିରେ ଘର ବୁଡି ରହିଥିବାରୁ ଜଣେ ମହିଳା ତାଙ୍କ ନାତୁଣୀଙ୍କୁ ଧରି ବାହାରକୁ ଆସୁଛନ୍ତି।


ଭଦ୍ରକ ଜିଲା ଧାମନଗର ଜରାନିବାସ ରାସ୍ତା ଦବିଯାଇଛି।


ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ରାଧାବଲ୍ଲଭପୁର ରାସ୍ତା ଉପରେ ପାଣି ଚାଲିଛି।


କେନ୍ଦୁଝର ଜିଲା ଡେଙ୍କିକୋଟରେ ଏକ ସ୍କୁଲର ଛପର ଉଡ଼ିଯାଇଛି।


କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ଡାଙ୍ଗମାଳ ପଞ୍ଚାୟତର ଜଣେ ବ୍ୟକ୍ତିଙ୍କ ଘର ଭାଙ୍ଗି ଯାଇଛି।


ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ କୁମ୍ଭୀରୀଗଡି ଗାଁର ଜଣେ ମହିଳା ଭଙ୍ଗାଘର ମଧ୍ୟରୁ ବାସନ ବାହାର କରୁଛନ୍ତି।


ଖଇରା ବ୍ଲକ ସାରଡାଙ୍ଗ ପଞ୍ଚାୟତ ଭୁଆଁଳଗଡିଆ ଗ୍ରାମ ରାସ୍ତା ପଥରକଟା ନଦୀ ପୋଲ ନିକଟରେ ସୃଷ୍ଟି ହୋଇଥିବା ୧୨ଫୁଟ ଓସାର ଘାଇ।


ଭଦ୍ରକ ଜିଲା ବାସୁଦେବପୁର ଗମେଇ ନଦୀରେ ନିଖୋଜ ମତ୍ସ୍ୟଜୀବୀଙ୍କୁ ଖୋଜାଚାଲିଛି।


ଭଦ୍ରକ ଜିଲା ଆରଡ଼ି ଅଞ୍ଚଳରେ ପାଣିଘେରରେ ରହିଛି ଘର।


ବାଲେଶ୍ୱର ଜିଲା ସିମୁଳିଆ–ସୋର ରାସ୍ତାର କ୍ଷୀରକୋଣା ନିକଟ କାଂଶବାଂଶ ନଦୀ ପୋଲ ଉପରେ ବର୍ଷାପାଣି।


ଭଦ୍ରକ ଜିଲା ବନ୍ତରେ ପାଣିରେ ବୁଡ଼ି ରହିଥିବା ପରିବା ଚାଷକୁ ବୁଲି ଦେଖୁଛନ୍ତି ମହିଳା।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୬,୯୨,୬୨,୧୫୧ | ୩୫,୧୫,୬୫୬ | ୧୫,୦୯,୪୧,୪୦୫ |
| ଭାରତ | ୨,୭୪,୧୯,୯୭୪ | ୩,୧୫,୮୬୯ | ୨,୪୬,୯୩,୪୯୩ |
| ଓଡ଼ିଶା | ୭,୩୨,୭୩୯ | ୨୬୧୮(+୫୩) | ୬,୩୫,୧୭୯ |

ଗୁରୁବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର




## ସଂକ୍ଷେପରେ

### ବାତ୍ୟାରେ ଜନ୍ମ ନେଲେ ୭୫୦ ଶିଶୁ

ଭୁବନେଶ୍ୱର,୨୭।୫(ବ୍ୟୁରୋ): ବାତ୍ୟା ପ୍ରଭାବିତ ଉପକୂଳବର୍ତ୍ତୀ ୧୦ଟି ଜିଲାର ଡାକ୍ତରଖାନାଗୁଡ଼ିକରେ ୭୫୦ ଜଣ ଶିଶୁ ଜନ୍ମଲାଭ କରିଛନ୍ତି। ମହିଳା ଓ ଶିଶୁ ବିକାଶ ଏବଂ ମିଶନଶକ୍ତି ବିଭାଗ ପକ୍ଷରୁ ଏହି ୧୦ଟି ଜିଲାରେ ଜୁନ୍ ପ୍ରଥମ ସପ୍ତାହ ମଧ୍ୟରେ ପ୍ରସବ ହେବାକୁ ଥିବା ଗର୍ଭବତୀ ମହିଳାମାନଙ୍କୁ ତୁରନ୍ତ ଚିହ୍ନଟ କରାଯାଇ ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । ୪,୫୫୫ ଗର୍ଭବତୀଙ୍କୁ ଚିହ୍ନଟ କରାଯାଇଥିବାବେଳେ ସେମାନଙ୍କ ମଧ୍ୟରୁ ୨୧୦୭ ଜଣ ଆସନ୍ନ ପ୍ରସବା ମହିଳାଙ୍କୁ ୨୪ ତାରିଖରୁ ହସ୍ପିଟାଲକୁ ସ୍ଥାନାନ୍ତର ପ୍ରକ୍ରିୟା ଆରମ୍ଭ କରାଯାଇଥିଲା। ମେ' ୨୫ ଓ ୨୬ରେ କ୍ରମାଗତ ବର୍ଷା, ପବନ ପ୍ରତିକୂଳ ପରିସ୍ଥିତି ମଧ୍ୟରେ ୭୫୦ ଜଣ ଶିଶୁ ଜନ୍ମଗ୍ରହଣ କରିଛନ୍ତି। ବାଲେଶ୍ୱରରେ ୫୮,ଭଦ୍ରକ ୯୮, କଟକ ୬୧, ଜଗତ୍‌ସିଂହପୁର ୮୪, ଯାଜପୁର ୬୯, କେନ୍ଦୁଝର ୫୫, ମୟୂରଭଞ୍ଜ ୩୬, କେନ୍ଦ୍ରାପଡ଼ା ୧୬୬, ଖୋର୍ଦ୍ଧା ୯୫ ଏବଂ ପୁରୀ ଜିଲାରେ ୨୮ ଜଣ ଶିଶୁ ଜନ୍ମ ହୋଇଛନ୍ତି।

### ଫାଇନାନ୍ସ କର୍ମଚାରୀଙ୍କୁ ହତ୍ୟା

**ଜଗତ୍‌ସିଂହପୁର ଅଫିସ, ୨୭।୫:** ଜଗତ୍‌ସିଂହପୁର ଥାନା ଅନ୍ତର୍ଗତ ରସଲପୁରର ପ୍ରଦୀପ ମହାନ୍ତି ଓରଫ ନିଲୁ(୪୫)ଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ନେଇ ଗୁରୁବାର ଅଭିଯୋଗ ହୋଇଛି। ଭାଇ ପ୍ରକାଶଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା (ନଂ.୨୫୨/୨୧) ରୁଜୁ କରି ତଦନ୍ତ ଜାରି ରଖିଛି। ଅଭିଯୋଗ ଅନୁଯାୟୀ, ନିଲୁ ଏକ ଫାଇନାନ୍ସ କମ୍ପାନୀର କର୍ମଚାରୀଭାବେ କଲେକ୍ସନ୍ ବିଭାଗରେ କାର୍ଯ୍ୟ କରୁଥିଲେ। ଗତ ୨୩ ତାରିଖରେ ଏହି କମ୍ପାନୀରେ କାମ କରୁଥିବା ସ୍ଥାନୀୟ ଗୋପାଳସାଗରର ଶ୍ରୀକାନ୍ତ ସାହୁଙ୍କ ସହ ଦିନବେଳା ନିଲୁ ଯାଇଥିଲେ। ପୁଣି ଅପରାହ୍ନ ୪ଟାରେ ଘରକୁ ଫେରି କିଛି କାଗଜପତ୍ର ନେଇ ପୁନର୍ବାର ସେ ଶ୍ରୀକାନ୍ତଙ୍କ ସାଙ୍ଗରେ ଯାଇଥିଲେ। ମାତ୍ର ବିଳମ୍ବିତ ରାତି ପର୍ଯ୍ୟନ୍ତ ସେ ଘରକୁ ଫେରି ନ ଥିଲେ। ୨୪ ତାରିଖ ଭୋରୁ ନିଲୁ ରକ୍ତାକ୍ତ ଅବସ୍ଥାରେ ଘରଠାରୁ କିଛି ଦୂରରେ ଏକ ନାଳବନ୍ଧରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ପରେ ତାଙ୍କ ଭାଇ ଗୁରୁତର ଅବସ୍ଥାରେ ଉଦ୍ଧାରକରି ଆମ୍ବୁଲାନ୍ସ ଯୋଗେ ପ୍ରଥମେ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରିଥିଲେ। ସେଠାରେ ତାଙ୍କ ମୃତ୍ୟୁ ଘଟିବା ପରେ ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା।

### ବାତ୍ୟା ପ୍ରଭାବିତ ଜିଲାରେ ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ରିଲିଫ୍

**ଭୁବନେଶ୍ୱର,୨୭।୫(ବ୍ୟୁରୋ):** ୟାସ୍ ବାତ୍ୟା ପ୍ରଭାବିତ ଜିଲାଗୁଡ଼ିକରେ ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ରିଲିଫ୍ ଏବଂ ଶୁଖିଲା ଖାଦ୍ୟ ସାମଗ୍ରୀ ବଣ୍ଟନ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାର ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ (ଯୁବବ୍ୟାପାର) ତଥା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଏବଂ ଛାତ୍ର ବିଜେଡି ରାଜ୍ୟ ସଭାପତି ତଥା ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ବାଲେଶ୍ୱର, ଭଦ୍ରକ ଏବଂ କେନ୍ଦ୍ରାପଡ଼ା ଜିଲା ଗସ୍ତ କରି ରିଲିଫ୍ ବଣ୍ଟନ କାର୍ଯ୍ୟକ୍ରମର ନେତୃତ୍ୱ ନେଇଛନ୍ତି। ଉଭୟ ପ୍ରଥମେ ବାଲେଶ୍ୱର ଜିଲା ଗସ୍ତ କରି ବାତ୍ୟା ପ୍ରଭାବିତ ସମସ୍ତ ଅଞ୍ଚଳଗୁଡ଼ିକୁ ପରିଦର୍ଶନ କରିବା ସହ ରିଲିଫ୍ ସାମଗ୍ରୀ ବଣ୍ଟନ କରିଥିଲେ। ପ୍ରଣବ କହିଛନ୍ତି, ବାଲେଶ୍ୱର, ଭଦ୍ରକ ଏବଂ କେନ୍ଦ୍ରାପଡ଼ା ଜିଲାରେ ସ୍ୱାଭାବିକ ପରିସ୍ଥିତି ଫେରି ଆସିବା ପର୍ଯ୍ୟନ୍ତ ଏହି ରିଲିଫ୍ ବଣ୍ଟନ କାର୍ଯ୍ୟକ୍ରମ ଜାରି ରହିବ।

# ବାତ୍ୟା ଆଶ୍ରୟସ୍ଥଳ ସ୍ଥାନାନ୍ତରଙ୍କ ଉପରେ ନଜର

**କୋଭିଡ୍-୧୯ ସଂକ୍ରମଣ ଚିନ୍ତା**

**■ ୧୨ ଜିଲାପାଳଙ୍କୁ ସରକାରଙ୍କ ନିର୍ଦ୍ଦେଶ**

ଭୁବନେଶ୍ୱର,୨୭।୫(ବ୍ୟୁରୋ)

କୋଭିଡ୍ ସଂକ୍ରମଣ ଭୟ ସତ୍ତ୍ୱେ ୟାସ୍ ପାଇଁ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର ହୋଇଥିବା ଲୋକମାନଙ୍କ ଉପରେ ତୀକ୍ଷ୍ଣ ନଜର ରଖିବାକୁ ରାଜ୍ୟ ସରକାର ଗୁରୁବାର ୧୨ ଜିଲାର ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ଏ ନେଇ ଜିଲାପାଳଙ୍କୁ ଚିଠି ଲେଖିଛନ୍ତି। ଏହି ଜିଲାଗୁଡିକ ହେଲା ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ପୁରୀ, କଟକ, ଢେଙ୍କାନାଳ, ଅନୁଗୋଳ ଓ ଖୋର୍ଦ୍ଧା ।

ବାତ୍ୟାକୁ ନଜରରେ ରଖି ଆଶ୍ରୟସ୍ଥଳୀକୁ ପ୍ରାୟ ସାଢେ ୬ ଲକ୍ଷ ଲୋକଙ୍କୁ ସ୍ଥାନାନ୍ତର କରାଯାଇଥିଲା। ସେହିପରି ବହୁ ଲୋକ ପୁନରୁଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ଏମାନେ ପରସ୍ପର ସଂସ୍ପର୍ଶରେ ଆସିଥିବେ। ବର୍ତ୍ତମାନ ଲୋକମାନେ ଆଶ୍ରୟସ୍ଥଳୀରୁ ଘରକୁ ଫେରିଥିବା ଓ ପୁନରୁଦ୍ଧାର କାର୍ଯ୍ୟ ଶେଷ ହୋଇଥିବାରୁ ଆଗାମୀ ସପ୍ତାହଗୁଡ଼ିକରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କ କୋଭିଡ୍ ଲକ୍ଷଣ ଉପରେ ତୀକ୍ଷ୍ଣ ନଜର ରଖିବାର ଆବଶ୍ୟକତା ରହିଛି। ତେଣୁ ଘରକୁ ଘର ବୁଲି ସର୍ଭେ କରୁଥିବା ଟିମ୍ ବିଶେଷକରି ଆଶ୍ରୟସ୍ଥଳୀରୁ ଫେରିଥିବା ଓ ପୁନରୁଦ୍ଧାର କାର୍ଯ୍ୟ କରିଥିବା ଲୋକମାନଙ୍କୁ ସ୍ୱାସ୍ଥ୍ୟ ସଚେତନତା କରିବାକୁ କୁହାଯାଇଛି। ଯଦି କୋଭିଡ୍ ଲକ୍ଷଣ ଦେଖାଦିଏ ତେବେ ସେମାନେ ତୁରନ୍ତ ନିଜକୁ ସଙ୍ଗରୋଧରେ ରଖି ପରୀକ୍ଷା କରାଇ ନେବା ଉଚିତ ବୋଲି ଅତିରିକ୍ତ ମୁଖ୍ୟ ଶାସନ ସଚିବ କହିଛନ୍ତି।

## ୧୦ ହଜାର ତଳକୁ ଖସିଲା ସଂକ୍ରମଣ

**■ ଦିନକରେ ୬,୭୩୬ ସଂକ୍ରମିତ ଚିହ୍ନଟ**

**■ ୩୪ ମୃତ**

ଭୁବନେଶ୍ୱର,୨୭।୫(ବ୍ୟୁରୋ)

ରାଜ୍ୟରେ ଦୈନିକ କୋଭିଡ୍-୧୯ ସଂକ୍ରମଣ ୧୦ ହଜାର ତଳକୁ ଖସିଛି। ୨୪ ଘଣ୍ଟାରେ ୬,୭୩୬ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ୩୪ ଜଣଙ୍କର ଜୀବନ ଯାଇଛି। ସଂକ୍ରମିତଙ୍କ ମଧ୍ୟରୁ କ୍ୱାରାଣ୍ଟାଇନରୁ ୩,୭୭୪ ଏବଂ ସ୍ଥାନୀୟ ଅଞ୍ଚଳରୁ ୨,୯୬୨ ଚିହ୍ନଟ ହୋଇଛନ୍ତି। ସଂକ୍ରମିତଙ୍କ ମଧ୍ୟରୁ ଅନୁଗୋଳରୁ ସର୍ବାଧିକ ୭୮୮ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ସୁନ୍ଦରଗଡ଼ରୁ ୭୨୦, ଖୋର୍ଦ୍ଧାରୁ ୫୧୭, ବରଗଡ଼ରୁ ୪୦୫, ଯାଜପୁରରୁ ୩୭୪, କଟକରୁ ୩୬୨, ସମ୍ବଲପୁରରୁ ୩୦୯ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେହିପରି ନବରଙ୍ଗପୁରରୁ ୨୮୨ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ପୁରୀରୁ ୨୬୫, ବୌଦ୍ଧରୁ ୨୬୨, କଳାହାଣ୍ଡିରୁ ୨୪୧, କୋରାପୁଟରୁ ୨୧୯, ନୟାଗଡ଼ରୁ ୨୦୭, ଭଦ୍ରକରୁ ୨୦୬ , ଗଞ୍ଜାମରୁ ୧୯୬, ଢେଙ୍କାନାଳରୁ ୧୭୮, ବଲାଙ୍ଗୀରରୁ ୧୪୪, ରାୟଗଡ଼ାରୁ ୧୨୩, ଝାରସୁଗୁଡାରୁ ୧୨୦, ଜଗତ୍‌ସିଂହପୁରରୁ ୧୦୬, ଷ୍ଟେଟ୍‌ପୁଲ୍‌ରୁ ୧୦୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେହିପରି ମାଲକାନଗିରିରୁ ୯୮ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସୋନପୁରରୁ ୮୨, ଗଜପତିରୁ ୮୦, ବାଲେଶ୍ୱରରୁ ୭୧, ଦେବଗଡ଼ରୁ ୬୪, ନୂଆପଡ଼ାରୁ ୪୮, ମୟୂରଭଞ୍ଜରୁ ୩୪, କେନ୍ଦ୍ରାପଡ଼ା ଓ କେନ୍ଦୁଝରରୁ ୨୪ ଜଣ ଲେଖାଏ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ରାଜ୍ୟରେ ୨୪ ଘଣ୍ଟାରେ ୧୦,୬୩୫ ସଂକ୍ରମିତ ସୁସ୍ଥ ହୋଇଛନ୍ତି। ରାଜ୍ୟରେ ମୋଟ୍ ୬ଲକ୍ଷ ୨୩ ହଜାର ୬୨୮ ସୁସ୍ଥ ହୋଇଥିବା ବେଳେ ମୋଟ୍ ସଂକ୍ରମିତଙ୍କ ସଂଖ୍ୟା ୭ଲକ୍ଷ ୩୨ହଜାର ୭ ୩ ୯ ୮ ରେ ପହଞ୍ଚିଛି ।

### ଶ୍ରୀମନ୍ଦିରରେ ରକ୍ତଛିଟା, ମହାପ୍ରଭୁଙ୍କ ମହାସ୍ନାନ

ପୁରୀ ଅଫିସ, ୨୭।୫: ଶ୍ରୀମନ୍ଦିରରେ ଗୁରୁବାର ରକ୍ତଛିଟା ପଡ଼ିଛି। ଫଳରେ ଶ୍ରୀଜୀଉମାନଙ୍କର ମହାସ୍ନାନ ନୀତି ହୋଇଛି। ସୂଚନା ଅନୁଯାୟୀ, ଅପରାହ୍ନ ପ୍ରାୟ ୩ଟାରେ ଯାତଭୋଗ ଛେକ ଆସିବା ପରେ ତଥା ଦିଅଁ ଗର୍ଭଗୃହ ଭିତରକୁ ବିଜେ କରିବା ସମୟରେ ସୁଆର ସେବାୟତ ଲକ୍ଷ୍ମଣ ମହାପାତ୍ର ଧୁକୁଡ଼ି ଦ୍ୱାର ଓ ବଲ୍ଲଭ ପିଣ୍ଡି ମଝି ସ୍ଥାନରେ ଝୁଣ୍ଟି ପଡ଼ିଥିଲେ। ସେ ଆହତ ହୋଇ ତଳେ ପଡ଼ିଯାଇଥିଲେ। ତାଙ୍କ ମୁଣ୍ଡ ଫାଟି ରକ୍ତଛିଟା ପଡ଼ିଥିଲା। ଫଳରେ ସେଠାରେ ଅନ୍ୟ ନୀତି ଅଟକି ରହିବା ସହ ମହାପ୍ରଭୁଙ୍କ ପାହାଡ଼ା ଉଠା ମହାସ୍ନାନ କରାଯାଇଥିଲା। ଏହାପରେ ଅପରାହ୍ନ ୬ଟା ୧୫ରେ ପୁଣି ଅନ୍ୟାନ୍ୟ ନୀତି ଚାଲିଥିଲା। ସେହିପରି ମହାସ୍ନାନ ଯୋଗୁ ଚାପକୁ ଠାକୁରମାନଙ୍କ ବିଜେ ସମେତ ସମସ୍ତ ନୀତିକାନ୍ତି ବିଳମ୍ବ ହୋଇଥିଲା। ଶ୍ରୀମନ୍ଦିର ନିୟମ ଅନୁଯାୟୀ, ରତ୍ନ ସିଂହାସନ ଆଗରେ ଯଦି କୌଣସି ଭକ୍ତ ବା ସେବାୟତଙ୍କ ଶରୀରରୁ ରକ୍ତ ଝରି ତଳେ ପଡ଼େ କିମ୍ବା କେହି ବାନ୍ତି, ପରିସ୍ରା ଆଦି କରିଥିବା ଜଣାପଡ଼େ ତେବେ ମହାପ୍ରଭୁଙ୍କ ସମସ୍ତ ନୀତି ସ୍ଥଗିତ ରଖାଯାଇ ମହାସ୍ନାନ ନୀତି କରାଯାଇଥାଏ। ଏହାପରେ ପୁଣି ଦୈନିକ ନୀତିକାନ୍ତି ହୋଇଥାଏ। ଅନ୍ୟପକ୍ଷରେ ସମ୍ପୃକ୍ତ ଆହତ ସେବାୟତଙ୍କୁ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।




### ସୁବର୍ଣ୍ଣରେଖାରେ ଭାସି ଯାଉଥିବା ବେଳେ ୬ ଉଦ୍ଧାର

ବାରିପଦା ଅଫିସ/ସାରସକଣା,୨୭।୫

ମୟୂରଭଞ୍ଜ ଜିଲା ସାରସକଣା ବ୍ଲକ ଦେଇ ପ୍ରବାହିତ ସୁବର୍ଣ୍ଣରେଖା ନଦୀରେ ଗୁରୁବାର ଭାସି ଯାଉଥିବା ୬ଜଣଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରିଛନ୍ତି। ସେମାନେ ହେଲେ ଶୀର୍ଷା ପଞ୍ଚାୟତ ଟାଟୋ ସାହିର ରବି ସିଂ, ଝଣ୍ଟୁ ସିଂ, ରାଜେନ୍ଦ୍ର ରାଉତ, ଦେବେନ୍ଦ୍ର ରାଉତ, ହାଡିବନ୍ଧୁ ଦାସ ଓ ଗୁରୁ ପ୍ରସାଦ ଦାସ। ସେମାନେ ଡଙ୍ଗାନେଇ ନଦୀ ଅପରପାର୍ଶ୍ୱକୁ ଯାଉଥିବା ବେଳେ ପ୍ରଖର ଜଳ ସ୍ରୋତରେ ଭାସି ଯାଇଥିଲେ। ସ୍ଥାନୀୟ ଲୋକେ ଦଉଡ଼ି ସାହାଯ୍ୟରେ ସେମାନଙ୍କୁ ଉଦ୍ଧାର କରିଥିଲେ।

## ବାତ୍ୟାଞ୍ଚଳ ଗସ୍ତ କରିବ ପିସିସି ୟାସ୍ ଟାସ୍କଫୋର୍ସ କମିଟି

ଭୁବନେଶ୍ୱର, ୨୭।୫(ବ୍ୟୁରୋ)

ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ପିସିସି କାର୍ଯ୍ୟକାରୀ ସଭାପତି ତଥା 'ୟାସ୍ ଟାସ୍କଫୋର୍ସ' କମିଟି ଅଧ୍ୟକ୍ଷ ପ୍ରଦୀପ ମାଝିଙ୍କ ନେତୃତ୍ୱରେ ୮ ଜଣିଆ କମିଟି ବାତ୍ୟାରେ ସର୍ବାଧିକ କ୍ଷତିଗ୍ରସ୍ତ ଭଦ୍ରକ ଓ ବାଲେଶ୍ୱର ଜିଲା ଗସ୍ତ କରିବ। ଶୁକ୍ରବାର କମିଟିର ସଦସ୍ୟମାନେ ଭଦ୍ରକ ଜିଲା କଂଗ୍ରେସ କାର୍ଯ୍ୟାଳୟରେ ପୂର୍ବାହ୍ନ ୧୦ଟା ୩୦ରେ ପହଞ୍ଚିବେ। ସେଠାରୁ ଭଦ୍ରକ ଜିଲା କଂଗ୍ରେସ କମିଟି ସଭାପତି ସୁବ୍ରତ ଦାସ, ବିଧାନସଭା ନିର୍ବାଚନମଣ୍ଡଳୀର କଂଗ୍ରେସ ବିଧାୟକ ପ୍ରାର୍ଥୀ, ଏମ୍‌ପି ପ୍ରାର୍ଥୀ, ଜିଲା କଂଗ୍ରେସ 'ୟାସ୍ ଟାସ୍କଫୋର୍ସ' ସଂଯୋଜକ ଏବଂ ସଦସ୍ୟମାନେ ବାସୁଦେବପୁର, ଚାନ୍ଦବାଲି ନିର୍ବାଚନମଣ୍ଡଳୀର ବିଭିନ୍ନ ଅଞ୍ଚଳ ଗସ୍ତକରି କ୍ଷତିଗ୍ରସ୍ତଙ୍କୁ ସାକ୍ଷାତ କରି ସମସ୍ୟା ବୁଝିବେ। ଭଦ୍ରକ ଜିଲା ଅନୁଧ୍ୟାନ ପରେ ଟାସ୍କଫୋର୍ସ କମିଟି ସଦସ୍ୟମାନେ ବାଲେଶ୍ୱରଠାରେ ରାତ୍ରିଯାପନ କରିବେ। ଶନିବାର ବାଲେଶ୍ୱର ସଂସଦୀୟ କ୍ଷେତ୍ରର ବାତ୍ୟା ପ୍ରଭାବିତ ଅଞ୍ଚଳ ଗସ୍ତ କରି ଦୁର୍ଗତଙ୍କ ମତାମତ ଲୋଡ଼ିବା ସହ କ୍ଷୟକ୍ଷତି ଓ ସମସ୍ୟା ଅନୁଧ୍ୟାନ କରିବା କାର୍ଯ୍ୟକ୍ରମ ରହିଛି। କମିଟିରେ ପ୍ରଦୀପ ମାଝି, ଆବାହକ ଜାନକୀ ବଲ୍ଲଭ ପଟ୍ଟନାୟକ, ସଦସ୍ୟ ଶୁଭେନ୍ଦୁ ମହାନ୍ତି, ଶମ୍ଭୁ ପାଣିଗ୍ରାହୀ, ବିଶ୍ୱଭୂଷଣ ଦାସ, ପଦ୍ମାକର ଗୁରୁ, ଯୋଗେଶ ଅଗ୍ରୱାଲ, ସତ୍ୟଶିବ ଦାସ ପ୍ରମୁଖ ଗସ୍ତରେ ସାମିଲ ହେବେ।

## ତୁରନ୍ତ ପ୍ରାଥମିକ ରିପୋର୍ଟ ଦେବାକୁ କୃଷିମନ୍ତ୍ରୀଙ୍କ ନିର୍ଦ୍ଦେଶ

**ବାତ୍ୟା 'ୟାସ୍' କ୍ଷୟକ୍ଷତି**

ଭୁବନେଶ୍ୱର, ୨୭।୫(ବ୍ୟୁରୋ)

ବାତ୍ୟା 'ୟାସ୍' ପ୍ରଭାବିତ ଜିଲାଗୁଡ଼ିକରେ କୃଷି ଓ ଆନୁଷଙ୍ଗିକ କୃଷି କ୍ଷେତ୍ରରେ ହୋଇଥିବା କ୍ଷୟକ୍ଷତିର ଆକଳନ କରି ଏକ ପ୍ରାଥମିକ ରିପୋର୍ଟ ତୁରନ୍ତ ପ୍ରଦାନ କରିବା ପାଇଁ କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ଅରୁଣ ସାହୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଗୁରୁବାର ପୂର୍ବାହ୍ନରେ ଭର୍ଚୁଆଲ ମାଧ୍ୟମରେ ଆୟୋଜିତ ବୈଠକରେ ମନ୍ତ୍ରୀ ବାତ୍ୟା ପ୍ରଭାବିତ ଜିଲାରେ କୃଷି, ଉଦ୍ୟାନ କୃଷି, ମତ୍ସ୍ୟ ଓ ପ୍ରାଣୀସମ୍ପଦ ଆଦିର କ୍ଷୟକ୍ଷତି ସମ୍ପର୍କରେ ବିଭାଗୀୟ ସଚିବ ଓ ନିର୍ଦ୍ଦେଶକମାନଙ୍କ ସହିତ ଆଲୋଚନା କରିଛନ୍ତି। ଜିଲା ଅଧିକାରୀମାନେ ତୁରନ୍ତ ବାତ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି କ୍ଷୟକ୍ଷତି ଆକଳନ କରି ପ୍ରାଥମିକ ରିପୋର୍ଟ ପଠାଇବେ। ବିଭିନ୍ନ ଜିଲାରୁ ପ୍ରାଥମିକ ରିପୋର୍ଟ ହସ୍ତଗତ ହେବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପାଣି ସମ୍ପୂର୍ଣ୍ଣ ଛାଡ଼ିଗଲେ ପୂର୍ଣ୍ଣାଙ୍ଗ ରିପୋର୍ଟ ପ୍ରଦାନ କରିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଗୃହପାଳିତ ପ୍ରାଣୀ ଓ କୁକୁଡ଼ା ଫାର୍ମ କ୍ଷତିଗ୍ରସ୍ତ ହୋଇଥିଲେ ତା'ର ସବିଶେଷ ରିପୋର୍ଟ ଦେବାକୁ ସେ ବିଭାଗୀୟ ଅଧିକାରୀମାନଙ୍କୁ କହିଛନ୍ତି। ବୈଠକରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ସଚିବ ସୁରେଶ କୁମାର ବଶିଷ୍ଠ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗର ସଚିବ ଆର୍. ରଘୁପ୍ରସାଦ, କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଏମ୍. ମୁଥୁକୁମାର, ଉଦ୍ୟାନ କୃଷି ନିର୍ଦ୍ଦେଶକ ରୋହିତ କୁମାର ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ।

## ଧସିଲା ଆପ୍ରୋଚ୍ ରୋଡ୍, ଯାତାୟାତ ବନ୍ଦ

ବରୀ,୨୭।୫(ଡି.ଏନ୍.ଏ.)

ଦୁଧେଇ ନଦୀ ଉପରେ ଥିବା ଯାଜପୁର ଜିଲା ବରୀ ବ୍ଲକ ଅଧୀନ ଡିହସାହି ସେତୁର ଆପ୍ରୋଚ ରୋଡ୍ ବାତ୍ୟା ୟାସ୍ ପ୍ରଭାବରେ ଧସିପଡ଼ିଛି। ଫଳରେ ଉକ୍ତ ପୋଲ ଦେଇ ଯାତାୟାତ ଠପ୍ ହୋଇଛି। ଏହି ଆପ୍ରୋଚ ରୋଡ୍ ଗତ ବର୍ଷ ଡିସେମ୍ବରରେ ନିର୍ମାଣ ହୋଇଥିଲା। ହେଲେ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହୋଇଥିଲା। ଫଳରେ ସାମାନ୍ୟ ବର୍ଷା ହେଲେ ଏହା ଧସିପଡ଼ିବ ବୋଲି ଗ୍ରାମବାସୀ ଅଭିଯୋଗ କରିଥିଲେ। ଏ ସମ୍ପର୍କିତ ଏକ ଖବର ଧରିତ୍ରୀରେ ପ୍ରକାଶିତ ହୋଇଥିଲା। ଏହାପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀ ଘଟଣାସ୍ଥଳ ପରିଦର୍ଶନ କରି ନୂତନ ବ୍ୟୟ ଅଟକଳ କରାଯାଇ ଶୀଘ୍ର ଆପ୍ରୋଚ ରୋଡ ନିର୍ମାଣ କରାଯିବ ବୋଲି ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ବ୍ୟୟ ଅଟକଳ ବୃଦ୍ଧି କରାଯାଇ ନ ଥିଲା। ତେଣୁ ପୂର୍ବ ଅନୁଦାନ ଅନୁସାରେ ଠିକାଦାର କାର୍ଯ୍ୟ ଶେଷ କରିଥିଲେ। ମାତ୍ର ବର୍ଷା ଲାଗି ରହିବାରୁ ସେତୁର ଡାହାଣପଟ ଧସିଯିବା ସହ ବାମ ପାର୍ଶ୍ୱରେ ପ୍ୟାକିଂ ହୋଇଥିବା ପଥରଗୁଡ଼ିକ ଖସିପଡ଼ିଛି। ଗ୍ରାମର ୨୦୦ରୁ ଊର୍ଦ୍ଧ୍ୱ ପରିବାର ଯାତାୟାତ ପାଇଁ ଏହି ସେତୁ ଉପରେ ନିର୍ଭର କରିଥାନ୍ତି। ତେବେ ବର୍ଷା ଯୋଗୁ ନଦୀର ଜଳସ୍ତର ବୃଦ୍ଧି ପାଇବା ଓ ଆପ୍ରୋଚ ରୋଡ ଧସିଯିବା ଫଳରେ ଲୋକେ ଚିନ୍ତାରେ ପଡ଼ିଛନ୍ତି। ଗର୍ଭବତୀ ଓ ଗୁରୁତର ରୋଗୀଙ୍କୁ କିପରି ହସ୍ପିଟାଲ ନିଆଯିବ, ତାହାକୁ ନେଇ ଚିନ୍ତା ବଢ଼ିଛି। ରାସ୍ତାର ଅବସ୍ଥା ଏପରି ହୋଇଛି ଯେ, ଆମ୍ବୁଲାନ୍ସଟିଏ ଯାଇପାରିବ ନାହିଁ। ତେଣୁ ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେଇ ରାସ୍ତା ମରାମତି କରିବାକୁ ଦାବି ହୋଇଛି। ଏ ସମ୍ପର୍କରେ ପ୍ରତିକ୍ରିୟା ଲାଗି ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେମାନଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।



ଆପ୍ରୋଚ୍ ରୋଡ୍ ଧସିପଡ଼ିଛି।

**ଆଜିର ମନ୍ତବ୍ୟ**

"କେନ୍ଦ୍ର ସରକାରଙ୍କ ଟିକାକରଣ ନୀତି ଦିଶାହୀନ। କରୋନା ମହାମାରୀର ମୁକାବିଲାରେ ସରକାର ବିଫଳ ହୋଇଛନ୍ତି।
– ପ୍ରିୟଙ୍କା ଗାନ୍ଧୀ, କଂଗ୍ରେସ ସାଧାରଣ ସମ୍ପାଦକ


## ଜନ୍ମଦିନର ଶୁଭେଚ୍ଛା



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ନାମ: ....................................
ବୟସ: ....................................
ଜନ୍ମ ତାରିଖ: ....................................

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବାତ୍ୟା ପରିଚାଳନା: ମୁଖ୍ୟମନ୍ତ୍ରୀଙ୍କୁ ରାଜ୍ୟପାଳଙ୍କ ପ୍ରଶଂସା

**ଭୁବନେଶ୍ୱର,୨୭।୫(ବ୍ୟୁରୋ)**

ବାତ୍ୟାର ସୁପରିଚାଳନା ନେଇ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପ୍ରଶଂସା କରିଛନ୍ତି। ନବୀନଙ୍କ ଦୂରଦୃଷ୍ଟିସମ୍ପନ୍ନ ପଦକ୍ଷେପ, ଅଭିଜ୍ଞତା ସହ ବାତ୍ୟା ପରିଚାଳନାକୁ ରାଜ୍ୟପାଳ ସର୍ବୋତ୍କୃଷ୍ଟ ବୋଲି ଟୁଇଟ୍ କରିଛନ୍ତି। ଏଥିସହ ବାତ୍ୟା ପରିଚାଳନାରେ ନିୟୋଜିତ କେନ୍ଦ୍ର, ରାଜ୍ୟ ସରକାରଙ୍କ ବିଭିନ୍ନ ସଂସ୍ଥା, ଭାରତୀୟ ରେଡକ୍ରସ୍ ସୋସାଇଟିର ଓଡ଼ିଶା ଶାଖା, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର ସମୟୋପଯୋଗୀ ପଦକ୍ଷେପ ସହ ଉଦ୍ଧାର ଓ ପୁନରୁଦ୍ଧାର କାର୍ଯ୍ୟକୁ ରାଜ୍ୟପାଳ ପ୍ରଶଂସା କରିଛନ୍ତି। ଓଡ଼ିଶା ପ୍ରତିବର୍ଷ ବାତ୍ୟାର ସମ୍ମୁଖୀନ ହେଉଛି। ବଙ୍ଗୋପସାଗରରେ ସୃଷ୍ଟି ହେଉଥିବା ବାତ୍ୟାରେ ପ୍ରତ୍ୟେକ ବର୍ଷ ରାଜ୍ୟ ଗଭୀର ଭାବେ ପ୍ରଭାବିତ ହେଉଛି। ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ଓ ପ୍ରଭାବୀ ପଦକ୍ଷେପ ଲୋକଙ୍କ ଜୀବନ ବଞ୍ଚାଉଛି।

**ପ୍ରଥମ ପୃଷ୍ଠାରୁ...**

## ବୈତରଣୀରେ ବନ୍ୟା....

ବୋଲି ଜିଲା ପ୍ରଶାସନ ଆକଳନ କରିଛି। ବ୍ଲକ ପ୍ରଶାସନ ପକ୍ଷରୁ ଡାକବାଜି ଯନ୍ତ୍ର ସାହାଯ୍ୟରେ ପ୍ରଚାର କରାଯାଇ ଲୋକଙ୍କୁ ସତର୍କ କରାଯାଉଛି। ସୁରକ୍ଷିତ ସ୍ଥାନକୁ ଚାଲିଯିବାକୁ ଘୋଷଣା କରାଯାଉଛି। ସମ୍ଭାବ୍ୟ ବନ୍ୟା ପରିସ୍ଥିତି ସୃଷ୍ଟି ହେବା ଆଶଙ୍କାରେ ଭଣ୍ଡାରିପୋଖରୀ ଓ ଧାମନଗର ବ୍ଲକରେ ପ୍ରଶାସନିକ ଅଧିକାରୀମାନେ ଡେରା ପକାଇଛନ୍ତି। ବନ୍ୟାକୁ ଆଖି ଆଗରେ ରଖି ଧାମନଗର ଖଡ଼ିପଦାଠାରେ ୨୭ ଜଣିଆ ଏକ ଓଡ୍ରାଫ୍ ଟିମ୍ ପହଞ୍ଚିଛନ୍ତି। ବୈତରଣୀ ନଦୀର ଡୁରୁମୁଙ୍ଗାଠାରେ ଥିବା ପୋଲ ଉପରେ ୪ ଫୁଟ ପାଣି ପ୍ରବାହିତ ହେବାରୁ ଗାଡ଼ି ଚଳାଚଳ ବନ୍ଦ ରହିଛି। କୋଲକାତା-ମୁମ୍ବାଇ ୪୯ନଂ. ଜାତୀୟ ରାଜପଥରେ ଯାତାୟାତ ବିଚ୍ଛିନ୍ନ ହୋଇପଡ଼ିଛି। ବହୁ ସଂଖ୍ୟକ ଯାନବାହନ ରାସ୍ତାର ଉଭୟ ପାର୍ଶ୍ୱରେ ଅଟକି ରହିଛି। ଗୁରୁବାର ପୂର୍ବାହ୍ନରେ କେନ୍ଦୁଝର ଜିଲାପାଳ ଆଶିଷ କୁମାର ଠାକ୍ରେ, ପାଟଣା ବିଡିଓ ଈଶ୍ୱର ଚନ୍ଦ୍ର ନାଏକ ପୋଲ ଉପରେ ଚାଲୁଥିବା ପାଣି ଓ ବନ୍ୟା ସ୍ଥିତି ଅନୁଧ୍ୟାନ କରିଛନ୍ତି। ଅନ୍ୟାନ୍ୟ ଅଞ୍ଚଳରେ ସ୍ୱାଭାବିକ ପରିସ୍ଥିତି ଫେରାଇ ଆଣିବା ପାଇଁ ଜିଲାପାଳ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଯୋଡ଼ା ବ୍ଲକ ଭୂୟାଁ ରୋଇଡ଼ା ପଞ୍ଚାୟତ ଅନ୍ତର୍ଗତ କେଥ ହାଟିଂ ନିକଟରେ ସୁନା ନଦୀ ଉପରେ ଥିବା ଏକ ପୋଲ ଜଳସ୍ରୋତରେ ଭାସିଯାଇଛି। ଏହି ପୋଲ ଉପରେ କେନ୍ଦୁଝର ଏବଂ ସୁନ୍ଦରଗଡ଼ ଜିଲାର ଲୋକେ ନିର୍ଭର କରୁଥିବା ବେଳେ ଗମନାଗମନ ବ୍ୟାହତ ହୋଇଛି। ସମ୍ଭାବ୍ୟ ବନ୍ୟାକୁ ଦୃଷ୍ଟିରେ ରଖି ଖାଲୁଆ ଅଞ୍ଚଳରୁ ଲୋକମାନଙ୍କୁ ସ୍ଥାନାନ୍ତର ପ୍ରକ୍ରିୟା ଆରମ୍ଭ ହୋଇଛି। ଡାକବାଜି ଯନ୍ତ୍ର ଯୋଗେ ଲୋକମାନଙ୍କୁ ସଚେତନ କରାଯାଉଛି।

ପ୍ରବଳ ବର୍ଷା ଯୋଗୁ ବୈତରଣୀ ନଦୀର ତଳ ଅଞ୍ଚଳରେ ବନ୍ୟା ଆସିବା ସମ୍ଭାବନା ଥିବାରୁ ପ୍ରଶାସନ ସତର୍କ ଦୃଷ୍ଟି ରଖିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସମ୍ଭାବ୍ୟ ବନ୍ୟା ପାଇଁ ଜିଲା ପ୍ରଶାସନ ସମ୍ପୂର୍ଣ୍ଣ ସଜାଗ ଓ ପ୍ରସ୍ତୁତ ଅଛନ୍ତି ବୋଲି ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍ଆରସି) ପ୍ରଦୀପ କୁମାର ଜେନା କହିଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ସେ କହିଛନ୍ତି, ୨୬ ତାରିଖ ସନ୍ଧ୍ୟା ୭ଟା ସୁଦ୍ଧା ୟାସ୍ ଅତି ଭୟଙ୍କର ସାମୁଦ୍ରିକ ଝଡ଼ରେ ପରିଣତ ହୋଇ ବାଲେଶ୍ୱରରୁ ମୟୂରଭଞ୍ଜ ଦେଇ ଝାଡ଼ଖଣ୍ଡ ଗତି କରିଛି। ଏହାର ପ୍ରଭାବରେ ବୁଧବାର ଉପକୂଳବର୍ତ୍ତୀ ଜିଲାର ୧୪୬ଟି ବ୍ଲକରେ ପ୍ରବଳ ବର୍ଷା ହୋଇଛି। ରାଜ୍ୟର ୭୭ଟି ବ୍ଲକରେ ୩୦୦ରୁ ୪୦୦ ମିମି ବର୍ଷା ରେକର୍ଡ କରାଯାଇଛି। ଗୁରୁବାର ସକାଳ ୮ଟା ସୁଦ୍ଧା କେନ୍ଦୁଝର ଜିଲାରେ ୧୨୭ ମିମି, ସୁନ୍ଦରଗଡ଼ ଜିଲାରେ ୧୦୧ ମିମି, ମୟୂରଭଞ୍ଜରେ ୯୬ ମିମି ଏବଂ ଦେବଗଡ ଜିଲାରେ ୯୨ ମିମି ବର୍ଷା ରେକର୍ଡ କରାଯାଇଛି।

ଆବଶ୍ୟକ ସ୍ଥଳେ ତଳିଆ ଅଞ୍ଚଳର ଲୋକଙ୍କୁ ଜିଲା ପ୍ରଶାସନ ପକ୍ଷରୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯିବ। ଏଥିପ୍ରତି ରାଜ୍ୟ ସରକାର ତୀକ୍ଷ୍ଣ ନଜର ରଖିଛନ୍ତି। ଜଳ ସମ୍ପଦ ବିଭାଗର ଯନ୍ତ୍ରୀମାନେ କ୍ଷେତ୍ରସ୍ତରରେ ରହି ପରିସ୍ଥିତି ଅନୁଧ୍ୟାନ କରୁଛନ୍ତି। ପ୍ରଭାବିତ ଅଞ୍ଚଳରେ ୮୦% ଉପଭୋକ୍ତାଙ୍କୁ ବିଜୁଳି ସଂଯୋଗ ପ୍ରଦାନ କରାଯାଇଛି। ଅଧିକ ପ୍ରଭାବିତ ହୋଇଥିବା ଭଦ୍ରକ ଏବଂ ବାଲେଶ୍ୱର ଜିଲା ପାଇଁ ଏକ ହଜାର କୁଶଳୀ ଶ୍ରମିକଙ୍କୁ ବିଦ୍ୟୁତ୍ ସଂଯୋଗ ପୁନରୁଦ୍ଧାର କାର୍ଯ୍ୟରେ ନିୟୋଜିତ କରାଯାଇଛି।

ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, ସୁନ୍ଦରଗଡ଼, କେନ୍ଦୁଝର ଏବଂ ଯାଜପୁର ସମେତ ୧୦ଟି ଉପକୂଳବର୍ତ୍ତୀ ଜିଲାର ୭ ଲକ୍ଷ ୩ ହଜାର ଲୋକଙ୍କୁ ସ୍ଥାନାନ୍ତର କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁସାରେ ସେମାନଙ୍କୁ ୭ ଦିନ ପାଇଁ ରିଲିଫ୍ ପ୍ରଦାନ କାର୍ଯ୍ୟ ଜାରି ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ମୟୂରଭଞ୍ଜର ନୱାନାଠାରେ ୨୭୬.୬ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ଯୋଡା ୨୬୮.୬, ଯଶିପୁର ୨୫୪.୮, ଲଠକଟା ୨୧୩, ଝୁମ୍ପୁରା ୨୧୨.୨, ଚମ୍ପୁଆ ୨୦୪.୨, କେନ୍ଦୁଝର ୧୯୬.୮, ପାନପୋଷ ୧୯୬.୨, ବାସୁଦେବପୁର ୧୯୫, ଚଣ୍ଡିଖୋଲ ୧୭୫, କରଞ୍ଜିଆ ୧୬୮, ରାଜଗାଙ୍ଗପୁର ୧୪୦.୬, ସୋମପାଟଣା ୧୩୩.୨, ଦେବଗଡ ୧୩୧, ତରିଙ୍ଗି ୧୧୫.୬, ଉଦଳା ୧୧୩.୪, ବାରକୋଟ ୧୧୩.୨, ଗୁରୁଣ୍ଡିଆ ୧୧୩.୨, ହାଟଡିହି ୧୧୨.୪, ତିହିଡି ୧୧୨, ପାଲଲହଡା ୧୧୨, ଘଟଗାଁ ୧୦୩.୨, ଲହୁଣିପଡ଼ା ୧୦୨, ସୋର ୯୯ ଏବଂ ବାମରାରେ ୯୮.୪ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

## ୭ ଦିନରେ କ୍ଷତି...

ଧ୍ୟାନ କେନ୍ଦ୍ରୀଭୂତ କରିବାକୁ ପଡ଼ିବ। କ୍ଷତିଗ୍ରସ୍ତ ଜଳମଗ୍ନ ଅଞ୍ଚଳରେ ୭ ଦିନ ପାଇଁ ରିଲିଫ୍ ଘୋଷଣା କରାଯାଇଛି। ସମସ୍ତ ମରାମତି ଓ ପୁନରୁଦ୍ଧାର କାର୍ଯ୍ୟକୁ ଯୁଦ୍ଧକାଳୀନଭିତ୍ତିରେ ଜାରି ରଖିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ପାନୀୟ ଜଳ ଓ ବିଦ୍ୟୁତ୍ ଯୋଗାଣ ପ୍ରକ୍ରିୟା ଖୁବ୍‌ଶୀଘ୍ର ସ୍ୱାଭାବିକ କରିବା ସହ ସମସ୍ତ ମୁଖ୍ୟ ସଡ଼କଗୁଡ଼ିକ ଯାନବାହନ ଚଳାଚଳ ପାଇଁ ଅବରୋଧମୁକ୍ତ କରିବାକୁ ପରାମର୍ଶ ଦେଇଛନ୍ତି। ପ୍ରବଳ ବର୍ଷା ଯୋଗୁ ବୈତରଣୀ ନଦୀର ତଳିଆ ଅଞ୍ଚଳରେ ବନ୍ୟା ଆସିବା ଆଶଙ୍କା ଥିବାରୁ ପ୍ରଶାସନ ସତର୍କ ଦୃଷ୍ଟି ରଖିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ବାତ୍ୟା ପରିଚାଳନାରେ ଉଲ୍ଲେଖନୀୟ ସଫଳତା ପାଇଁ ପ୍ରଶାସନିକ ଅଧିକାରୀମାନଙ୍କୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରି କହିଛନ୍ତି ଯେ ସମସ୍ତ ବିଷୟକୁ ଦୃଷ୍ଟିରେ ରଖି ବିଧିବଦ୍ଧ ଯୋଜନା ଏବଂ ତ୍ରୁଟିଶୂନ୍ୟ ପରିଚାଳନା ଯୋଗୁ ବାତ୍ୟାର ସଫଳ ମୁକାବିଲା କରାଯାଇପାରିଛି। ଜନସାଧାରଣଙ୍କ ସହଯୋଗରେ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନାରେ ଓଡ଼ିଶା ଅତ୍ୟନ୍ତ ସଫଳ ଓ ପ୍ରଭାବୀ ବୋଲି ପୁଣିଥରେ ପ୍ରମାଣିତ କରିପାରିଛି। ବାତ୍ୟା ପ୍ରଭାବିତ ଜିଲାଗୁଡ଼ିକର ସମସ୍ତ ଜନସାଧାରଣ, ନାଗରିକ ସଂଗଠନଗୁଡ଼ିକ ରିଲିଫ୍ ଓ ସ୍ଥାନାନ୍ତର କାର୍ଯ୍ୟରେ ସହଯୋଗ କରିଥିବାରୁ ସେମାନଙ୍କୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଦେଇଛନ୍ତି। କେନ୍ଦ୍ର ସରକାର, ଏନ୍‌ଡିଆର୍‌ଏଫ୍, ଭାରତୀୟ ପାଣିପାଗ ବିଭାଗ ଓ ଅନ୍ୟାନ୍ୟ କେନ୍ଦ୍ରୀୟ ସଂସ୍ଥାକୁ ମଧ୍ୟ ସେମାନଙ୍କ ସହଯୋଗ ପାଇଁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଦେଇଛନ୍ତି। ପୁନରୁଦ୍ଧାର ଓ ପୁନର୍ବାସ କାର୍ଯ୍ୟରେ ଏଭଳି ଦକ୍ଷତାର ସହ କାର୍ଯ୍ୟ ଜାରି ରଖିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ବୈଠକରେ ଯୋଗଦେଇ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଛନ୍ତି ଯେ, ଭଦ୍ରକ ଓ ବାଲେଶ୍ୱର ଜିଲା ସର୍ବାଧିକ ପ୍ରଭାବିତ ହୋଇଛି। ବିଦ୍ୟୁତ୍ ଯୋଗାଯୋଗ ପ୍ରକ୍ରିୟା ୭୫ରୁ ୮୦ପ୍ରତିଶତ ସ୍ୱାଭାବିକ ହୋଇଛି। ଜଳମଗ୍ନ ଅଞ୍ଚଳ ବ୍ୟତୀତ ଅନ୍ୟ ସମସ୍ତ ସ୍ଥାନରେ ବିଦ୍ୟୁତ୍ ଯୋଗାଯୋଗ ସ୍ୱାଭାବିକ ହୋଇଛି। ପାନୀୟ ଜଳ ପାଇଁ ଡିଜି ସେଟ୍, ଟ୍ୟାଙ୍କର ଜରିଆରେ ବ୍ୟବସ୍ଥା କରାଯାଉଛି ବୋଲି ସେ ସୂଚନା ଦେଇଛନ୍ତି। ସ୍ୱତନ୍ତ୍ର ରିଲିଫ୍ କମିଶନର ପି.କେ. ଜେନା କହିଛନ୍ତି ଯେ ଲୋକଙ୍କ ସୁରକ୍ଷା ପାଇଁ ୧୨ ଜିଲାର ୮୪୧୦ଟି ଆଶ୍ରୟସ୍ଥଳରେ ୭ ଲକ୍ଷ ୧୦ ହଜାର ଲୋକଙ୍କୁ ସ୍ଥାନାନ୍ତର କରାଯାଇ ରଖାଯାଇଥିଲା। ୨୦୦ ବ୍ଲକ୍‌ରେ ପ୍ରବଳ ବର୍ଷା ହୋଇଛି। ମୟୂରଭଞ୍ଜର କୁସୁମୀ ବ୍ଲକ୍‌ରେ ସର୍ବାଧିକ ୫୧୫ ମି.ମି. ବର୍ଷା ହୋଇଥିବା ସେ ସୂଚନା ଦେଇଛନ୍ତି। ସୁବର୍ଣ୍ଣରେଖା ଓ ବୁଢ଼ାବଳଙ୍ଗ ନଦୀରେ ଜଳସ୍ତର ବଢୁଥିବା ସତ୍ତ୍ୱେ ବନ୍ୟା ଆଶଙ୍କା କମ୍। ବୈତରଣୀ ନଦୀର ନିମ୍ନାଞ୍ଚଳରେ ବନ୍ୟା ଆଶଙ୍କା ରହିଛି ଓ ସେଥିପ୍ରତି ସତର୍କ ଦୃଷ୍ଟି ରଖାଯାଇଛି ବୋଲି ସେ କହିଛନ୍ତି।

ସମସ୍ତ ୩୩ ଓ ୧୧ କେଭି ଫିଡର୍ ମରାମତି ପ୍ରକ୍ରିୟା ଜାରି ରହିଛି। ଏହା ଖୁବ୍‌ଶୀଘ୍ର ଶେଷ ହେବ ବୋଲି ଶକ୍ତି ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା। ସେହି ଅନୁସାରେ ପ୍ରଭାବିତ ୩୦ ଲକ୍ଷ ଉପଭୋକ୍ତାଙ୍କ ମଧ୍ୟରୁ ଗୁରୁବାର ସନ୍ଧ୍ୟା ସୁଦ୍ଧା ୨୩ ଲକ୍ଷ ଉପଭୋକ୍ତାଙ୍କ ବିଦ୍ୟୁତ୍ ଯୋଗାଯୋଗ ସ୍ୱାଭାବିକ କରାଯାଇଛି। ସେହିପରି ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ବାତ୍ୟା ଯୋଗୁ ସମୁଦାୟ ୬୨ଟି ବ୍ଲକ୍ ପ୍ରଭାବିତ ହୋଇଛି। ସବୁ ପାଇପ ଜଳ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଛି ବୋଲି କୁହାଯାଇଛି। ୫୭୧ ପାଇପ ଜଳ ପ୍ରକଳ୍ପକୁ ଜେନ୍‌ସେଟ୍ ଜରିଆରେ କାର୍ଯ୍ୟକାରୀ କରାଯାଉଥିବାବେଳେ ୩୪୬ଟି ଟ୍ୟାଙ୍କର ଜରିଆରେ ଜଳମଗ୍ନ ସ୍ଥାନକୁ ପାନୀୟ ଜଳ ଯୋଗାଇ ଦିଆଯାଉଛି। ବାଲେଶ୍ୱର ଓ ଭଦ୍ରକ ଜିଲାକୁ ଅତିରିକ୍ତ ଟ୍ୟାଙ୍କର ପଠାଯାଇଛି। ସମସ୍ତ ପୌରାଞ୍ଚଳରେ ପାନୀୟ ଜଳ ଯୋଗାଣ ପ୍ରକ୍ରିୟା ସ୍ୱାଭାବିକ କରାଯାଇଥିବା ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ଜଳସମ୍ପଦ ବିଭାଗର ସୂଚନା ଅନୁଯାୟୀ କେନ୍ଦ୍ରାପଡ଼ା, ବାଲେଶ୍ୱର ଓ ଭଦ୍ରକ ଅଞ୍ଚଳର କେତେକ ସ୍ଥାନରେ ଘାଇ ସୃଷ୍ଟି ହୋଇଛି। ଜଳମଗ୍ନ ଅଞ୍ଚଳରେ ସୃଷ୍ଟି ହୋଇଥିବା ଘାଇର ଆକଳନ କରାଯାଉଛି ଏବଂ ବିଭିନ୍ନ ସ୍ଥାନରେ ମରାମତି କାର୍ଯ୍ୟ ଚାଲିଛି। ସେହିପରି ମହିଳା ଓ ଶିଶୁବିକାଶ ବିଭାଗର ସୂଚନା ଅନୁଯାୟୀ ୪,୫୦୦ ଗର୍ଭବତୀ ମହିଳାଙ୍କୁ ଚିହ୍ନଟ କରାଯାଇଛି। ସେମାନଙ୍କମଧ୍ୟରୁ ୨,୧୦୦ଙ୍କୁ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ବାତ୍ୟା ସମୟରେ ୭୫୦ ଶିଶୁ ଜନ୍ମ ହୋଇଛନ୍ତି। ପୂର୍ତ୍ତ ବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ବାତ୍ୟା ପରେ ସମସ୍ତ କୋଭିଡ୍ ହସ୍ପିଟାଲର ଭିତ୍ତିଭୂମି ଠିକ୍ ରହିଛି। ଗଛ ପଡ଼ି ଅବରୋଧ ହୋଇଥିବା ସମସ୍ତ ସଡ଼କକୁ ଅବରୋଧମୁକ୍ତ କରାଯାଇଛି। ସେହିପରି ଗ୍ରାମ୍ୟ ଉନ୍ନୟନ ବିଭାଗର ୩୫୦ଟି ସଡ଼କ ଅବରୋଧ ହୋଇଥିବାବେଳେ ସେଗୁଡ଼ିକୁ ତୁରନ୍ତ ଅବରୋଧମୁକ୍ତ କରାଯାଇଛି। ବୈଠକରେ ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ ଓ କେନ୍ଦ୍ରାପଡ଼ା ଜିଲାରେ ଚାଲିଥିବା ପୁନରୁଦ୍ଧାର କାର୍ଯ୍ୟକ୍ରମ ବିଷୟରେ ଜିଲାପାଳମାନେ ସୂଚନା ଦେଇଥିଲେ। ମୁଖ୍ୟମନ୍ତ୍ରୀ ଜିଲା ପ୍ରଶାସନର କାର୍ଯ୍ୟକୁ ପ୍ରଶଂସା କରି ଏହିଭଳି କାର୍ଯ୍ୟ ଜାରି ରଖିବାକୁ ପରାମର୍ଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ ବୈଠକ ସଂଯୋଜନା କରିଥିଲେ। ସମୀକ୍ଷା ବୈଠକରେ ସମ୍ପୃକ୍ତ ବିଭାଗର ପ୍ରମୁଖ ସଚିବ ଓ ସଚିବମାନେ ଉପସ୍ଥିତ ଥିଲେ।

## ଆଜି ଆକାଶମାର୍ଗରୁ...

ବୈଠକ କରିବେ। ଗୁରୁବାର ପ୍ରଧାନମନ୍ତ୍ରୀ ତାଙ୍କ ପ୍ରମୁଖ ସଚିବ, କ୍ୟାବିନେଟ ସଚିବ, ସ୍ୱରାଷ୍ଟ୍ର ସଚିବ, ଶକ୍ତି ସଚିବ, ଟେଲିକମ୍ ସଚିବ ଏବଂ ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ଡିଜିଙ୍କ ସହ ବାତ୍ୟା ପ୍ରଭାବ ସମ୍ପର୍କରେ ସମୀକ୍ଷା କରିଥିଲେ। ଅଧିକାରୀମାନେ ବିଭିନ୍ନ ପ୍ରସ୍ତୁତି, କ୍ଷୟକ୍ଷତି ଆକଳନ ଆଦି ସମ୍ପର୍କରେ ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ବାତ୍ୟାଞ୍ଚଳରୁ ୧,୦୦୦ରୁ ଉର୍ଦ୍ଧ୍ୱ ଲୋକଙ୍କୁ ଏନ୍‌ଡିଆର୍‌ଏଫ୍ ଟିମ୍ ଉଦ୍ଧାର କରିବା ସହ ୨,୫୦୦ ଗଛ ଓ ବିଦ୍ୟୁତ୍ ଖୁଣ୍ଟକୁ ରାସ୍ତାରୁ ହଟାଇଛି। ଉଭୟ ରାଜ୍ୟ ବାତ୍ୟା କ୍ଷୟକ୍ଷତି ଆକଳନ ଜାରି ରଖିଛନ୍ତି। ପୂର୍ବରୁ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯିବାରୁ ଅତି କମ୍ ଜୀବନ ହାନି ହୋଇଛି। ବାତ୍ୟା ଚ୍ୟାଲେଞ୍ଜକୁ ମୁକାବିଲା କରିବାରେ ଉଭୟ କେନ୍ଦ୍ରୀୟ ଓ ରାଜ୍ୟ ସଂସ୍ଥାଗୁଡ଼ିକର ସକ୍ରିୟ ଭୂମିକା ସମ୍ପର୍କରେ ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିବା ସହ କମ୍ ସମୟ ମଧ୍ୟରେ ବାତ୍ୟା ପ୍ରଭାବିତ ଅଞ୍ଚଳରେ ଜୀବନଯାତ୍ରା ସ୍ୱାଭାବିକ କରାଇବା ଦିଗରେ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ।

## ପରଲୋକରେ ସଙ୍ଗୀତ...

ପରବର୍ତ୍ତୀ ସମୟରେ ସେ ଅନେକ ଚଳଚ୍ଚିତ୍ର, ଆଲ୍‌ବମ୍ ଓ ଭଜନରେ ନିର୍ଦ୍ଦେଶନା ଦେବା ସହ ଅନେକ ଗୀତ ମଧ୍ୟ ଗାଇଛନ୍ତି। ସେ 'ରଙ୍ଗ୍ ନମ୍ବର', 'ବନ୍ଧ', 'ତୋ ବିନା ମୋ କାହାଣୀ ଅଧା', 'ମତେ ଆଣିଦେଲ ଲକ୍ଷେ ଫଗୁଣ', 'ଧନରେ ରଖିବୁ ଶପଥ ମୋର', 'ମୁଁ ସପନର ସୌଦାଗର', 'କେଉଁ ଦୁନିଆରୁ ଆସିଲ ବନ୍ଧୁ', 'ଡନ୍', 'ଆଖି ପଲକରେ ତୁ', 'ତୋର ମୋର ଯୋଡ଼ି ସୁନ୍ଦର', 'ବାଇଶି ପାହାଚେ ଖେଳିବ ମୀନ', 'ଏସିପି ରଣବୀର', 'ଜୟ ହିନ୍ଦ' ଭଳି ୫୦ରୁ ଉର୍ଦ୍ଧ୍ୱ ଓଡ଼ିଆ ଚଳଚ୍ଚିତ୍ରରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ। ସେହିପରି ସେ 'ନାନା କାଗଜରେ ଲେଖିବିନି', 'ହାଏ ସେ ହାତ ଛୁଆଁ', 'କେବେ ଯାଇନି ଏମିତି କୋଉ ଦିନ', 'ଚାଲିଲେ ତମେ ବାଟ ସୁନ୍ଦର', 'ଖୋଜୁଛି ତୁମକୁ', 'ତୁମ ଚିଠି ନିଜ ହାତେ', 'ତୁ କହ ତୋତେ ମୁଁ, ଡେଉଁଛି ମୋ ବାଆଁ ଆଖି', 'ହେ ସମୟ ବୟସକୁ ମୋର ନେଲ ଚୋରେଇ', 'ସାଗରେ ତରଙ୍ଗ ପରି ଅଥୟ ଅଧୀର', 'ଫେରିଆ' ଭଳି ୨୦୦ରୁ ଅଧିକ ଓଡ଼ିଆ ଆଲବମ୍‌ରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ତାଙ୍କ ନିର୍ଦ୍ଦେଶିତ ଓଡ଼ିଆ ଭଜନଗୁଡିକ ହେଲା 'ସଖା ହେ', ହେ ବନ୍ଧୁ ବିଦାୟ', 'ଝୁମୁରୁ ଝୁମୁରୁ ବାଜୁଛି ଲୋ ରାଧା', 'ମନ ପକ୍ଷୀ ଝୁରେ କାଳିଆରେ', 'ପାଦରେ ନୂପୁର ନୂପୁରେ ଘୁଙ୍ଗୁର'। ସେ ଓଡ଼ିଆ ଚଳଚ୍ଚିତ୍ର ଜଗତ ସହିତ ୩୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଜଡିତ ରହିଥିଲେ। ୨୦୧୯ରେ 'ଫେରିଆ' ସଙ୍ଗୀତ ନିର୍ଦ୍ଦେଶନା ପାଇଁ ସେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଏବଂ ଓଡ଼ିଆ ଚଳଚ୍ଚିତ୍ର 'ଡନ୍' ପାଇଁ ରାଜ୍ୟସ୍ତରୀୟ ପୁରସ୍କାର ପାଇଥିଲେ। ଶାନ୍ତିରାଜଙ୍କ ସ୍ତ୍ରୀ ଓ ଛୋଟ ଝିଅ କଟକରେ ରହୁଛନ୍ତି। କରୋନାର ପ୍ରଥମ ଲହର ତାଙ୍କ ଭାଇ ଲିଙ୍ଗି ଷ୍ଟୋନ୍ ଖୋସ୍‌ଲାଙ୍କ ଜୀବନ ନେଇଥିଲା। ଆଉ ଦ୍ୱିତୀୟ ଲହର ଶାନ୍ତିରାଜଙ୍କୁ ତାଙ୍କ ଅଗଣିତ ଶ୍ରୋତାଙ୍କଠାରୁ ଛଡ଼ାଇନେଇଛି। ତାଙ୍କ ମୃତଦେହ ଜୟପୁର ନିଆଯାଇଛି। ଶାନ୍ତିରାଜଙ୍କ ଅକାଳ ମୃତ୍ୟୁ ଜୟପୁରବାସୀଙ୍କ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ବିଧାୟକ ତାରାପ୍ରସାଦ ବାହିନୀପତି କହିଛନ୍ତି। ପରିବାର ଲୋକଙ୍କ ଅନୁରୋଧକ୍ରମେ ବିଧାୟକ ବାହିନୀପତି ପ୍ରଶାସନ ସହ ଆଲୋଚନା କରିଥିବା ଶାନ୍ତିରାଜଙ୍କ ସହିତ ସଙ୍ଗୀତ କ୍ଷେତ୍ରରେ କାର୍ଯ୍ୟ କରିଥିବା କଣ୍ଠଶିଳ୍ପୀ ଧୀରେନ ପଟ୍ଟନାୟକ କହିଛନ୍ତି। ଶାନ୍ତିରାଜଙ୍କ ପରଲୋକରେ ଅଭିନେତା ଅନୁଭବ ମହାନ୍ତି, ଆକାଶ ଦାସ ନାୟକ ଟୁଇଟ୍ ମାଧ୍ୟମରେ ଶୋକ ପ୍ରକାଶ କରିଛନ୍ତି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ କରି କହିଛନ୍ତି ଯେ, ଓଡ଼ିଆ ଚଳଚ୍ଚିତ୍ର ଜଗତ ଜଣେ ସୁନାମଧନ୍ୟ ସଙ୍ଗୀତ ନିର୍ଦ୍ଦେଶକଙ୍କୁ ହରାଇଲା। ସ୍ୱତନ୍ତ୍ର ସଙ୍ଗୀତ ରଚନା ଶୈଳୀ ପାଇଁ ଶାନ୍ତିରାଜ ସର୍ବଦା ସ୍ମରଣୀୟ ହୋଇ ରହିବେ। ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଉଛି। ସେହିପରି କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶାନ୍ତିରାଜଙ୍କ ବିୟୋଗରେ ଶୋକ ପ୍ରକାଶ କରିଛନ୍ତି। ଓଡ଼ିଆ ସିନେଜଗତର ପ୍ରତିଷ୍ଠିତ ସଙ୍ଗୀତ ନିର୍ଦ୍ଦେଶକ ଶାନ୍ତିରାଜ ଖୋସ୍‌ଲାଙ୍କ ବିୟୋଗ ଖବର ଶୁଣି ମୁଁ ଦୁଃଖିତ ଓ ମର୍ମାହତ। ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଉଛି ବୋଲି ଧର୍ମେନ୍ଦ୍ର ଟୁଇଟ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀ ଶୋକପ୍ରକାଶ କରିବା ସହ ଟୁଇଟ୍‌ରେ ଜଣାଇଛନ୍ତି, ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ଶାନ୍ତିରାଜ ଖୋସ୍‌ଲାଙ୍କ ଅକାଳ ବିୟୋଗ ଖବରପାଇ ମୁଁ ଅତ୍ୟନ୍ତ ଦୁଃଖିତ ଓ ମର୍ମାହତ। ଏଭଳି ଏକ ଘଡିସନ୍ଧି ମୁହୂର୍ତ୍ତରେ ପ୍ରଭୁ ଜଗନ୍ନାଥଙ୍କ ପାଖେ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଉଛି।

## ଓଡ଼ିଶାରେ ବିଧ୍ୱଂସକ...

୭,୦୬୩ଟି ପାଣିପାଗଜନିତ ବିପର୍ଯ୍ୟୟରେ ମୋଟ ୧,୪୧,୩୦୮ ଲୋକଙ୍କ ମୃତ୍ୟୁ ଘଟିଛି। ସେଥିରୁ ୨୮% ଅର୍ଥାତ୍ ୪୦,୩୫୮ ଜଣ କେବଳ ଝଡ଼ରେ ପ୍ରାଣ ହରାଇଛନ୍ତି। ସେହିପରି ବନ୍ୟାବିପ୍ଳାବରେ ୪୬%ରୁ ସାମାନ୍ୟ ଅଧିକ ଅର୍ଥାତ୍ ୬୫,୧୩୦ ଜଣଙ୍କ ମୃତ୍ୟୁ ଘଟିଛି। ନିକଟରେ ଆରବ ମହାସାଗରରେ ସୃଷ୍ଟ ସାମୁଦ୍ରିକ ଝଡ଼ ତଉକ୍‌ତାଏ ପଶ୍ଚିମ ଉପକୂଳରେ ତାଣ୍ଡବ ରଚିଥିଲା। ଏହାର ପ୍ରଭାବରେ ଗୁଜରାଟ ଉପକୂଳ ଅତି ଭୟଙ୍କର ସାମୁଦ୍ରିକ ଝଡ଼କୁ ସାମ୍ନା କରିଥିଲା। ଏଥିରେ ପ୍ରାୟ ୫୦ ଜଣଙ୍କ ପ୍ରାଣହାନି ଘଟିଥିବାବେଳେ ଅନେକ ରାଜ୍ୟର ବହୁ ଘରଦ୍ୱାର ଭାଙ୍ଗିଯାଇଥିଲା। କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଝଡ଼ ୟାସ୍ ବୁଧବାର ଉତ୍ତର ଓଡ଼ିଶାରେ ସ୍ଥଳଭାଗ ଛୁଇଁଥିବାବେଳେ ପଶ୍ଚିମବଙ୍ଗକୁ ମଧ୍ୟ ବହୁଳ ପ୍ରଭାବିତ କରିଛି। ଏହାର ପ୍ରଭାବରେ ୪ ଜଣଙ୍କ ମୃତ୍ୟୁ ଘଟିଛି। ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି)ର ନିର୍ଭୁଲ୍ ଆକଳନ କ୍ଷମତା ଓ ପାଣିପାଗ ଭବିଷ୍ୟବାଣୀ ବ୍ୟବସ୍ଥାରେ ଉନ୍ନତି ଆସିଥିବାରୁ ବିଗତ ୨ ଦଶନ୍ଧି ଧରି ମୃତ୍ୟୁସଂଖ୍ୟାକୁ ସୀମିତ କରାଯାଇପାରିଛି।

ଅଧ୍ୟୟନରେ ଆହୁରି କୁହାଯାଇଛି ଯେ, ୧୯୭୧ ସେପ୍ଟେମ୍ବର ଶେଷରୁ ନଭେମ୍ବର ପ୍ରଥମ ସପ୍ତାହ ମଧ୍ୟରେ ବଙ୍ଗୋପସାଗରରେ ୪ଟି ସାମୁଦ୍ରିକ ଝଡ଼ ସୃଷ୍ଟି ହୋଇଥିଲା। ଓଡ଼ିଶା ପାଇଁ ତନ୍ମଧ୍ୟରୁ ସବୁଠୁ ବିଧ୍ୱଂସକ ଥିଲା ୧୯୭୧ ଅକ୍ଟୋବର ୩୦ର ବାତ୍ୟା। ଏଥିରେ ବହୁ ଧନଜୀବନ ହାନି ହୋଇଥିଲା। ପ୍ରାୟ ୧୦,୦୦୦ ଲୋକଙ୍କ ମୃତ୍ୟୁ ଘଟିବା ସହ ୧୦ ଲକ୍ଷ ଲୋକ ବାସଚ୍ୟୁତ ହୋଇଯାଇଥିଲେ। ୧୯୭୭ ନଭେମ୍ବର ୯ରୁ ୨୦ ମଧ୍ୟରେ ବଙ୍ଗୋପସାଗରରେ ଦୁଇଟି ଗ୍ରୀଷ୍ମମଣ୍ଡଳୀୟ ଝଡ଼ ଦାନା ବାନ୍ଧିଥିଲା। ଦ୍ୱିତୀୟ ଝଡ଼ ଚିରାଲା ସାଇକ୍ଲୋନ୍ ଆସିବାବେଳେ ଘଣ୍ଟା ପ୍ରତି ୨୦୦ କି.ମି. ବେଗରେ ପବନ ବହିଥିଲା। ସେତେବେଳେ ଆନ୍ଧ୍ରପ୍ରଦେଶ ଉପକୂଳ ସମୁଦ୍ରରେ ୫ ମିଟର ଉଚ୍ଚ ଜୁଆର ଉଠିଥିଲା। ଏଥିରେ ପ୍ରାୟ ୧୦,୦୦୦ ଜଣଙ୍କ ଜୀବନ ଯାଇଥିବାବେଳେ ୨୫ ନିୟୁତ ଡଲାରର ଭିତ୍ତିଭୂମି ଓ ଫସଲ ନଷ୍ଟ ହୋଇଯାଇଥିଲା। କେବଳ ୧୯୭୦-୧୯୮୦ ଦଶକରେ ସାମୁଦ୍ରିକ ଝଡ଼ ୨୦,୦୦୦ରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ନେଇଥିଲା। ତେବେ ବଙ୍ଗୋପସାଗରରେ ୨୦୧୦-୨୦୧୯ ମଧ୍ୟରେ ଅନେକ ବାତ୍ୟା ଆସିଥିଲେ ହେଁ ଝଡ଼ଜନିତ ମୃତ୍ୟୁହାର ୨୦୦୦-୨୦୦୯ ତୁଳନାରେ ୮୮% ହ୍ରାସ ପାଇଥିଲା। ପାଣିପାଗ ବିଭାଗର ଅନୁମାନ ଦକ୍ଷତା ବୃଦ୍ଧି ପାଇଥିବାରୁ ଆଗୁଆ ବ୍ୟବସ୍ଥା କରି ମୃତ୍ୟୁସଂଖ୍ୟାକୁ ହ୍ରାସ କରାଯାଇପାରିଛି। ପୂର୍ବରୁ ଝଡ଼ ଯୋଗୁ ବିଜୁଳି ମାରିଲେ ଓ ନଦୀଗୁଡ଼ିକରେ ବନ୍ୟା ଆସିଲେ ବହୁସଂଖ୍ୟକ ଲୋକ ପ୍ରାଣ ହରାଉଥିଲେ। କିନ୍ତୁ ଏବେ ଗଛ କିମ୍ବା ଘର ଭାଙ୍ଗିବା କାରଣରୁ ଲୋକଙ୍କ ମୃତ୍ୟୁ ଘଟୁଛି। ତେବେ ଆଗୁଆ ସୂଚନା ବ୍ୟବସ୍ଥା ଅଧିକ ବିକଶିତ ହୋଇଥିବାରୁ ବେଶି ଜୀବନହାନି ହେଉନାହିଁ ବୋଲି ଆଇଏମ୍‌ଡି ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର ପ୍ରକାଶ କରିଛନ୍ତି।

## ସର୍ବାଧିକ ପ୍ରଭାବିତ...

ଇଭେଣ୍ଟସ୍ ଶୀର୍ଷକ ଏହି ରିପୋର୍ଟ ଅନୁସାରେ ଏପ୍ରିଲ, ମେ' ଓ ଜୁନ୍ ମାସରେ ସବୁଠୁ ବେଶି ଗ୍ରୀଷ୍ମ ପ୍ରବାହ ଅନୁଭୂତ ହୋଇଥାଏ। ୧୯୭୮ରୁ ୨୦୧୪ ମଧ୍ୟରେ ଗ୍ରୀଷ୍ମ ପ୍ରବାହଜନିତ ମୃତ୍ୟୁ ସାନ୍ଦ୍ରତାକୁ ଦେଖିଲେ ଚଣ୍ଡିଗଡ଼, ଦିଲ୍ଲୀ, ଆନ୍ଧ୍ର, ବିହାର ଓ ଓଡ଼ିଶା ସର୍ବାଧିକ ପ୍ରଭାବିତ ହୋଇଥିବା ଜଣାଯାଏ। ଆଞ୍ଚଳିକସ୍ତରରେ ବାର୍ଷିକ ମୃତ୍ୟୁହାର ଭିନ୍ନ ଭିନ୍ନ ରହିଛି। ଉପଦ୍ୱୀପ ଅଞ୍ଚଳରେ ଏହା ୦.୬୬ ଥିବାବେଳେ ପାର୍ବତ୍ୟାଞ୍ଚଳରେ ୦.୦୨ ରହିଛି। ଯେଉଁ ୯ ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ମୃତ୍ୟୁ ଘଟିନାହିଁ ସେଗୁଡ଼ିକ ହେଲା ଅରୁଣାଚଳ ପ୍ରଦେଶ, ନାଗାଲାଣ୍ଡ, ମଣିପୁର, ମେଘାଳୟ, ତ୍ରିପୁରା, ସିକିମ, ମିଜୋରାମ, ଉତ୍ତରାଖଣ୍ଡ ଓ ଗୋଆ। ଏହି ଅବଧି ମଧ୍ୟରେ ଆନ୍ଧ୍ରରେ ସର୍ବାଧିକ ୧୦୪ ଜଣଙ୍କ ମୃତ୍ୟୁ ଘଟିଛି।

## ୪ ସପ୍ତାହରେ ଡିଜେଲ...

ପକ୍ଷରୁ ସୂଚନା ମିଳିଛି। ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀ ଇଣ୍ଡିଆନ ଅଏଲ କର୍ପୋରେଶନ ଲିମିଟେଡ୍ (ଆଇଓସିଏଲ୍) ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ନୂଆଦିଲ୍ଲୀରେ ଗୁରୁବାର ପେଟ୍ରୋଲ ଉପରେ ୨୪ ପଇସା ଏବଂ ଡିଜେଲ ୨୯ ପଇସା ବଢ଼ିଛି। ସେଠାରେ ପେଟ୍ରୋଲ ଲିଟର ପିଛା ୯୩.୬୮ ଟଙ୍କା ଏବଂ ଓ ଡିଜେଲ ଦର ୮୪.୬୧ ଟଙ୍କାରେ ପହଞ୍ଚିଛି। ଦେଶର ଅନ୍ୟ ପ୍ରମୁଖ ମେଟ୍ରୋ ସହର ଚେନ୍ନାଇ, କୋଲକାତା ଏବଂ ମୁମ୍ବାଇରେ ପେଟ୍ରୋଲ ଦର ଯଥାକ୍ରମେ ୯୫.୨୮ ଟଙ୍କା, ୯୩.୭୨ ଟଙ୍କା ଏବଂ ୯୯.୯୪ ଟଙ୍କାରେ ବିକ୍ରି ହେଉଛି। ସେହିପରି ଏହିସବୁ ସହରରେ ଡିଜେଲ ଲିଟର ପିଛା ଯଥାକ୍ରମେ ୮୯.୩୯ ଟଙ୍କା, ୮୭.୪୬ ଟଙ୍କା ଏବଂ ୯୧.୮୭ ଟଙ୍କାରେ ପହଞ୍ଚିଥିବା ସୂଚନା ମିଳିଛି। ତେଲ ଉପରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଲାଗୁ କରାଯାଉଥିବା ଟିକସ ପରିମାଣ ଅନେକାଂଶରେ ଖାଉଟିଙ୍କ ପକେଟକୁ ଭାରି ପଡୁଛି। ତୈଳ ଦର କ୍ରମାଗତ ବୃଦ୍ଧି ସହିତ ଉଚ୍ଚ ଦର ଯୋଗୁ ଏହାର ବ୍ୟବହାର ଉପରେ ମଧ୍ୟ ପ୍ରଭାବ ପକାଇଛି ବୋଲି ପେଟ୍ରୋଲିୟମ ଡିଲରମାନେ ମତବ୍ୟକ୍ତ କରିଛନ୍ତି। ସେହିଭଳି କରୋନା ମହାମାରୀ ଯୋଗୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି କୋଭିଡ୍ କଟକଣା ଓ ଲକ୍‌ଡାଉନ ଏବଂ ଶଟ୍‌ଡାଉନ ଭଳି ପରିସ୍ଥିତି ଯୋଗୁ ଗାଡ଼ି ଚଳାଚଳ ବ୍ୟାପକ ଭାବେ ହ୍ରାସ ପାଇଛି। ଏହାର ପ୍ରଭାବରେ ତୈଳ କାରବାର ପ୍ରଭାବିତ ହେଉଛି ବୋଲି ତୈଳ କମ୍ପାନୀଗୁଡ଼ିକ କହିଛନ୍ତି। ଅନ୍ୟପକ୍ଷରେ ଏଭଳି ସମୟରେ ତେଲ ଦର ଉଚ୍ଚ ରହିବା ସାଙ୍ଗକୁ ଡିଜେଲ ଦର ଅହେତୁକ ଭାବେ ବୃଦ୍ଧି ପାଇବା ଯୋଗୁ ସମସ୍ତ ଅତ୍ୟାବଶ୍ୟକ ସାମଗ୍ରୀ ଦର ମଧ୍ୟ ସେହି ଅନୁପାତରେ ବଢୁଥିବା ବିଭିନ୍ନ ସଂଘ ପକ୍ଷରୁ କୁହାଯାଇଛି।

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଇଅଁର ପୋଖରୀ ଡଅଁର ଗଣ୍ଡରେ**
**ଫୁଟିଅଛି ପଦ୍ମଫୁଲ**
**ଏବେ ତ କରୁଛୁ କେତେ ମଉଜ**
**କେ ଜାଣେ ପୀରତି ମୂଳ ?**

ସମୟ ସହ ତାଳଦେଇ ମଣିଷ ହାବଭାବରେ ଅନେକ ପରିବର୍ତ୍ତନ ଘଟିଥାଏ। ଆଜି ଯେ ଏକାନ୍ତ ନିଜର, ଆପଣାର ଲାଗିଥାଏ କାଲିକୁ ହୁଏତ ସାତପର ହୋଇଯାଇଥାଏ। ଏପରି ସ୍ଥଳେ ନିଜ ଭଲ ପାଇବା ପ୍ରତିବଦଳରେ ପ୍ରେମୀ ପାଖରୁ ସେପରି ଆପଣାର ଭାବ ମିଳିପାରିବ କି ନାହିଁ ସେନେଇ ମନରେ ଆଶଙ୍କା ସୃଷ୍ଟି ହେବା ଯଥାର୍ଥ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଇଟିମିଟି କଣା ଠାଇଁକି ଠିକଣା**
**ଫୁଲା କଣା ବଡ଼ ମନ୍ଦରେ**
**ଯହିଁ ଯାଇଥିବ ନେପେତ କଣା**
**ଲାଗିଥିବ ବଡ଼ ଦ୍ୱନ୍ଦ୍ୱରେ।**

ଟେରା ଏବଂ କଣା ବ୍ୟକ୍ତି ଅତି ଖରାପ ବୋଲି ସମାଜରେ ସୂଚିତ ହୋଇଥାନ୍ତି। ସାଧାରଣତଃ ଏହି ଧରଣର ବ୍ୟକ୍ତି ଅତ୍ୟନ୍ତ ଦ୍ୱନ୍ଦ୍ୱମୁଖର ହୋଇଥିବା ନେଇ ଲୋକବିଶ୍ୱାସ ରହିଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ


**classifieds Everyday** 0674-2580101, 2549302




**SALE**

Residential Cum commercial plots at Nakhara to Adaspur road. 8249851363, 8118078023. D-70450

**AFFIDAVIT**

By the virtue of an affidavit date 08.06.2020 before the Court of Executive Magistrate, Konark I Laxmipriya Sahoo, W/o- Kalandi Sahoo of Village- Tarakora, Po- Khalakatapatna, Ps.- Ramachandi, Dist- Puri, 752111 have changed my name Mamata Sahoo to Laxmipriya Sahoo according to my husbands surname i.e. Kalandi Sahoo for all future purpose. D-20786

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ପ୍ରତ୍ୟେକ କ୍ଷେତ୍ରରେ ଆପଣ ନିଜକୁ ଠିକ୍ ଭାବେ ଆଡ୍‌ଜଷ୍ଟ କରିପାରିବେନି। ଯଦିଓ ବିଶେଷ କିଛି ଗୁରୁତର ସମସ୍ୟା ନାହିଁ, ତଥାପି କୃତ୍ତିକା ନକ୍ଷତ୍ର ସାମୟିକ ଅସୁସ୍ଥ ଅନୁଭବ କରିବେ। ପ୍ରଶାସନିକ କିମ୍ବା ସାମାଜିକ କ୍ଷେତ୍ରରେ ଅଟକି ରହିଥିବା କାର୍ଯ୍ୟ ତ୍ୱରାନ୍ୱିତ ହେବାରେ ବନ୍ଧୁ ସାହାଯ୍ୟ କରିବେ। କୃଷି, ବ୍ୟବସାୟ, ପ୍ରଶାସନ ଓ ରାଜନୀତିରେ ଚେଷ୍ଟା ସଫଳ ହେବ।

**ବୃଷ** ଦ୍ୱିଜା ନକ୍ଷତ୍ର କର୍ମକ୍ଷେତ୍ରରେ ସମସ୍ୟା ସୁଧାରିବାକୁ ପ୍ରଯତ୍ନ କରିବେ। ସାମାଜିକ କ୍ଷେତ୍ରରେ ଓ ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ। ଅଫିସ୍ କାମର ଚାପ ଲାଗିରହିବ। ପରିବାର କ୍ଷେତ୍ରରେ ଏମିତି କେତେକ କଥା ରହିଛି ଯାହାକୁ କି କହିପାରିବେ ନାହିଁ; ଯାହା ଫଳରେ ଅନ୍ତର୍ଦ୍ୱନ୍ଦ୍ୱ ସୃଷ୍ଟି ହୋଇ ମାନସିକ ଅଶାନ୍ତିର କାରଣ ହୋଇପାରେ।

**ମିଥୁନ** ବନ୍ଧୁଙ୍କ ସହାନୁଭୂତିରେ ସୁଯୋଗ ଲାଭ କରି ନିଜକୁ ଧନ୍ୟ ମନେକରିବେ। ଯେଉଁ କାମଟି ହୋଇପାରୁ ନ ଥିଲା ଆଜି ମଧ୍ୟାହ୍ନ ପରେ ତାହା ସୁବିଧାରେ ହୋଇଯିବ। ପୁନର୍ବସୁ ନକ୍ଷତ୍ର ଘରର ବାରଣ ମାନି କାମ କଲେ ଅବଶ୍ୟ ଉପକୃତ ହେବେ। ଅଫିସରେ ଗୁରୁତ୍ୱପୂର୍ଣ୍ଣ କାମଗୁଡ଼ିକ ସମ୍ପର୍କରେ ଆଲୋଚନା ଅସମାପ୍ତ ରହିପାରେ।

**କର୍କଟ** ଆଜି ପ୍ରତିବନ୍ଧକ ଓ ପରିସ୍ଥିତି ସହ ଲଢ଼ି କାମ ହାସଲ କରିବେ। ଗତକାଲିଠାରୁ ଆଜି ଯାହା କରିବା ପାଇଁ ଚିନ୍ତା କରିଥିଲେ ସେଥିରେ କୌଣସି ଅସୁବିଧା ହେବନାହିଁ। ଅଶ୍ଳେଷା ନକ୍ଷତ୍ର ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଦେଖିଚାହିଁ ପଦକ୍ଷେପ ନିଅନ୍ତୁ। କେତେକ କ୍ଷେତ୍ରରେ କଅଁଳ କଥା କହି ପରିସ୍ଥିତିକୁ ସୁଧାରି ନେବେ।

**ସିଂହ** ପରିବାରର କିଛି ଅଭାବ ଓ ଅସୁବିଧାକୁ ନେଇ ସରଗରମ ଆଲୋଚନା ହୋଇପାରେ। ଶିଳ୍ପ, ବାଣିଜ୍ୟ ବ୍ୟବସାୟ, ସଂଗଠନ, ପ୍ରଶାସନ, ବେତାର, ଗଣ ଯୋଗାଯୋଗ ପାଇଁ ଦିନଟି ଭଲ। ଉଚ୍ଚପଦାଧିକାରୀଙ୍କ କ୍ରୋଧରୁ କିଛିଟା ହଇରାଣ ହୋଇପାରନ୍ତି। ମଘା ନକ୍ଷତ୍ରର ପରିବାରରେ ପୁତ୍ରକନ୍ୟାଙ୍କ ହେତୁକ ସମସ୍ୟା ଲାଗି ରହିବ।

**କନ୍ୟା** ଆଜି ଚିତ୍ରା ନକ୍ଷତ୍ରର ସ୍ୱାସ୍ଥ୍ୟହାନି ସଙ୍ଗକୁ ବିଭିନ୍ନ ସମସ୍ୟାରେ ମନ ଭାରାକ୍ରାନ୍ତ ରହିବ। ବିଷମ ପରିସ୍ଥିତିରେ ବନ୍ଧୁଙ୍କଠାରୁ ପ୍ରତ୍ୟୁପକାର ଆଶା ନିରର୍ଥକ ହୋଇପାରେ। ଚାହୁଁଥିବା କାମଟି ଅକ୍ଳେଶରେ ହୋଇଯିବ। ସାଙ୍ଗସାଥୀଙ୍କ ସହ ଭ୍ରମଣ ସୁଯୋଗ ଜୁଟିବ ଓ ପ୍ରଶାସନ ଏବଂ ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ।

**ତୁଳା** ବିଭିନ୍ନ ଦିଗରୁ ରୋଜଗାର କରିବାରେ ସମର୍ଥ ହେବେ କିନ୍ତୁ ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିବ। କଳା, ସାହିତ୍ୟ, ସଙ୍ଗୀତ, ନୃତ୍ୟ ଓ ସାମ୍ବାଦିକତାରେ ପ୍ରଶଂସିତ ହେବେ। ସ୍ୱାତୀ ନକ୍ଷତ୍ରର ଗବେଷଣା, ଅନୁସନ୍ଧାନ, କୃଷି, ବାଣିଜ୍ୟ ଓ ରାଜନୀତିରେ ଚେଷ୍ଟା ସଫଳ ହେବ।

**ବିଛା** ଅଯଥା ଭୟ, ଆଶଙ୍କା ଓ ଉଦ୍‌ବେଗ ମଧ୍ୟରେ ଦିନଟିକୁ କଟାଇବେ। ସ୍ୱାସ୍ଥ୍ୟଗତ କେତେକ ସମସ୍ୟା ମନକୁ ନିରୁତ୍ସାହିତ କରିବ। ଯାହାଙ୍କଠାରୁ ଯାହା ପାଇବା ପାଇଁ ପ୍ରତିଶ୍ରୁତି ପାଇଥିଲେ ତାହା ନ ପାଇ ମନ ଭଲ ରହିବ ନାହିଁ। ଭୁଲ୍ ବୁଝାମଣା ବଶତଃ ସାଧାରଣ କଥାରେ ପଡ଼ୋଶୀ କ୍ରୋଧ ପ୍ରକାଶ କରିପାରନ୍ତି।

**ଧନୁ** ପାରିବାରିକ ଅଶାନ୍ତି ରହିଥିଲେ ମଧ୍ୟ ପରିସ୍ଥିତିକୁ ଦେଖି କାମ କଲେ କୌଣସି ଅସୁବିଧା ହେବ ନାହିଁ। ସହକର୍ମୀ କିମ୍ବା ଆତ୍ମୀୟଙ୍କ ସାହାଯ୍ୟର ଅଭାବ ରହିବ ନାହିଁ। ଯେକୌଣସି କ୍ଷେତ୍ରରେ ମଧ୍ୟ ତରବର ନ ହୋଇ ଭାବି ଚିନ୍ତି କାମ କରିବା ଭଲ ହେବ। ରୋଗପୀଡ଼ା ଭୋଗ କରୁଥିବା ବ୍ୟକ୍ତିଙ୍କ ଶାରୀରିକ ଅବସ୍ଥାରେ ଉନ୍ନତି ଘଟିବ।

**ମକର** ଗତକାଲିଠାରୁ ପରୋକ୍ଷ ଶତ୍ରୁତା, ଧାର କରଜ, ପିଲାଙ୍କ ସ୍ୱାସ୍ଥ୍ୟ ସମସ୍ୟା ମନକୁ ଭାରାକ୍ରାନ୍ତ କରିବ। ଆଦୌ ପଡୁ ନ ଥିବା ଲୋକମାନେ ନିନ୍ଦା ରଟନା କରିବେ। ସାଧାରଣ କଥାକୁ କେନ୍ଦ୍ରକରି ଗୃହରେ କିମ୍ବା ଅଫିସରେ କଳହ ସୃଷ୍ଟି ହୋଇପାରେ। ଅନ୍ୟମାନଙ୍କ ଘରୋଇ କଥାରେ କିମ୍ବା କାମରେ ମୁଣ୍ଡ ପୂରାନ୍ତୁ ନାହିଁ।

**କୁମ୍ଭ** ବନ୍ଧୁଙ୍କ ଶତ୍ରୁତା, ପୁଅ ଝିଅଙ୍କ ବାହାଘର ସମସ୍ୟା ନେଇ ବ୍ୟସ୍ତ ରହିବେ। ନୂତନ ବନ୍ଧୁ ପ୍ରସ୍ତାବ ସ୍ଥିରୀକୃତ ହେବା ଦିଗରେ ଜଣେ ପୂର୍ବବନ୍ଧୁ କିଛି ଖବର ନେଇ ଆସିବେ। ପଡ଼ୋଶୀଙ୍କ ପ୍ରତିରୋଧ କାରଣରୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ। ବହୁତ ଦିନର ନୂଆ ଯୋଜନାଟିକୁ କାର୍ଯ୍ୟକାରୀ କରିବା ଉପରେ ଗୁରୁତ୍ୱ ଦେବେ।

**ମୀନ** ସମସ୍ୟା ପରେ ସମସ୍ୟା ମନକୁ ଭାରାକ୍ରାନ୍ତ ରଖିବ। ଉତ୍ତରଭାଦ୍ରପଦ୍ ନକ୍ଷତ୍ରର ବ୍ୟବସାୟ, ପରିବହନ, ନିର୍ମାଣ କ୍ଷେତ୍ରରେ ସମସ୍ୟା ଲାଗି ରହିବ। ରାଜନୈତିକ ଚାପର ସମ୍ମୁଖୀନ ହୋଇପାରନ୍ତି କିନ୍ତୁ ସଭାସମିତିରେ ସଫଳତା ହାସଲ କରିବେ। ନିକଟ ସମ୍ପର୍କୀୟଙ୍କ ସହ ସମ୍ପର୍କ ହାନି ଯୋଗୁଁ ଚିନ୍ତା ପ୍ରକଟ କରିବେ।

ଆଜି ଜ୍ୟେଷ୍ଠ କୃଷ୍ଣ ଦ୍ୱିତୀୟା ଯୁକ୍ତ ତୃତୀୟା ଶୁକ୍ରବାର, ମେ ୨୮ ତାରିଖ। ବୀର ସାବରକରଙ୍କ ଜୟନ୍ତୀ, ରାଶି ନକ୍ଷତ୍ର-ମୂଳା/ଧନୁ, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଅଦ୍ୟ ବିବାହ ପାଣିଗ୍ରହଣ। ସକାଳ ଘ.୦୬.୦୩ମି. ଗତେ ଘ.୦୬.୫୬ମି. ମଧ୍ୟେ, ଘ.୦୯.୩୩ମି. ଗତେ ଘ.୧୦.୨୫ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ.୧୨.୧୦ମି. ଗତେ ଘ.୦୨.୪୭ମି. ମଧ୍ୟେ ଅମୃତ ବେଳା। ଦିବା ଘ.୧୦.୦୫ମି. ଗତେ ଘ.୧୧.୪୭ମି. ମଧ୍ୟେ ରାହୁକାଳ।

## ସିବିଡିଟି ସଦସ୍ୟ ହେଲେ ଓଡ଼ିଆ ଅଧିକାରୀ

ଓଡ଼ିଶା ଜନ୍ମିତ ୧୯୮୫ ବ୍ୟାଚ୍ ଭାରତୀୟ ରାଜସ୍ୱ ସେବା (ଆଇଆର୍‌ଏସ୍) ଅଧିକାରୀ ଡ.ଜଗନ୍ନାଥ ବିଦ୍ୟାଧର ମହାପାତ୍ର କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ (ସିବିଡିଟି) ସଦସ୍ୟ ଭାବେ ନିଯୁକ୍ତ ହୋଇଛନ୍ତି। କେନ୍ଦ୍ର କ୍ୟାବିନେଟର ନିଯୁକ୍ତି କମିଟି ସିବିଡିଟିରେ ୩ ନୂଆ ସଦସ୍ୟଙ୍କୁ ନିଯୁକ୍ତ କରିଥିବା ଜଣାପଡିଛି। ଏ ନେଇ କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ଅନ୍ୟ ୨ ସଦସ୍ୟ ହେଲେ ଅନୁ ଜେ.ସିଂ ଏବଂ ଅନୁଜା ଷଡ଼ଙ୍ଗୀ।

# ୩୩ ଜେଲରେ ୩୯୬ ସକ୍ରିୟ ଆକ୍ରାନ୍ତ

**ଭୁବନେଶ୍ୱର,୨୭।୫(ବ୍ୟୁରୋ)**




- ୫୪ ଜେଲରେ ନାହିଁ କରୋନା ସଂକ୍ରମଣ
- ୬୫୮ କଏଦୀଙ୍କୁ ଅନ୍ୟ ଜେଲକୁ ସ୍ଥାନାନ୍ତର
- ମେ'ରେ ଜେଲରୁ ଗଲେଣି ୧୫୭୦ ଅନ୍ତେବାସୀ

ରାଜ୍ୟର ବିଭିନ୍ନ ଜେଲରେ ସଂକ୍ରମଣ ବ୍ୟାପୁଥିବାରୁ ଏବେ କଏଦୀ ଓ କର୍ମଚାରୀଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିଛି। କେବଳ ମେ ମାସରେ ୮୧୬ଜଣ କଏଦୀ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ଏମାନଙ୍କ ମଧ୍ୟରୁ ୪୨୦ଜଣ ସୁସ୍ଥ ହୋଇଛନ୍ତି। ତେବେ ଆବଶ୍ୟକ ପଦକ୍ଷେପ ଯୋଗୁ ଚଳିତବର୍ଷ ରାଜ୍ୟର ମୋଟ ୮୭ ଜେଲ ମଧ୍ୟରୁ ୫୪ଟିରେ କୌଣସି କଏଦୀ ସଂକ୍ରମିତ ହୋଇନାହାନ୍ତି। ବାକି ୩୩ ଜେଲରେ ଏବେ ମୋଟ ୩୯୬ଜଣ ସକ୍ରିୟ ଆକ୍ରାନ୍ତ ରହିଥିବା ଜେଲ ବିଭାଗ ସୂଚନା ଦେଇଛି।

ଜେଲ ବିଭାଗ କହିଛି, ଜେଲରେ ସଂକ୍ରମଣ ରୋକିବାକୁ ବିଭିନ୍ନ ପଦକ୍ଷେପ ନିଆଯାଇଛି। ଜେଲରୁ ଅନ୍ତେବାସୀଙ୍କ ସଂଖ୍ୟା କମାଇବାକୁ ବିଭାଗୀୟ ଡିଜି ସନ୍ତୋଷ ଉପାଧ୍ୟାୟଙ୍କ ନିର୍ଦ୍ଦେଶକ୍ରମେ ମେ'ରେ ମୋଟ ୧୫୭୦ ଅନ୍ତେବାସୀଙ୍କୁ ପାରୋଲ ଓ ଜାମିନରେ ଛଡାଯାଇଛି। ଏହି ମାସରେ ରାଜ୍ୟରେ ମୋଟ ୨୦,୧୫୦ଜଣ ଅନ୍ତେବାସୀ ରହୁଥିବାବେଳେ ଏବେ ଏହି ସଂଖ୍ୟା ୧୮,୫୮୦କୁ ଖସି ଆସିଛି। ଜେଲରେ ନିୟମିତ ବ୍ୟବଧାନରେ ସାନିଟାଇଜେଶନ କରାଯିବା ସହ କୋଭିଡ୍ ନିୟମ ପାଳନ ଉପରେ ଗୁରୁତ୍ୱ ଦିଆଯାଉଛି। ସେହିପରି ଅଧିକ କଏଦୀ ରହୁଥିବା ଜେଲରୁ ମୋଟ ୬୫୮ଜଣଙ୍କୁ କମ୍ କଏଦୀ ଥିବା ଜେଲକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟପକ୍ଷରେ କୋଭିଡ୍ ପରିଚାଳନା ପାଇଁ ଜେଲ ବିଭାଗ ପକ୍ଷରୁ ଆର୍ଥିକ ସାହାଯ୍ୟ ପ୍ରଦାନ କରାଯାଇଛି। ସବ୍ ଜେଲଗୁଡିକୁ ୧୫ ହଜାର ଲେଖାଏ ଓ ଜିଲା ମୁଖ୍ୟ ଜେଲ ବା ସ୍ୱତନ୍ତ୍ର ଜେଲଗୁଡିକୁ ୨୫ ହଜାର ଟଙ୍କା ଲେଖାଏ ଦିଆଯାଇଛି। ଏହି ଟଙ୍କାରେ ଔଷଧ ଏବଂ ଅନ୍ୟାନ୍ୟ କିଟ୍ କିଣିବା ପାଇଁ କୁହାଯାଇଛି। ତେବେ ଚିକିତ୍ସିତ ହେଉଥିବା ସଂକ୍ରମିତଙ୍କ ମଧ୍ୟରୁ ଗୁରୁତର ରୋଗୀଙ୍କୁ କୋଭିଡ୍ ହସ୍ପିଟାଲ ସ୍ଥାନାନ୍ତର କରିବାକୁ ଜେଲ ଡିଜି ସମସ୍ତ ଜେଲ ଅଧୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜେଲକୁ ବିଶୋଧନ କରିବାରେ ଅଗ୍ନିଶମ ବିଭାଗ ସହାୟତା କରୁଛି। ସ୍ଥାନୀୟ ସିଡିଏମ୍‌ଓ, ଉପଜିଲାପାଳମାନେ ଜେଲର କରୋନା ସ୍ଥିତି ଉପରେ ନଜର ରଖୁଛନ୍ତି। ନୋଡାଲ ଅଫିସରଙ୍କ ସହାୟତାରେ କୋଭିଡ ନିୟମ କଡାକଡି ଭାବେ ପାଳନ କରିବାକୁ ସମସ୍ତ ଅଧୀକ୍ଷକଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଅଧିକ ପ୍ରଭାବିତ ଜେଲଗୁଡିକରେ କରୋନା ସ୍ଥିତି ସମ୍ପର୍କରେ ନିଜେ ଜେଲ ଡିଜି ଭିଡିଓ କନଫରେନ୍ସରେ ଆଲୋଚନା କରୁଥିବା ଜେଲ ବିଭାଗ ମୁଖ୍ୟାଳୟ ତରଫରୁ କୁହାଯାଇଛି।

# ସରକାର ନୋଟ୍ ପ୍ରିଣ୍ଟ କରି ଅର୍ଥ ବ୍ୟବସ୍ଥାକୁ ଉତ୍ସାହିତ କରନ୍ତୁ

**ନୂଆଦିଲ୍ଲୀ,୨୭।୫**


ଉଦୟ କୋଟାକ

ତ୍ୱରିତ ଭିତ୍ତିରେ କ୍ୟାଶ ପ୍ରିଣ୍ଟ କରି ସରକାର ଦେଶର ଅର୍ଥ ବ୍ୟବସ୍ଥାକୁ ଉତ୍ସାହିତ କରନ୍ତୁ ବୋଲି ଜଣାଶୁଣା ବ୍ୟାଙ୍କର ଏବଂ ସିଆଇଆଇ ସଭାପତି ଉଦୟ କୋଟାକ ଗୁରୁବାର କହିଛନ୍ତି। କୋଭିଡ୍ ଯୋଗୁ ସାରା ଦେଶ ବର୍ତ୍ତମାନ ସଙ୍କଟ ଦେଇ ଗତି କରୁଛି। ଏଭଳି ସ୍ଥିତିରେ ସରକାର ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ନୋଟ୍ ପ୍ରିଣ୍ଟ ପାଇଁ ଯୋଜନା ହାତକୁ ନିଅନ୍ତୁ ବୋଲି କୋଟାକ ମତ ଦେଇଛନ୍ତି। ସେ କହିଛନ୍ତି, ଏହା ୨ଟି ପର୍ଯ୍ୟାୟରେ ହେବା ଆବଶ୍ୟକ। ପ୍ରଥମତଃ ସମାଜର ସବୁଠୁ ନିମ୍ନ ସ୍ତରରେ ଥିବା ଲୋକ ଏବଂ ଦ୍ୱିତୀୟରେ କରୋନା ଦ୍ୱାରା ପ୍ରଭାବିତ ନିଯୁକ୍ତି ପ୍ରଦାନକାରୀ କ୍ଷେତ୍ରଗୁଡିକୁ ସହାୟତା କରିବାର ଆବଶ୍ୟକତା ରହିଛି। ବର୍ତ୍ତମାନ ସରକାର ତାଙ୍କ ବାଲାନ୍ସ ସିଟ୍‌କୁ ବଢାନ୍ତୁ। ଏଥିଲାଗି ରିଜର୍ଭ ବ୍ୟାଙ୍କ ମୁଦ୍ରାନୀତି ସହଯୋଗ କିମ୍ବା ନୋଟ୍ ପ୍ରିଣ୍ଟ କରିପାରିବ। ଏବେ ଯଦି ଏହା ନ ହେବ ତେବେ କେବେ କରାଯିବ। ଗରିବଙ୍କୁ ସ୍ୱାସ୍ଥ୍ୟ ସୁବିଧା, ନଗଦ ଅର୍ଥ ପ୍ରଦାନ କରିବାକୁ ମଧ୍ୟ ସେ ଗୁରୁତ୍ୱାରୋପ କରିଛନ୍ତି। ଗରିବଙ୍କୁ ସିଧାସଳଖ ଅର୍ଥ ଯୋଗାଣ ଲାଗି ଜିଡିପିର ୧% ହିସାବରେ ୧ରୁ ୨ ଲକ୍ଷ କୋଟି ଟଙ୍କା ସରକାର ଖର୍ଚ୍ଚ କରିପାରିବେ ବୋଲି କୋଟାକ ମତ ପ୍ରକାଶ କରିଛନ୍ତି।

# କରୋନାରେ ମୃତ ଖବରଦାତାଙ୍କ ପରିବାରକୁ କେନ୍ଦ୍ର ଦେବ ୫ ଲକ୍ଷ

**ନୂଆଦିଲ୍ଲୀ, ୨୭।୫(ପିଆଇବି)**

କରୋନାରେ ଆକ୍ରାନ୍ତ ହୋଇ ପ୍ରାଣ ହରାଇଥିବା ଖବରଦାତାଙ୍କ ପରିବାରକୁ ୫ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଦିଆଯିବ। ଏ ନେଇ ପତ୍ର ସୂଚନା କାର୍ଯ୍ୟାଳୟ(ପିଆଇବି) ପକ୍ଷରୁ ଗୁରୁବାର ପ୍ରକାଶିତ ଏକ ରିପୋର୍ଟରେ ସୂଚନା ଦିଆଯାଇଛି। ସୂଚନା ଓ ପ୍ରସାରଣ ମନ୍ତ୍ରୀ ପ୍ରକାଶ ଜାଭଡେକରଙ୍କ ତତ୍ତ୍ୱାବଧାନରେ ମନ୍ତ୍ରଣାଳୟ ପକ୍ଷରୁ ୨୦୨୦ ଏବଂ ୨୦୨୧ରେ କୋଭିଡ୍‌ରେ ମୃତ୍ୟୁ ଘଟିଥିବା ଖବରଦାତାଙ୍କ ସବିଶେଷ ବିବରଣୀ ସଂଗ୍ରହ କରି ସାମ୍ବାଦିକ କଲ୍ୟାଣ ପାଣ୍ଠିରୁ ସେମାନଙ୍କ ପରିବାରକୁ ସହାୟତା ପ୍ରଦାନ ପାଇଁ ଯୋଜନା କରାଯାଇଛି। ମନ୍ତ୍ରଣାଳୟ ସଚିବ ଅମିତ ଖାରେଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ସାମ୍ବାଦିକ କଲ୍ୟାଣ ଯୋଜନା ପ୍ରସ୍ତାବକୁ ଅନୁମୋଦନ କରିଛି। ୨୦୨୦-୨୧ ଆର୍ଥିକ ବର୍ଷରେ ୨୬ ଜଣ ଖବରଦାତାଙ୍କ ପରିବାରକୁ ଏହି ସହାୟତା ପ୍ରଦାନ କରାଯାଇଥିବାବେଳେ ଆଉ ୪୧ ଜଣଙ୍କୁ ମିଶାଇ ମୋଟ ୬୭ ମୃତ ସାମ୍ବାଦିକଙ୍କୁ ଏଥିରେ ସାମିଲ କରାଯାଇଛି। ପିଆଇବି ପକ୍ଷରୁ ମଧ୍ୟ କରୋନାରେ ପ୍ରାଣ ହରାଇଥିବା ଖବରଦାତାଙ୍କ ପରିବାରବର୍ଗ ଏଥିପାଇଁ ଆବେଦନ କରିବାକୁ ପରାମର୍ଶ ଦିଆଯାଇଥିଲା। ସାମ୍ବାଦିକ କଲ୍ୟାଣ ଯୋଜନାରେ ସହାୟତା ପାଇବା ପାଇଁ ଖବରଦାତା ଓ ସେମାନଙ୍କ ପରିବାର ପିଆଇବି ୱେବସାଇଟ୍ https://accreditation.pib.gov.in/jws/default.aspx ଜରିଆରେ ଆବେଦନ କରିପାରିବେ ବୋଲି କୁହାଯାଇଛି।

# ନାଟ୍ୟକାର ନାରାୟଣଙ୍କ ପରଲୋକ

**ଭୁବନେଶ୍ୱର, ୨୭।୫ (ବ୍ୟୁରୋ)**


ନାରାୟଣ ରାୟ ମହାପାତ୍ର

ବିଶିଷ୍ଟ ନାଟ୍ୟକାର, ନିର୍ଦ୍ଦେଶକ ଓ ଅଭିନେତା ନାରାୟଣ ଚନ୍ଦ୍ର ରାୟ ମହାପାତ୍ର (୮୪)ଙ୍କ ଗୁରୁବାର ପରଲୋକ ହୋଇଛି। ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଲୋକନାଟ୍ୟ କ୍ଷେତ୍ରରେ ସେ ଥିଲେ ଜଣେ ଯଶସ୍ୱୀ ସ୍ରଷ୍ଟା। ୧୯୬୧ରେ ରାଜ୍ୟ ସଚିବାଳୟ ବାଣିଜ୍ୟ ବିଭାଗରେ ଚାକିରି ଜୀବନ ଆରମ୍ଭ କରିଥିଲେ ବି ସାରସ୍ୱତ ଜଗତକୁ ଛାଡ଼ିପାରି ନ ଥିଲେ। ୫ ଶିଶୁ ନାଟକ, ୧୫ ଶିଶୁ ଗୀତିନାଟ୍ୟ, ୧୧ ନାଟକ, ୯ ଗୀତିନାଟ୍ୟ ଓ ଗୋଟିଏ ନୃତ୍ୟ ନାଟିକାର ସେ ହେଉଛନ୍ତି ସଫଳ ସ୍ରଷ୍ଟା। ତାଙ୍କର ପ୍ରକାଶିତ ପୁସ୍ତକ ମଧ୍ୟରେ ରହିଛି 'ବାଟ ଅବାଟ', 'କନ୍ୟାକୁମାରୀ', 'ମିଳନତୀର୍ଥ', 'ଯିଏ ଯାହାର ଭୂମିକାରେ', 'ଅମୃତ ସନ୍ତାନ', 'ପୂଜାଫୁଲ', 'ଭକ୍ତ ବତ୍ସଳ ଜଗନ୍ନାଥ', 'ଦାରିଦ୍ର୍ୟ ମୋଚନ', 'ଇଚ୍ଛାମୟ', 'ସାକ୍ଷୀ ସେ ପାଷାଣ ଆଖି', 'ନିର୍ବାଚିତ କବିତା ସମ୍ଭାର', 'ଆଶୀର୍ବାଦ', 'ପ୍ରତିଶ୍ରୁତି' 'ଶିକ୍ଷାଲୋକ'। 'ପୂଜା ପାଇଁ ଫୁଲଟିଏ' ଚଳଚ୍ଚିତ୍ରରେ ସେ ଅଭିନୟ ମଧ୍ୟ କରିଥିଲେ। ଏହା ବ୍ୟତୀତ ଅନେକ ସାଂସ୍କୃତିକ ଅନୁଷ୍ଠାନ ସହ ଯୋଡ଼ିହୋଇ ଭାଷା, ସାହିତ୍ୟ ଓ ସଂସ୍କୃତିର ପ୍ରଚାର, ପ୍ରସାରର ରାଷ୍ଟ୍ରଦୂତ ସାଜିଥିଲେ। ସମୟକ୍ରମେ ପେସା ସହ ନିଜକୁ ରଙ୍ଗମଞ୍ଚ ଦୁନିଆ ସହିତ ଯୋଡ଼ି ଦେଇଥିଲେ। ୨୦୧୪ରେ ଲୋକନାଟ୍ୟ ଓ ଗୀତିନାଟ୍ୟ ପାଇଁ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସମ୍ମାନରେ ସମ୍ମାନିତ ହୋଇଥିଲେ।

# ଆଣ୍ଟିଗୁଆକୁ ସ୍ଥାନାନ୍ତର ହେବେ ଚୋକ୍‌ସି


ମେହୁଲ ଚୋକ୍‌ସି

**ନୂଆଦିଲ୍ଲୀ,୨୭।୫:** ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି) ଋଣ ଠକେଇରେ ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ମେହୁଲ ଚୋକ୍‌ସି ଆଣ୍ଟିଗୁଆରୁ ମଙ୍ଗଳବାର ନିଖୋଜ ହୋଇଯାଇଥିଲେ। ଡୋମିନିକାରୁ ତାଙ୍କୁ ବୁଧବାର ଠାବକରାଯାଇଥିଲା। ଆଣ୍ଟିଗୁଆ ଏବଂ ବରବୁଡା ପ୍ରଧାନମନ୍ତ୍ରୀ ଗଷ୍ଟନ ବ୍ରାଉନେ ଡୋମିନିକାକୁ କହିଥିଲେ, ଚୋକ୍‌ସିଙ୍କୁ ସିଧାସଳଖ ଭାରତକୁ ହସ୍ତାନ୍ତର କରାଯାଉ। ପୁଣି ଥରେ ସେ ଯେଭଳି ଆଣ୍ଟିଗୁଆକୁ ପ୍ରବେଶ ନ କରିପାରନ୍ତି। ଆଣ୍ଟିଗୁଆର ଏକ ମିଡିଆର ରିପୋର୍ଟ ମୁତାବକ, ପ୍ରଧାନମନ୍ତ୍ରୀ ବ୍ରାଉନେ, ଚୋକ୍‌ସିଙ୍କୁ ସିଧାସଳଖ ଭାରତ ପଠାଇବା ନେଇ ପଡ଼ୋଶୀ ଦେଶକୁ କହିଥିଲେ। ଫଳରେ ଚୋକ୍‌ସିଙ୍କ ବିରୋଧରେ ଆପରାଧିକ ମାମଲା ଆଗକୁ ବଢ଼ିପାରିବ। ବୁଧବାର ଚୋକ୍‌ସିଙ୍କ ଓକିଲ ବିଜୟ ଅଗ୍ରୱାଲ କହିଛନ୍ତି, ତାଙ୍କ କ୍ଲାଏଣ୍ଟ ଆଣ୍ଟିଗୁଆର ନାଗରିକତା ଗ୍ରହଣ କରିଛନ୍ତି। ଭାରତରେ ତାଙ୍କର ନାଗରିକତ୍ୱ ଆଉ ନାହିଁ। ତେଣୁ ଡୋମିନିକା ତାଙ୍କୁ ଆଣ୍ଟିଗୁଆକୁ ହିଁ ସ୍ଥାନାନ୍ତର କରିପାରିବ। ଡୋମିନିକା କ୍ରିମିନାଲ ଇନ୍‌ଭେଷ୍ଟିଗେଶନ ଡିପାର୍ଟମେଣ୍ଟ ସୂଚନା ମୁତାବକ, ଚୋକ୍‌ସିଙ୍କୁ ଆଣ୍ଟିଗୁଆକୁ ପ୍ରଦାନ କରାଯିବ। ସେ ବେଆଇନ ଭାବେ ଡୋମିନିକାରେ ପ୍ରବେଶ କରିଯାଇଥିଲେ। ନିୟମ ଅନୁସାରେ ତାଙ୍କୁ ତାଙ୍କ ନିଜ ଦେଶକୁ ପଠାଇ ଦିଆଯିବ। ସେହିଭଳି ଓକିଲ ଅଗ୍ରୱାଲ କହିଛନ୍ତି, ଚୋକ୍‌ସି ସ୍ୱେଚ୍ଛାକୃତ ଭାବେ ଡୋମିନିକା ଯାଇନାହାନ୍ତି।

# ୨ ଡୋଜ୍ ଟିକା ନେଇଥିବା ସିପାହିଙ୍କ କରୋନାରେ ମୃତ୍ୟୁ

**ଭୁବନେଶ୍ୱର,୨୭।୫(ବ୍ୟୁରୋ)**

ଓଡ଼ିଶା ପୋଲିସରେ ପ୍ରଥମ ଘଟଣା


ହେମନ୍ତ କୁମାର ପ୍ରଧାନ

କରୋନା ସଂକ୍ରମଣରେ ରୋକ୍ ଦେବାକୁ ଟିକାକରଣକୁ ଗୁରୁତ୍ୱ ଦିଆଯାଉଛି। ହେଲେ ଦୁଇ ଡୋଜ୍ ଟିକା ନେବା ପରେ ବି କମିଶନରେଟ ପୋଲିସର ଜଣେ ସମ୍ମୁଖ ଯୋଦ୍ଧା କରୋନାରେ ପ୍ରାଣ ହରାଇଛନ୍ତି। ସେ ହେଲେ ଓଏସ୍‌ଏପି ସପ୍ତମ ବାଟାଲିୟନରେ କାର୍ଯ୍ୟରତ ସିପାହି ହେମନ୍ତ କୁମାର ପ୍ରଧାନ। ତେବେ ଟିକା ନେଇଥିବା ସିପାହି ହେମନ୍ତଙ୍କ ମୃତ୍ୟୁ ଓଡ଼ିଶା ପୋଲିସର ପ୍ରଥମ ଘଟଣା ବୋଲି କୁହାଯାଉଛି।

ହେମନ୍ତ କିଛିଦିନ ତଳେ କରୋନାରେ ଆକ୍ରାନ୍ତ ହୋଇ ଭୁବନେଶ୍ୱରସ୍ଥିତ କିମ୍ସ କୋଭିଡ୍ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଗୁରୁବାର ସକାଳେ ହଠାତ ଗୁରୁତର ଅସୁସ୍ଥ ହୋଇପଡିଥିଲେ। ଏହାର କିଛି ସମୟ ପରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ସଂକ୍ରାନ୍ତରେ ହସ୍ପିଟାଲ ପକ୍ଷରୁ ସୂଚନା ମିଳିବା ପରେ ୭ମ ବାଟାଲିୟନରେ ଶୋକର ଛାୟା ଖେଳିଯାଇଛି। ୭ମ ବାଟାଲିୟନ ପୂର୍ବତନ କର୍ମଚାରୀ ସଂଘ ସଭାପତି ମାନସ ରଞ୍ଜନ ସାହୁ, ବଂଶୀଧର ସିଂ, ଦୁର୍ଗାପ୍ରସାଦ ଦାଶ, ବିନୋଦ ବଳ, ରାଜେନ୍ଦ୍ର ମଲ୍ଲିକ, ସଞ୍ଜୟ ବଳ, ରମେଶ ମହାପାତ୍ର ଓ ଅନ୍ୟମାନେ ତାଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି।

# ପିସିସି ପାଳିଲା ନେହେରୁଙ୍କ ଶ୍ରାଦ୍ଧ ଦିବସ

**ଭୁବନେଶ୍ୱର, ୨୭।୫ (ବ୍ୟୁରୋ):** ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଗୁରୁବାର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଶ୍ରାଦ୍ଧଦିବସ କଂଗ୍ରେସ ଭବନରେ ପାଳିତ ହୋଇଛି। ମାଷ୍ଟରକ୍ୟାଣ୍ଟିନ ଛକସ୍ଥିତ ପଣ୍ଡିତ ନେହେରୁଙ୍କ ପ୍ରତିମୂର୍ତ୍ତି ପରେ କଂଗ୍ରେସ ଭବନ ନେହେରୁଙ୍କ ପ୍ରତିମୂର୍ତ୍ତିରେ ପିସିସି ପକ୍ଷରୁ ମାଲ୍ୟାର୍ପଣ କରାଯାଇଥିଲା। ବିଧାୟକ ସୁରେଶ ରାଉତରାୟ, ବରିଷ୍ଠ ନେତା ଶିବାନନ୍ଦ ରାୟ, ପିସିସି କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝି ପ୍ରମୁଖ ଥିଲେ।

# ପୁନରୁଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର,୨୭।୫(ବ୍ୟୁରୋ)**

**ଅଗ୍ନିଶମ ଡିଜିଙ୍କ ବାତ୍ୟା ପରବର୍ତ୍ତୀ ସ୍ଥିତି ସମୀକ୍ଷା**

- ମୁଖ୍ୟମନ୍ତ୍ରୀ, ଏସ୍‌ଆର୍‌ସିଙ୍କ ପ୍ରଶଂସା

ଅଗ୍ନିଶମ ବିଭାଗ ଡିଜି ଏମ. ଅକ୍ଷୟ ଗୁରୁବାର ବାଲେଶ୍ୱର, ଭଦ୍ରକ ଓ ମୟୂରଭଞ୍ଜ ଜିଲା ଗସ୍ତକରି ବାତ୍ୟା ପରବର୍ତ୍ତୀ ସ୍ଥିତିର ସମୀକ୍ଷା କରିଛନ୍ତି। ଏସବୁ ଜିଲାରେ ଅବସ୍ଥାପିତ ପୋଲିସ ଓ ଅଗ୍ନିଶମ ବିଭାଗ ଅଧିକାରୀଙ୍କ ସହ ଆଲୋଚନାକରି ଉଦ୍ଧାର ଓ ପୁନରୁଦ୍ଧାର କାର୍ଯ୍ୟ କିପରି ତ୍ୱରାନ୍ୱିତ କରାଯିବ ସେଥିପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି।

ବାତ୍ୟା 'ୟାସ୍' ବିଶେଷକରି ଉତ୍ତର ଓଡ଼ିଶାର ଭଦ୍ରକ, ବାଲେଶ୍ୱର ଓ ମୟୂରଭଞ୍ଜ ଜିଲାରେ ବ୍ୟାପକ କ୍ଷୟକ୍ଷତି ଘଟାଇଥିଲା। ବହୁ ଗଛ, ପୋଲ ଓ ହୋର୍ଡିଂ ପଡି ରାସ୍ତା ଅବରୋଧ ହୋଇଥିଲା। ସେହିଭଳି ବହୁ ଘର ଓ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ପଡିବା ସହ ଲୋକେ ପାଣିଘେରରେ ଫସି ରହିଥିଲେ। ଅଗ୍ନିଶମ କର୍ମଚାରୀମାନେ ତ୍ୱରିତ ଉଦ୍ଧାର ଓ ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ସେମାନେ ବାତ୍ୟାକୁ ଭ୍ରୁକ୍ଷେପ ନ କରି ଲୋକମାନଙ୍କୁ ଉଦ୍ଧାର କରିବା ସହ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରିଥିଲେ। ବହୁ ସ୍ଥାନରେ ରାସ୍ତା ଅବରୋଧ କରିଥିବା ଗଛ ଓ ପୋଲ୍ ଆଦି ହଟାଇ ଯାତାୟାତ ସ୍ୱାଭାବିକ କରାଇଥିଲେ। ଅଧିକ କ୍ଷୟକ୍ଷତି ହୋଇଥିବାରୁ ଅଗ୍ନିଶମ ଡିଜି ବୁଧବାର ବାଲେଶ୍ୱର ଜିଲାକୁ ଆଉ ୧୦ଟି ଅଗ୍ନିଶମ ଦଳ ପଠାଇବା ସଙ୍ଗେ ସଙ୍ଗେ ଯୁଦ୍ଧକାଳୀନଭିତ୍ତିରେ ଉଦ୍ଧାର କାର୍ଯ୍ୟ କରିବାକୁ ବିଭାଗୀୟ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ଅନ୍ୟପକ୍ଷରେ ବାତ୍ୟା ଓ ପରବର୍ତ୍ତୀ ସମୟରେ ଅଗ୍ନିଶମ କର୍ମଚାରୀମାନେ ସାହସ ଏବଂ ଧୈର୍ଯ୍ୟର ସହ ପୁନରୁଦ୍ଧାର କାର୍ଯ୍ୟ ଜାରି ରଖିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଶଂସା କରିଛନ୍ତି। ସେହିଭଳି ସ୍ୱତନ୍ତ୍ର ରିଲିଫ କମିଶନର (ଏସ୍‌ଆର୍‌ସି) ପ୍ରଦୀପ ଜେନା ମଧ୍ୟ ବିପନ୍ନ ଅଞ୍ଚଳରେ ନିୟୋଜିତ ଅଗ୍ନିଶମ କର୍ମଚାରୀଙ୍କ କାର୍ଯ୍ୟକୁ ପ୍ରଶଂସା କରିଛନ୍ତି।

# ଯାଜପୁରରେ ୨୦ ଲକ୍ଷ ଲୋକ ପ୍ରଭାବିତ

**ଯାଜପୁର ଟାଉନ,୨୭।୫(ଡି.ଏନ.ଏ.)**

ଯାଜପୁର ଜିଲାରେ ବାତ୍ୟା ୟାସ୍ ଯୋଗୁ ୨୦ଲକ୍ଷ ଲୋକ ପ୍ରଭାବିତ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ ଗୁରୁବାର ସୂଚନା ଦିଆଯାଇଛି। ଏହି ଜିଲାର ୧୦ ବ୍ଲକ୍ ଓ ୨ଟି ପୌରାଞ୍ଚଳ କ୍ଷତିଗ୍ରସ୍ତ ହୋଇଛି। ସେଥିମଧ୍ୟରୁ ୩୧୧ ପଞ୍ଚାୟତ ଓ ୧୬୪୭ ଗାଁ ରହିଛି। ୨ଟି ପୌରାଞ୍ଚଳର ୨୨ଟି ୱାର୍ଡ ବାତ୍ୟାରେ ପ୍ରଭାବିତ ହୋଇଥିବାବେଳେ ସମୁଦାୟ ୪୨,୪୬୫ ଲୋକଙ୍କୁ ସ୍ଥାନାନ୍ତର କରାଯାଇଥିଲା। ୨୮,୬୯୮ ଜଣ ବୟସ୍କ ଓ ୯,୬୭୩ ଜଣ ଶିଶୁ ସମୁଦାୟ ୩୮,୩୭୧ ଜଣଙ୍କ ପାଇଁ ରନ୍ଧା ଖାଦ୍ୟ ବ୍ୟବସ୍ଥା କରାଯାଇଥିଲା। ବାତ୍ୟାରେ କୌଣସି ଧନଜୀବନ କ୍ଷତିଗ୍ରସ୍ତ ହୋଇ ନ ଥିବା ସୂଚନା ମିଳିଛି। ୧୬ ମେଡିକାଲ ଟିମ୍ ଜିଲା ପ୍ରଶାସନ ପକ୍ଷରୁ ନିୟୋଜିତ କରାଯାଇଥିଲା ବୋଲି କୁହାଯାଇଛି।

# ମୃତକଙ୍କ ପରିବାରକୁ ସହାୟତା

**ମାଲକାନଗିରି/ଚିତ୍ରକୋଣ୍ଡା, ୨୭।୫(ଡି.ଏନ୍.ଏ.)**

**ସିଲେରୁ ନଦୀରେ ଡଙ୍ଗାବୁଡ଼ି ଘଟଣା**

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ସିଲେରୁ ନଦୀରେ ଡଙ୍ଗାବୁଡ଼ି ଘଟଣା ପ୍ରାଣ ହରାଇଥିବା ପରିବାର ଲୋକଙ୍କୁ ଗୁରୁବାର ଜନପ୍ରତିନିଧିମାନେ ଭେଟି ସହାୟତା ଘୋଷଣା କରିଛନ୍ତି। ସିଲେରୁ ନଦୀରେ ସୋମବାର ରାତିରେ ୨ଟି ଦେଶୀ ମାଛଧରା ଡଙ୍ଗାରେ ଆନ୍ଧ୍ରରୁ ୨୧ ଜଣ ଗ୍ରାମକୁ ଫେରୁଥିଲେ। ଭାରସାମ୍ୟ ହରାଇ ଡଙ୍ଗା ଏକ ପଥରଖୁଣ୍ଟରେ ପିଟି ହୋଇ ବୁଡିଯାଇଥିଲା। ଫଳରେ ସେମାନଙ୍କ ମଧ୍ୟରୁ ୬ଜଣଙ୍କ ମୃତ୍ୟୁ ହୋଇଥିଲା। ୨ଜଣ ପହଁରି ପହଁରି କୂଳକୁ ଆସି ଗ୍ରାମବାସୀଙ୍କୁ ସବୁକଥା କହିଥିଲେ। ଗୁରୁବାର ମୃତକଙ୍କ ପରିବାର ଲୋକଙ୍କ ପାଖରେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝୀ, ଚିତ୍ରକୋଣ୍ଡା ବିଧାୟକ ଓ ମାଲକାନଗିରି ସ୍ୱତନ୍ତ୍ର ଆଦିବାସୀ ଉନ୍ନୟନ ପରିଷଦ ଅଧ୍ୟକ୍ଷ ମାନସ ମାଡ଼କାମି ପହଞ୍ଚି ସମ୍ପୃକ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ମୃତକଙ୍କ ପରିବାରକୁ ଷ୍ଟେଟ୍ ଡିଜାଷ୍ଟର ରେସ୍‌ପନ୍ସ ଫଣ୍ଡ(ଏସ୍‌ଡିଆରଏଫ୍)ରୁ ଅନୁକମ୍ପାମୂଳକ ସହାୟତା ଯୋଗାଇ ଦିଆଯିବ। ପ୍ରତି ମୃତକଙ୍କ ପରିବାର ୫୦ହଜାର ସହ ଏସ୍‌ଡିଆରଏଫ୍‌ରୁ ୪ ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରାଯିବ।


## ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାର
## ବୟନଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା

No. PP-09: ୨୦୨୧-୨୨ ଆର୍ଥିକ ବର୍ଷରେ ହସ୍ତତନ୍ତ ବୁଣାକାରମାନଙ୍କୁ ସାହାଯ୍ୟ ପ୍ରଦାନ ନିମନ୍ତେ ଉପଯୁକ୍ତ ବୁଣାକାରମାନଙ୍କଠାରୁ ନିମ୍ନଲିଖିତ ଯୋଜନାରେ ତା୧୭।୦୬।୨୦୨୧ ସୁଦ୍ଧା ଅନଲାଇନ୍ ମାଧ୍ୟମରେ ଦରଖାସ୍ତ ଆହ୍ୱାନ କରାଯାଉଅଛି।

| କ୍ର.ସଂ. | ଯୋଜନାର ନାମ | ଯୋଜନା ସମ୍ବନ୍ଧୀୟ ସଂକ୍ଷିପ୍ତ ସୂଚନା |
|---|---|---|
| ୧ | ସାମର୍ଥ୍ୟ ବୃଦ୍ଧି (Capacity Building) | |
| | (କ) ଗୁରୁଶିଷ୍ୟ ପରମ୍ପରା ତାଲିମ (G.S.P.) | ସନ୍ଥ କବୀର ପୁରସ୍କାର ପ୍ରାପ୍ତ/ହସ୍ତତନ୍ତ କ୍ଷେତ୍ରରେ ଜାତୀୟ ପୁରସ୍କାର ପ୍ରାପ୍ତ/ରାଜ୍ୟ ହସ୍ତତନ୍ତ ପୁରସ୍କାର ପ୍ରାପ୍ତ ବ୍ୟକ୍ତି ବିଶେଷଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ (ଗୁରୁ ଭାବରେ) ତିନି ବର୍ଷ ଅଭିଜ୍ଞତା ଥିବା ଓ ମୌଳିକ ପ୍ରଶିକ୍ଷଣ ପାଇଥିବା ୨୧ରୁ ୫୦ବର୍ଷ ବୟସ୍କ କୁଶଳୀ ହସ୍ତତନ୍ତ ବୁଣାକାରଙ୍କୁ ୬ମାସ ନିମନ୍ତେ ତାଲିମ ପ୍ରଦାନ। ଶିକ୍ଷାର୍ଥୀଙ୍କ ମାସିକ ବୃତ୍ତି ଟ.୩୦୦୦/-। |
| | (ଖ) ମୌଳିକ ବୁଣା ନୂତନଭାବରେ ବୁଣାକାର୍ଯ୍ୟ ଶିଖିବା ନିମନ୍ତେ | ପ୍ରଶିକ୍ଷାର୍ଥୀଙ୍କ ମାସିକ ବୃତ୍ତି ଟ.୩୦୦୦/-। ବୟସ: ୨୧ରୁ ୩୫ବର୍ଷ ମଧ୍ୟରେ ହୋଇଥିବ। ତାଲିମ ଅବଧି - ୬ ମାସ। |
| | (ଗ) ଜାକାର୍ଡ ଦ୍ୱାରା ବୟନ | ପ୍ରଶିକ୍ଷାର୍ଥୀଙ୍କ ମାସିକ ବୃତ୍ତି ଟ.୩୦୦୦/-। ବୟସ: ୨୧ରୁ ୩୫ବର୍ଷ ମଧ୍ୟରେ ହୋଇଥିବ। ହସ୍ତତନ୍ତରେ ଅନ୍ୟୁନ ତିନି ବର୍ଷ ବୁଣା କାର୍ଯ୍ୟ କରିଥିବା ବୁଣାକାରଙ୍କ ନିମନ୍ତେ। ତାଲିମ ଅବଧି - ୪ ମାସ। |
| | (ଘ) ବାନ୍ଧକଳା ଶିକ୍ଷା ଓ ବୟନ ନିମନ୍ତେ (୪ ମାସ) | ପ୍ରଶିକ୍ଷାର୍ଥୀଙ୍କ ମାସିକ ବୃତ୍ତି ଟ.୩୦୦୦/-। ବୟସ:୨୧ରୁ ୩୫ବର୍ଷ ମଧ୍ୟରେ ହୋଇଥିବ। ହସ୍ତତନ୍ତରେ ଅନ୍ୟୁନ ତିନି ବର୍ଷ ବୁଣାକାର୍ଯ୍ୟ କରିଥିବେ। ତାଲିମ ଅବଧି - ୪ ମାସ। |
| | (ଙ) ଜାଲା ଓ ଡବି ଦ୍ୱାରା ବୟନ | ପ୍ରଶିକ୍ଷାର୍ଥୀଙ୍କ ମାସିକ ବୃତ୍ତି ଟ.୩୦୦୦/-। ବୟସ: ୨୧ରୁ ୩୫ବର୍ଷ ମଧ୍ୟରେ ହୋଇଥିବ। ହସ୍ତତନ୍ତରେ ଅନ୍ୟୁନ ତିନି ବର୍ଷ ବୁଣା କାର୍ଯ୍ୟ କରିଥିବେ। ତାଲିମ ଅବଧି - ୨ ମାସ |
| | (ଚ) ରଙ୍ଗ କରିବା | ପ୍ରଶିକ୍ଷାର୍ଥୀଙ୍କ ମାସିକ ବୃତ୍ତି ଟ.୩୦୦୦/-। ବୟସ: ୨୧ରୁ ୩୫ବର୍ଷ ମଧ୍ୟରେ ହୋଇଥିବ। ରଙ୍ଗ କରୁଥିବେ କିମ୍ବା ରଙ୍ଗ କରିବା ନିମନ୍ତେ ଇଚ୍ଛୁକ ଥିବେ/ବାନ୍ଧ ପ୍ରସ୍ତୁତି କ୍ଷେତ୍ରରେ କାର୍ଯ୍ୟ କରୁଥିବେ। ତାଲିମ ଅବଧି - ୨ ମାସ। |
| | (ଛ) ପରିଭ୍ରମଣ | ହସ୍ତତନ୍ତ କ୍ଷେତ୍ରରେ ଉନ୍ନତ ଜ୍ଞାନ ଆହରଣ ନିମନ୍ତେ ରାଜ୍ୟ ତଥା ରାଜ୍ୟ ବାହାରର ଉନ୍ନତ ହସ୍ତତନ୍ତ ପୁଞ୍ଜକୁ ପରିଭ୍ରମଣର ବ୍ୟବସ୍ଥା। ଯାତାୟାତ ଖର୍ଚ୍ଚ, ଦୈନିକ ରାଜ୍ୟ ଭିତରେ ୨୦୦ ଟଙ୍କା ଓ ରାଜ୍ୟ ବାହାରେ ୩୦୦ ଟଙ୍କା ଭତ୍ତା ଓ ରହିବା ନିମନ୍ତେ ଦୈନିକ ରାଜ୍ୟ ଭିତରେ ୩୦୦ ଟଙ୍କା ଓ ରାଜ୍ୟ ବାହାରେ ୫୦୦ ଟଙ୍କା। |
| ୨. | ଗର୍ତ୍ତ ତନ୍ତର ଉଚ୍ଚୈକରଣ | ଗର୍ତ୍ତ ତନ୍ତରେ ବୁଣୁଥିବେ ଏବଂ ତନ୍ତ ମାଟିରେ ସ୍ଥାପନ କରାଯାଇଥିବ। ତନ୍ତ ପିଛା ସାହାଯ୍ୟର ପରିମାଣ ୭୦୦୦/- ଟଙ୍କା। |
| ୩. | ହସ୍ତତନ୍ତ ବୁଣାକାରଙ୍କ ନିମନ୍ତେ କର୍ମଶାଳା ତଥା ବାସଗୃହ ନିର୍ମାଣ ଯୋଜନା (Workshed-cum-Housing) | ହସ୍ତତନ୍ତ ବୁଣାକାରମାନଙ୍କୁ ୨୫ ବର୍ଗ ମିଟର ବିଶିଷ୍ଟ କର୍ମଶାଳା ତଥା ବାସଗୃହ ନିର୍ମାଣ ନିମନ୍ତେ ଟ.୧,୨୦,୦୦୦/- (IAP ଜିଲ୍ଲା ପାଇଁ ଟ.୧,୩୦,୦୦୦/-)ର ଅନୁଦାନ। ନିଜସ୍ୱ କୋଠାଘର ନଥିବ, ବାର୍ଷିକ ଆୟ ୧,୦୦,୦୦୦ ଟଙ୍କାରୁ କମ୍ ଥିବ, ଘର କରିବା ନିମନ୍ତେ ଆବଶ୍ୟକୀୟ ଜାଗା ନିଜ ନାମରେ ଉପଲବ୍ଧ ଥିବ। |
| ୪. | ବରିଷ୍ଠ ବୁଣାକାର ସହାୟତା ଯୋଜନା: | ବୁଣାକାରଙ୍କ ବୟସ ୬୦ ବର୍ଷରୁ ଉର୍ଦ୍ଧ୍ୱ ହୋଇଥିବ, ସେ ଓଡ଼ିଶାର ସ୍ଥାୟୀ ବାସିନ୍ଦା ହୋଇଥିବେ। ବାର୍ଷିକ ଆୟ ୧,୦୦,୦୦୦ ଟଙ୍କାରୁ କମ୍ ଥିବ ଏବଂ ହସ୍ତତନ୍ତ ବୟନ କ୍ଷେତ୍ରରେ ଅନ୍ୟୁନ ୨୦ ବର୍ଷର ଅଭିଜ୍ଞତା ଥିବା। ବୁଣାକାରଙ୍କ ବିଧବା ପତ୍ନୀଙ୍କ କ୍ଷେତ୍ରରେ ବୟସର ସୀମା ନାହିଁ ମାତ୍ର ମୃତ୍ୟୁବରଣ କରିଥିବା ତାଙ୍କ ସ୍ୱାମୀ ହସ୍ତତନ୍ତ ବୟନ କ୍ଷେତ୍ରରେ ଅନ୍ୟୁନ ୧୦ବର୍ଷ କାମ କରିଥିବେ। ୬୦ରୁ ୮୦ ବର୍ଷ ନିମନ୍ତେ ମାସିକ ସହାୟତା ରାଶି ଟ.୫୦୦/- ଓ ୮୦ରୁ ଉର୍ଦ୍ଧ୍ୱ ବର୍ଷ ନିମନ୍ତେ ମାସିକ ସହାୟତା ରାଶି ଟ.୭୦୦/-। |
| ୫. | ତନ୍ତ ତଥା ତନ୍ତ ସରଞ୍ଜାମ ଯୋଗାଣ | ଫ୍ରେମ ତନ୍ତ - ୨୦,୦୦୦/-, ଗର୍ତ୍ତ ତନ୍ତ - ୧୮,୦୦୦/-, ୯୬'' ବିଶିଷ୍ଟ ଚଉଡ଼ା ତନ୍ତ - ୪୦,୦୦୦/- ଓ ତନ୍ତ ସରଞ୍ଜାମ ନିମନ୍ତେ ୪,୦୦୦/- ଟଙ୍କା। (ବୁଣାକାର ଅଂଶ ଦେୟ ଶତକଡ଼ା ୧୦ଭାଗ ଓ ସରକାରୀ ଅନୁଦାନ ଶତକଡ଼ା ୯୦ ଭାଗ)। |

ଉପରୋକ୍ତ ସମସ୍ତ ଯୋଜନା ନିମନ୍ତେ ସବିଶେଷ ତଥ୍ୟ ସମ୍ପୃକ୍ତ ବୟନ ମଣ୍ଡଳ ଅଧିକାରୀ (ଉପନିର୍ଦ୍ଦେଶକ/ସହକାରୀ ନିର୍ଦ୍ଦେଶକ)ଙ୍କ କାର୍ଯ୍ୟାଳୟରେ ଉପଲବ୍ଧ। ବୟନ ଶିଳ୍ପ ନିର୍ଦ୍ଦେଶାଳୟର ୱେବସାଇଟ୍ **http://textiles.odisha.gov.in/** ମାଧ୍ୟମରେ ବୁଣାକାରମାନେ ତାଙ୍କ ଆବେଦନ ପତ୍ର ସମ୍ପୃକ୍ତ ଉପ/ସହକାରୀ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟକୁ ଅନଲାଇନ୍ ମାଧ୍ୟମରେ ତା୦୭।୦୬।୨୦୨୧ ସୁଦ୍ଧା ପଠାଇ ପାରିବେ। ଆବଶ୍ୟକ ସ୍ଥଳେ ଓଡ଼ିଶା ସରକାର ଉପରୋକ୍ତ ନିୟମାବଳୀର ପରିବର୍ତ୍ତନ କରିପାରିବେ।

**ରାଜ୍ୟରେ କାର୍ଯ୍ୟ କରୁଥିବା ବୟନ ମଣ୍ଡଳର ସୂଚନା:**

| କ୍ର.ସଂ. | ବୟନ ମଣ୍ଡଳର ସଦର ମହକୁମା/କାର୍ଯ୍ୟକାରୀ କ୍ଷେତ୍ର | କାର୍ଯ୍ୟାଳୟର ଦୂରଭାଷ ନମ୍ବର | କ୍ର.ସଂ. | ବୟନ ମଣ୍ଡଳର ସଦର ମହକୁମା/କାର୍ଯ୍ୟକାରୀ କ୍ଷେତ୍ର | କାର୍ଯ୍ୟାଳୟର ଦୂରଭାଷ ନମ୍ବର |
|---|---|---|---|---|---|
| ୧ | ବାଲେଶ୍ୱର: ବାଲେଶ୍ୱର ଓ ଭଦ୍ରକ ଜିଲ୍ଲା | ୦୬୭୮୨-୨୬୨୯୦୭ | ୮ | ଭବାନୀପାଟଣା: କଳାହାଣ୍ଡି ଓ ନୂଆପଡ଼ା ଜିଲ୍ଲା | ୦୬୬୭୦-୨୩୦୪୨୯ |
| ୨ | ବାରିପଦା: ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲା | ୦୬୭୯୨-୨୯୫୬୨୯ | ୯ | କୋରାପୁଟ: କୋରାପୁଟ, ନବରଙ୍ଗପୁର, ମାଲକାନଗିରି ଓ ରାୟଗଡ଼ା ଜିଲ୍ଲା | ୦୬୮୫୨-୨୫୦୪୬୪ |
| ୩ | ଢେଙ୍କାନାଳ: ଢେଙ୍କାନାଳ ଓ ଅନୁଗୁଳ ଜିଲ୍ଲା | ୦୬୭୬୨-୨୨୬୪୯୧ | ୧୦ | ବୌଦ୍ଧ: ବୌଦ୍ଧ ଓ କନ୍ଧମାଳ ଜିଲ୍ଲା | ୦୬୮୪୧-୨୨୨୦୮୫ |
| ୪ | ବରଗଡ଼: ବରଗଡ଼ ଜିଲ୍ଲା | ୦୬୬୪୬-୨୩୩୧୬୧ | ୧୧ | ବ୍ରହ୍ମପୁର: ଗଜପତି ଓ ଗଞ୍ଜାମ ଜିଲ୍ଲା | ୦୬୮୦-୨୨୯୧୨୩୪ |
| ୫ | ସୁନ୍ଦରଗଡ଼: ସୁନ୍ଦରଗଡ଼, ଦେବଗଡ଼ ଓ ଝାରସୁଗୁଡ଼ା ଜିଲ୍ଲା | ୦୬୬୨୨-୨୭୨୪୩୭ | ୧୨ | ଖୋର୍ଦ୍ଧା: ଖୋର୍ଦ୍ଧା ଓ ପୁରୀ ଜିଲ୍ଲା | ୦୬୭୫୫-୨୨୦୫୭୬ |
| ୬ | ସୋନପୁର: ସୋନପୁର ଜିଲ୍ଲା | ୦୬୬୫୪-୨୨୦୨୩୨ | ୧୩ | ନୟାଗଡ଼: ନୟାଗଡ଼ ଜିଲ୍ଲା | ୦୬୭୫୩-୨୫୨୦୧୫ |
| ୭ | ପାଟଣାଗଡ଼: ବଲାଙ୍ଗୀର ଜିଲ୍ଲା | ୦୬୬୫୮-୨୨୩୦୪୪ | ୧୪ | ଆଠଗଡ଼: ଆଠଗଡ଼ ଓ ବାଙ୍କି ଉପ ବିଭାଜନ | ୦୬୭୨୩-୨୨୦୨୧୪ |
| ୧୫ | କଟକ: କଟକ (ଆଠଗଡ଼ ଓ ବାଙ୍କି ଉପ ବିଭାଜନ ବ୍ୟତୀତ), ଯାଜପୁର, ଜଗତ୍‌ସିଂହପୁର ଓ କେନ୍ଦ୍ରାପଡ଼ା ଜିଲ୍ଲା | | | | ୦୬୭୧-୨୫୪୯୧୩୩ |

OIPR-31003/11/0002/2122 — ସ୍ୱା./- ବୟନଶିଳ୍ପ ଓ ହସ୍ତତନ୍ତ ନିର୍ଦ୍ଦେଶକ, ଓଡ଼ିଶା।

अखिल भारतीय आयुर्विज्ञान संस्थान (एम्स), भुवनेश्वर
**ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR**
Sijua, Post : Dumuduma, Bhubaneswar - 751019
AIIMS/BBSR/EE(ELECT.)/MANIFOLD ROOM/102/2021 Dated: 27th May 2021

**NOTICE INVITING E-TENDER**

The All India Institute of Medical Sciences (AIIMS), Bhubaneswar invites e-Tender for **"Supply, Installation, Testing and Commissioning for Providing Power Supply & Internal Work at Manifold Room, AIIMS, Bhubaneswar."** Detailed description, terms & conditions and document for processing e-Tender along with last date of submission can be viewed and downloaded from e-Tender portal of AIIMS, Bhubaneswar website **www.aiimsbhubaneswar.nic.in.**

Sd/-
Executive Engineer (Electrical)
AIIMS, Bhubaneswar

**ODISHA COOPERATIVE TASAR & SILK FEDERATION LTD. (SERIFED)**
Sahid Nagar, Janpath, Bhubaneswar-751007, Tel : 0674-2545586 / 2545852 (O), E-mail: serifedodisha@gmail.com, Website: www.serifedodisha.in
Bid identification no:- VI-37(01)/SERIFED/2021-22/596/ DT.24.05.2021

**INVITATION FOR BIDS (e-Procurement)**

The MANAGING DIRECTOR (SERIFED), Odisha, Bhubaneswar invites Item rate Tenders in single cover system in ONLINE MODE only, for the work **"Construction of Heritage Gate" at Balipatna, Khordha Dist.** The bid documents such as DTCN/BOQ etc. can be seen/downloaded from the government website : **www.tendersodisha.gov.in** during the period **dt. 01.06.2021 to 17.00** hours up to **dt. 16.06.2021.** Online bids shall be received till **17.00 hours dt. 16.06.2021** & shall be opened at **11.30 AM on Dt. 17.06.2021.** Any addendum / corrigendum / cancellation of tender can also be seen in the said website.

Sd/-
MANAGING DIRECTOR

**OFFICE OF THE EXECUTIVE ENGINEER, RWS&S DIVISION, BHANJANAGAR-761126**
Phone No. 06821-241026 (O) / 241079 (R),
Fax No.-06821- 241026/240056
e-mail:eerwss_bnj@nic.in, eerwssbnj2009@gmail.com
No.O-263:- **Govt. of Orissa 'e' Procurement Notice**
**Bid Identification No. E.E._RWS&S_12/2021-22**

1. The Executive Engineer, RWS&S Division, Bhanjanagar, Ganjam on behalf of Governor of Odisha invites percentage rate / $G_2$ bid in double cover system according to the norm of 'e' Procurement system in online mode for different PWS Schemes in Ganjam District from the eligible contractors as per DTCN.
2. Nature of work : Supplying all labour T&P and materials for construction, testing, Commissioning of RCC ESR construction of valve chamber, providing 100% FHTC, laying of distribution of pipeline etc for PWS to Village Singipur under J.N. Prasad Block in the Ganjam District.
3. No. of tender : 01 No.
4. Tender paper cost : Rs.10000/-
5. Tender cost : 71.89
6. Class of contractor : B & A Class
7. Date and time of availability of bid document in the portal : Dt.31.05.2021 at 11.00 A.M. to 09.06.2021 upto 5.00 P.M.
8. Date of opening of bid : Dt.11.06.2021 at 11.00 A.M.
9. Period of completion : 330 (Three hundred thirty) days
10. The bidders have to participate in online bidding only. Further details can be seen from the website https://tendersorissa.gov.in

Sd./- Executive Engineer, RWS&S Division, Bhanjanagar
OIPR-25021/11/0008/2122

କୌଣସି ଏକ ବିଶେଷ ମତବାଦ ସତ୍ୟ ନୁହେଁ କି ମିଥ୍ୟା ନୁହେଁ। ତାହା କେବଳ ଜୀବନ ଯାତ୍ରା ପକ୍ଷରେ ସୁବିଧାଜନକ ବା ଅସୁବିଧାଜନକ। କାରଣ ସେହି ମତବାଦକୁ କାଳ ସୃଷ୍ଟି କରିଛି ଏବଂ ସେହି କାଳ ମଧ୍ୟରେ ହିଁ ତା'ର ଫଳ ଓ ମୂଲ୍ୟ ନଷ୍ଟ ହୋଇଯାଏ। ମତବାଦର ଊର୍ଦ୍ଧ୍ୱକୁ ଉଠିଯାଅ। ଚିରନ୍ତନ ସତ୍ୟକୁ ଅନୁସନ୍ଧାନ କର। -ଶ୍ରୀଅରବିନ୍ଦ



# ସ୍ଥାନୀୟ ଗଣମାଧ୍ୟମର ସୁରକ୍ଷା ଲୋଡ଼ା



ମାଇକେଲ ମିର୍‌ନୀ

୨୦୨୧ରେ ବିଶ୍ୱ କୋଭିଡ୍-୧୯ ମହାମାରୀରୁ ମୁକୁଳିବା ଆରମ୍ଭ କରିବ। ଏଥିପାଇଁ ଅଭୂତପୂର୍ବ ବୈଜ୍ଞାନିକ ସହଯୋଗ ଓ ବୈଶ୍ୱିକ ଟିକାକରଣକୁ ସବୁ ଶ୍ରେୟ ଦିଆଯିବ। ବିଶ୍ୱ ଅର୍ଥବ୍ୟବସ୍ଥା ସଙ୍କଟରୁ ବାହାରି ଆସିବ। ଲୋକମାନେ ସେମାନଙ୍କ ସ୍ଥିତିକୁ ଫେରିବାକୁ ଅଗ୍ରସର ହେବେ। କିନ୍ତୁ ପୁରୁଣା ସ୍ଥିତିକୁ ଫେରିବା କଷ୍ଟକର ହୋଇଯିବ। ଶିଳ୍ପଗୁଡ଼ିକ ସବୁଦିନ ଲାଗି ବନ୍ଦ ହୋଇଯିବ। କିନ୍ତୁ ଆମେ ସ୍ୱାଧୀନ ଗଣମାଧ୍ୟମକୁ ଏମାନଙ୍କ ମଧ୍ୟରେ ସାମିଲ ହେବାକୁ ଦେବା ନାହିଁ। ସ୍ୱାସ୍ଥ୍ୟ ଓ ଲୋକମାନଙ୍କ ଜୀବନ ଜୀବିକା ସମ୍ପର୍କିତ ଦୋଷଦର୍ଶୀ ଖବର ପ୍ରସାରଣରେ ସ୍ଥାନୀୟ ଗଣମାଧ୍ୟମର ଭୂମିକାକୁ ମହାମାରୀ ଢେର ଗୁରୁତ୍ୱ ଦେଇଛି। ରୁ୍ୟଟର ଇନ୍‌ଷ୍ଟିଚ୍ୟୁଟ୍ ଫର୍ ଦି ଷ୍ଟଡି ଅଫ୍ ଜର୍ନାଲିଜମ ସ୍ଥାନୀୟ ଗଣମାଧ୍ୟମର ଭୂମିକାକୁ ନେଇ ସର୍ଭେ କରିଛି ଏବଂ ତା'ଦ୍ୱାରା ପ୍ରକାଶିତ ୨୦୨୦ ଡିଜିଟାଲ ନ୍ୟୁଜ ରିପୋର୍ଟ ଅନୁସାରେ ସ୍ଥାନୀୟ ଖବରକାଗଜ ଏବଂ ସେମାନଙ୍କ ୱେବ୍‌ସାଇଟ୍‌ଗୁଡ଼ିକ ନିର୍ଦ୍ଦିଷ୍ଟ ସହର କିମ୍ବା ଅଞ୍ଚଳରେ ଅଧିକ ଖବର ପ୍ରସାରଣ କରିଛନ୍ତି। ଏପରି କି ସପ୍ତାହରେ ପ୍ରତି ୧୦ ଜଣରେ ଜଣଙ୍କ ପାଖରେ ଏହା ପହଞ୍ଚିପାରିଛି। ମହାମାରୀ ସମୟରେ ଏହି ଗଣମାଧ୍ୟମ ଲୋକମାନଙ୍କୁ ପ୍ରାଥମିକ ସ୍ୱାସ୍ଥ୍ୟ ପ୍ରତିଷେଧକ, କୋଭିଡ୍ ପରୀକ୍ଷା କେନ୍ଦ୍ର ଏବଂ ଟିକାକରଣ ପ୍ରକ୍ରିୟା ଉପରେ ତଥ୍ୟ ଦେବାରେ ସାହାଯ୍ୟ କରିଛି। ଲୋକମାନଙ୍କ ମଧ୍ୟରେ କରୋନା ଭୂତାଣୁ ଓ ଟିକାକୁ ନେଇ ରହିଥିବା ଭ୍ରମାତ୍ମକ ଧାରଣା ଦୂର କରିପାରିଛି। କରୋନା ଭୂତାଣୁ ସମ୍ପର୍କରେ ଲୋକଙ୍କ ଚିନ୍ତା ବା ବ୍ୟଗ୍ରତା ବଢ଼ିଥିବାବେଳେ ଗଣମାଧ୍ୟମ ଉପଯୋଗ ମଧ୍ୟ ଆଗକୁ ଯାଇପାରିଛି। କିନ୍ତୁ ଆଇଆର୍‌ଇଏକ୍ସର ବାର୍ଷିକ ମିଡିଆ ସସ୍‌ଟେନ୍‌ବିଲିଟି ଇଣ୍ଡେକ୍ସ ମୁତାବକ ପୂର୍ବ ୟୁରୋପରେ ଗଣମାଧ୍ୟମର ବହୁଳ ଉପଯୋଗ ସତ୍ତ୍ୱେ ଏହା ଅଧିକ ଆୟ କରିବାକୁ ସକ୍ଷମ ହୋଇପାରିନି। ଉଦାହରଣ ସ୍ୱରୂପ, ଜର୍ଜିଆ ଏବଂ ସର୍ବିୟାରେ ସ୍ଥାନୀୟ ଗଣମାଧ୍ୟମର ପାଠକୀୟ ଆଦୃତି ମହାମାରୀ ପୂର୍ବରୁ ଓ ମହାମାରୀ ସମୟରେ ଉଲ୍ଲେଖନୀୟ ବୃଦ୍ଧି ଘଟିଥିଲେ ମଧ୍ୟ ବିଜ୍ଞାପନ ବାବଦୀୟ ଆୟ ଲଗାତର କମିବାରେ ଲାଗିଛି। ବୋସ୍‌ନିଆ ଏବଂ ହର୍ଜେଗୋଭିନାରେ ଗତ ୧୦ ବର୍ଷ ମଧ୍ୟରେ ଗଣମାଧ୍ୟମର ବିଜ୍ଞାପନ ମାର୍କେଟ ୬୦% ହ୍ରାସ ପାଇଛି ବୋଲି ଆକଳନରୁ ଜଣାପଡ଼ିଛି। ଏପରି କି ମହାମାରୀ ପୂର୍ବରୁ ଆଇଆର୍‌ଇଏକ୍ସର ଅନୁଧ୍ୟାନରୁ ଜଣାପଡ଼ିଛି ଯେ, ପୂର୍ବ ୟୁରୋପରେ ଆଞ୍ଚଳିକ ସ୍ତରରେ ବିଜ୍ଞାପନ ମାର୍କେଟ ଅତି ଖରାପ ହେବାରୁ ସେଠାକାର ସରକାର, ରାଜନୈତିକ ଦଳ ଏବଂ ଘରୋଇ ସଂସ୍ଥାଗୁଡ଼ିକ ଆର୍ଥିକ ସହଯୋଗ କରିବାକୁ ଆଗକୁ ଆସିଥିଲେ। ଏହି ଧାରା ମଧ୍ୟ ମହାମାରୀ ପରେ ତୀବ୍ର ହେବ ଏବଂ କୋଭିଡ୍-୧୯ରୁ ସୃଷ୍ଟ ଆର୍ଥିକ ଚାପରେ ଶ୍ୱାସରୁଦ୍ଧ ହୋଇଯାଇଥିବା ସ୍ଥାନୀୟ ଗଣମାଧ୍ୟମ ସଂସ୍ଥାଗୁଡ଼ିକ ଧନୀ ତଥା ପ୍ରଭାବଶାଳୀ ବ୍ୟବସାୟୀ କିମ୍ବା ଦମନକାରୀ ସରକାରଙ୍କ ନିୟନ୍ତ୍ରଣକୁ ଚାଲିଯାଇପାରନ୍ତି, ଯାହାଦ୍ୱାରା ସେମାନଙ୍କ ସ୍ୱାଧୀନତା ସମ୍ପୂର୍ଣ୍ଣ କ୍ଷୁଣ୍ଣ ହେବ।

ଗଣମାଧ୍ୟମ ଉପରେ ଦେଖାଦେଇଥିବା ଏଭଳି ବିପଦ କେବଳ ପୂର୍ବ ୟୁରୋପରେ ସୀମିତ ନୁହେଁ। ୨୦୨୦ର ଫ୍ରିଡମ୍ ହାଉସ୍‌ର ରିପୋର୍ଟ ' ବେଜିଂସ୍ ଗ୍ଲୋବାଲ ମେଗାଫୋନ୍' ଅନୁଯାୟୀ ଚାଇନା ଦକ୍ଷିଣ ଆଫ୍ରିକା ଓ ଇଟାଲୀ ଭଳି କେତେକ ଦେଶର ସୂଚନା ଭିତ୍ତିଭୂମି ଉପରେ ପ୍ରଭାବ ବିସ୍ତାର କରୁଛି। ଚାଇନାର ଖବର ପ୍ରସାରଣ କରୁଥିବା ପ୍ଲାଟଫର୍ମଗୁଡ଼ିକୁ ଏହାର ନିୟନ୍ତ୍ରଣରେ ରଖିଛି। ଏଭଳି ଚାପ ଦ୍ୱାରା ନିଜ କାର୍ଯ୍ୟକ୍ରମକୁ ଆଗକୁ ବଢାଇବା ପାଇଁ କ୍ଷୁଦ୍ର ସ୍ଥାନୀୟ ଗଣମାଧ୍ୟମଗୁଡ଼ିକୁ ଉପଯୋଗ କରୁଥିବା ସରକାରୀ ଅଧିକାରୀମାନଙ୍କ ହାତରେ ଏହା ଶେଷ ହୋଇଯିବାର ସମ୍ଭାବନା ଦେଖାଦେଇଛି। ଏହା ସହ ଚାଇନାରେ ସବୁବେଳେ ଏକ ଅସ୍ୱଷ୍ଟ ସିଦ୍ଧାନ୍ତ ହୋଇରହିଥିବା ସମ୍ପାଦକୀୟ ସ୍ୱାଧୀନତା ମୋଟ ଉପରେ ସମ୍ପୂର୍ଣ୍ଣ ଶେଷ ହୋଇଯିବ। ଏହା ମଧ୍ୟ ସୀମିତ ସାମ୍ବାଦିକତାର ନିଜସ୍ୱ ସେନସର୍‌ଶିପରେ ଅଧିକ ବାଧା ଉପୁଜାଇବ। ଏହି ପରିସ୍ଥିତିରୁ ଦୂରେଇ ରହିବାକୁ ହେଲେ ଇଣ୍ଟରନ୍ୟାଶନାଲ ମିଡିଆ ଡେଭଲପ୍‌ମେଣ୍ଟ ଅର୍ଗାନାଇଜେଶନ ୬ଟି ଦିଗ ଉପରେ ଧ୍ୟାନ ଦେଇ ସ୍ୱାଧୀନ ସ୍ଥାନୀୟ ଗଣମାଧ୍ୟମ ସମ୍ମୁଖୀନ ହେଉଥିବା ଆହ୍ୱାନଗୁଡ଼ିକୁ ସମାଧାନ କରିବାକୁ ପଡ଼ିବ। ପ୍ରଥମତଃ କୋଭିଡ୍ ମହାମାରୀ ଅନ୍‌ଲାଇନ ଏବଂ ମୁଭିଂ ମିଡିଆକୁ ପାରମ୍ପରିକ ବିତ୍ତୀୟ ଢାଞ୍ଚାଠାରୁ ଦୂରେଇ ଯିବାର ଗତିକୁ ତୀବ୍ର କରିଛି। ଏବେ ନୂଆ ମଡେଲ ଭାବେ ମୁଣ୍ଡ ଟେକୁଥିବା କୋଭିଡ୍ ଫଣ୍ଡିଂ ଏବଂ ଅନ୍‌ଲାଇନ ବିଜ୍ଞାପନ ଅନୁଦାନକାରୀ ଉତ୍ସ ଉପରେ ସ୍ଥାନୀୟ ଗଣମାଧ୍ୟମର ନିର୍ଭରଶୀଳତାକୁ ହ୍ରାସ କରିବ ଏବଂ ସମ୍ପାଦକୀୟ ସ୍ୱାଧୀନତାକୁ ଚାପିଦେବାକୁ ଚାହୁଁଥିବା ରାଜନୈତିକ ଏବଂ ବ୍ୟବସାୟ ମାନଙ୍କ ପ୍ରଭାବକୁ ପ୍ରତିହତ କରିବ। ଦ୍ୱିତୀୟ ପ୍ରାଥମିକତା ହେଉଛି, ଡିଜିଟାଲ ପ୍ଲାଟଫର୍ମଗୁଡ଼ିକ ନିବେଶ ଲାଗି ଆର୍ଥିକ ଋଣ କେମିତି ପାଇବେ ସେଥି ନିମନ୍ତେ ସ୍ୱାଧୀନ ଗଣମାଧ୍ୟମଗୁଡ଼ିକୁ ସହଯୋଗ କରିବାକୁ ପଡ଼ିବ। ସ୍ଥାନୀୟ ଖବର କେନ୍ଦ୍ରଗୁଡ଼ିକ ସେମାନଙ୍କ ଅନ୍‌ଲାଇନ ଉପସ୍ଥିତିକୁ ଆଗକୁ ବଢାଇବାରେ ଲାଗିଛନ୍ତି। କିନ୍ତୁ ଏହା ଉପରେ ନିବେଶ କରିବାକୁ ହେଲେ ଡିଜିଟାଲ ସୁବିଧାସୁଯୋଗ ଉପରେ ଭଲ ଭାବେ ବିଚାର କରିବା ଆବଶ୍ୟକ। କ୍ଷୁଦ୍ର ସ୍ଥାନୀୟ ଗଣମାଧ୍ୟମ କିଭଳି ଲୋକମାନଙ୍କୁ ଗୁଣବତ୍ତା ଖବର ଯୋଗାଇଦେବ ଏବଂ ସୋସିଆଲ ନେଟ୍‌ୱର୍କରେ ଅନ୍‌ଲାଇନ ପ୍ରତିଯୋଗିତାରେ କିପରି ତିଷ୍ଠି ରହିବେ ସେ ସମ୍ପର୍କିତ କୌଶଳ ଜାଣିବା ଲାଗି ସହାୟକ ଅନୁଷ୍ଠାନଗୁଡ଼ିକରୁ ସହଯୋଗ ଏବଂ ପ୍ରଶିକ୍ଷଣ ଲାଭ କରିବା ଆବଶ୍ୟକ। ତୃତୀୟ ଦିଗଟି ହେଲା, ଚାପରେ ରହିଥିବା ଗଣମାଧ୍ୟମ ସଂସ୍ଥା ଏବଂ ସାମ୍ବାଦିକମାନଙ୍କୁ ସହଯୋଗ କରିବା ପାଇଁ ନୂତନ ସରକାରୀ ଏବଂ ବେସରକାରୀ ଜରୁରୀ ପାଣ୍ଠି ଗଠନ କରିବାକୁ ପଡ଼ିବ। ଏହି ପାଣ୍ଠି ଗଣମାଧ୍ୟମ ସଂସ୍ଥାଗୁଡ଼ିକୁ ବହୁତ ସାହାଯ୍ୟ କରିବ। ସିଭିଲ୍ ସୋସାଇଟି ଅନୁଷ୍ଠାନଗୁଡ଼ିକ ପାଇଁ ଫ୍ରିଡମ୍ ହାଉସର ଲାଇଫ୍‌ଲାଇନ ଏମ୍ବାଟେଲଡ ସିଏସ୍‌ଓ ଆସିଷ୍ଟାଣ୍ଟ ଫଣ୍ଡ୍ କିମ୍ବା ଲୁମିନେଟ୍‌ର ଇଣ୍ଟରନ୍ୟାଶନାଲ ଫଣ୍ଡ ପବ୍ଲିକ ଇଣ୍ଟରେଷ୍ଟ ମିଡିଆ ଭଳି ଅନେକ ଫଣ୍ଡ୍ ଜରୁରୀ ସହାୟତା ଏବଂ ଅନୁଦାନ ପାଇଁ ଗଠନ କରାଯିବା ଉଚିତ। ଆଞ୍ଚଳିକ ଗଣମାଧ୍ୟମ ସମ୍ମୁଖୀନ ହେଉଥିବା ଆହ୍ୱାନଗୁଡ଼ିକୁ ସମାଧାନ କରିବା ଲାଗି ଗୋଟିଏ କି ଦୁଇଟି ପଦକ୍ଷେପ ଯଥେଷ୍ଟ ହେବ ନାହିଁ। ଏହା ବଦଳରେ ଏହି ସମସ୍ୟାଗୁଡ଼ିକୁ ଅଧିକ ନିୟନ୍ତ୍ରଣ କରିବାକୁ ସରକାରୀ ଏବଂ ବେସରକାରୀ ଅନ୍ତର୍ଜାତୀୟ ଅନୁଷ୍ଠାନଗୁଡ଼ିକ ଉପଯୁକ୍ତ ପଦକ୍ଷେପ ନେବା ଦରକାର।

ଚତୁର୍ଥତଃ- ସାମ୍ବାଦିକ, ସମ୍ପାଦକ ଏବଂ ପ୍ରାୟୋଜକମାନଙ୍କୁ ମିଡିଆ ଲିଟେରାସି ଟ୍ରେନିଂ ଦେବାକୁ ପଡିବ। ମିଥ୍ୟା ତଥ୍ୟ ବା ସୂଚନା ବିରୋଧରେ ଲଢେଇ କରିବାକୁ ଏହା ଅପରିହାର୍ଯ୍ୟ। ବହୁ ସମୟରେ ତଥ୍ୟ ଉପରେ ଯାଞ୍ଚ କରିବା ଲାଗି ସମୟ ଏବଂ କୌଶଳର ଅଭାବ ରହିଥାଏ। ଅନେକ ସମୟରେ କୌଣସି ଏକ ବ୍ରେକିଂ ଷ୍ଟୋରୀ କରିବାକୁ ସତ୍ୟତା ଉପରେ ଅଧିକ ପ୍ରାଥମିକତା ଦିଆଯାଇନଥାଏ। ମିଡିଆ ଲିଟେରାସି, ତଥ୍ୟ ଯାଞ୍ଚ ଏବଂ ଭ୍ରମାତ୍ମକ ଧାରଣା ଦୂର କରିବା ଲାଗି କ୍ୟାରିୟର ମଧ୍ୟରେ ସାମ୍ବାଦିକମାନଙ୍କ ପ୍ରଶିକ୍ଷଣକୁ ବ୍ୟାପକ କରିବା ଦରକାର। ପଞ୍ଚମରେ ମିଡିଆ ପ୍ରଫେଶନାଲମାନଙ୍କୁ ବିତ୍ତୀୟ ମନୋବୈଜ୍ଞାନିକ ସମର୍ଥନ ପାଇଁ ପାଣ୍ଠି ଯୋଗାଉଥିବା ଅନ୍ତଃରାଷ୍ଟ୍ରୀୟ ସଂସ୍ଥାଗୁଡ଼ିକ ସାହାଯ୍ୟ କରିବା ଉଚିତ। ମହାମାରୀର ସମ୍ମୁଖ ଭାଗର ରିପୋର୍ଟ ଉପରେ ଲୋକମାନଙ୍କର ଅଧିକ ଆଗ୍ରହ ରହିଛି। ଏହି ରିପୋର୍ଟ ସଂଗ୍ରହରେ ବ୍ୟସ୍ତ ସାମ୍ବାଦିକ ଓ ସ୍ୱାଧୀନ ଭାବେ ବିଭିନ୍ନ ବିଷୟ ପ୍ରସ୍ତୁତ କରୁଥିବା ବ୍ୟକ୍ତିମାନଙ୍କ ଉପରେ ଚାପ ପଡୁଛି। କିନ୍ତୁ ମିଡିଆ କମ୍ପାନୀଗୁଡ଼ିକ ଏହି ଆହ୍ୱାନଗୁଡିକୁ ସମ୍ମୁଖୀନ ହେଉଥିବା କର୍ମଚାରୀମାନଙ୍କୁ ଖୁବ କମ୍ ମନସ୍ତାତ୍ତ୍ୱିକ ସହଯୋଗ ଯୋଗାଉଛନ୍ତି। ମନସ୍ତାତ୍ତ୍ୱିକ ସହଯୋଗ ପ୍ରକ୍ରିୟା ସାମ୍ବାଦିକ ମାନଙ୍କୁ ପ୍ରଫେଶନରେ ରହିବା ପାଇଁ ସାହାଯ୍ୟ କରିବ ଏବଂ ମହାମାରୀ ପରବର୍ତ୍ତୀ ସମୟରେ ଲୋକମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ସୂଚନା ସେମାନେ ଯୋଗାଇଦେବା ପ୍ରକ୍ରିୟାକୁ ନିଶ୍ଚିତ କରିବ।

ଶେଷ ତଥା ଷଷ୍ଠ କଥାଟି ହେଉଛି ଅନୁସନ୍ଧାନଭିତ୍ତିକ ସାମ୍ବାଦିକତା। ଏହାକୁ ସମର୍ଥନ କରିବା ଜରୁରୀ। ବିଶ୍ୱବ୍ୟାଙ୍କ ଅନୁଯାୟୀ, ବିକାଶଶୀଳ ଦେଶଗୁଡ଼ିକ ଲାଗି ଦୁର୍ନୀତି ଏକ ବଡ ବାଧକ । ଏହାକୁ ରୋକିବା ଲାଗି ଅନୁସନ୍ଧାନମୂଳକ ସାମ୍ବାଦିକତା ଏକ ପ୍ରମୁଖ ଅସ୍ତ୍ର । କିନ୍ତୁ ବହୁ ସମୟରେ ଏହାକୁ ଅଣଦେଖା କରାଯାଉଛି। ଅନ୍‌ଲାଇନ ତଥ୍ୟ ଭଣ୍ଡାର ଏବଂ ଶସ୍ତା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସର ଉପଲବ୍ଧତା ତଥ୍ୟ ଉପରେ ଅନୁସନ୍ଧାନ କରିବା ନିମନ୍ତେ ସୁବର୍ଣ୍ଣ ସୁଯୋଗ ଆଣି ଦେଇଛି। କିନ୍ତୁ ଏହାକୁ ଉପଯୋଗ କରିବା ପାଇଁ ସାମ୍ବାଦିକଙ୍କ ନିକଟରେ କୌଶଳର ଅଭାବ ରହିଛି। କ୍ଷୁଦ୍ର ସ୍ଥାନୀୟ ମିଡିଆ କେନ୍ଦ୍ରଗୁଡ଼ିକର ପ୍ରଫେଶନାଲମାନଙ୍କୁ କିଭଳି ତଥ୍ୟ ଅନୁସନ୍ଧାନ କରିବାକୁ ପଡ଼ିବ, ସେ ସମ୍ପର୍କରେ ପ୍ରଶିକ୍ଷଣ ଦିଆଗଲେ ତାହା ଦୁର୍ନୀତି କମାଇବ। ଏବକାର ବୈଶ୍ୱିକ ଗଣମାଧ୍ୟମ ଟ୍ରେଣ୍ଡ୍ ଚିନ୍ତା ବଢାଉଛି ହେଲେ ଏହାକୁ ସୁଧାରିବାର ବାଟ ବି ରହିଛି। ଡିଜିଟାଲ ମିଡିଆ ସମ୍ପ୍ରସାରଣ ଏବଂ ଗୁଣବତ୍ତା ତଥ୍ୟର ବ୍ୟାପକ ଗ୍ରହଣୀୟତା ସ୍ୱାଧୀନ ମିଡିଆ କେନ୍ଦ୍ରଗୁଡ଼ିକୁ ଏକ କ୍ଷେତ୍ର ପ୍ରସ୍ତୁତ କରିବାକୁ ସୁଯୋଗ ଦେଇପାରେ। ବିଶେଷକରି ଏହା ହିଁ ସ୍ଥାନୀୟ ଖବର କେନ୍ଦ୍ରଗୁଡ଼ିକ ଲାଗି ଖୁବ୍ ଗୁରୁତ୍ୱପୂର୍ଣ୍ଣ, ଯାହା ବିଶ୍ୱରେ ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ଏକ ସୂଚନା ଜୀବନରେଖା ହୋଇ ରହିବ।

ଡାଇରେକ୍ଟର, ଇନ୍‌ଫର୍ମେଶନ
ଆଣ୍ଡ ମିଡିଆ ପ୍ରାକ୍ଟିସ୍, ଆଇଆରଇଏକ୍ସ

# ଋତୁସ୍ରାବ ଓ ବାଲ୍ୟ ବିବାହ



ଘାସିରାମ ପଣ୍ଡା

ଋତୁସ୍ରାବକୁ ନେଇ ସାଧାରଣରେ ବିଶେଷ ଆଲୋଚନା ହୁଏ ନାହିଁ। ପରମ୍ପରା ଓ ଧାର୍ମିକ ଧାରଣା ଦ୍ୱାରା ନିୟନ୍ତ୍ରିତ ହେବା କାରଣରୁ ଋତୁସ୍ରାବକୁ ନେଇ ଅନେକ ଭ୍ରମଧାରଣା ରହିଛି। ମହିଳାମାନଙ୍କୁ ଏହାର ପ୍ରତିକୂଳ ପ୍ରଭାବ ସହିବାକୁ ପଡୁଥିଲେ ବି ଲଜ୍ଜା ଓ ସଂକୋଚ କାରଣରୁ ଏଗୁଡ଼ିକ ଚର୍ଚ୍ଚାକୁ ଆସେ ନାହିଁ। ଏହା ମହିଳାମାନଙ୍କ ବ୍ୟକ୍ତିଗତ ବ୍ୟାପାର ବୋଲି ଧରି ନିଆଯାଇଛି। ସେହିପରି ପୁରୁଷମାନେ ଏ ବିଷୟରେ ଜାଣିବା ଓ କଥା ହେବାର ସମ୍ଭାବନା ପ୍ରାୟ ନ ଥାଏ। ଏସବୁ କାରଣରୁ ଋତୁସ୍ରାବଜନିତ ସ୍ୱାସ୍ଥ୍ୟଗତ ଓ ସାମାଜିକ ସମସ୍ୟାକୁ ମହିଳାମାନେ ଅଭ୍ୟାସଗତ ଭାବେ ସହି ଆସୁଛନ୍ତି। କେହି କେହି ସମସ୍ୟାକୁ ଅନୁଭବ କରୁଥିଲେ ବି ପରମ୍ପରା ଓ ଧାର୍ମିକ ଧାରଣାକୁ ପ୍ରତିବାଦ କରିବା ଭଳି ସାହସ ଜୁଟାଇ ପାରୁନାହାନ୍ତି। ଋତୁସ୍ରାବଜନିତ ଶିକ୍ଷା ଓ ସଚେତନତାର ପ୍ରସାର ହେତୁ ସମଗ୍ର ବିଶ୍ୱରେ ମେ ୨୮କୁ ବିଶ୍ୱ ଋତୁସ୍ରାବ ପରିଚ୍ଛନ୍ନତା ଦିବସ ଭାବରେ ପାଳନ କରାଯାଏ। ଦିବସ ପାଳନର ବ୍ୟାପକତା ଓ ବିଭିନ୍ନ ସ୍ତରରେ ଅଧିକରୁ ଅଧିକ ଆଲୋଚନା ହିଁ ଏ ସମ୍ପର୍କରେ ଭ୍ରମଧାରଣା ଦୂରୀକରଣରେ ସହାୟକ ହେବ।

ଋତୁସ୍ରାବ ସମୟରେ ଅସ୍ୱାସ୍ଥ୍ୟକର ପରିବେଶ ଓ ଅପରିଚ୍ଛନ୍ନତା କାରଣରୁ ଅନେକ ସ୍ୱାସ୍ଥ୍ୟ ସମସ୍ୟା ଦେଖାଯାଏ। ଏହା ବ୍ୟତୀତ ଋତୁସ୍ରାବ କାରଣରୁ ଅନେକ ସାମାଜିକ ସମସ୍ୟା ମଧ୍ୟ ଉପୁଜିଥାଏ। ଅନେକ ଜାତି ଓ ଗୋଷ୍ଠୀରେ ବୟସ ନିର୍ବିଶେଷରେ ପ୍ରଥମ ଋତୁସ୍ରାବ ପରେ ବାଳିକାମାନଙ୍କୁ ବିବାହଯୋଗ୍ୟା ମନେକରାଯାଏ। ରାୟଗଡ଼ା ଜିଲା ଗୁଡ଼ାରି ବ୍ଲକର ଏକ ଗାଁରେ ଲୋକଙ୍କ ସମସ୍ୟା ବିଷୟରେ ଆଲୋଚନା କରିବା ପାଇଁ ଆମେ ଯେତେବେଳେ ପହଞ୍ଚିଲୁ ଗାଁରେ ନାଚ ଗୀତ, ଭୋଜିଭାତ ହେଉଥିଲା। କାରଣ କ'ଣ ପଚାରିବାରୁ ଜଣାପଡ଼ିଲା, ସୁମିତ୍ରା ଆଜି ବଡ଼ ହୋଇଯାଇଛି। ସେଇ କାରଣରୁ ତାଙ୍କ ଘର ଲୋକେ ଗ୍ରାମବାସୀ ତଥା ବନ୍ଧୁବାନ୍ଧବଙ୍କୁ ନିମନ୍ତ୍ରଣ ପୂର୍ବକ ଉତ୍ସବର ଆୟୋଜନ କରିଛନ୍ତି। କିଶୋରୀ ବୟସରେ ପ୍ରଥମ ଋତୁସ୍ରାବ ହେଲେ ଝିଅ ବଡ଼ ହେଲା ବୋଲି କୁହାଯାଏ। ପରିବାର, ବନ୍ଧୁବାନ୍ଧବ ସିନା ମଉଜ କରୁଥିଲେ ହେଲେ ଝିଅଟିକୁ ଗୁହାଳ ଘରେ ଅଖାକୁ ଘୋଡ଼େଇ ତିଆରି ହୋଇଥିବା ଏକ ସ୍ୱତନ୍ତ୍ର ବଖରାରେ ଅତି ଅସୁରକ୍ଷିତ, ଅସ୍ୱାସ୍ଥ୍ୟକର ଓ ଅପରିଚ୍ଛନ୍ନ ଭାବେ ରଖାଯାଇଥିଲା। ପ୍ରଥମ ଋତୁସ୍ରାବ ହେଲା ପରେ ଉତ୍ସବ ପାଳନର ପରମ୍ପରା ଅନେକ ଜାତି ଓ ଗୋଷ୍ଠୀରେ ଏବେ ବି ପ୍ରଚଳିତ ଅଛି। ଏମାନଙ୍କ ଭିତରୁ ଅନେକଙ୍କ ପରମ୍ପରାରେ ବୟସ ଜାଣିବା ବା ମନେରଖିବାକୁ ଗୁରୁତ୍ୱ ଦିଆଯାଏ ନାହିଁ। ଋତୁସ୍ରାବ ପୂର୍ବରୁ ବିବାହକୁ ଏମାନେ ବାଲ୍ୟ ବିବାହ ବୋଲି ବିବେଚନା କରନ୍ତି। ଏଣୁ ଋତୁସ୍ରାବ ହେଲେ ଭୋଜିଭାତ କରି ବିବାହ ହେବାର ଯୋଗ୍ୟା ହେଲା ବୋଲି ଘୋଷଣା କରନ୍ତି।

ୱାଟରଏଡ୍ ଦ୍ୱାରା କରାଯାଇଥିବା ଏକ ସର୍ବେକ୍ଷଣ ଅନୁଯାୟୀ ଭାରତରେ ୭୦ ଭାଗ ଝିଅ ପ୍ରଥମ ଋତୁସ୍ରାବ ବେଳକୁ ଏ ନେଇ ସମ୍ପୂର୍ଣ୍ଣ ଅଜ୍ଞ ଥାଆନ୍ତି। ସେମାନଙ୍କ ସହ କ'ଣ ଘଟୁଛି ସେମାନେ ଜାଣିପାରି ନ ଥାନ୍ତି ; ଫଳରେ ଅପ୍ରସ୍ତୁତ ଅନୁଭବ କରନ୍ତି। ପ୍ରଥମ ଋତୁସ୍ରାବ ପରେ ସେମାନଙ୍କର ଜୀବନ ଶୈଳୀ ହଠାତ୍ ନିୟନ୍ତ୍ରିତ ହୋଇଯାଏ। ସେମାନଙ୍କର ବୁଲିବା, ପୁଅ ପିଲାଙ୍କ ସହ ସାଙ୍ଗ ହେବା, ପୋଷାକ ପିନ୍ଧିବା ପ୍ରଭୃତି ନିଜ ଇଚ୍ଛା ଅନୁସାରେ ହୁଏ ନାହିଁ। ଏ ନେଇ ସେମାନଙ୍କ ମନରେ ଆସୁଥିବା ପ୍ରଶ୍ନର ଉତ୍ତର ବଦଳରେ ଜବାବ ନ ଦେବା ପାଇଁ ତାଗିଦ୍ ମିଳେ। ଏହା ସେମାନଙ୍କୁ ମାନସିକ ଭାବେ ପ୍ରଭାବିତ କରେ। ଭାରତରେ ୨୩ ଭାଗ କିଶୋରୀ ଏଥିପାଇଁ ବିଦ୍ୟାଳୟ ଯିବା ବନ୍ଦ କରିଦିଅନ୍ତି। ଆମ ବିଦ୍ୟାଳୟଗୁଡ଼ିକରେ ଋତୁସ୍ରାବ ସମ୍ପର୍କରେ ଆଲୋଚନା ହୁଏ ନାହିଁ। ଋତୁସ୍ରାବ ହେଲେ ପରିଚ୍ଛନ୍ନ ପରିବେଶରେ ପ୍ୟାଡ୍‌ଟିଏ ବଦଳେଇବା ପାଇଁ ଜାଗାଟେ ନ ଥାଏ। ଏଥିପାଇଁ ମାସରେ ପ୍ରାୟ ପାଞ୍ଚ ଦିନ ଏମାନଙ୍କର ବିଦ୍ୟାଳୟ ଯିବା ପ୍ରଭାବିତ ହୁଏ। ଏହା କ୍ରମଶଃ କିଶୋରୀମାନଙ୍କୁ ବିଦ୍ୟାଳୟ ଛାଡ଼ିବାକୁ ବାଧ୍ୟ କରେ। କିଶୋରୀ ବୟସରେ ବିଦ୍ୟାଳୟ ପରିସରରୁ ଥରେ ବାହାରି ଗଲେ ମାତାପିତାଙ୍କ ପାଇଁ ଝିଅ ବୋଝ ମନେହୁଏ। ସେମାନଙ୍କ ପାଇଁ ଝିଅଟିକୁ ବାହା କରେଇ ଦେବା ଏକମାତ୍ର ଲକ୍ଷ୍ୟ ହୋଇ ରୁହେ। ଝିଅ ମାତ୍ରେ ହିଁ ବିବାହ କରିବେ, ଛୁଆ ଜନ୍ମ କରିବେ ଏଭଳି ରୂଢ଼ିବାଦୀ ମାନସିକତାର ଏକ ସମାଜ ଭିତରେ ରହୁଥିବା ମାତାପିତା ପ୍ରଥମ ଋତୁସ୍ରାବ ପରେ ଝିଅକୁ ବିବାହଯୋଗ୍ୟା ବୋଲି ଭାବିବା ବାଲ୍ୟ ବିବାହକୁ ପ୍ରୋତ୍ସାହିତ କରେ। ଏହା ବ୍ୟତୀତ ଋତୁସ୍ରାବ କାରଣରୁ ପାଠପଢ଼ା ବ୍ୟାହତ ହେବା ଓ ଝିଅ ଘରେ ବସି ରହିବାକୁ ଅସୁରକ୍ଷିତ ମନେ କରାଯିବା କାରଣରୁ ବିବାହକୁ ଏକମାତ୍ର ବିକଳ୍ପ ଭାବେ ଦେଖାଯାଉଥିବାରୁ ବାଲ୍ୟ ବିବାହ ବଢୁଛି।

ଋତୁସ୍ରାବକୁ ଲଜ୍ଜା ଓ ସଂକୋଚ ଭିତରୁ ବାହାରକୁ ଆଣି ଏକ ସାଧାରଣ ଶାରୀରିକ ପ୍ରକ୍ରିୟା ଭାବରେ ଗ୍ରହଣୀୟତା ବଢ଼େଇବାକୁ ହେଲେ ଏ ସମ୍ପର୍କିତ ଚର୍ଚ୍ଚା ଓ ଆଲୋଚନାକୁ ପ୍ରୋତ୍ସାହନ ଦେବାକୁ ହେବ। ଏ ଦିଗରେ ପୁରୁଷମାନେ ପୁରୋଧା ହେଲେ ପୁରୁଷ ପ୍ରଧାନ ସମାଜର ରୂଢ଼ିବାଦକୁ ଆହ୍ୱାନ ଦେବା ପାଇଁ ମହିଳାମାନେ ସାହସ ପାଇବେ। ବିଦ୍ୟାଳୟ ସ୍ତରରୁ ଏଥିପାଇଁ ପ୍ରୟାସ କରାଯିବା ଆବଶ୍ୟକ। ଋତୁସ୍ରାବଜନିତ ଅବଧାରଣା ଦୂର ହେଲେ ବାଲ୍ୟ ବିବାହକୁ ଅନେକ ମାତ୍ରାରେ ରୋକାଯାଇ ପାରିବ। ଏହା କିଶୋରୀ ଓ ମହିଳାଙ୍କୁ ସମ୍ମାନ ସହ ବଞ୍ଚିବାର ଅବକାଶ ସୃଷ୍ଟିରେ ସହାୟକ ହୋଇପାରିବ।

ମୋ-୭୯୭୮୭୪୬୮୫୧

## ଏଇ ଭାରତରେ

ଗୋଟିଏ ସମୟରେ ପରିବାରର ଦୁଇ ସଦସ୍ୟଙ୍କ ସମେତ ଅନ୍ୟ ତିନିଜଣ ସମ୍ପର୍କୀୟଙ୍କର କ୍ୟାନ୍‌ସରରେ ମୃତ୍ୟୁ ହେବା ପରେ ଗୁଣବୀର ସିଂ ଜୈବିକ କୃଷି ଅଭିଯାନ ଆରମ୍ଭ କରିଛନ୍ତି। ଏମାନଙ୍କ ମୃତ୍ୟୁର କାରଣ ବିଷାକ୍ତ ଖାଦ୍ୟ ଯୋଗୁ ହେବା ସ୍ପଷ୍ଟ ହେବା ପରେ ଅନ୍ୟମାନଙ୍କର ଏହାଯୋଗୁ ଯେଭଳି ମୃତ୍ୟୁ ନ ଘଟେ ସେଥିପାଇଁ ସେ ୨୦୧୬ରେ ଏହି ଅଭିଯାନ ଆରମ୍ଭ କରି ଏବେ ସୁଦ୍ଧା ପଞ୍ଜାବରେ ୨୦,୦୦୦ କୃଷକଙ୍କୁ ସାମିଲ କରିସାରିଲେଣି। ତାଙ୍କ ପିତାଙ୍କ ନାମରେ 'ଦିଲବୀର ଫାଉଣ୍ଡେଶନ' ଗଠନ କରି ତା' ମାଧ୍ୟମରେ ଏହି କାର୍ଯ୍ୟ ଜାରି ରଖିଛନ୍ତି। କେବଳ କୃଷକ ନୁହନ୍ତି, ବହୁ ସ୍କୁଲ, କଲେଜରେ ଜୈବିକ ଚାଷ ଆରମ୍ଭ କରି ଛାତ୍ରମାନଙ୍କୁ ନେଇ ଜୈବିକ ଖାଦ୍ୟ ଅଭିଯାନ ମଧ୍ୟ ଚଳାଇଛନ୍ତି। ଗୁଣବୀର ମଧ୍ୟ ଲୋକମାନଙ୍କୁ ଅଗଣାରେ ଜୈବିକ ଚାଷ କରିବାକୁ ପ୍ରୋତ୍ସାହିତ କରୁଛନ୍ତି। ରାସାୟନିକ ସାର ଓ କୀଟନାଶକର ପ୍ରଭାବ ଉପରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଆୟୋଜନ କରୁଛନ୍ତି ସଚେତନତା ଶିବିର । ସେ ଅମୃତସର, ଲୁଧିଆନା ଓ ଚଣ୍ଡିଗଡ଼ରେ ଆର୍ଥ ଷ୍ଟୋର ଆରମ୍ଭ କରି ସେଠାରେ ସମସ୍ତ ପ୍ରକାର ଜୈବିକ ବିହନ ଗଚ୍ଛିତ କରି ରଖୁଛନ୍ତି। ସେ ହିମାଚଳ ପ୍ରଦେଶ, କେରଳ, ରାଜସ୍ଥାନ ଏବଂ ଦେଶର ଅନ୍ୟ ଭାଗରୁ ଏହା ସଂଗ୍ରହ କରି ପଞ୍ଜାବର ଚାଷୀମାନଙ୍କୁ ସୁବିଧା ଓ ଶସ୍ତାରେ ଯୋଗାଇ ଦେଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୮ ମେ ୧୯୯୬

- ଶ୍ରୀଲଙ୍କାର ପୂର୍ବ ତ୍ରିଙ୍କୋମାଲ ଜିଲାରେ ଏଲ୍‌ଟିଟିଇ ବିଦ୍ରୋହୀମାନେ ସାମରିକ ଶିବିର ଉପରେ ଅଚାନକ ଆକ୍ରମଣ କରି ୧୦ ଜଣ ସୈନ୍ୟଙ୍କୁ ହତ୍ୟା କରିଛନ୍ତି।
- ଚୀନ୍ ସହ ସଂପର୍କ ସୁଦୃଢ଼ କରିବା ଲକ୍ଷ୍ୟରେ ଚୀନ୍ ଉତ୍ପାଦିତ ସାମଗ୍ରୀ ଆମଦାନି ଉପରୁ ତାଇୱାନ୍ କଟକଣା କୋହଳ କରିଛି।
- ପଣ୍ଡିଚେରୀରେ ୫୫ ବର୍ଷ ବୟସ୍କ ଆର୍.ଭି. ଜାନକୀ ରମଣଙ୍କ ନେତୃତ୍ୱରେ ଡିଏମ୍‌କେ ମେଣ୍ଟ ସରକାର କାର୍ଯ୍ୟଭାର ଗ୍ରହଣ କରିଛି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 3 | | 1 | 8 | | |
| | | | | 7 | | | | 2 |
| 7 | | | | 9 | | | 1 | |
| | 8 | | | | 2 | | | 5 |
| 1 | | 3 | 9 | | | | | 8 |
| | | | | | | | 9 | |
| | | 6 | 1 | | | | 2 | |
| 5 | | 4 | | | 6 | | | |
| | 2 | | 7 | | | 5 | | 4 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 4 | 8 | 2 | 6 | 9 | 3 | 7 | 5 |
| 6 | 5 | 2 | 7 | 3 | 8 | 4 | 1 | 9 |
| 9 | 7 | 3 | 5 | 4 | 1 | 2 | 8 | 6 |
| 7 | 8 | 6 | 9 | 1 | 4 | 5 | 3 | 2 |
| 3 | 2 | 9 | 6 | 5 | 7 | 8 | 4 | 1 |
| 5 | 1 | 4 | 3 | 8 | 2 | 9 | 6 | 7 |
| 4 | 3 | 7 | 1 | 2 | 5 | 6 | 9 | 8 |
| 2 | 6 | 1 | 8 | 9 | 3 | 7 | 5 | 4 |
| 8 | 9 | 5 | 4 | 7 | 6 | 1 | 2 | 3 |

ଗତକାଲିର ଉତ୍ତର

# ବିଫଳ କରୋନା ମୁକାବିଲା



ବିଚିତ୍ର ବିଶ୍ୱାଳ

କରୋନାର ଦ୍ୱିତୀୟ ଲହର ସାରା ଦେଶରେ ତାଣ୍ଡବ ରଚୁଛି। ପ୍ରତିଦିନ ହଜାର ହଜାର ଲୋକ ମୃତ୍ୟୁବରଣ କରୁଛନ୍ତି। ଲକ୍ଷ ଲକ୍ଷ ଲୋକ ସଂକ୍ରମିତ ହେଉଛନ୍ତି। କରୋନାର ପ୍ରଥମ ଲହର ଅପେକ୍ଷା ଦ୍ୱିତୀୟ ଲହରରେ ମୃତ୍ୟୁସଂଖ୍ୟା ଅଧିକ ବଢ଼ୁଛି। ଅନେକ ଶିଶୁ ଅନାଥ ହୋଇଯାଉଛନ୍ତି। ନଦୀରେ ଶହ ଶହ ମୃତଦେହ ଭାସୁଛି। ମୃତଦେହ ସଂସ୍କାର ପାଇଁ ଶ୍ମଶାନରେ ଲମ୍ବା ଧାଡ଼ି ଲାଗିଛି। ଦେଶର ରାଜଧାନୀ ଦିଲ୍ଲୀରେ ତ ମୃତଦେହ ପୋଡ଼ିବା ଲାଗି ଶ୍ମଶାନରେ ସ୍ଥାନାଭାବ ଦେଖାଦେଲାଣି। ଏହାଠାରୁ ବଳି ଭୟଙ୍କର ପରିସ୍ଥିତି ଆଉ କ'ଣ ଥାଇପାରେ ! ପ୍ରଥମ ଲହର ସମୟରେ ଗତବର୍ଷ କରୋନା କେବଳ ଗୋଟେ କୋକୁଆ ଭୟ ପରି ଥିଲା, କିନ୍ତୁ ଦ୍ୱିତୀୟ ଲହର ସମୟରେ କରୋନା ସାରା ଦେଶବାସୀଙ୍କ ପାଇଁ କାଳ ହୋଇଯାଇଛି।

ଗତବର୍ଷ କେବଳ ଆମ ଦେଶ ନୁହେଁ, ବିଶ୍ୱର ଶହେରୁ ଅଧିକ ଦେଶରେ କରୋନା ତା'ର ତାଣ୍ଡବ ରଚିଥିଲା। କିନ୍ତୁ ଏବେ ଯେତେବେଳେ ଆମ ଦେଶରେ କରୋନାର ଦ୍ୱିତୀୟ ଲହର ଯୋଗୁ ସଂକ୍ରମଣ ସର୍ବାଗ୍ରେ ଅଛି, ସେତେବେଳେ ବିଶ୍ୱରେ କରୋନାର ଭୟ କମୁଥିବାର ଦେଖାଯାଉଛି। ବିଶ୍ୱର ଅନେକ ଦେଶରେ ସମ୍ପ୍ରତି ଲକ୍‌ଡାଉନ୍ ଓ ଶଟ୍‌ଡାଉନ୍ ଉଠୁଥିବା ବେଳେ ଆମ ଦେଶର ଅଧିକାଂଶ ରାଜ୍ୟରେ ଲକ୍‌ଡାଉନ୍ ଓ ଶଟ୍‌ଡାଉନ୍ ଜାରି ରହିଛି। ଅଧିକାଂଶ ଦେଶ ଆମ ଦେଶକୁ ଉଡ଼ାଜାହାଜ ଚଳାଚଳ ବନ୍ଦ କରିଛନ୍ତି। ଗୋଟିଏ ଧାଡ଼ିରେ କହିଲେ, ବିଶ୍ୱର ଅଧିକାଂଶ ଦେଶ କରୋନାକୁ ନିୟନ୍ତ୍ରଣ କରିବାରେ ସଫଳ ହୋଇଥିବା ବେଳେ ଭାରତ ଭୟଙ୍କର ଭାବେ ପଛରେ ପଡ଼ିଯାଇଛି। ଏହାର ସମଗ୍ର ଶ୍ରେୟ କେନ୍ଦ୍ର ସରକାରଙ୍କୁ ହିଁ ଯିବ। ଯଦିଓ ସତ୍ୟକୁ ଅସ୍ୱୀକାର କରି ମୁହଁଫୁଟାଣି ମାରିବାରେ କେନ୍ଦ୍ର ସରକାର ଧୁରନ୍ଧର, କିନ୍ତୁ ସାରା ଦେଶବାସୀ ଏହା ହୃଦୟଙ୍ଗମ କରୁଛନ୍ତି ଯେ, ସରକାରଙ୍କ ଅଦୂରଦର୍ଶିତାର ପରିଣାମ କୋଟି କୋଟି ଲୋକ ଭୋଗ କରୁଛନ୍ତି।

ବିଶ୍ୱର ପରିସ୍ଥିତିକୁ ଦେଖିଲେ ବୁଝାପଡୁଛି ଯେ, ଅନେକ ଦେଶ ବ୍ୟାପକ ଟିକାକରଣ କରେଇ ତାଙ୍କ ଲୋକମାନଙ୍କୁ କରୋନା ସଂକ୍ରମଣରୁ ମୁକ୍ତ ରଖିବାରେ ସଫଳ ହୋଇପାରିଛନ୍ତି। କିନ୍ତୁ ଆମ ସରକାର ଦେଶବାସୀଙ୍କ ପାଇଁ ଟିକା ପ୍ରସ୍ତୁତ କରିବା ଅପେକ୍ଷା ଭିନ୍ନ ଭିନ୍ନ ରାଜ୍ୟରେ ନିଜ ଦଳକୁ କ୍ଷମତାକୁ ଆଣିବା କାମରେ ବ୍ୟସ୍ତ ରହି ଲୋକମାନଙ୍କୁ କରୋନାର ଦ୍ୱିତୀୟ ଲହରର ଶିକାର ହେବାକୁ ଛାଡ଼ିଦେଲେ। ସାରା ବିଶ୍ୱ ଟିକାର ଉତ୍ପାଦନ ଓ ବିତରଣ ପାଇଁ ଯୋଜନା କରୁଥିବା ବେଳେ ଆମ ପ୍ରଧାନମନ୍ତ୍ରୀ ଓ ଗୃହମନ୍ତ୍ରୀ ପଶ୍ଚିମବଙ୍ଗ, ତାମିଲନାଡୁ, ଆସାମ, କେରଳ ଓ ଗୋଆରେ କ୍ଷମତା ଦଖଲ କରିବା ଯୋଜନା କରୁଥିଲେ। ଏମାନଙ୍କର କ୍ଷମତା ଲୋଭ ଏତେ ତୀବ୍ର ଥିଲା ଯେ, ନିର୍ବାଚନ କମିଶନଙ୍କୁ ପ୍ରଭାବିତ କରି କରୋନା କାଳରେ ପଶ୍ଚିମବଙ୍ଗରେ ଆଠ ପର୍ଯ୍ୟାୟରେ ମତଦାନ କରାଇଲେ। ଏପରିକି କରୋନା ସଂକ୍ରମଣ ସମୟରେ ପ୍ରଧାନମନ୍ତ୍ରୀ, ଗୃହମନ୍ତ୍ରୀ ଓ ଅନ୍ୟ ମନ୍ତ୍ରୀମାନେ ଲକ୍ଷ ଲକ୍ଷ ଲୋକଙ୍କୁ ଏକାଠି କରି ନିର୍ବାଚନୀ ସଭା କରୁଥିଲେ। ଏଥିରୁ ଗୋଟିଏ କଥାର ପ୍ରମାଣ ମିଳୁଛି ଯେ, କ୍ଷମତା ପାଗଳ ତଥା ଆତ୍ମସର୍ବସ୍ୱ ହେଲେ କେତେ ଭୟଙ୍କର ପରିଣାମ ଭୋଗିବାକୁ ହୁଏ। ଯେଉଁ ସମୟରେ ସରକାର ଲୋକମାନଙ୍କୁ ଘରୁ ବାହାରକୁ ନ ବାହାରିବାକୁ ପରାମର୍ଶ ଦେବା କଥା, ସାମାଜିକ ଦୂରତା ବଜାୟ ରଖିବାର ବାର୍ତ୍ତା ଦେବା କଥା, ସେହି ସମୟରେ ଖୋଦ୍ ପ୍ରଧାନମନ୍ତ୍ରୀ ଓ ଗୃହମନ୍ତ୍ରୀ ଲୋକମାନଙ୍କୁ ସଭାକୁ ଡାକି ଜିନ୍ଦାବାଦ୍ ପକେଇବାକୁ କହୁଥିଲେ। ଏତଦ୍‌ବ୍ୟତୀତ ଅତ୍ୟନ୍ତ ଅଦୂରଦର୍ଶିତାର ପରିଚୟ ଦେଇ ସରକାର କୁମ୍ଭମେଳା ପରି ବିରାଟ ଧାର୍ମିକ ସମାଗମକୁ ଅନୁମତି ପ୍ରଦାନ କରି ସଂକ୍ରମଣକୁ ସାର୍ବଜନୀନ କରିବାରେ ସାହାଯ୍ୟ କଲେ।

ଭାରତ ଭଳି ବିଶାଳ ଜନବିଶିଷ୍ଟ ଦେଶରେ ବ୍ୟାପକ ଟିକା ପ୍ରସ୍ତୁତି ଓ ଟିକା ବିତରଣର ସଠିକ ଯୋଜନା ହେବାର ଆବଶ୍ୟକତା ଥିଲା। କିନ୍ତୁ ସରକାର ଏସବୁ କିଛି ବି କରିନାହାନ୍ତି ବୋଲି ଏବେ ବୁଝାପଡୁଛି। କେବଳ ତୁଚ୍ଛା ପ୍ରଚାର ପାଇବା ପାଇଁ ବିନା ଯୋଜନାରେ କେନ୍ଦ୍ର ସରକାର ପ୍ରଥମେ ଟିକାକୁ ବିଦେଶକୁ ରପ୍ତାନି କରିଦେଲେ ଓ ଏବେ ପୁଣି ବିଦେଶରୁ ଟିକା କିଣିବାକୁ ପଡୁଛି। ରାଜ୍ୟଗୁଡ଼ିକୁ ଟିକା ନ ଯୋଗେଇ ଟିକା ଉତ୍ସବ ପାଳନ କରିବାକୁ କେନ୍ଦ୍ର ସରକାର ଘୋଷଣା କରିଦେଲେ। ଲୋକମାନଙ୍କୁ ଟିକା ପାଇଁ ପଞ୍ଜୀକରଣ କରିବାକୁ କୁହାଗଲା। କିନ୍ତୁ ଏବେ ଦେଖାଯାଉଛି ଯେ, ଟିକା ଅଭାବ ଯୋଗୁ ପ୍ରତ୍ୟେକ ଦିନ ଲୋକମାନେ ଟିକାକରଣ କେନ୍ଦ୍ରରୁ ଫେରିବାକୁ ବାଧ୍ୟ ହେଉଛନ୍ତି। ଟିକାର ଭୟଙ୍କର ଅଭାବ ଦେଖାଦେଇଛି ସାରା ଦେଶରେ। ପରିସ୍ଥିତି ଏପରି ହେଲାଣି ଯେ, ଆମ ରାଜ୍ୟ ଓଡ଼ିଶା ସମେତ ଆହୁରି କେତେକ ରାଜ୍ୟ ସିଧା ସିଧା ବିଦେଶରୁ ଟିକା କିଣିବା ପ୍ରକ୍ରିୟା ଆରମ୍ଭ କଲେଣି।

ସମ୍ପ୍ରତି କରୋନାର ହାହାକାର ସମୟରେ ବି କେନ୍ଦ୍ର ସରକାର କରୋନା ମୃତ୍ୟୁକୁ ଅସ୍ୱୀକାର କରିବା, ବିରୋଧୀ ଦଳଙ୍କ ଉପଯୋଗୀ ପ୍ରସ୍ତାବକୁ ଗ୍ରହଣ ନ କରି ଓଲଟି ତାଙ୍କ ଉପରକୁ ଦୋଷ ଠେଲିବା ପରି ଗାଲୁଆମି କରିବାରେ ପଛରେ ନାହାନ୍ତି। ଏ ସରକାର ଯେ, କେବଳ କଥାରେ ମାହିର୍ ଓ କାମରେ ଶୂନ; ଏହା ପୁଣିଥରେ ପ୍ରମାଣିତ ହୋଇଛି। କିନ୍ତୁ ସରକାରଙ୍କର ଏହି ଅଦୂରଦର୍ଶିତାର ପରିଣାମ ସାଧାରଣ ଲୋକମାନଙ୍କୁ ଜୀବନ ଦେଇ ଭୋଗିବାକୁ ପଡୁଛି। ଏତେ ହାହାକାର ପରିସ୍ଥିତିରେ ଓ ଟିକା ଅଭାବ ସମୟରେ ଯେତିକି ବି ଟିକାକରଣ ହେଉଛି, ତାହାର ପ୍ରମାଣପତ୍ରରେ ପ୍ରଧାନମନ୍ତ୍ରୀଙ୍କ ଫଟୋ ଛପେଇବାକୁ ସରକାର ଭୁଲିନାହାନ୍ତି। ଏହାଠାରୁ ନିଜ କାମ ଆଉ କ'ଣ ଥାଇପାରେ !

ଲୋକମାନଙ୍କ ପାଖରେ ସ୍ୱାସ୍ଥ୍ୟସେବା ନାହିଁ। ଡାକ୍ତରଖାନାରେ ଅମ୍ଳଜାନ ଅଭାବରୁ ରୋଗୀ ପ୍ରାଣ ହରାଉଛନ୍ତି। କିନ୍ତୁ କେନ୍ଦ୍ର ସରକାର ନିଦାବିଷ୍ଟୁ ସାଜିଛନ୍ତି। ପରିସ୍ଥିତି ଏପରି ହେଲା ଯେ, ଏକାଧିକ ରାଜ୍ୟର ଉଚ୍ଚ ନ୍ୟାୟାଳୟ କେନ୍ଦ୍ର ସରକାରଙ୍କୁ କୋଭିଡ୍ ପରିଚାଳନା ଜନିତ ତ୍ରୁଟି ଯୋଗୁ ଭର୍ତ୍ସନ କରିବାକୁ ପଛେଇଲେ ନାହିଁ। ସରକାରୀ ଦଳର ମୁଖପାତ୍ରମାନେ କରୋନା ସଂକ୍ରମଣ ବୃଦ୍ଧି ପାଇଁ ଲୋକମାନଙ୍କର ସଚେତନତାର ଅଭାବ ଓ ମନମୋଟୁଆ ଗୁଣକୁ ଦାୟୀ କରୁଛନ୍ତି।

ଆମେ ଶୁଣିଥିଲୁ ମୃତଦେହ ଉପରେ ରାଜନୀତି ହୁଏ। କିନ୍ତୁ ଆଜି ଦେଖିଲୁ ରାଜନୀତି ପାଇଁ ଲୋକମାନଙ୍କୁ ମୃତଦେହ କରିଦିଆଯାଉଛି। ଆଜିର ଏହି କରୋନା ବିପର୍ଯ୍ୟୟକୁ ନିଶ୍ଚିତ ଭାବେ ଟାଳି ହୋଇଥାନ୍ତା। କିନ୍ତୁ ସେଥିପାଇଁ ସରକାରଙ୍କ ତରଫରୁ ଠିକ୍ ସମୟରେ ଉପଯୁକ୍ତ ପଦକ୍ଷେପ ନିଆଯିବାର ଆବଶ୍ୟକତା ଥିଲା, ଯାହା ସରକାର କଲେ ନାହିଁ। ଦୁର୍ଭାଗ୍ୟର ବିଷୟ, ଆମ ପାଖରେ ଥିବା ବର୍ତ୍ତମାନର ସରକାର କାମ ଅପେକ୍ଷା କଥାରେ ଅଧିକ ବିଶ୍ୱାସ କରନ୍ତି। କିନ୍ତୁ କଥାରେ ହୁଏତ ଲୋକମାନଙ୍କୁ ଭୁଆଁ ବୁଲେଇ ଭକ୍ତ ବନେଇ ରଖାଯାଇପାରେ ବା ଭୋଟ୍ ହାସଲ କରାଯାଇପାରେ, କିନ୍ତୁ କରୋନା ନିୟନ୍ତ୍ରଣ ସମ୍ଭବ ନୁହେଁ।

- ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର

## ପାଠକ ଶ୍ରେଷ୍ଠ ବିଚାରକ

### ଓଡ଼ିଶାରେ ପ୍ରାଥମିକ ଶିକ୍ଷା

ମହାଶୟ,

ଓଡ଼ିଶାରେ ପ୍ରାଥମିକ ଶିକ୍ଷା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ସ୍କୁଲଗୁଡ଼ିକରେ ଛାତ୍ର ଅଭାବରୁ ବହୁ ସ୍କୁଲ ବନ୍ଦ ହୋଇଯାଇଛି। ସେଇ ସବୁ ସ୍କୁଲର ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ହାଇସ୍କୁଲକୁ ସ୍ଥାନାନ୍ତରିତ କରାଯାଇଛି। ଗ୍ରାମାଞ୍ଚଳରେ ଶିକ୍ଷକ ଅଭାବରୁ ଶିକ୍ଷାଦାନ ବ୍ୟାହତ ହେଉଛି। ଜଣେ ଦୁଇଜଣ ଶିକ୍ଷକ ଏକାଧିକ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ପଢ଼ାଉଛନ୍ତି। ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପ୍ରାୟତଃ ଗରିବ ଛାତ୍ରଛାତ୍ରୀମାନେ ପଢୁଛନ୍ତି। ମଧ୍ୟାହ୍ନଭୋଜନ ତାଙ୍କ ପାଇଁ ମୁଖ୍ୟ ଆକର୍ଷଣ। ସଂପ୍ରତି ସରକାର 'ମୋ' ସ୍କୁଲ ଅଭିଯାନ ଆରମ୍ଭ କରି ସୁବିଧା ସୁଯୋଗ ଦେବା ସହ ସଂଗୃହୀତ ଅର୍ଥର ଦୁଇଗୁଣ ଦେବାକୁ ଘୋଷଣା କରିଛନ୍ତି। ଫଳରେ କେତେକ ଉଚ୍ଚ ବିଦ୍ୟାଳୟରେ ବିଭିନ୍ନ କ୍ଷେତ୍ରରେ ଆନୁଷଙ୍ଗିକ କାର୍ଯ୍ୟ ଗୁଣାତ୍ମକ ଶିକ୍ଷା ନିମନ୍ତେ ତଥା ସ୍କୁଲର ଉନ୍ନତି ପାଇଁ ଓ ପିଲାଙ୍କ ଶିକ୍ଷା ଲାଗି ବିଜ୍ଞାନ, କ୍ରୀଡା ଆଦି ତଥା ଉପକରଣ ପାଇଁ ଅର୍ଥ ବ୍ୟବସ୍ଥା ରଖାଯାଇ ପାରିବ। ସ୍କୁଲର ପାଣ୍ଠି ଏଥିରେ ସହାୟକ ହେବ।

-ମନୋରଞ୍ଜନ ମିଶ୍ର, ଗାନ୍ଧୀ ଛକ, ବଡଦରାଜ, ବୌଦ୍ଧ

## ଚିରନ୍ତନୀ

ଜୀବନ ପରେ ଏ ଦେହ ହୁଏ
ଜଡ଼ହୁଁ ବେଶି ହୀନ
ଚିହ୍ନ ତାର ନ ରହେ କାହିଁ ଲେଶ,
ଅସୀମ କାଳ କରଇ ଖେଳ
ଆସଇ ନିଶିଦିନ
ନାହିଁ କି ଲୟ, ନାହିଁ କି ତା'ର ଶେଷ ! -(ଅମର ଆଶା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### କେନ୍ଦ୍ର ବାଣିଜ୍ୟ ସଚିବ ହେବେ ସୁବ୍ରମଣ୍ୟମ



**ନୂଆଦିଲ୍ଲୀ,୨୭ା୫:** ଜମ୍ମୁ ଓ କଶ୍ମୀରର ମୁଖ୍ୟ ଶାସନ ସଚିବ ବି.ଭି.ଆର୍. ସୁବ୍ରମଣ୍ୟମଙ୍କୁ କେନ୍ଦ୍ର ସରକାରଙ୍କ ବାଣିଜ୍ୟ ମନ୍ତ୍ରଣାଳୟର ଓଏସ୍‌ଡି (ଅଫିସର ଅନ୍ ଡ୍ୟୁଟି) ଭାବେ ଗୁରୁବାର ନିଯୁକ୍ତ କରାଯାଇଛି। ସେ ଜୁଲାଇ ପହିଲାରେ କେନ୍ଦ୍ର ବାଣିଜ୍ୟ ସଚିବ ଭାବେ କାର୍ଯ୍ୟଭାର ଗ୍ରହଣ କରିବେ। ୧୯୮୭ କ୍ୟାଡର ଆଇଏଏସ୍ ଅଫିସର ସୁବ୍ରମଣ୍ୟମଙ୍କୁ କେନ୍ଦ୍ର କ୍ୟାବିନେଟ ସଂକ୍ରାନ୍ତ ନିଯୁକ୍ତି କମିଟି (ଏସିସି) ପକ୍ଷରୁ ତାଙ୍କ ନାମକୁ ମଞ୍ଜୁର କରାଯାଇଥିବା ଜଣାପଡ଼ିଛି। ଏ ସମ୍ପର୍କରେ କାର୍ମିକ, ସାଧାରଣ ଅଭିଯୋଗ ଓ ପେନ୍‌ସନ ମନ୍ତ୍ରଣାଳୟ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ଏଥିରେ କୁହାଯାଇଛି ଯେ ବର୍ତ୍ତମାନର ବାଣିଜ୍ୟ ସଚିବ ଅନୁପ ୱାଧୱାନ୍ ଜୁନ ଶେଷରେ ଅବସର ଗ୍ରହଣ କରିବେ। ତାଙ୍କ ପରେ ସୁବ୍ରମଣ୍ୟମ ନୂଆ ଦାୟିତ୍ୱ ଗ୍ରହଣ କରିବେ।

### ବାତ୍ୟା ପାଇଁ ଏସ୍ରିର ମ୍ୟାପିଂ ଟେକ୍ନୋଲୋଜି

**ନୂଆଦିଲ୍ଲୀ,୨୭ା୫:** ଜିଓଗ୍ରାଫିକ୍ ଇନ୍‌ଫର୍ମେଶନ ସିଷ୍ଟମ (ଜିଆଇଏସ୍) ସଫ୍ଟୱେର ଆଣ୍ଡ ସଲ୍ୟୁସନ୍ସ ଆଣିଥିବା ଏସ୍ରି ଇଣ୍ଡିଆ ବାତ୍ୟା ୟାସ୍‌ର ଗତିପଥକୁ ଅନୁସରଣ କରିବା ପାଇଁ ଏକ ମ୍ୟାପ୍ ସୃଷ୍ଟି କରିଥିଲା। ଏହି ମ୍ୟାପ୍‌କୁ ଆର୍କଜିଆଇଏସ୍ ଅନ୍‌ଲାଇନ, ଏସ୍ରିର ମ୍ୟାପିଂ ଓ ଆନାଲିଟିକ୍ସ ସିଷ୍ଟମ ସହିତ ନିର୍ମାଣ କରାଯାଇଛି। ଏହା ପାଣିପାଗ, ପବନର ବେଗ, ପ୍ରଭାବିତ ଅଞ୍ଚଳରେ ଥିବା ଘର ଓ ଜନସଂଖ୍ୟା ଉପରେ ବିଭିନ୍ନ ଅପ୍‌ଡେଟ୍ ଦେବାରେ ଏହା ସହାୟକ ହୋଇଛି। ଭୌଗୋଳିକ ସ୍ଥିତି ସହିତ ବୈଜ୍ଞାନିକ ରୂପେ ଉତ୍ପାଦିତ ତଥା ପ୍ରକ୍ରିୟାକୃତ ପାଣିପାଗ ସୂଚନା ଓ ପୂର୍ବାନୁମାନ ସହ ସାହାଯ୍ୟ କରିବା ଲାଗି ଏସ୍ରି ନିଜର ମ୍ୟାପିଂ ଟେକ୍ନୋଲୋଜି ବ୍ୟବହାର କରିଥିବା କହିଛି।

# ଆଜି ବସିବ ଜିଏସ୍‌ଟି ପରିଷଦ ବୈଠକ

## କ୍ଷତିପୂରଣ, କୋଭିଡ୍ ସାମଗ୍ରୀ ଟିକସ ଉପରେ ହୋଇପାରେ ଆଲୋଚନା




**ନୂଆଦିଲ୍ଲୀ,୨୭ା୫**

ଶୁକ୍ରବାର ସାମଗ୍ରୀ ଓ ସେବା ଟିକସ(ଜିଏସ୍‌ଟି) ପରିଷଦର ଗୁରୁତ୍ୱପୂର୍ଣ୍ଣ ବୈଠକ ବସୁଛି। କୋଭିଡ୍ ମେଡିସିନ, ମେଡିକାଲ ଯନ୍ତ୍ରାଂଶ ଏବଂ ରାଜ୍ୟଗୁଡ଼ିକୁ ଜିଏସ୍‌ଟି କ୍ଷତିପୂରଣ ପ୍ରସଙ୍ଗରେ ଏଠାରେ ଆଲୋଚନା ହେବ ବୋଲି କୁହାଯାଉଛି। କୋଭିଡ୍ ସାମଗ୍ରୀ ଉପରେ ଟିକସ ଛାଡ଼ କରିବା ନେଇ ଅଣଭାଜପା ଶାସିତ ପ୍ରଦେଶଗୁଡ଼ିକର ଅର୍ଥମନ୍ତ୍ରୀମାନେ ବୈଠକରେ ଦାବି ଉଠାଇପାରନ୍ତି। ଏହି ରାଜ୍ୟଗୁଡ଼ିକ ମଧ୍ୟରେ ରାଜସ୍ଥାନ, ପଞ୍ଜାବ, ଛତିଶଗଡ଼, ତାମିଲନାଡୁ, ମହାରାଷ୍ଟ୍ର, ଝାଡ଼ଖଣ୍ଡ, କେରଳ ଏବଂ ପଶ୍ଚିମବଙ୍ଗ ରହିଛନ୍ତି।

ଚଳିତ ଥର ଜିଏସ୍‌ଟି ପରିଷଦ ବୈଠକ ୮ମାସ ବ୍ୟବଧାନରେ ହେଉଛି। ପରିଷଦରେ ମୁଖ୍ୟ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ରହିଥିବା ବେଳେ ବିଭିନ୍ନ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳର ପ୍ରତିନିଧି ବୈଠକରେ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ଟିକସ ହାର ପ୍ରସଙ୍ଗ ବାଦ୍ ଜିଏସ୍‌ଟି କ୍ଷତିପୂରଣ ପ୍ରସଙ୍ଗ ଉପରେ ମଧ୍ୟ ଆଲୋଚନା ହୋଇପାରେ। ଚଳିତ ଆର୍ଥିକ ବର୍ଷରେ କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ ପ୍ରାୟ ୨.୬୯ ଲକ୍ଷ କୋଟି ଟଙ୍କାର ଜିଏସ୍‌ଟି କ୍ଷତିପୂରଣ ପ୍ରଦାନ କରିବା ନେଇ ଆକଳନ କରାଯାଇଛି। ଜିଏସ୍‌ଟି କାର୍ଯ୍ୟକାରୀ ହେବା ପରେ ରାଜ୍ୟଗୁଡ଼ିକ ସହୁଥିବା ରାଜସ୍ୱ କ୍ଷତିକୁ ଭରଣା କରିବା ଲାଗି କେନ୍ଦ୍ର ସରକାର ଏଭଳି ଆର୍ଥିକ ସହାୟତା ପ୍ରଦାନ କରିବେ ବୋଲି ନିୟମ ରହିଛି।

ଜିଏସ୍‌ଟି ହାର ଉପରେ କାମ କରୁଥିବା ଫିଟ୍‌ମେଣ୍ଟ କମିଟି କୋଭିଡ୍ ଭାକ୍ସିନ ଏବଂ ଅନ୍ୟ ଆନୁଷଙ୍ଗିକ ଯନ୍ତ୍ରାଂଶ ଉପରେ ଟିକସ ଛାଡ଼ ପ୍ରସଙ୍ଗର ଲାଭକ୍ଷତି ଉପରେ ମଧ୍ୟ ବୈଠକରେ ରିପୋର୍ଟ ଦେବ। ଫାଇନାଲ ପ୍ରଡକ୍ଟ ଉପରେ ଜିଏସ୍‌ଟି ଛାଡ଼ ହେଲେ ଉତ୍ପାଦନକାରୀ କଞ୍ଚାମାଲ ଉପରେ ଇନ୍‌ପୁଟ ଟାକ୍ସ କ୍ରେଡିଟ ଦାବି କରିପାରିବେ ନାହିଁ। ଫଳରେ ଏହା ଗ୍ରାହକଙ୍କ ଲାଗି ବିଶେଷ ଫାଇଦା ଦେବ ନାହିଁ ବୋଲି କୁହାଯାଉଛି। ଏହି ପ୍ରସଙ୍ଗ ଉପରେ ପୂର୍ବରୁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ମଧ୍ୟ ସ୍ପଷ୍ଟୀକରଣ ରଖିଥିଲେ। ଚଳିତ ସପ୍ତାହରେ ପଞ୍ଜାବ ମୁଖ୍ୟମନ୍ତ୍ରୀ ପ୍ରକାଶ ସିଂ ବାଦଲ ସୀତାରାମନଙ୍କୁ ଚିଠି ଲେଖିଥିଲେ। ବିଭିନ୍ନ କୋଭିଡ୍ ସାମଗ୍ରୀ ଉପରେ ଲାଗୁ ହେଉଥିବା ଉଚ୍ଚ ପରିମାଣର ଜିଏସ୍‌ଟି ଏବଂ ଆମଦାନୀ ଟିକସ ନେଇ ସେ ଚିନ୍ତାପ୍ରକଟ କରିଥିଲେ। ବର୍ତ୍ତମାନ ଭାକ୍ସିନ ଦେଶ ମଧ୍ୟରେ ଯୋଗାଣ ଏବଂ ବାଣିଜ୍ୟିକ ଆମଦାନୀ କ୍ଷେତ୍ରରେ ୫% ଜିଏସ୍‌ଟି ଲାଗୁ ହେଉଛି। ସେହିଭଳି କୋଭିଡ୍ ଔଷଧ ଏବଂ ଅକ୍ସିଜେନ କନ୍‌ସେନଟ୍ରେଟର ଉପରେ ୧୨% ଟିକସ ଲାଗୁ ହେଉଛି।

ରାଜ୍ୟଗୁଡ଼ିକୁ କେନ୍ଦ୍ର ସରକାର ୨.୬୯ ଲକ୍ଷ କୋଟି ଟଙ୍କାର କ୍ଷତିପୂରଣ ଦେବାକୁ ଥିବା ବେଳେ ଟିକସ ବାବଦ ୧.୧୧ ଲକ୍ଷ କୋଟି ଟଙ୍କା ଆଦାୟ ହେବ ବୋଲି ଆକଳନ କରାଯାଇଛି। ବଳକା ୧.୫୮ ଲକ୍ଷ କୋଟି ଟଙ୍କା ଋଣ ଲୋଡ଼ାପଡ଼ିପାରେ। ଜିଏସ୍‌ଟି ଆଦାୟରେ ଧୀରେ ଧୀରେ ଉନ୍ନତି ଆସୁଥିବା ବେଳେ କ୍ଷତିପୂରଣ ପ୍ରଦାନ କରିବା ନେଇ ଟିକସ ସଂଗ୍ରହ ପର୍ଯ୍ୟାପ୍ତ ହେଉନାହିଁ। ଗତ ଆର୍ଥିକ ବର୍ଷରେ ଏଭଳି ସ୍ଥିତି ଉପୁଜିବା ଯୋଗୁ କେନ୍ଦ୍ର ରାଜ୍ୟଗୁଡ଼ିକ ଲାଗି ୧.୧୦ ଲକ୍ଷ କୋଟି ଟଙ୍କା ଋଣ କରି ପ୍ରଦାନ କରିଥିଲା। ସେହିଭଳି ସେସ୍ ଭାବେ କେନ୍ଦ୍ର ସରକାର ୬୮,୭୦୦ କୋଟି ଟଙ୍କା ଆଦାୟ କରିଥିଲେ।

### ସୀତାରାମନଙ୍କୁ ଚିଠି ଲେଖିଲା ହସ୍ପିଟାଲିଟି ଶିଳ୍ପ

**ନୂଆଦିଲ୍ଲୀ,୨୭ା୫:** ଶୁକ୍ରବାର ଜିଏସ୍‌ଟି ପରିଷଦ ବୈଠକ ବସିବ। ଏହା ପୂର୍ବରୁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କୁ ଦେଶର ହସ୍ପିଟାଲିଟି ଶିଳ୍ପ ପକ୍ଷରୁ ଚିଠି ଲେଖାଯାଇଛି। କୋଭିଡ୍ ଯୋଗୁ ଏହି କ୍ଷେତ୍ର ପ୍ରଭାବିତ ହୋଇ ରହିଥିବାରୁ ସରକାରଙ୍କଠାରୁ ପ୍ୟାକେଜ ଲୋଡ଼ାଯାଇଛି। ଫେଡେରେଶନ ଅଫ୍ ହୋଟେଲ ଆଣ୍ଡ ରେଷ୍ଟୁରାଣ୍ଟ ଆସୋସିଏଶନ୍ସ ଅଫ୍ ଇଣ୍ଡିଆ (ଏଫ୍‌ଏଚ୍‌ଆର୍‌ଏଆଇ) ପକ୍ଷରୁ ଏ ନେଇ ଅର୍ଥମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ାଯାଇଛି। କୋଭିଡ୍ ଯୋଗୁ ସଙ୍କଟ ସ୍ଥିତି ଦେଇ ଗତି କରୁଥିବା ଏହି ଶିଳ୍ପକୁ ତୁରନ୍ତ ସହାୟତା ସହ ସରକାରୀ ନୀତିଗତ ସ୍ତରରେ ପଦକ୍ଷେପ ନେବାକୁ ନିବେଦନ କରାଯାଇଛି। ହୋଟେଲ ଶିଳ୍ପ କ୍ଷେତ୍ରରେ ଲାଗୁ ହେଉଥିବା ଜିଏସ୍‌ଟି କୋହଳ କରିବା ସହ ଅନ୍ୟ ଦାବି ସଂଘ ପକ୍ଷରୁ ରଖାଯାଇଛି। କରୋନା ଯୋଗୁ ଗତ ୨ ବର୍ଷ ହେବ ଉକ୍ତ କ୍ଷେତ୍ର ଲଗାତର କ୍ଷତି ସହି ଚାଲିଛି। ଏହି କ୍ଷେତ୍ରକୁ ପୁଣି ଥରେ ଛିଡ଼ା କରିବା ଲାଗି ସରକାର ମଧ୍ୟ ଚିନ୍ତା କରନ୍ତୁ ବୋଲି ଚିଠିରେ କୁହାଯାଇଛି।

# ଆସେଟ୍ କ୍ୱାଲିଟି ଉପରେ ନଜର ରଖ

## ବ୍ୟାଙ୍କଗୁଡ଼ିକୁ ଆର୍‌ବିଆଇର ନିର୍ଦ୍ଦେଶ

**ମୁମ୍ବାଇ,୨୭ା୫**

ବ୍ୟାଙ୍କଗୁଡ଼ିକ ସେମାନଙ୍କ ଏନ୍‌ପିଏ ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିବାକୁ ଆର୍‌ବିଆଇ ଗୁରୁବାର ନିର୍ଦ୍ଦେଶ ଦେଇଛି। ସେହିଭଳି ଆଗାମୀ ଦିନରେ ଅଧିକ ପ୍ରୋଭିଜନିଂ ପାଇଁ ପ୍ରସ୍ତୁତ ରହିବାକୁ କେନ୍ଦ୍ରୀୟ ବ୍ୟାଙ୍କ କହିଛି। ବ୍ୟାଙ୍କ ସେମାନଙ୍କ ଚାପଗ୍ରସ୍ତ ସମ୍ପତ୍ତି ପରିଚାଳନା ଲାଗି ଉନ୍ନତ ସ୍ଥିତିରେ ରହିଥିବା ଆର୍‌ବିଆଇ ଆଶାବାଦୀ ରହିଛି। ବ୍ୟାଙ୍କ ଲାଭକୁ ଫେରୁଥିବା ବେଳେ ସୁଧାର ପ୍ରକ୍ରିୟା ଏବଂ ପୁଞ୍ଜି ପର୍ଯ୍ୟାପ୍ତତା ଭଳି ସ୍ଥିତି ରହିଛି। ଦେଶର ବ୍ୟାଙ୍କଗୁଡ଼ିକ ଚ୍ୟାଲେଞ୍ଜିଂ ସମୟକୁ ସାମ୍ନା କରିବାକୁ ବର୍ତ୍ତମାନ ସକ୍ଷମ ଥିବାବେଳେ ଚାପଗ୍ରସ୍ତ ସମ୍ପତ୍ତି ଉପରେ ଅଧିକ ନଜର ରଖିବାକୁ କେନ୍ଦ୍ରୀୟ ବ୍ୟାଙ୍କ ଏହାର ବାର୍ଷିକ ରିପୋର୍ଟରେ ଗୁରୁତ୍ୱାରୋପ କରିଛି।

ଆର୍‌ବିଆଇ ରିପୋର୍ଟରେ କୁହାଯାଇଛି ଯେ, କୋଭିଡ୍ ପରବର୍ତ୍ତୀ ଅଭିବୃଦ୍ଧି ଲାଗି ଘରୋଇ ଚାହିଦାରେ ସୁଧାର ଏବଂ ନିବେଶରେ ଉନ୍ନତି ହେବାର ଆବଶ୍ୟକତା ରହିଛି। କାରଣ କୋଭିଡ୍ ଦ୍ୱିତୀୟ ଲହର ବଜାର ଉପରେ ଗଭୀର ଭାବେ ପ୍ରଭାବ ପକାଇଛି। ଏଣୁ ଏଭଳି ସ୍ଥିତିରେ ଚାହିଦା ଏବଂ ନିବେଶ ସ୍ଥିତି ଶୀଘ୍ର ଠିକ୍ ହେବାରେ ଚ୍ୟାଲେଞ୍ଜ ସ୍ଥିତି ଉପୁଜିଛି। ସେହିଭଳି ଚାହିଦା ଏବଂ ଯୋଗାଣ କ୍ଷେତ୍ରରେ ସମସ୍ୟା ଯୋଗୁ ଡାଲି ଏବଂ ଖାଇବା ତେଲ ଦର ଉପରେ ଚାପ ରହିବ ବୋଲି ବ୍ୟାଙ୍କ କହିଛି। ଉତ୍ପାଦନ ବଢ଼ିଲେ ଆଗାମୀ ଦିନରେ ସ୍ଥିତିରେ କିଛିଟା ସୁଧାର ଆସିପାରେ ବୋଲି ଆଶା କରାଯାଉଛି।



ଶକ୍ତିକାନ୍ତ ଦାସ, ଆରବିଆଇ ଗଭର୍ଣ୍ଣର।

### ଷ୍ଟକ୍ ବଜାରକୁ ନେଇ ସତର୍କ କରାଇଲା

ବର୍ତ୍ତମାନ ଜିଡିପି ପ୍ରଭାବିତ ହୋଇ ରହିଛି। ଗତ ବର୍ଷ ଜିଡିପି ନକାରାତ୍ମକ ସ୍ଥିତିରେ ଥିବା ବେଳେ ଚଳିତ ବର୍ଷ ଦ୍ୱିତୀୟ ଲହର ଯୋଗୁ ପୁଣି ଥରେ ଚାପଗ୍ରସ୍ତ ହୋଇଛି। ଏଭଳି ସ୍ଥିତିରେ ଦେଶର ଷ୍ଟକ୍ ବଜାର ଏହାର ଊର୍ଦ୍ଧ୍ୱଗାମୀ ଧାରା ବଜାୟ ରଖିଛି। ଜିଡିପି ନିମ୍ନଗାମୀ ହେଉଥିବା ବେଳେ ଷ୍ଟକ୍ ମୂଲ୍ୟ ବଢୁଥିବାରୁ ଏହାକୁ ନେଇ ଆର୍‌ବିଆଇ ଏହାର ବାର୍ଷିକ ରିପୋର୍ଟରେ ସତର୍କ କରାଇଛି। ମହାମାରୀ ପାଇଁ ମାର୍ଚ୍ଚ ୨୦୨୦ରେ ଷ୍ଟକ୍ ବଜାର ନିମ୍ନଗାମୀ ହୋଇଥିବା ବେଳେ ପୁଣି ଥରେ ସୂଚକାଙ୍କ ଦୁଇଗୁଣରୁ ଅଧିକ ବଢ଼ିଛି। ବିଭିନ୍ନ କମ୍ପାନୀଙ୍କ ଷ୍ଟକ୍ ମୂଲ୍ୟ ବହୁଗୁଣରେ ବୃଦ୍ଧି ହୋଇଛି। ଏଭଳି ସ୍ଥିତିରେ ବଜାରରେ ଅନେକ ରିସ୍କ ରହିଥିବା ଆର୍‌ବିଆଇ ସତର୍କ କରାଇଛି।

# ଭାରତୀୟ ଡାକ୍ତରଙ୍କୁ ଏଏସ୍‌ଜିଇର ସର୍ବୋଚ୍ଚ ସମ୍ମାନ

**ନୂଆଦିଲ୍ଲୀ,୨୭ା୫:** ଦେଶର ଏକ ପ୍ରମୁଖ ସୁପର ସ୍ପେଶିଆଲିଟି ହସ୍ପିଟାଲ ଏଆଇଜି ହସ୍ପିଟାଲ୍‌ସ ଅଧ୍ୟକ୍ଷ ଡା. ଡି. ନାଗେଶ୍ୱର ରେଡ୍ଡୀଙ୍କୁ ଦି ଆମେରିକାନ୍ ସୋସାଇଟି ଅଫ୍ ଗାଷ୍ଟ୍ରୋଏଣ୍ଟେଷ୍ଟିନାଲ ଏଣ୍ଡୋସ୍କୋପି (ଏଏସ୍‌ଜିଇ) ପକ୍ଷରୁ ସମ୍ମାନଜନକ ତଥା ପ୍ରସିଦ୍ଧ ରୁଡ୍‌ଲଫ୍ ଭି ସିଣ୍ଡଲର ପୁରସ୍କାର ପ୍ରଦାନ କରାଯାଇଛି। ଏହା ଜିଆଇ ଏଣ୍ଡୋସ୍କୋପି କ୍ଷେତ୍ରରେ ବିଶ୍ୱର ଏକ ଅଗ୍ରଣୀ ସଂସ୍ଥା । ଏହି ପୁରସ୍କାରକୁ ଏଏସ୍‌ଜିଇର ବାର୍ଷିକ କ୍ରିଷ୍ଟାଲ୍ ଆୱାର୍ଡରେ ଏକ ଭର୍ଚୁଆଲ୍ ଉତ୍ସବରେ ଡା. ରେଡ୍ଡୀଙ୍କୁ ପ୍ରଦାନ କରାଯାଇଛି। 'ଗାଷ୍ଟ୍ରୋସ୍କୋପିର ଜନକ' ଡା. ସିଣ୍ଡଲରଙ୍କ ନାମରେ ଏହି ପୁରସ୍କାର ନାମିତ କରାଯାଇଛି। ଡା. ଡି. ନାଗେଶ୍ୱର ରେଡ୍ଡୀ ପ୍ରଥମ ଭାରତୀୟ ମେଡିକାଲ ପ୍ରାକ୍ଟିସନର ଭାବରେ ଏହି ସ୍ୱୀକୃତି ଲାଭ କରିଛନ୍ତି।

# ଠକ କମ୍ପ୍ୟୁଟର ସଂସ୍ଥା ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ

**ଭୁବନେଶ୍ୱର,୨୭ା୫**

ସାରା ରାଜ୍ୟରେ ଛତୁ ଫୁଟିଲା ପରି କମ୍ପ୍ୟୁଟର ପାଠ୍ୟକ୍ରମ ପ୍ରଦାନ କରୁଥିବା ସଂସ୍ଥା ଖୋଲିଛି। ଏହିସବୁ ସଂସ୍ଥା କେତେକ ଏନ୍‌ଜିଓ ଓ ଅଣ ଅନୁମୋଦିତ ଶିକ୍ଷାନୁଷ୍ଠାନ କେବଳ ସୋସାଇଟି ରେଜିଷ୍ଟ୍ରେଶନ ଆକ୍ଟ ୧୮୬୦ରେ ପଞ୍ଜୀକୃତ ହୋଇ ବେଆଇନ ଭାବେ କମ୍ପ୍ୟୁଟର ପାଠ୍ୟକ୍ରମ ଶିକ୍ଷା ପ୍ରଦାନ ସହ ସାର୍ଟିଫିକେଟ ମଧ୍ୟ ପ୍ରଦାନ କରୁଛନ୍ତି। ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ଓ ବେଆଇନ କାର୍ଯ୍ୟକଳାପ ସରକାରଙ୍କ ନଜରକୁ ଆସିଛି। ଉକ୍ତ ସଂସ୍ଥାଗୁଡ଼ିକ ଏଆଇସିଟିଇ,ଏନ୍‌ସିଭିଟି କିମ୍ବା କୌଣସି ବିଶ୍ୱବିଦ୍ୟାଳୟଠାରୁ ଅନୁମୋଦନ ନ ଆଣି ବେଆଇନ ଭାବେ ପାଠ୍ୟକ୍ରମ ଅନୁସାରେ ସାର୍ଟିଫିକେଟ ପ୍ରଦାନ କରି ପିଲାଙ୍କୁ ଠକୁଥିବା ଘଟଣା ସରକାରଙ୍କ ଦୃଷ୍ଟିଗୋଚର ହୋଇଛି।

ଏଭଳି ଏକ ସଙ୍ଗିନ ଘଟଣା ଉପରେ ବିଭାଗ ନଜର ରଖିବା ସହ ବେଆଇନ କାର୍ଯ୍ୟକଳାପରେ ଲିପ୍ତ ରହୁଥିବା ସଂସ୍ଥା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସରକାର କଡ଼ା ନିର୍ଦ୍ଦେଶାବଳୀ ଜାରି କରିଛନ୍ତି। ସରକାର ବର୍ତ୍ତମାନ ସମୟରେ କମ୍ପ୍ୟୁଟର ଶିକ୍ଷା ଓ ବ୍ୟବହାରକୁ ବିଭିନ୍ନ କ୍ଷେତ୍ରରେ ବାଧ୍ୟତାମୂଳକ କରିଥିବାରୁ ପିଲାମାନଙ୍କୁ କମ୍ପ୍ୟୁଟର ଶିକ୍ଷା ଓ ସାର୍ଟିଫିକେଟର ଆବଶ୍ୟକତା ସବୁ କ୍ଷେତ୍ରରେ ପଡୁଛି। ସେହିଭଳି ନିଯୁକ୍ତି କ୍ଷେତ୍ରରେ କମ୍ପ୍ୟୁଟର ଶିକ୍ଷାକୁ ଗୁରୁତ୍ୱ ଦିଆଯାଇଥିବାରୁ ଏଭଳି ଘଟଣା ଓ ଜାଲ୍ ସାର୍ଟିଫିକେଟ ନଜରକୁ ଆସିଛି। ସରକାର ନିଯୁକ୍ତି ପାଇଁ ସ୍ୱୀକୃତିପ୍ରାପ୍ତ ସଂସ୍ଥା ଓ ଶିକ୍ଷାନୁଷ୍ଠାନର ସାର୍ଟିଫିକେଟର ଆବଶ୍ୟକତା କରୁଛନ୍ତି।

ସେହିପରି ନିଯୁକ୍ତି ସମୟରେ କମ୍ପ୍ୟୁଟର ସାର୍ଟିଫିକେଟ ସରକାରୀ ପ୍ରଦତ୍ତ ସଂସ୍ଥାର ଗ୍ରହଣ ପାଇଁ ବିଭିନ୍ନ ସଂସ୍ଥା ଓ ବିଭାଗ ଏପରିକି ଜିଲାପାଳମାନଙ୍କୁ ମଧ୍ୟ ନିକଟରେ ସରକାରଙ୍କ ଚିଠି ନଂ. ୪୩୫– ଓଡ଼ିଶା ଗେଜେଟ ନମ୍ବର ୪୬୫ ଜରିଆରେ ଅବଗତ କରାଯାଇଛି। ରାଜ୍ୟରେ ବର୍ତ୍ତମାନ ୧୦ ହଜାରରୁ ଊର୍ଦ୍ଧ୍ୱ କମ୍ପ୍ୟୁଟର ଶିକ୍ଷାକେନ୍ଦ୍ର ଚାଲୁଥିବା ବେଳେ ସେଥି ମଧ୍ୟରୁ ଅନେକ ସରକାରୀ ସ୍ୱୀକୃତି ପାଇ ନ ଥିବା ସୂଚନା ମିଳିଛି। ଏ ନେଇ ରାଜସ୍ୱ ପର୍ଷଦ ପକ୍ଷରୁ ସମସ୍ତ ଜିଲାର ଅତିରିକ୍ତ ଜିଲାପାଳ ତଥା ଅତିରିକ୍ତ ପଞ୍ଜୀକରଣ ଅଧିକାରୀମାନଙ୍କୁ ୧୯୭୯ ଚିଠି ଜରିଆରେ ଅବଗତ କରାଯାଇଛି। ବେଆଇନ ତାଲିମ କେନ୍ଦ୍ର ଓ ଅଣ ସ୍ୱୀକୃତିପ୍ରାପ୍ତ ସଂସ୍ଥାଗୁଡ଼ିକ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଛାତ୍ରୀଛାତ୍ରଙ୍କୁ ଠକାମିରୁ ସୁରକ୍ଷିତ ରଖିବା ପାଇଁ ଚିଠିରେ କୁହାଯାଇଛି।

# ଏପ୍ରିଲରେ ଖୁଚୁରା ବିକ୍ରି ୪୯% କମିଲା

**ନୂଆଦିଲ୍ଲୀ,୨୭ା୫**

କୋଭିଡ୍୧୯ ଯୋଗୁ ଖାଉଟି ଚାହିଦା ପ୍ରଭାବିତ ହୋଇ ରହିଛି। ଏହା ବଜାର ଉପରେ ଚାପ ପକାଇବା ଯୋଗୁ ଲୋକମାନେ କ୍ରୟ କରିବା ବେଳେ ଅନେକ କଥା ଭାବୁଛନ୍ତି। କୋଭିଡ୍ ପାଇଁ ଚଳିତ ବର୍ଷ ଏପ୍ରିଲରେ ରିଟେଲ ସେଲ୍ ବା ଖୁଚୁରା ବିକ୍ରି ୪୯% ହ୍ରାସ ହୋଇଛି। ସ୍ପୋର୍ଟ୍ସୱେର, ଜୁଏଲେରି ଏବଂ ଫୁଟ୍‌ୱେର ସେଗ୍‌ମେଣ୍ଟ ସବୁଠାରୁ ବେଶି ପ୍ରଭାବିତ ହୋଇଛି। ସେହିଭଳି ବିୟୁଟି, ପର୍ସନାଲ କେୟାର, ଆପାରେଲ ଏବଂ ଫାଷ୍ଟଫୁଡ୍ ରେଷ୍ଟୁରାଣ୍ଟ ଭଳି କ୍ଷେତ୍ର ମଧ୍ୟ କ୍ଷତି ସହୁଛି। ଦ୍ୱିତୀୟ ଲହରରେ କଞ୍ଜ୍ୟୁମର ଇଲେକ୍‌ଟ୍ରୋନିକ୍ସ ବେପାର ଉପରେ ଚାପ ରହିଛି। କାରଣ ବର୍ତ୍ତମାନ ଦୋକାନ ବଜାର ବନ୍ଦ ରହିବା




ଯୋଗୁ ବ୍ୟବସାୟୀମାନେ କାରବାର କରିପାରୁନାହାନ୍ତି। ଦେଶର ପଶ୍ଚିମ ଭାଗରେ ରିଟେଲ ସେଲ୍ ୭୨% କମିଛି। ରିଟେଲର ଆସୋସିଏଶନ ଅଫ୍ ଇଣ୍ଡିଆ ପକ୍ଷରୁ ହୋଇଥିବା ଏକ ସର୍ଭେ ମୁତାବକ, ଦେଶର ପୂର୍ବଭାଗରେ ଖୁଚୁରା ବିକ୍ରି ପ୍ରାୟ ୩୮% ନିମ୍ନରେ ରହିଛି। ଉତ୍ତର ଭାରତ ଏବଂ ଦକ୍ଷିଣ ଭାରତରେ ବିକ୍ରି ଯଥାକ୍ରମେ ୪୫% ଏବଂ ୪୦% ନିମ୍ନରେ ରହିଛି।


**OFFICE OF THE EXECUTIVE ENGINEER, MAYURBHANJ (R&B) DIVISION, BARIPADA**
**INVITATION FOR BIDS (IFB) 03/2021-22**
**1st CORRIGENDUM TO BID IDENTIFICATION NO.-03/2021-22**
E-mail- bpd_eerb@rediffmail.com

**No.B-108:-** Due to unavoidable circumstances & Cyclonic Storm "YAAS" the critical dates for online bidding & opening of bids has been changed as follows:-

1. Date of online bidding from 10.00 AM of dt.02.06.2021 to 4.00 PM of dt.16.06.2021 instead of 9.00 AM of dated 26.05.2021 to 4.00 PM of dated 08.06.2021.
2. Date of opening of online bids at 11.00 AM on dt.17.06.2021 instead of at 11.00 AM on dated 09.06.2021.

All other terms and conditions are remaining unchanged.
**Sd./- Executive Engineer, Mayurbhanj (R&B) Division**
OIPR-34060/11/0002/2122

**ODISHA STATE CIVIL SUPPLIES CORPORATION LIMITED, MALKANGIRI UNIT**
No.734 Date 27.05.2021
**CORRIGENDUM TO THE TENDER CALL NOTICE FLOATED VIDE TENDER NO. 665 DATED.16.05.2021**
No.CAD-341:- The Location (Block/ULB) appearing at Column-2 of Appendix-1 (5th) may be read as SPEG, Khairput / Private Godown, Aunliput instead of RMC Yard, Near Block Office, Mathili i.e. the commodities under NFSA/ SFSS in respect of Mathili Block will be lifted from SPEG, Khairput / Private Godown, Aunliput.
**Sd./- District Managar, OSCSC Ltd., Malkangiri**
OIPR-07035/11/0005/2122

**ପୂର୍ବ ତଟ ରେଳପଥ**
**ଇଂଜିନିୟରିଂ କାର୍ଯ୍ୟ**
ଫାଇଲ୍ ନଂ.DRM/Engg/KUR/21-22/ E-Tender/20, ତା.24.05.2021ରିଖ
(1) ଟେଣ୍ଡର ସଂ.e-Tender-HQ-KUR-47-2021,ତା.19.05.2021ରିଖ
**ବିବରଣୀ:** ସେକ୍ସନ ଇଂଜିନିୟର(କାର୍ଯ୍ୟ)/ମୁଖ୍ୟାଳୟ/ ଖୋର୍ଦ୍ଧା ରୋଡ୍ ଅଧୀନସ୍ଥ ଖୋର୍ଦ୍ଧା ରୋଡ୍ ଠାରେ ରୋଡ୍ ଅଣ୍ଡର ବ୍ରିଜ୍ ନଂ.633 ର ରକ୍ଷଣାବେକ୍ଷଣ ସହିତ ଲୋକୋ କଲୋନୀ (ଷ୍ଟେସନ ବିଲ୍ଡିଙ୍ଗ୍ ସହିତ ଷ୍ଟାଫ୍ କ୍ୱାର୍ଟର, ସର୍ଭିସ୍ ବିଲ୍ଡିଙ୍ଗ୍ ସମୂହ)ରେ 30.06.2022 ପର୍ଯ୍ୟନ୍ତ ଅବଧି ନିମନ୍ତେ ପ୍ରତ୍ୟେକ ଟ.5,00,000/- କିମ୍ବା ତା'ଠାରୁ କମ୍ ମୂଲ୍ୟର ନୂତନ କାର୍ଯ୍ୟ, ବର୍ତ୍ତମାନ ଥିବା ଷ୍ଟ୍ରକଚର ଗୁଡ଼ିକର ସଂଯୋଜନା ଏବଂ ପରିବର୍ତ୍ତନ (Addition & Alternation), ବିବିଧ ପ୍ରକୃତିର ସମସ୍ତ ଛୋଟ ମରାମତି ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ ତଥା ଯୋଗାଣ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ:** 68.28 ଲକ୍ଷ ।
(2) ଟେଣ୍ଡର ସଂ.e-Tender-HQ-KUR-48-2021,ତା.19.05.2021ରିଖ
**ବିବରଣୀ :** ଖୋର୍ଦ୍ଧା ଟାଉନ(KURT) ଷ୍ଟେସନ ଠାରେ ନୂଆ ଗୁଡ୍‌ସ ଟର୍ମିନାଲର ବ୍ୟବସ୍ଥା ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ:** 348.03 ଲକ୍ଷ ।
ଶେଷ ହେବା ଅବଧି: 12(ବାର) ମାସ (ସମସ୍ତ ଟେଣ୍ଡର ନିମନ୍ତେ) ।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.09.06.2021 ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ) ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଙ୍ଗ)/ ଖୋର୍ଦ୍ଧା ରୋଡ୍
PR-118/M/21-22

**OFFICE OF THE SUPERINTENDENT PANDIT RAGHUNATH MURMU MEDICAL COLLEGE & HOSPITAL**
BARIPADA, MAYURBHANJ - 757001
**SUPERINTENDENT PRM MCH, BARIPADA, MAYURBHANJ**
**TENDER CALL NOTICE**
**Notice No. 1642** **Date: 25.05.2021**
No. E-116: Sealed tenders are invited from interested agencies having adequate experience in taking up the **"Printing & Supply of different formats & register"**. Details regarding the items and terms & conditions may be downloaded from the website **www.mayurbhanj.nic.in**. The tender should reach in the Office of the undersigned as per the date mentioned in the tender paper through Registered Post/Speed Post/Courier only. **The last date of the bid submission on Dt.17.06.2021 till 5.30 P.M. and tender will be opened on Dt.18.06.2021 at 11 A.M. in the Committee Hall of PRM MCH, Baripada**. The undersigned will not be held responsible for any postal delay and reserves the right to reject any or all the quotations without mentioning reason thereof.
**Sd./- Superintendent, PRM MCH**
**Baripada, Mayurbhanj**
**OIPR-10120/11/0001/2122**

**GOVERNMENT OF ODISHA** No. B-105
**OFFICE OF THE SUPERINTENDING ENGINEER**
**PHULBANI (R&B) CIRCLE, PHULBANI**
**Phone:- 06842 254004 | E-mail: sernbphulbani@gmail.com**
**INVITATION FOR BIDS (IFB)**
**Bid Identification No. SE-(R&B)-PLB-04/2021-22**
**No. 736** **Dated: 20.05.2021**

| | | | |
|---|---|---|---|
| 1 | The Superintending Engineer, Phulbani (R&B) Circle, Phulbani on behalf of the Governor of Odisha invites percentage rate bid (Composite Tender) in double cover system in ONLINE MODE for construction of building works detailed in the table below from eligible contractors. | | |
| 2 | Nature of Work | :- | Building work |
| 3 | No. of tenders | :- | 4 Nos. of Building works |
| 4 | Tender cost | :- | Rs. 10,000/- (through online) only. |
| 5 | Class of Contractor | :- | "B" & "A" Class |
| 6 | Date & Time of sale & receipt of bids | :- | 10.00 AM of 31.05.2021 to 5.00 PM of 17.06.2021 |
| 7 | Date of Opening of bid | :- | 11.00 AM of 18.06.2021 |
| 8 | The Bidders shall have to participate in online bidding only. Further details can be seen from the website https://tendersodisha.gov.in. Any addendum/Corrigendum/Cancellation of tender can also be seen in the said website. The authority reserves the right to reject any or all bids without assigning any reason. | | |

**Sd./- Superintending Engineer, Phulbani (R&B) Circle, Phulbani**
OIPR-34129/11/0004/2122




**ODISHA STATE CIVIL SUPPLIES CORPORATION LIMITED, MALKANGIRI UNIT**
No.732/ Date 27.05.2021
**Corrigendum to the Tender Call Notice Floated vide Tender No.665 Dated 16.05.2021**
No. CAD-340:- In pursuance of Letter No. 7426 Dated 25.05.2021 of Managing Director, OSCSC Ltd., Bhubaneswar, the closing date of E-Tender has been extended and fixed to 16.06.2021. The date line of activites which follow the closing date has also been modified & mentioned in the table given below.

| Sl. No. | Activity | Revised Schedule of Programme | Time |
|---|---|---|---|
| 1 | Last date for online submission of tender document with enclosures | 16.06.2021 | 5.00 P.M. |
| 2 | Date of technical bid opening | 21.06.2021 | 11.00 A.M. |
| 3 | Date of submission of original document by the tenderers in support of scanned copies uploaded in the portal for verification by district office | 21.06.2021 | 11.00 A.M. |
| 4 | Technical bid evaluation, approval of the meeting proceedings, uploading of the outcome of technical bid evaluation in the portal and declaration of date of financial bid opening through portal | 23.06.2021 | 11.00 A.M. |

By Order's of Collector
OIPR-07035/11/0004/2122 **Sd./- District Manager, OSCSC Ltd., Malkangiri**

**OFFICE OF THE EXECUTIVE ENGINEER, RURAL WORKS DIVISION, BARIPADA**
**e-mail- rw_mayurbhanj@yahoo.co.in**
**1st Corrigendum to Tender Call Notice No.01/RWD/BPD/2021-22**
No.O-275:- The date of Sale, Receipt & Opening of the said notice is modified as under.

| Procurement Officer | Bid Idenficiation No. | Availability of tender On-line for bidding | | Last date & time of seeking tender clarification | Date & Time of Opening of tender in the office of the Executive Engineer, R.W. Division, Baripada |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Baripada | 01 (Online)/ RWD-BPD of 2021-22 | Dt.16.06.21 at 11.00 A.M. | Dt.25.06.21 upto 5.00 P.M. | Dt.24.06.21 upto 5.00 P.M. | Dt.28.06.21 at 11.00 A.M. |

All other terms and conditions remain unchanged.
OIPR-25057/11/0002/2122 **Sd./- Executive Engineer, R.W. Division, Baripada**

**ODISHA STATE CIVIL SUPPLIES CORPORATION LIMITED, MALKANGIRI UNIT**
No.736/ Date 27.05.2021
**Corrigendum to the Tender Call Notice Floated vide Tender No.667 Dated 16.05.2021**
No. CAD-342:- In pursuance of Letter No. 7426 Dated 25.05.2021 of Managing Director, OSCSC Ltd., Bhubaneswar, the closing date of E-Tender has been extended and fixed to 16.06.2021. The date line of activites which follow the closing date has also been modified & mentioned in the table given below.

| Sl. No. | Activity | Revised Schedule of Programme | Time |
|---|---|---|---|
| 1 | Last date for online submission of tender document with enclosures | 16.06.2021 | 5.00 P.M. |
| 2 | Date of technical bid opening | 21.06.2021 | 11.00 A.M. |
| 3 | Date of submission of original document by the tenderers in support of scanned copies uploaded in the portal for verification by district office | 21.06.2021 | 11.00 A.M. |
| 4 | Technical bid evaluation, approval of the meeting proceedings, uploading of the outcome of technical bid evaluation in the portal and declaration of date of financial bid opening through portal | 23.06.2021 | 11.00 A.M. |

By Order's of Collector
OIPR-07035/11/0006/2122 **Sd./- District Manager, OSCSC Ltd., Malkangiri**

**OFFICE OF THE SUPERINTENDING ENGINEER, RURAL WORKS CIRCLE, BARIPADA**
**E-mail ID: serwcbaripada@gmail.com, Ph. No.: 06792-261343/261344, Gangraj, Baripada**
**"e" Procurement Notice for Bridge Works**
**No. O-268** **Identification No. - Online Tender - Bridge N.C.B. No. 185 for 2021-22**
**Letter No. 1456** **Date: 25.05.2021**
1. Name of the Work : Consultancy Services for Engagement of a Consultant for preparation of Detailed Project Report (DPR) including alignment finalization, hydraulic particulars, geotechnical investigation, preparation of G.A.D., preparation of G.F.C. drawing with detailed component structural design, detailed estimate with rate analysis location wise, BOQ & BID documents for construction of the bridge in the District of Mayurbhanj.
2. Total No. of Projects : 04 Nos. (Four Nos.)
3. Period of Completion : As per RFP
6. Other details :

| Procurement Officer | Bid Identification No. | Availability of tender Online for Bidding | | Last date & time of seeking tender clarification | Date & time of Opening of Tender in O/o. S.E.R.W. Circle, Baripada | |
|---|---|---|---|---|---|---|
| | | From | To | | Technical Proposal | Financial Proposal |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Circle, Baripada | BRIDGE Online N.C.B. No. 185 | Dt.31.05.2021 at 10.00 A.M. | Dt.21.06.2021 upto 5.00 P.M. | Dt.14.06.2021 upto 1.00 P.M. | Dt.25.06.2021 at 11.00 A.M. | Will be intimated Separately |

- Further details can be seen from the website: **www.tendersodisha.gov.in**.
- Any Corrigendum/Addendum will be displayed in the above e_tender website only.

**OIPR-25130/11/0006/2122** **Sd./- Superintending Engineer, R.W. Circle, Baripada**



ଏଲୋପାଥିକ୍ ଚିକିତ୍ସା ଓ ଡାକ୍ତରମାନଙ୍କ ବିରୋଧରେ ବିବାଦୀୟ ମନ୍ତବ୍ୟ ଦେଇ ଆଇଏମ୍ଏଠାରୁ ହଜାରେ କୋଟିର ମାନହାନି ନୋଟିସ୍ ପାଇଥିବା ଯୋଗଗୁରୁ ରାମଦେବଙ୍କ ଟାଣପଣ କମିନାହିଁ। ତାଙ୍କୁ ଗିରଫ ଦାବି ସମ୍ପର୍କରେ ରାମଦେବ କହିଛନ୍ତି, ସେମାନଙ୍କ ବାପା ବି ମୋତେ ଗିରଫ କରିପାରିବେ ନାହିଁ। ସୋସିଆଲ୍ ମିଡିଆରେ ଏହି ଭିଡିଓ ଭାଇରାଲ୍ ହୋଇଛି।



## ସଂକ୍ଷେପରେ

### ଆମେରିକା ପ୍ରଶାସନରେ ସାମିଲ ହୋଇପାରନ୍ତି ଅରୁଣ ଭେଙ୍କଟରମଣ



**ୱାଶିଂଟନ, ୨୭।୫:** ଆମେରିକା ବୈଦେଶିକ ବାଣିଜ୍ୟ ସେବା ପ୍ରଶାସନରେ ଭାରତୀୟ ବଂଶୋଦ୍ଭବ ଅରୁଣ ଭେଙ୍କଟରମଣ ଯୋଗଦେଇପାରନ୍ତି। ଏହି ଭାରତୀୟ-ଆମେରିକୀୟ ବାଣିଜ୍ୟ ବିଶେଷଜ୍ଞଙ୍କୁ ମନୋନୀତ କରିବା ଲାଗି ରାଷ୍ଟ୍ରପତି ଜୋ ବାଇଡେନ୍ ଆଗ୍ରହ ପ୍ରକାଶ କରିଛନ୍ତି। ଭେଙ୍କଟରମଣ ୟୁନାଇଟେଡ୍ ଷ୍ଟେଟ୍ ଓ ବୈଦେଶିକ ବାଣିଜ୍ୟ ସେବା ମହାନିର୍ଦ୍ଦେଶକ ଏବଂ ବିଶ୍ୱ ବଜାର ପାଇଁ ସହକାରୀ ସଚିବ ପଦବୀ ନିମନ୍ତେ ନୋମିନି ଥିବା ହ୍ୱାଇଟ୍ ହାଉସ୍ ପକ୍ଷରୁ କୁହାଯାଇଛି। ବିଭିନ୍ନ କମ୍ପାନୀ, ଅନ୍ତର୍ଜାତୀୟ ସଂଗଠନ ଏବଂ ଆମେରିକା ସରକାରଙ୍କୁ ଅନ୍ତର୍ଜାତୀୟ ବାଣିଜ୍ୟ ପ୍ରସଙ୍ଗରେ ପରାମର୍ଶ ଦେବାରେ ଭେଙ୍କଟରମଣଙ୍କର ୨୦ ବର୍ଷର ଅଭିଜ୍ଞତା ରହିଛି। ସେ ଏବେ ବାଣିଜ୍ୟ ସଚିବଙ୍କ ପରାମର୍ଶଦାତା ଅଛନ୍ତି।

### 'ର', ଆଇବି ମୁଖ୍ୟଙ୍କ କାର୍ଯ୍ୟକାଳ ବର୍ଷେ ବଢ଼ିଲା

**ନୂଆଦିଲ୍ଲୀ, ୨୭।୫(ପି.ଟି.):** ଦେଶର ବାହ୍ୟ ଗୋଇନ୍ଦା ସଂସ୍ଥା ରିସର୍ଚ୍ଚ ଆଣ୍ଡ ଆନାଲିସିସ୍ ୱିଙ୍ଗ୍ (ର) ମୁଖ୍ୟ ସାମନ୍ତ କୁମାର ଗୋୟଲ ଏବଂ ଇଣ୍ଟେଲିଜେନ୍ସ ବ୍ୟୁରୋ (ଆଇବି) ମୁଖ୍ୟ



ସାମନ୍ତ ଗୋୟଲ    ଅରବିନ୍ଦ କୁମାର

ଅରବିନ୍ଦ କୁମାରଙ୍କ ସେବା କାର୍ଯ୍ୟକାଳକୁ ଗୋଟିଏ ବର୍ଷ ବଢ଼ାଇ ଦିଆଯାଇଛି। ର' ସଚିବ ଥିବା ୧୯୮୪ ବ୍ୟାଚ୍ ପଞ୍ଜାବ କ୍ୟାଡର ଆଇପିଏସ୍ ଅଫିସର ଗୋୟଲଙ୍କ କାର୍ଯ୍ୟକାଳ ଜୁନ୍ ୩୦ରେ ଶେଷ ହେବାକୁ ଥିବାବେଳେ ଏହାକୁ କେନ୍ଦ୍ର ସରକାର ଆଉ ବର୍ଷେ ବୃଦ୍ଧି କରିଛନ୍ତି। ସେହିପରି ଆଇବି ମୁଖ୍ୟ ଥିବା ଆସାମ ଓ ମେଘାଳୟ କ୍ୟାଡର ଆଇପିଏସ୍ ଅଫିସର ଅରବିନ୍ଦଙ୍କ କାର୍ଯ୍ୟକାଳ ଜୁନ୍ ୩୦ରେ ଶେଷ ହେଉଥିବାବେଳେ ଏହାକୁ ଆଉ ବର୍ଷେ ବଢ଼ାଇ ଦିଆଯାଇଛି। ନିଯୁକ୍ତି ସମ୍ପର୍କିତ କ୍ୟାବିନେଟ କମିଟି ସେମାନଙ୍କ କାର୍ଯ୍ୟକାଳ ବୃଦ୍ଧିକୁ ଅନୁମୋଦନ କରିଥିବା ନିର୍ଦ୍ଦେଶନାମାରେ କୁହାଯାଇଛି।

### ପଶ୍ଚିମବଙ୍ଗରେ ଜୁନ୍ ୧୫ ଯାଏ ଲକ୍‌ଡାଉନ ବୃଦ୍ଧି

**କୋଲକାତା, ୨୭।୫:** ପଶ୍ଚିମବଙ୍ଗରେ କରୋନା ସଂକ୍ରମଣ ବଢ଼ିଚାଲିଥିବାରୁ ଏହାକୁ ରୋକିବା ପାଇଁ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ରାଜ୍ୟରେ ଲକ୍‌ଡାଉନ କଟକଣାକୁ ଜୁନ୍ ୧୫ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ବର୍ତ୍ତମାନର ଲକ୍‌ଡାଉନ ମେ' ୩୦ ଯାଏ ଲାଗୁ ହୋଇଥିଲା। ବୁଧବାର ପଶ୍ଚିମବଙ୍ଗରେ ୧୬,୨୨୫ ନୂଆ ପଜିଟିଭ୍ ଚିହ୍ନଟ ହେବା ସହ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧୩,୧୮,୨୦୩ରେ ପହଞ୍ଚିଛି। ସେହିପରି ଗତ ୨୪ ଘଣ୍ଟାରେ ୧୫୩ ମୃତ୍ୟୁକୁ ମିଶାଇ ରାଜ୍ୟରେ ମୋଟ ମୃତ୍ୟୁସଂଖ୍ୟା ୧୪,୮୨୭ ହୋଇଛି। ପଶ୍ଚିମବଙ୍ଗରେ ଏବେ ୧,୨୩,୩୭୭ ସକ୍ରିୟ ମାମଲା ରହିଛି।

### ତିବ୍ବତ ନିର୍ବାସିତ ସରକାରର ରାଷ୍ଟ୍ରପତି ଭାବେ ଶପଥ ନେଲେ ପେନ୍‌ପା ସେରିଙ୍ଗ୍



**ଧର୍ମଶାଳା, ୨୭।୫:** ଧର୍ମଶାଳାସ୍ଥିତ ତିବ୍ବତୀୟ ନିର୍ବାସିତ ସରକାର ସେଣ୍ଟ୍ରାଲ ତିବ୍ବେଟାନ୍ ଆଡମିନିଷ୍ଟ୍ରେଶନ (ସିଟିଏ)ର ରାଷ୍ଟ୍ରପତି ଭାବେ ପେନ୍‌ପା ସେରିଙ୍ଗ ଗୁରୁବାର ଶପଥ ଗ୍ରହଣ କରିଛନ୍ତି। ଲୋବସାଙ୍ଗ ସଙ୍ଗୟଙ୍କ ସ୍ଥାନରେ ଅବସ୍ଥାପିତ ହୋଇଥିବା ପେନ୍‌ପା ଚାଇନା-ତିବ୍ବତ ବିବାଦର ଶାନ୍ତିପୂର୍ଣ୍ଣ ତଥା ଆପୋସ ସମାଧାନ ପାଇଁ ଚାଇନା ସରକାରଙ୍କ ସହ ଆଲୋଚନା କରିବେ ବୋଲି କହିଛନ୍ତି। ଚିଫ୍ ଜଷ୍ଟିସ୍ କମିଶନର ସୋନମ ନୋର୍‌ବୁ ଡାଗ୍‌ପୋ ତାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ। ସିଟିଏର ୧୭ତମ ନିର୍ବାସିତ ପାର୍ଲାମେଣ୍ଟକୁ ଗଣତାନ୍ତ୍ରିକ ଭାବେ ରାଷ୍ଟ୍ରପତି ନିର୍ବାଚିତ ହେବାରେ ପେନ୍‌ପା ଦ୍ୱିତୀୟ ନେତା।

## ଶହେ ସଂକ୍ରମିତଙ୍କ ପ୍ରସବ କରାଇଲେଣି

ସାରା ବିଶ୍ୱ କରୋନା ମହାମାରୀରେ ଯୁଝି ହେଉଥିବାବେଳେ ନିଜ କର୍ତ୍ତବ୍ୟ ଦ୍ୱାରା ଉଦାହରଣ ସୃଷ୍ଟି କରିଛନ୍ତି କଶ୍ମୀରର ଦୁଇ ନର୍ସ। ଜବାହରଲାଲ ନେହେରୁ ହସ୍ପିଟାଲରେ କାମ କରୁଥିବା ଶ୍ରୀନଗରର ଶଗୁଫ୍ତା ଖାନ୍ କୋଭିଡ୍‌ରେ ସଂକ୍ରମିତ ଶହେରୁ ଊର୍ଦ୍ଧ୍ୱ ଗର୍ଭବତୀଙ୍କ ପ୍ରସବ କରାଇଛନ୍ତି। କେବଳ ପ୍ରସୂତିଙ୍କ ନୁହେଁ ନବଜାତକଙ୍କ ମଧ୍ୟ ଶଗୁଫ୍ତା ଆବଶ୍ୟକ ଯତ୍ନ ନେଉଛନ୍ତି। କରୋନା ଆକ୍ରାନ୍ତ ଗର୍ଭବତୀଙ୍କୁ ଠିକ୍ ଚିକିତ୍ସା ଯୋଗାଇବା ଆହ୍ୱାନପୂର୍ଣ୍ଣ ହୋଇଥିଲେ ହେଁ ନିଜ କର୍ତ୍ତବ୍ୟ କରିବାକୁ ପଡ଼ିବ ବୋଲି ସେ କହିଛନ୍ତି। ସେହିପରି ଟିକାକରଣ ଦାୟିତ୍ୱରେ ଥିବା ପୁଲୱାମା ଜିଲାର ତବସୁମ୍ ଏରା ଆଉ ଏକ ଉଦାହରଣ ପାଲଟିଛନ୍ତି। ଏବେ ସୁଦ୍ଧା ସେ ଏକାକୀ ଜିଲାର ୬ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ଟିକାକରଣ କରାଇଛନ୍ତି। ଭାକ୍ସିନ ସମ୍ପର୍କିତ ଗୁଜବରେ ବିଶ୍ୱାସ ନ କରିବାକୁ ସେ ଲୋକଙ୍କୁ ସଚେତନ ମଧ୍ୟ କରାଉଛନ୍ତି।



ଶଗୁଫ୍ତା ଖାନ

## ପଦ ଛାଡ଼ିବେ ଆମାଜନ୍ ସିଇଓ

ଇ-କମର୍ସ କମ୍ପାନୀ ଆମାଜନ୍‌ର ପ୍ରତିଷ୍ଠାତା ଜେଫ୍ ବେଜୋସ୍ ଆସନ୍ତା ଜୁଲାଇ ୫ରେ ସିଇଓ ପଦ ଛାଡ଼ିବେ। ବୁଧବାର ଆମାଜନ୍ ଶେୟାର ହୋଲ୍ଡରଙ୍କ ସହ ଏକ ବୈଠକରେ ବେଜୋସ୍ ଏହି ଘୋଷଣା କରିଛନ୍ତି। ୧୯୯୪ରେ ସମାନ ତାରିଖରେ ଆମାଜନ୍‌ର ପ୍ରତିଷ୍ଠା ହୋଇଥିଲା। ଆଣ୍ଡି ଜେସିଙ୍କୁ କମ୍ପାନୀର ପରବର୍ତ୍ତୀ ସିଇଓ କରାଯିବ ବୋଲି ସେ କହିଛନ୍ତି। ଜେସି ଏବେ କମ୍ପାନୀର ୱେବ୍ ସର୍ଭିସ୍ କ୍ଲାଉଡ୍ କମ୍ପ୍ୟୁଟିଂ ବିଜ୍‌ନେସ୍ ଦାୟିତ୍ୱରେ ଅଛନ୍ତି। ସିଇଓ ପଦରୁ ହଟିବା ପରେ ବେଜୋସ୍ ଏକ୍‌ଜିକ୍ୟୁଟିଭ୍ ପଦ ସମ୍ଭାଳିବେ। ଏହା ସହ ଆମାଜନ୍ ହଲିଉଡ୍ ଷ୍ଟୁଡିଓ ଏମ୍‌ଜିଏମ୍‌କୁ ୮.୪୫ ବିଲିୟନ ଡଲାରରେ କିଣିବ ବୋଲି ଘୋଷଣା କରିଛି।



# ଭାରତରେ ୪୨ ଲକ୍ଷ କରୋନା ମୃତ୍ୟୁ



ଅମୃତସରସ୍ଥିତ ଏକ ଶ୍ମଶାନରେ ଜଣେ କୋଭିଡ୍ ମୃତକଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଉଛି।

## ନ୍ୟୁୟର୍କ ଟାଇମ୍ସ ରିପୋର୍ଟ

**ନ୍ୟୁୟର୍କ/ନୂଆଦିଲ୍ଲୀ, ୨୭।୫**

କରୋନା ମହାମାରୀ ଯୋଗୁ ଭାରତରେ ଘଟୁଥିବା ମୃତ୍ୟୁସଂଖ୍ୟାକୁ ନେଇ ଲଗାତର ପ୍ରଶ୍ନ ଉଠିବାରେ ଲାଗିଛି। ସରକାର ବତାଉଥିବା ସଂଖ୍ୟାକୁ ଭୁଲ୍ ବୋଲି କୁହାଯାଉଛି। ଶ୍ମଶାନ ଘାଟ ଓ ନଦୀକୂଳର ଚିତ୍ର ଦେଖିଲେ ସରକାରଙ୍କ ଡାଟା ତ୍ରୁଟିଯୁକ୍ତ ମନେହେଉଛି। ଏଭଳି ସମୟରେ ଆମେରିକାର 'ନ୍ୟୁୟର୍କ ଟାଇମ୍ସ' କରୋନା ମୃତ୍ୟୁକୁ ନେଇ ସରକାରୀ ତଥ୍ୟକୁ ଭୁଲ୍ ବୋଲି ଦର୍ଶାଇବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପାରିବାପଣିଆ ଉପରେ ଅନ୍‌ଲାଇନ୍‌ରେ ପ୍ରଶ୍ନ ଉଠିଛି।

ଭାରତ ସରକାରଙ୍କ ଆକଳନ କହୁଛି ଯେ, ଦେଶରେ ପ୍ରାୟ ୩.୭ ଲକ୍ଷ ଲୋକ କରୋନାରେ ପ୍ରାଣ ହରାଇଛନ୍ତି। କିନ୍ତୁ ବାସ୍ତବରେ ମହାମାରୀରେ ୪୨ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଥିବା ନ୍ୟୁୟର୍କ ଟାଇମ୍ସ ଦାବି କରିଛି। ଆମେରିକାର ଏହି ପ୍ରତିଷ୍ଠିତ ଖବରକାଗଜରେ ମେ' ୨୫ରେ ପ୍ରକାଶିତ 'ଜଷ୍ଟ ହାଓ ବିଗ୍ କୁଡ୍ ଇଣ୍ଡିଆଜ୍ ଟୁ କୋଭିଡ୍ ଟୋଲ୍ ବି?' ଶୀର୍ଷକ ରିପୋର୍ଟ ଅନୁସାରେ କେନ୍ଦ୍ର ସରକାର ମିଛ କହୁଛନ୍ତି। ସରକାରୀ ରିପୋର୍ଟ ତୁଳନାରେ ପ୍ରକୃତ ମୃତ୍ୟୁସଂଖ୍ୟା ୧୪ ଗୁଣ ଅଧିକ ଅର୍ଥାତ୍ ୪୨ ଲକ୍ଷ ଲୋକ କୋଭିଡ୍-୧୯ରେ ସଂକ୍ରମିତ ହୋଇ ପ୍ରାଣ ହରାଇଲେଣି। ତିନୋଟି ନ୍ୟାଶନାଲ ସେରୋ ସର୍ଭେର ଅଧ୍ୟୟନ ଏବଂ ଅନେକ ବିଶେଷଜ୍ଞଙ୍କ ରାୟ ଉପରେ ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଥିବା ନ୍ୟୁୟର୍କ ଟାଇମ୍ସ ପକ୍ଷରୁ କୁହାଯାଇଛି। ଖବରକାଗଜ ରିପୋର୍ଟରେ ଆହୁରି ଦର୍ଶାଯାଇଛି ଯେ, ଭାରତରେ ଠିକ୍ ଭାବେ ଟେଷ୍ଟିଂ କରାଯାଉ ନାହିଁ କି ରୋଗୀଙ୍କ ମୃତ୍ୟୁର ରେକର୍ଡ ମଧ୍ୟ ଉପଯୁକ୍ତ ରୂପେ କରାଯାଉ ନାହିଁ। ଏମିତିରେ ପ୍ରକୃତ ମୃତ୍ୟୁସଂଖ୍ୟା ଆକଳନ କରିବା କଷ୍ଟକର। ହସ୍ପିଟାଲଗୁଡ଼ିକ ଭର୍ତ୍ତି ହୋଇଯାଇଥିବାବେଳେ ଶ୍ମଶାନରେ ଚିତା ଲିଭୁନାହିଁ। ଏପରି କି ବହୁ ସଂଖ୍ୟକ କରୋନା ରୋଗୀ ନିଜ ଘରେ ଆଖି ବୁଜି ଦେଉଛନ୍ତି। ଗାଁଗୁଡ଼ିକରେ ହେଉଥିବା ମୃତ୍ୟୁକୁ ମଧ୍ୟ ସରକାରୀ ରିପୋର୍ଟରେ ସାମିଲ କରାଯାଉ ନାହିଁ। ଭାରତରେ ସ୍ୱାଭାବିକ ଦିନଗୁଡ଼ିକରେ ମଧ୍ୟ ପ୍ରତି ୫ ମୃତ୍ୟୁ ମଧ୍ୟରୁ ୪ଟିର ତଦନ୍ତ କରାଯାଇ ନ ଥାଏ। ନ୍ୟୁୟର୍କ ଟାଇମ୍ସର କହିବା ହେଲା ଅଧା ଭାରତ କରୋନା କବଳରେ ରହିଥିବା ସାମ୍ପ୍ରତିକ ସ୍ଥିତିରେ ଅଧ୍ୟୟନରୁ ଜଣାପଡ଼ିଛି। କିନ୍ତୁ ସରକାର ଅସଲ ତଥ୍ୟରୁ ମୁହଁ ଫେରାଇ ନେଉଛନ୍ତି। ଏଥିଯୋଗୁ ସ୍ଥିତି ଆହୁରି ବିଗିଡ଼ିବାରେ ଲାଗିଛି। ଗତବର୍ଷ ମେ' ୧୧ରୁ ଜୁନ୍ ୪ ମଧ୍ୟରେ ପ୍ରଥମ ସେରୋ ସର୍ଭେ କରାଯାଇଥିଲା। ଭାରତରେ ସେତେବେଳେ ୬୪.୬୦ ଲକ୍ଷ ଲୋକଙ୍କଠାରେ ଆଣ୍ଟିବଡି ବିକଶିତ ହୋଇଥିଲା। ଦ୍ୱିତୀୟ ସର୍ଭେ ଅଗଷ୍ଟ ୧୮ରୁ ଡିସେମ୍ବର ୨୦ ମଧ୍ୟରେ କରାଯାଇଥିବାବେଳେ ତୃତୀୟ ସର୍ବେକ୍ଷଣ ଡିସେମ୍ବର ୧୮ରୁ ଜାନୁୟାରୀ ୬ ମଧ୍ୟରେ କରାଯାଇଥିଲା।

### ଖଣ୍ଡନ କଲା କେନ୍ଦ୍ର

ନ୍ୟୁୟର୍କ ଟାଇମ୍ସରେ ମଙ୍ଗଳବାର ପ୍ରକାଶିତ ରିପୋର୍ଟରେ ଦର୍ଶାଯାଇଥିବା ଭାରତର କୋଭିଡ୍ ମୃତ୍ୟୁସଂଖ୍ୟାକୁ କେନ୍ଦ୍ର ସରକାର ଭିତ୍ତିହୀନ କହି ଖଣ୍ଡନ କରିଛନ୍ତି। ଭାରତର କୋଭିଡ୍ ଟାସ୍କଫୋର୍ସ ମୁଖ୍ୟ ତଥା ନୀତି ଆୟୋଗ ସଦସ୍ୟ ଭି.କେ. ପଲ୍ କହିଛନ୍ତି, ନ୍ୟୁୟର୍କ ଟାଇମ୍ସ ରିପୋର୍ଟ ପ୍ରମାଣ ଆଧାରିତ ନୁହେଁ। ଏଥିରେ ଭୁଲ୍ ଆକଳନକୁ ଉପସ୍ଥାପନ କରାଯାଇଛି। ସଂକ୍ରମିତଙ୍କ ସଂଖ୍ୟା ଅଧିକ ହୋଇପାରେ କିନ୍ତୁ ମୃତକଙ୍କ ସଂଖ୍ୟା ଯାହା ଦର୍ଶାଯାଇଛି ସେତିକି। ମୃତ୍ୟୁସଂଖ୍ୟା ରିପୋର୍ଟ କରିବାରେ ବିଳମ୍ବ ହୋଇପାରେ। ହେଲେ କୌଣସି ରାଜ୍ୟ କିମ୍ବା କେନ୍ଦ୍ର ସରକାର ମୃତ୍ୟୁସଂଖ୍ୟା ଲୁଚାଇବାକୁ ଚାହୁଁନାହାନ୍ତି। ନ୍ୟୁୟର୍କ ଟାଇମ୍ସର ମାପଦଣ୍ଡ ଆଧାରରେ ହିସାବ କଲେ ନ୍ୟୁୟର୍କରେ ୫୦,୦୦୦ ମୃତ୍ୟୁ ଘଟିଛି। କିନ୍ତୁ ସେଠାରେ ୧୬,୦୦୦ ଜଣଙ୍କ ଜୀବନ ଯାଇଥିବା ଆମେରିକା କହୁଛି। ଭାରତରେ ମୋଟ ସଂକ୍ରମିତଙ୍କ ୦.୦୫ ପ୍ରତିଶତ ପ୍ରାଣ ହରାଉଛନ୍ତି।

## ୨୪ ରାଜ୍ୟରେ କମୁଛି ସଂକ୍ରମଣ

**ନୂଆଦିଲ୍ଲୀ, ୨୭।୫(ପି.ଟି.)**

ଦେଶରେ କରୋନା ସଂକ୍ରମଣ ଗତ ୨୦ ଦିନ ମଧ୍ୟରେ କ୍ରମାଗତ ଭାବେ ହ୍ରାସ ପାଇଚାଲିଛି। ଗତ ସପ୍ତାହରୁ ୨୪ ରାଜ୍ୟରେ ସକ୍ରିୟ ମାମଲା ସଂଖ୍ୟା କମିଥିବା ସ୍ୱାସ୍ଥ୍ୟ

**ଦିନକରେ ୨.୧୧ ଲକ୍ଷ ପଜିଟିଭ୍, ୩,୮୪୭ ମୃତ**

ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। କଟକଣା କୋହଳ ହେବା ପରେ ମଧ୍ୟ ସଂକ୍ରମଣ ହ୍ରାସ ଦୀର୍ଘଦିନ ବଜାୟ ରହିବ ବୋଲି ବିଶ୍ୱାସ କରାଯାଉଛି। ଗତ ୨୪ ଘଣ୍ଟା ମଧ୍ୟରେ ୨,୧୧,୨୯୮ ନୂଆ ପଜିଟିଭ୍ ଚିହ୍ନଟ ହେବା ସହ ମୋଟ ସଂକ୍ରମିତଙ୍କ ସଂଖ୍ୟା ୨, ୭୩,୬୯,୦୯୩ରେ ପହଞ୍ଚିଛି। ଆରୋଗ୍ୟ ହାର ବୃଦ୍ଧି ପାଇ ୯୦% ହୋଇଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି। ଗୁରୁବାର ସକାଳ ସୁଦ୍ଧା ଗତ ୨୪ ଘଣ୍ଟାରେ କରୋନାରେ ୩,୮୪୭ ଜଣଙ୍କ ଜୀବନ ଯାଇଛି। ଏମାନଙ୍କୁ ମିଶାଇ କରୋନାଜନିତ ମୃତ୍ୟୁସଂଖ୍ୟା ୩,୧୫,୨୩୫ରେ ପହଞ୍ଚିଛି। ବୁଧବାର ମୋଟ ୨୧,୫୭,୮୫୭ ଜଣ କୋଭିଡ୍ ପରୀକ୍ଷା କରାଇଥିଲେ। ଦୈନିକ ପଜିଟିଭିଟି ହାର ୭.୭୯ ପ୍ରତିଶତକୁ ହ୍ରାସ ପାଇଛି। କ୍ରମାଗତ ୩ ଦିନ ହେଲା ଏହି ହାର ୧୦ ପ୍ରତିଶତରୁ କମ୍ ରହିଛି। ସେହିପରି ସାପ୍ତାହିକ ପଜିଟିଭିଟି ହାର ୧୦.୯୩ ପ୍ରତିଶତ ରହିଛି। ସକ୍ରିୟ ମାମଲା ହ୍ରାସ ପାଇ ୨୪,୧୯,୯୦୭ରେ ପହଞ୍ଚିଛି, ଯାହା ମୋଟ ସଂକ୍ରମଣର ୮.୮୪ ପ୍ରତିଶତ। ଏପର୍ଯ୍ୟନ୍ତ ମୋଟ ୨,୪୬,୩୩,୯୫୧ ଜଣ କରୋନାରୁ ସୁସ୍ଥ ହେଲେଣି। ଭୂତାଣୁ ଜନିତ ମୃତ୍ୟୁହାର ୧.୧୫ ପ୍ରତିଶତ ରହିଛି।

## ମମତାଙ୍କୁ ପ୍ରଶଂସା ପରେ ସମାଲୋଚନା

**କୋଲକାତା, ୨୭।୫**



ଦିଲୀପ ଘୋଷ

ବାତ୍ୟା ୟାସ୍‌ର ସଫଳ ପରିଚାଳନା ପାଇଁ ପଶ୍ଚିମବଙ୍ଗ ଭାଜପା ନେତା ଦିଲୀପ ଘୋଷ ବୁଧବାର ମମତା ବାନାର୍ଜୀ ପ୍ରଶାସନକୁ ପ୍ରଶଂସା କରିଥିଲେ। ପରେ ସେ ମତ ବଦଳାଇ ସରକାରଙ୍କୁ ସମାଲୋଚନା କରିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ସାମୁଦ୍ରିକ ଝଡ଼ ଓଡ଼ିଶା ଉପକୂଳକୁ ମାଡ଼ କରିଥିଲେ ମଧ୍ୟ ପଶ୍ଚିମବଙ୍ଗରେ ଅନେକ କ୍ଷୟକ୍ଷତି କରିଛି। ତେବେ ୧୧ ଲକ୍ଷ ଲୋକଙ୍କୁ ନିରାପଦ ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯିବା ଫଳରେ ବାତ୍ୟାରେ ମାତ୍ର ଜଣେ ଲୋକଙ୍କ ମୃତ୍ୟୁ ଘଟିଛି। ମମତା ସରକାରଙ୍କ ଏଭଳି କେତେକ କାର୍ଯ୍ୟକୁ ଘୋଷଙ୍କ ସମେତ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଥିଲା। ବାତ୍ୟାରେ ରାଜ୍ୟର ୧ କୋଟି ଲୋକ ପ୍ରଭାବିତ ହେବା ସହ ୩ ଲକ୍ଷ ଘର ଭାଙ୍ଗିଥିବା ଓ ୧୩୪ ନଦୀବନ୍ଧ କ୍ଷତିଗ୍ରସ୍ତ ହୋଇଥିବା ମମତା ବାନାର୍ଜୀ କହିଥିଲେ। ତେବେ କ୍ଷୟକ୍ଷତି ସମ୍ପର୍କରେ ମମତାଙ୍କ ରିପୋର୍ଟ ତ୍ରୁଟିପୂର୍ଣ୍ଣ ବୋଲି ଭାଜପା ନେତା କହିଛନ୍ତି। ବାତ୍ୟା ଆସିବା ପୂର୍ବରୁ ମମତା ଏଭଳି ସଂଖ୍ୟା ସ୍ଥିର କରିଥିଲେ ବୋଲି ଘୋଷ ଅଭିଯୋଗ କରିଛନ୍ତି। ଏତେସଂଖ୍ୟାରେ ନଦୀବନ୍ଧ କିପରି କ୍ଷତିଗ୍ରସ୍ତ ହେଲା ବୋଲି ସେ ପ୍ରଶ୍ନ କରିଛନ୍ତି ଓ ମୁଖ୍ୟମନ୍ତ୍ରୀ କ୍ଷୟକ୍ଷତିର ଠିକ୍ ରିପୋର୍ଟ ଦେବା ଲାଗି କହିଛନ୍ତି।



ସାମୁଦ୍ରିକ ଝଡ଼ 'ୟାସ୍' ଯିବା ପରେ ପଶ୍ଚିମବଙ୍ଗର ପୂର୍ବ ମେଦିନୀପୁର ଜିଲା ଉଦୟପୁର ଉପକୂଳରେ ଶ୍ରୀଜୀଉଙ୍କ ବିଗ୍ରହକୁ ପୁନଃ ସ୍ଥାପନ କରୁଛନ୍ତି ଜଣେ ଭକ୍ତ।

## ଜୁଲାଇରେ ଆସିବ ଫାଇଜର

**ନୂଆଦିଲ୍ଲୀ, ୨୭।୫**

ଦେଶରେ କୋଭିଡ୍ ଟିକା ଅଭାବ ପୂରଣ ଲାଗି ସରକାର ବିଦେଶରୁ ଭାକ୍ସିନ ଆମଦାନୀକୁ ତ୍ୱରାନ୍ୱିତ କରିବାକୁ ଚାହୁଁଛନ୍ତି। ଏଥିପାଇଁ ଟିକା ନୀତିରେ ପରବର୍ତ୍ତନ କରାଯିବ ବୋଲି ସରକାର ଦୋହରାଇଛନ୍ତି। ଆମେରିକାର ଫାଇଜର କମ୍ପାନୀ ଭାରତକୁ ୫ କୋଟି ଡୋଜ୍ ଯୋଗାଇଦେବାକୁ ପ୍ରସ୍ତୁତ ବୋଲି କହିବା ସହ ଏଥିପାଇଁ ସରକାର ଟିକା ନୀତିରେ କୋହଳ କରିବାକୁ ପରାମର୍ଶ ଦେଇଥିଲା। ଏହା ପରେ ସରକାର ପ୍ରତିଷ୍ଠିତ ବିଦେଶୀ ଟିକାର ସ୍ଥାନୀୟ ପରୀକ୍ଷାକୁ ଉଠାଇ ଦେଇଛନ୍ତି। ଆଗାମୀ ଜୁଲାଇରୁ ଅକ୍ଟୋବର ମଧ୍ୟରେ ଫାଇଜର ୫ କୋଟି ଟିକା ଯୋଗାଇଦେବାକୁ କହିଛି। ଏହା ବ୍ୟତୀତ ମଡର୍ନା ଓ ଜନ୍‌ସନ୍ ଆଣ୍ଡ ଜନ୍‌ସନ କମ୍ପାନୀଠାରୁ ଟିକା ଆମଦାନୀ ଲାଗି ମଧ୍ୟ ଆଲୋଚନା ଚାଲିଛି। ସମସ୍ତ ଅନ୍ତର୍ଜାତୀୟ ଟିକା ଉତ୍ପାଦନକାରୀଙ୍କୁ ଭାରତ ଆସି ଟିକା ତିଆରି କରିବା ଲାଗି ସରକାରଙ୍କ ପକ୍ଷରୁ ପୁଣିଥରେ ଅନୁରୋଧ କରାଯାଇଛି।

**ବିଦେଶୀ ଭାକ୍ସିନ ପାଇଁ ଟିକା ନୀତି ବଦଳାଇବେ ସରକାର**




ବିଦେଶୀ ଟିକା ଅନୁମୋଦନକୁ ତ୍ୱରାନ୍ୱିତ କରିବା, ଜରୁରୀ ବ୍ୟବହାର ପାଇଁ ମଞ୍ଜୁରୀ ପୂର୍ବରୁ ସ୍ଥାନୀୟ ସୁରକ୍ଷା ପରୀକ୍ଷା ହଟାଇଦେବା ଲାଗି ଗତମାସରେ ସରକାର ଘୋଷଣା କରିଥିଲେ। ଭାରତରେ ଦେଖାଦେଇଥିବା କୋଭିଡ୍ ଷ୍ଟ୍ରେନ୍ ପାଇଁ ଫାଇଜର ଟିକା ସର୍ବାଧିକ ଫଳପ୍ରଦ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏହି ଟିକାକୁ ୨ରୁ ୮ ଡିଗ୍ରୀ ସେଲ୍‌ସିୟସ୍ ତାପମାତ୍ରାରେ ମାସେ ପର୍ଯ୍ୟନ୍ତ ଗଚ୍ଛିତ ରଖିହେବ ଏବଂ ୧୨ ବର୍ଷରୁ ଊର୍ଦ୍ଧ୍ୱ ସମସ୍ତଙ୍କୁ ଟିକା ଦିଆଯାଇପାରିବ ବୋଲି କମ୍ପାନୀ କହିଛି।

## ୧୫ ଦିନରେ ନୂଆ ନିୟମ ଅନୁପାଳନ ବିବରଣୀ ଦିଅ

### ଡିଜିଟାଲ ମିଡିଆ ପ୍ଲାଟ୍‌ଫର୍ମକୁ କେନ୍ଦ୍ରର ନିର୍ଦ୍ଦେଶ

**ନୂଆଦିଲ୍ଲୀ, ୨୭।୫**

କେନ୍ଦ୍ର ସରକାରଙ୍କ ପକ୍ଷରୁ ଗତ ଫେବୃୟାରୀରେ ଜାରି ହୋଇଥିବା ନୂଆ ଡିଜିଟାଲ ମିଡିଆ ନିୟମାବଳୀ କେତେଦୂର କାର୍ଯ୍ୟକାରୀ ହୋଇଛି ୧୫ ଦିନ ମଧ୍ୟରେ ତା'ର ସବିଶେଷ ବିବରଣୀ ଦାଖଲ କରିବା ପାଇଁ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ସମସ୍ତ ଓଭର ଦି ଟପ୍ (ଓଟିଟି), ଡିଜିଟାଲ ନ୍ୟୁଜ୍ ପ୍ଲାଟଫର୍ମ ସମେତ ଡିଜିଟାଲ ମିଡିଆ ପବ୍ଲିଶରମାନଙ୍କୁ ଗୁରୁବାର ନିର୍ଦ୍ଦେଶ ଦେଇଛି। ବୁଧବାର ସମସ୍ତ ସୋସିଆଲ ମିଡିଆ ପ୍ଲାଟଫର୍ମକୁ ୨୪ ଘଣ୍ଟା ମଧ୍ୟରେ ଅନୁରୂପ ଅନୁପାଳନ ରିପୋର୍ଟ ଦାଖଲ କରିବା ପାଇଁ କୁହାଯାଇଥିଲା।

ଡିଜିଟାଲ ନ୍ୟୁଜ୍ ସଂସ୍ଥା, ସୋସିଆଲ ମିଡିଆ ପ୍ଲାଟଫର୍ମ, ନେଟ୍‌ଫ୍ଲିକ୍ସ ଭଳି ଓଟିଟି ଷ୍ଟ୍ରିମିଂ ସେବାକୁ ନିୟନ୍ତ୍ରଣ କରିବା ପାଇଁ କେନ୍ଦ୍ର ସରକାର ଗତ ଫେବୃୟାରୀରେ ପ୍ରଥମ ଥର ପାଇଁ ସୂଚନା ପ୍ରଯୁକ୍ତି (ମଧ୍ୟବର୍ତ୍ତୀ ସଂସ୍ଥାଗୁଡ଼ିକ ପାଇଁ ଗାଇଡ୍‌ଲାଇନ ଓ ଡିଜିଟାଲ ମିଡିଆ ଏଥିକ୍ସ କୋଡ୍) ନିୟମାବଳୀ, ୨୦୨୧ ପ୍ରଣୟନ କରିଥିଲେ। ଏ ସମ୍ପର୍କିତ ବିଜ୍ଞପ୍ତି ପ୍ରକାଶ କରି ସରକାର କହିଥିଲେ, ଏପରି ଏକ ବ୍ୟବସ୍ଥା ପ୍ରସ୍ତୁତ କରାଯିବ, ଯେଉଁଥିରେ ନ୍ୟୁଜ୍ ୱେବସାଇଟ୍ ଏବଂ ଓଟିଟି ପ୍ଲାଟଫର୍ମଗୁଡ଼ିକ ପାଇଁ କୋଡ୍ ଅଫ୍ ଏଥିକ୍ସ ଏବଂ ତ୍ରିସ୍ତରୀୟ ଅଭିଯୋଗ ସମାଧାନ ସଂରଚନା ରହିବ। ତଦନୁଯାୟୀ ସମସ୍ତ ଡିଜିଟାଲ ମିଡିଆ ସାଇଟ୍‌ର ଏକ ଅଭିଯୋଗ ସମାଧାନ ବ୍ୟବସ୍ଥା ରହିବ ଯେଉଁଥିରେ ଅନୁପାଳନ ଅଧିକାରୀମାନେ ଅଭିଯୋଗଗୁଡ଼ିକର ସମାଧାନ କରିବା ସହ ଅନୁଧ୍ୟାନ କରିବେ, ଆପତ୍ତିଜନକ ବିଷୟବସ୍ତୁ ହଟାଇବା ସହ ଅନୁପାଳନ ରିପୋର୍ଟ ଜାରି କରିବେ। ପୂର୍ବରୁ ଆଇନ ଡିଜିଟାଲ ନ୍ୟୁଜ୍ ମିଡିଆକୁ ପ୍ରେସ୍ କାଉନସିଲ୍ ନିୟମାବଳୀ ଅଧୀନକୁ ଆଣିଥିଲା। ନୂଆ ୱେବ୍‌ସାଇଟଗୁଡ଼ିକ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ସାଇଟ୍‌ରେ ପଞ୍ଜୀକରଣ ହେବା ଆବଶ୍ୟକ। ମିଥ୍ୟା ଖବରକୁ ରୋକିବା ପାଇଁ ସୋସିଆଲ ମିଡିଆ ଏବଂ ଷ୍ଟ୍ରିମିଂ କମ୍ପାନୀଗୁଡ଼ିକ ନିମନ୍ତେ ନିୟମାବଳୀକୁ କଡ଼ାକଡ଼ି କରାଯାଉଥିବା ସୂଚନା ପ୍ରସାରଣ ମନ୍ତ୍ରୀ ପ୍ରକାଶ ଜାଭଡେକର କହିଛନ୍ତି।




ନୂଆ ଗାଇଡ୍‌ଲାଇନ ଅନୁଯାୟୀ ଅଭିଯୋଗ ଆସିବାର ୨୪ ଘଣ୍ଟା ମଧ୍ୟରେ ନଗ୍ନତା ସହ ସମ୍ପୃକ୍ତ ବିଷୟବସ୍ତୁ ଏବଂ ମହିଳାଙ୍କ ରୂପାନ୍ତରିତ ଚିତ୍ରକୁ ହଟାଇ ଦିଆଯିବ। ପ୍ଲାଟଫର୍ମଗୁଡ଼ିକ ନିଯୁକ୍ତ କରିଥିବା ଗ୍ରିଭାନ୍ସ ଅଫିସର ୨୪ ଘଣ୍ଟା ମଧ୍ୟରେ ଅଭିଯୋଗ ପଞ୍ଜୀକରଣ କରି ୧୫ ଦିନ ମଧ୍ୟରେ ଏହାର ସମାଧାନ କରିବେ ବୋଲି ଆଇଟି ମନ୍ତ୍ରୀ କହିଛନ୍ତି।

## ୯୦ହଜାର ଟଙ୍କା ଜବତ, ଆଉ ଜଣେ ଗିରଫ

ବାଲିଅନ୍ତା, (ଡି.ଏନ୍.ଏ): ଘରେ ପଶି ଚୋରି ଘଟଣାରେ ବାଲିଅନ୍ତା ପୋଲିସ ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲଣ କରିଛି। ସେ ହେଲେ ବାଲିଅନ୍ତା ଥାନା ଜଗନ୍ନାଥପୁର ଅଞ୍ଚଳର ସନ୍ତୋଷ ବେହେରା(୩୦)। ତାଙ୍କ ନିକଟରୁ ୯୦ହଜାର ଟଙ୍କା ଓ ଗୋଟିଏ ସୁନା ହାର ଜବତ ହୋଇଛି। ପ୍ରକାଶ ଯେ, ପାହାଳ ଫାଣ୍ଡି ଅଧୀନ ଜଗନ୍ନାଥପୁର ପାତ୍ରସାହି ଗ୍ରାମର ରଣଜିତ୍ ପାତ୍ରଙ୍କ ଘରୁ ଗତ ୧୮ ତାରିଖରେ ଚୋରି ହୋଇଥିଲା। ପୂର୍ବରୁ ଏହି ଚୋରି ଘଟଣାରେ ୨ଜଣଙ୍କୁ ଗିରଫ କରାଯାଇଥିଲା।

## ସଂକ୍ଷେପରେ

### ଚିକିତ୍ସା ଅବହେଳାରୁ କରୋନା ଆକ୍ରାନ୍ତଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା

ଟାଙ୍ଗୀ(ଖୋର୍ଦ୍ଧା), ୨୭।୫(ଡି.ଏନ୍.ଏ.): ନୟାଗଡ଼ ଜିଲା ରଣପୁର ବ୍ଲକ ଚାନ୍ଦପୁରସ୍ଥିତ କୋଭିଡ୍ ହସ୍ପିଟାଲରେ ବୁଧବାର ଜଣେ ଯୁବକଙ୍କ ମୃତ୍ୟୁକୁ ନେଇ ଗୁରୁବାର ଉତ୍ତେଜନା ପ୍ରକାଶ ପାଇଥିଲା । ମୃତକ ହେଲେ ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅଧୀନ କ୍ଷୁଡି ଲକ୍ଷ୍ମୀଧରପୁର ଗାଁର ଯଶୋବନ୍ତ ଜେନା(୨୦)। ଚିକିତ୍ସା ଅବହେଳାରୁ ଯଶୋବନ୍ତଙ୍କ ମୃତ୍ୟୁ ଘଟିଥିବା ବାପା ଯଦୁମଣି ଜେନା ଓ ପିଉସୀ ମଞ୍ଜୁଲତା ଇନ୍ଦ୍ରଜିତ ଅଭିଯୋଗ ଆଣିଛନ୍ତି। ଏହି ଘଟଣା ପରେ ଚାନ୍ଦପୁର ଥାନା ପୋଲିସ ତଦନ୍ତ ଆରମ୍ଭ କରିଛି । ଅନ୍ୟପକ୍ଷେ ଯଶୋବନ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ଜାଣିବା ପାଇଁ ତାଙ୍କ ବାପା, ମାଆ, ଭାଇ ଓ ପିଉସୀ ବୁଧବାର ଅପରାହ୍ନରେ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ଫେରିଥିଲେ । ଏହାର ୨ ଘଣ୍ଟା ପରେ ଯଶୋବନ୍ତଙ୍କ ମୃତ୍ୟୁ ଖବର ହସ୍ପିଟାଲ କର୍ତ୍ତୃପକ୍ଷ ତାଙ୍କ ପିଉସୀଙ୍କୁ ଜଣାଇଥିଲେ । ଏପରି ଦୁଃଖଦ ଖବର ହସ୍ପିଟାଲ କର୍ତ୍ତୃପକ୍ଷ ଯଶୋବନ୍ତଙ୍କ ବାପାଙ୍କୁ ନ ଜଣାଇବା ଘଟଣା ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେବେ କୋଭିଡ୍ ହସ୍ପିଟାଲର ଇନ୍‌ଚାର୍ଜ ପ୍ରତାପ ଚିନ୍ନାରାଙ୍କୁ ଏ ନେଇ ପଚରାଯିବାରୁ ସେ କିଛି ନ କହି ଅଭିଯୋଗକୁ ଏଡାଇ ଯାଇଛନ୍ତି। ଚାନ୍ଦପୁର ସାମାଜିକ କର୍ମୀ ମନୋଜ ଦାସ କୁହନ୍ତି, ଚାନ୍ଦପୁର କୋଭିଡ୍ ହସ୍ପିଟାଲକୁ ଡାକ୍ତର ରାତି ୮ଟାରେ ଆସି ୨ ଘଣ୍ଟା ରହି ଚାଲି ଯାଉଛନ୍ତି। ହସ୍ପିଟାଲ ଭିତରେ ଚାଲିଥିବା ଅବ୍ୟବସ୍ଥା ସମ୍ପର୍କରେ ଜଣାପଡୁଥିଲେ ହେଁ କିଛି କରି ହେଉ ନାହିଁ । ସୂଚନାଯୋଗ୍ୟ, ଗତ ୨୬ ତାରିଖ ଦିନ ଏହି ହସ୍ପିଟାଲରେ ୮ଜଣଙ୍କ ମୃତ୍ୟୁ ଘଟିଛି ।

### ବିଦ୍ୟୁତ୍ ଆଘାତରେ କର୍ମଚାରୀ ଗୁରୁତର

ବାଲିପାଟଣା, ୨୭।୫(ଡି.ଏନ୍.ଏ.): ବାଲିପାଟଣା ବ୍ଲକ ଅଧୀନ ବନମାଳିପୁର ସିନେମା ହଲ ଗଳିରେ ଗୁରୁବାର ବିଦ୍ୟୁତ୍ ଆଘାତରେ ଜଣେ କର୍ମଚାରୀ ଗୁରୁତର ହୋଇଛନ୍ତି। ସେ ହେଲେ ସ୍ୱପ୍ନଜିତ ଷଡ଼ଙ୍ଗୀ। ଗୁରୁତର ଅବସ୍ଥାରେ ତାଙ୍କୁ ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ବାତ୍ୟା 'ୟାସ୍' ପ୍ରଭାବରେ ବିଭିନ୍ନ ସ୍ଥାନରେ ବିଦ୍ୟୁତ୍ ସରାବରାହ ବନ୍ଦ ରହିଛି। ସ୍ୱପ୍ନଜିତ ଗୁରୁବାର ସିନେମା ହଲ ନିକଟରେ ଥିବା ଟ୍ରାନ୍ସଫର୍ମରରେ କଣ ଅସୁବିଧା ହୋଇଛି ଦେଖିବା ପାଇଁ ବିଦ୍ୟୁତ୍ କାଟି କାମ କରୁଥିଲେ। କୌଣସି କାରଣରୁ ହଠାତ୍ ବଦ୍ୟୁତ୍ ସଂଯୋଗ ହୋଇଯାଇଥିଲା। ଫଳରେ ସେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ପରେ ଲାଇନ କଟାଯାଇ ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।

### ନିଆରା ଢଙ୍ଗରେ ବୁଦ୍ଧ ପୂର୍ଣ୍ଣିମା ପାଳିଲା ମହାବୋଧି ସୋସାଇଟି

ଭୁବନେଶ୍ୱର, ୨୭।୫ (ବ୍ୟୁରୋ) : ମହାବୋଧି ସୋସାଇଟି ଅଫ୍ ଇଣ୍ଡିଆ ଓଡ଼ିଶା ଶାଖା ପକ୍ଷରୁ ବୁଦ୍ଧ ପୂର୍ଣ୍ଣିମା ନିଆରା ଢଙ୍ଗରେ ପାଳିତ ହୋଇଯାଇଛି। କରୋନା ମହାମାରୀର ପ୍ରକୋପ ତଥା ବାତ୍ୟା ପରିପ୍ରେକ୍ଷୀରେ ସୋସାଇଟି ପକ୍ଷରୁ କଳିଙ୍ଗ ନଗରଠାରେ ଗରିବ ଲୋକଙ୍କୁ ଶୁଖିଲା ଖାଦ୍ୟ ଯଥା ଚାଉଳ, ଅଟା, ଡାଲି, ତେଲ, ଆଳୁ ଓ ପିଆଜର ପ୍ୟାକେଟ ବଣ୍ଟନ କରାଯାଇଥିଲା। ଏଥିସହିତ ଭୁବନେଶ୍ୱର ଏବଂ ଛତିଆର ୩ଟି ଅନାଥାଶ୍ରମ ଓ ବୃଦ୍ଧାଶ୍ରମରେ ରନ୍ଧାଖାଦ୍ୟ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଓଡ଼ିଶା ଶାଖାର ସମ୍ପାଦକ ଡ. ସୌରେନ୍ଦ୍ର କୁମାର ମହାପାତ୍ର ପରିଚାଳନା କରିଥିଲେ। ସୋସାଇଟିର ସଭ୍ୟ ଡ. କରୁଣାକର ପ୍ରଧାନ, ନମ୍ରତା ଚଢା, ନମିତା ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ। ଓଡ଼ିଶା ଶାଖା ସଭାପତି ଡ.ବିମଳେନ୍ଦୁ ମହାନ୍ତି, କେନ୍ଦ୍ରୀୟ ଉପସଭାପତି ଡ. ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର, ପୂର୍ବତନ ରାଷ୍ଟ୍ରଦୂତ ଅବସର ବେଉରିଆ ଓ ବରିଷ୍ଠ ସଭ୍ୟ ବିଳମ ଦାସ ଉପସ୍ଥିତ ଥିଲେ।

# ଜେଲରୁ ଭିଡିଓ କଲିଂ କରୁଥିଲେ ନେତା

ଭୁବନେଶ୍ୱର, ୨୭।୫ (ବ୍ୟୁରୋ)




**ପୁଣି ଚର୍ଚ୍ଚାରେ ଝାରପଡ଼ା ଜେଲ**
- ସ୍ମାର୍ଟ ଫୋନ୍ ସହ ୨ ମୋବାଇଲ ଜବତ
- ଥାନା ଜିମା ଦେଲେ ଜେଲ କର୍ତ୍ତୃପକ୍ଷ

ଝାରପଡ଼ା ସ୍ପେଶାଲ ଜେଲର କଏଦୀମାନେ ଲୁଚାଇ ରଖିଥିବା ଫୋନ୍‌ରେ ବିଦେଶକୁ ବି କଲ୍ କରୁଛନ୍ତି। କିଛିଦିନ ତଳେ ଚଢ଼ାଉବେଳେ ଜଣେ ହାଇପ୍ରୋଫାଇଲ କଏଦୀ ରହୁଥିବା ସେଲ୍ ନିକଟ ମାଟିତଳୁ ଏକ ଫୋନ ମିଳିଥିଲା। ସେଥିରେ ଆଇଏସ୍‌ଡି କଲ୍ ହୋଇଥିବା ତଦନ୍ତବେଳେ ଜଣାପଡିଥିଲା। ଏବେ ପୁଣି ୨ ଫୋନ୍ ଜବତ କରାଯାଇଛି। ଏଥି ମଧ୍ୟରୁ ଗୋଟିଏ ସ୍ମାର୍ଟ (ଆଣ୍ଡ୍ରଏଡ୍) ଫୋନ୍ ରହିଛି। ଏଥିରେ ଭିଡିଓ କଲିଂ କରାଯାଇଥିବା ଜଣାପଡିଛି। ଏହି ଦୁଇ ଫୋନ୍‌କୁ ଜେଲ୍ କର୍ତ୍ତୃପକ୍ଷ ଲକ୍ଷ୍ମୀସାଗର ଥାନାରେ ଦାଖଲ କରିବା ପରେ ଘଟଣା ପଦାକୁ ଆସିଛି। ଜେଲ୍‌ରେ ଥିବା ଜଣେ ରାଜନେତାଙ୍କ ସେଲ୍ ନିକଟରୁ ଉକ୍ତ ଫୋନ୍ ମିଳିଥିବା କୁହାଯାଉଛି। ଏହାକୁ ନେଇ ଝାରପଡ଼ା ଜେଲ୍ ପୁଣି ଚର୍ଚ୍ଚାକୁ ଆସିଛି। ତେବେ ଏ ସମ୍ପର୍କରେ ଥାନା ଅଧିକାରୀ ଓମ୍ ପ୍ରକାଶ ମହାନ୍ତି କହିଛନ୍ତି, ଉକ୍ତ ଦୁଇ ମୋବାଇଲ୍ ଫୋନ୍ ଜେଲ୍ କର୍ତ୍ତୃପକ୍ଷ ଦାଖଲ କରିଛନ୍ତି। ତେବେ କୌଣସି ଅଭିଯୋଗ କରାଯାଇନାହିଁ। ଭିଡିଓ କଲିଂ ଓ ନେତାଙ୍କ ପ୍ରସଙ୍ଗ ଉଠୁଥିବାରୁ ମୋବାଇଲ୍ ଫୋନ୍‌ର ଆଇଏମ୍‌ଆଇ ନମ୍ବର ଯାଞ୍ଚ କରାଯିବ। ଏହାପରେ ଉକ୍ତ ଫୋନ୍ କାହାର ଓ କେଉଁମାନେ ଏଥିରୁ କଥା ହୋଇଛନ୍ତି ତାହା ସ୍ପଷ୍ଟ ହେବ ବୋଲି ସେ କହିଛନ୍ତି।

ସୂଚନା ମୁତାବକ, ୫-ଟି ଅଧୀନରେ ଜେଲ ବିଭାଗ ଆସିବା ପରେ 'ଅପରେଶନ କ୍ଲିନ୍‌ଅପ୍'କୁ ବ୍ୟାପକ କରାଯାଇଛି। ସ୍ପେଶାଲ ଟିମ୍ ବିଭିନ୍ନ ଜେଲରେ ଚଢ଼ାଉ କରୁଛନ୍ତି। ଝାରପଡ଼ା ଜେଲ୍‌ରୁ କେବଳ ମେ' ମାସର ୨୩ ତାରିଖ ସୁଦ୍ଧା ୧୩ ମୋବାଇଲ୍ ଫୋନ୍ ଜବତ ହୋଇଥିବାବେଳେ ବୁଧବାର ଆଉ ୨ଟି ମିଳିଛି। ଏହି ଜେଲ୍‌ରେ ବହୁ ଦୁର୍ଦ୍ଦାନ୍ତ ଅପରାଧୀ ଓ ହାଇପ୍ରୋଫାଇଲ୍ ଅଭିଯୁକ୍ତ ରହିଛନ୍ତି। ଜେଲ ଭିତରେ ନିଶା ଓ ଟଙ୍କା କାରବାର ସହ ଅପରାଧୀମାନେ ମଉଜ କରୁଥିବା ନେଇ ଏକାଧିକ ଭିଡିଓ ଭାଇରାଲ ହୋଇଛି। ସେହିଭଳି ମୋବାଇଲ ଫୋନ୍ ସହାୟତାରେ ଜେଲ୍‌ରୁ ଅପରାଧ ନିୟନ୍ତ୍ରଣ ହେଉଛି। ନିକଟରେ ଜଣେ ଦୁର୍ଦ୍ଦାନ୍ତ ଅପରାଧୀଙ୍କ ସେଲ୍ ନିକଟରୁ ମୋବାଇଲ୍ ଫୋନ୍ ମିଳିବା ପରେ ତାଙ୍କୁ ବ୍ରହ୍ମପୁର ଜେଲ୍‌କୁ ସ୍ଥାନାନ୍ତର କରାଯାଇଥିଲା। ଏହାପରେ ମଧ୍ୟ ତତ୍କାଳୀନ ଜେଲ୍ ଅଧୀକ୍ଷକଙ୍କ ବଦଳି ହୋଇଥିଲା। ତେବେ ଏହା ଏକ ସମ୍ବେଦନଶୀଳ ଘଟଣା ହୋଇଥିବାରୁ ବଡ଼ ତଦନ୍ତ ସହ ଏଥିପାଇଁ ସୁଯୋଗ ଦେଇଥିବା ଅଧିକାରୀ ହେଉ କି କର୍ମଚାରୀ ସମସ୍ତଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ରହିଥିବା ମତ ପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ଜେଲ୍ ଆଇଜି ଓ ଅଧୀକ୍ଷକଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ପ୍ରତିକ୍ରିୟା ମିଳିପାରିନି।




ଲକ୍‌ଡାଉନ୍‌ର ୨୩ତମ ଦିନ ଗୁରୁବାରରେ କ୍ୟାପିଟାଲ ହସ୍ପିଟାଲ ପରିସର ଆହାର କେନ୍ଦ୍ରରେ ଖାଦ୍ୟ ପୁଡ଼ିଆ ପାଇଁ ଲାଗିଥିବା ଲମ୍ବା ଧାଡ଼ିରେ ସାମାଜିକ ଦୂରତା ନାହିଁ।



ସତ୍ୟନଗରସ୍ଥିତ ମା' କାଳୀ ବସ୍ତିରେ ମିଶନାରିଜ୍‌ମାନେ ଶୁଖିଲା ଖାଦ୍ୟ ପ୍ୟାକେଟ ବଣ୍ଟନ କରୁଛନ୍ତି।

# ଆକ୍ରାନ୍ତ ଶିଶୁକନ୍ୟାକୁ ସାହା ହେଲେ ସବ୍ୟସାଚୀ

ଭୁବନେଶ୍ୱର, ୨୭।୫(ବ୍ୟୁରୋ)

**ବେଡ୍‌ଟିଏ ମିଳୁ ନ ଥିଲା, ଅକ୍ସିଜେନ ସ୍ତର କମିଯାଇଥିବା ଝିଅ ଏବେ ସୁସ୍ଥ**




ମା'ଙ୍କ ପରେ କରୋନାରେ ଆକ୍ରାନ୍ତ ହୋଇଥିଲେ ୨ବର୍ଷର ଶିଶୁକନ୍ୟା। ଅକ୍ସିଜେନ ସ୍ତର କମିଯିବାରୁ ଶିଶୁଟି ଗୁରୁତର ହୋଇପଡିଥିଲେ। ହସ୍ପିଟାଲରେ ବି ବେଡ୍ ମିଳୁ ନ ଥିଲା। ଏହି ସମୟରେ ଦେବଦୂତ ସାଜି ସହଯୋଗର ହାତ ବଢ଼ାଇଥିଲେ ଓଲିଓଡ୍ ଅଭିନେତା ସବ୍ୟସାଚୀ ମିଶ୍ର। ଏବେ ଘରୋଇ ହସ୍ପିଟାଲରେ ଶିଶୁକନ୍ୟା ଚିକିତ୍ସିତ ହେଉଥିବାବେଳେ ସେ ସୁସ୍ଥ ରହିଥିବା ସୂଚନା ମିଳିଛି।

ଆକ୍ରାନ୍ତ ଶିଶୁକନ୍ୟା ହେଲେ ଚନ୍ଦ୍ରଶେଖରପୁର ଅଞ୍ଚଳରେ ରହୁଥିବା ଓଡ଼ିଶୀ ଗୁରୁ ଲିଙ୍ଗରାଜ ପ୍ରଧାନଙ୍କ ଝିଅ। କିଛିଦିନ ତଳେ ତାଙ୍କ ସ୍ତ୍ରୀ କୋଭିଡ୍‌ରେ ଆକ୍ରାନ୍ତ ହୋଇ ଘରେ ଆଇସୋଲେଶନରେ ରହି ଚିକିତ୍ସିତ ହେଉଛନ୍ତି। ପରେ ତାଙ୍କର ୨ବର୍ଷର ଝିଅ ସିବାସୀଙ୍କ ରିପୋର୍ଟ ପଜିଟିଭ୍ ଆସିଥିଲା। ୨୫ ତାରିଖ ରାତିରେ ବାତ୍ୟା ପ୍ରଭାବରେ ପବନ ଓ ବର୍ଷା ଲାଗି ରହିଥିଲା। ଏହି ସମୟରେ ସିବାସୀ ଅସୁସ୍ଥ ହୋଇପଡିଥିଲେ ଓ ତାଙ୍କର ଅକ୍ସିଜେନ ସ୍ତର ୮୩କୁ ଖସି ଯାଇଥିଲା। ଏହାଦେଖି ବାପା ମା' ବିଚଳିତ ହୋଇପଡିଥିଲେ। ବେଡଟିଏ ପାଇଁ ନିରାଶ ହେବା ପରେ ବାଧ ହୋଇ ବାପା ଲିଙ୍ଗରାଜ ବଲିଉଡ୍ ଅଭିନେତା ସୁଶାନ୍ତ ସିଂଙ୍କୁ ଜଣାଇଥିଲେ। ଲିଙ୍ଗରାଜଙ୍କ ଶିଷ୍ୟା ହେଉଛନ୍ତି ସୁଶାନ୍ତଙ୍କ ସ୍ତ୍ରୀ। ତେଣୁ ସୁଶାନ୍ତ ତତ୍କ୍ଷଣାତ ଦିଲ୍ଲୀର ସମାଜସେବୀ ବି. ଭି. ଶ୍ରୀନିବାସଙ୍କୁ ଜଣାଇବାରୁ ସେ ସଙ୍ଗେ ସଙ୍ଗେ ସବ୍ୟସାଚୀଙ୍କୁ ଫୋନ୍‌ରେ ଘଟଣା ସମ୍ପର୍କରେ କହିଥିଲେ। ଏହାପରେ ସବ୍ୟସାଚୀ ରାତି ୧୨ଟା ୪୦ରେ ଡାକ୍ତର ଅମ୍ରିତ ପଟ୍ଟଜୋଷୀଙ୍କ ସହ କଥାହେବା ସହ ବହୁତ ଚେଷ୍ଟା କରି ଏକ ଘରୋଇ ହସ୍ପିଟାଲରେ ବେଡ୍‌ଟିଏ ଯୋଗାଡ ହୋଇଥିଲା। ନିଜେ ଡାକ୍ତର ପଟ୍ଟଜୋଷୀ ରାତି ୨ଟାରେ ଉକ୍ତ ହସ୍ପିଟାଲ ଆସି ଆବଶ୍ୟକ ସହାୟତା କରିଥିଲେ। ସେତେବେଳକୁ ଶିଶୁକନ୍ୟାଟିର ସ୍ୱାସ୍ଥ୍ୟାବସ୍ଥା ଭଲ ନ ଥିଲା। କିନ୍ତୁ ହସ୍ପିଟାଲ ଡାକ୍ତରଙ୍କ ଉଦ୍ୟମ ଯୋଗୁ ଆବଶ୍ୟକ ଚିକିତ୍ସା ପରେ ସିବାସୀ ସୁସ୍ଥ ହେବାରେ ଲାଗିଛନ୍ତି। ଏଭଳି ନିଃସ୍ୱାର୍ଥପର ସାହାଯ୍ୟ ପାଇଁ ସବ୍ୟସାଚୀଙ୍କୁ ଟୁଇଟ୍ ଯୋଗେ ଧନ୍ୟବାଦ ଜଣାଇଛନ୍ତି ଅଭିନେତା ସୁଶାନ୍ତ ଓ ସିବାସୀଙ୍କ ପରିବାର ଲୋକେ।

# ଶ୍ରୀଲିଙ୍ଗରାଜଙ୍କ ଦୁଇଦିନ ଚାପ ବନ୍ଦ ନେଇ ଅସନ୍ତୋଷ

ପୁରୁଣା ଭୁବନେଶ୍ୱର, ୨୭।୫(ଡି.ଏନ୍.ଏ)



**ଚନ୍ଦନଯାତ୍ରାରେ ବ୍ୟତିକ୍ରମ**
- ୧୦୦ ବର୍ଷର ପରମ୍ପରା ଭାଙ୍ଗିଲା
- ଖାମଖିଆଲକୁ ଦାୟୀ କଲେ ସେବାୟତ

ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ୯୦୦ବର୍ଷର ପରମ୍ପରା ହାଣ୍ଡି ଭଙ୍ଗା ଯାତ୍ରା ବନ୍ଦ ପରେ ଚଳିତବର୍ଷ ଚନ୍ଦନ ଯାତ୍ରାର ଚାପ କ୍ରୀଡ଼ା ଦୁଇ ଦିନ ବନ୍ଦ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ଶ୍ରୀଜୀଉଙ୍କ ଚନ୍ଦନଯାତ୍ରା ଅକ୍ଷୟ ତୃତୀୟା ଠାରୁ ୨୨ଦିନ ଧରି ଚାଲିଥାଏ। ପ୍ରତ୍ୟେହ ଠାକୁର ବିନ୍ଦୁ ସାଗରରେ ଚାପ ଡଙ୍ଗାରେ ଭଉଁରି ଖେଳିଥାନ୍ତି। ମନ୍ଦିର ପ୍ରଶାସନ ଗତ ମଙ୍ଗଳବାର ଓ ବୁଧବାର ଏହି ଚାପ କ୍ରୀଡ଼ା ବନ୍ଦ କରିବାରୁ ୧୦୦ବର୍ଷର ପରମ୍ପରାରେ ବ୍ୟତିକ୍ରମ ସୃଷ୍ଟ ହୋଇଛି। ଏହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ଦେଖାଦେଇଛି। ତେବେ ଗୁରୁବାର ଠାରୁ ପୁନଃ ଶ୍ରୀଜୀଉଙ୍କ ଚାପ କ୍ରୀଡ଼ା ଆରମ୍ଭ ହୋଇଛି। ତେବେ ଅତୀତରେ ଝଡ, ବର୍ଷା ହୋଇଥିଲେ ମଧ୍ୟ ଚାପ ଡଙ୍ଗାରେ ଠାକୁର ବିଜେ ହୋଇ ମଠ ଘାଟରୁ ସ୍ୱମନ୍ଦିରକୁ ଫେରିଥାନ୍ତି। ମନ୍ଦିର ପ୍ରଶାସନ ଏହି ପରମ୍ପରାକୁ କିପରି ଭଙ୍ଗ କଲେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏନେଇ ଲିଙ୍ଗରାଜ ମନ୍ଦିର ଟ୍ରଷ୍ଟ ବୋର୍ଡ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ଦାଶ କହିଛନ୍ତି, ବାତ୍ୟା ୟାସ୍ ପାଇଁ ୨ଦିନ ଚାପ କ୍ରୀଡ଼ା ବନ୍ଦ କରାଯାଇଥିଲା। ପୂଜାପଣ୍ଡା ନିଯୋଗ ବରିଷ୍ଠ ସେବାୟତ କାଶୀନାଥ ପୂଜାପଣ୍ଡା କୁହନ୍ତି , ମୋର ୬୫ ବର୍ଷ ସେବାରେ କେବେ ଚାପ କ୍ରୀଡ଼ା ବନ୍ଦ ହୋଇନଥିଲା। ମଠ ଘାଟରେ ଦିଅଁ ବିଜେ ପରେ ଝଡ ପବନରେ ଚାପ ଡଙ୍ଗା ଉତ୍ତରେଶ୍ୱର ଘାଟକୁ ଚାଲିଯାଏ। ଚାପଡଙ୍ଗା ମଧ୍ୟ ଅତୀତରେ ବୁଡିଯାଇଛି। ଉଠାଯାଇ ଚାପ ହୋଇଛି। ଚନ୍ଦ୍ରଗ୍ରହଣରେ ମଧ୍ୟ ଚାପ ହୋଇପାରିଥାନ୍ତା। ନୀତିକାନ୍ତ ଏବେ ସରକାରଙ୍କ ହାତରେ ଯାହା ହେବ। ବଡୁ ନିଯୋଗ ସମ୍ପାଦକ କମଳାକାନ୍ତ ବଡୁ କୁହନ୍ତି, ଭିତରେ ଚନ୍ଦନ ହେଲେ ମଧ ଠାକୁର ବିଜେ ହୋଇ ମଠ ଘାଟରେ ଚାପ ଡଙ୍ଗାରେ ବସି ନୀତିକାନ୍ତି ପରେ ପରେ ଫେରିଯାଇପାରି ଥାନ୍ତେ। ଏହା ଦ୍ୱାରା ପରମ୍ପରାରେ ବ୍ୟତିକ୍ରମ ହୋଇଛି । କାହା ପାଇଁ ନୀତି କାର୍ଯ୍ୟ ବନ୍ଦ ହେଲା ତାହାର ତଦନ୍ତ କରାଯାଉ।

# ୪୭୧ ପଜିଟିଭ୍ ଚିହ୍ନଟ, ୧୦୬୨ ସୁସ୍ଥ, ୩ ମୃତ

ଭୁବନେଶ୍ୱର, ୨୭।୫ (ବ୍ୟୁରୋ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଞ୍ଚଳରୁ ଗତ ୨୪ ଘଣ୍ଟାରେ ୪,୭୧ଜଣ ନୂଆ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ବାତ୍ୟା ପ୍ରଭାବରେ ଟେଷ୍ଟିଂ କମ୍ ହୋଇଥିବାରୁ କମ୍ ଆକ୍ରାନ୍ତ ବାହାରିଥିବା କୁହାଯାଉଛି। ସେହିଭଳି ୩ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୧୦୬୨ଜଣ ସୁସ୍ଥ ହୋଇଛନ୍ତି। ନୂଆ ସଂକ୍ରମିତଙ୍କ ମଧ୍ୟରୁ ୧୧୮ଜଣ କ୍ୱାରାଣ୍ଟାଇନ୍‌ରୁ ହୋଇଥିବାବେଳେ ୩୫୩ଜଣ ସ୍ଥାନୀୟ ସଂକ୍ରମିତ ରହିଛନ୍ତି। ପଟିଆ ଓ ପୁରୁଣା ଭୁବନେଶ୍ୱରରୁ ସର୍ବାଧିକ ୧୫ ଜଣ ଲେଖାଏ ଚିହ୍ନଟ ହୋଇଥିବାବେଳେ ଅନ୍ୟସବୁ ଅଞ୍ଚଳରୁ ଏହାଠାରୁ କମ୍ ରହିଛନ୍ତି। ଏହାକୁ ମିଶାଇ ଆକ୍ରାନ୍ତ ସଂଖ୍ୟା ୭୨,୩୫୪ରେ ପହଞ୍ଚିଥିବାବେଳେ ମୃତ୍ୟୁ ୩୨୮କୁ ବୃଦ୍ଧି ପାଇଛି। ୫୯,୯୦୮ଜଣ ସୁସ୍ଥ ହୋଇଥିବାରୁ ବର୍ତ୍ତମାନ ୧୨,୦୯୭ଜଣ ସକ୍ରିୟ ଆକ୍ରାନ୍ତ ରହିଛନ୍ତି।

# ଡାକ୍ତର ନାଁରେ ସାଇବର ଠକେଇ

ଭୁବନେଶ୍ୱର, ୨୭।୫(ବ୍ୟୁରୋ)

କରୋନା ପରଠାରୁ ସାଇବର ଠକମାନେ ଉତ୍ପାତ କରୁଛନ୍ତି। ବିଭିନ୍ନ ସମୟରେ ରୂପ ବଦଳାଇ ଲୋକଙ୍କ ଆକାଉଣ୍ଟରୁ କୋଟି କୋଟି ଟଙ୍କା ଲୁଟି ନେଉଛନ୍ତି। ଏବେ ସାଇବର ଠକମାନେ ଚିକିତ୍ସା ନାଁରେ ଡାକ୍ତର ରୂପରେ ଲୋକଙ୍କୁ ବୋକା ବନେଇ ଠକୁଛନ୍ତି। କୌଣସି ଚିକିତ୍ସା ପାଇଁ ଅନ୍‌ଲାଇନ୍‌ରେ ଯୋଗାଯୋଗ କରୁଥିଲେ ଏଣିକି ସାବଧାନ! କାରଣ ଗୁରୁବାର ରାଜଧାନୀର ଜଣେ ବ୍ୟକ୍ତି ଚିକିତ୍ସା ପାଇଁ ଏଭଳି ଅନ୍‌ଲାଇନ୍‌ରେ ଯୋଗାଯୋଗ କରି ଠକେଇର ଶିକାର ହୋଇଛନ୍ତି। ଆଣ୍ଠୁ ଗଣ୍ଠି ଯନ୍ତ୍ରଣାର ଚିକିତ୍ସା କରାଇବା ଆଳରେ ତାଙ୍କଠାରୁ ୭୦ ହଜାର ଟଙ୍କା ନେଇଯାଇଛନ୍ତି ସାଇବର ଠକ। ଠକେଇର ଶିକାର ହୋଇଥିବା ବ୍ୟକ୍ତି ଜଣକ ହେଲେ ଖଣ୍ଡଗିରି ଥାନା ଅନ୍ତର୍ଗତ ପାତ୍ରପଡ଼ା ଅଞ୍ଚଳର ସନାତନ ବେହେରା। ଏନେଇ ସେ ସାଇବର ହେଲ୍ପଡ଼େସ୍କରେ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, ସନାତନଙ୍କ ଆଣ୍ଠୁରେ ଯନ୍ତ୍ରଣା ହେଉଥିବାରୁ ସେ କୋଭିଡ୍ ଭୟରେ ହସ୍ପିଟାଲ ନ ଯାଇ ଚିକିତ୍ସା ନିମନ୍ତେ ଅନ୍‌ଲାଇନ୍‌ରେ ଡାକ୍ତରୀ ପରାମର୍ଶ ପାଇଁ ସର୍ଚ୍ଚ କରିଥିଲେ। ଏହା ପରେ ଏକ ଅଜଣା ନମ୍ବରରୁ ତାଙ୍କ ନିକଟକୁ ଫୋନ୍ କଲ୍ ଆସିଥିଲା। କଲ୍ କରିଥିବା ବ୍ୟକ୍ତି ଜଣକ ନିଜକୁ ଡାକ୍ତର ବୋଲି କହି ସନାତନଙ୍କଠାରୁ ତାଙ୍କ ରୋଗ ସମ୍ପର୍କରେ ପଚାରି କିଛି ଔଷଧ ଦେଇଥିଲେ। ଏହାପରେ ସନାତନଙ୍କର ତାଙ୍କ ଉପରେ ସମ୍ପୂର୍ଣ୍ଣ ବିଶ୍ୱାସ ଆସିଯାଇଥିଲା। ଏହି ସୁଯୋଗରେ ତାଙ୍କ ସହ ଭବିଷ୍ୟତରେ ଚିକିତ୍ସା ନିମନ୍ତେ ଯୋଡ଼ି ହୋଇ ରହିବାକୁ ଏକ ଆପ୍ଲିକେଶନ ଡାଉନ୍‌ଲୋଡ୍ କରିବାକୁ କହିଥିଲେ। ଡାକ୍ତରଙ୍କ କଥାନୁସାରେ ସନାତନ ଆପ୍ଲିକେଶନ ଡାଉନ୍‌ଲୋଡ୍ କରି ଆବଶ୍ୟକ ତଥ୍ୟ ଦେଇଥିଲେ। ଆପ୍ଲିକେଶନ ଡାଉନ୍‌ଲୋଡ୍ ପରେ ସନାତନଙ୍କ ମୋବାଇଲ୍ ଫୋନର ଆକ୍ସେସ୍ ଉକ୍ତ ଠକଙ୍କ ପାଖକୁ ଚାଲିଯାଇଥିଲା। ଏହାପରେ ସେ ସନାତନଙ୍କୁ ୧୦ ଟଙ୍କା ରିଚାର୍ଜ କରିବାକୁ କହିଥିଲେ। ସନାତନ ଅନ୍‌ଲାଇନରେ ରିଚାର୍ଜ କରିବା ଫଳରେ ଠକ ଜଣକ ତାଙ୍କ ବ୍ୟାଙ୍କ ଆକାଉଣ୍ଟର ସମସ୍ତ ତଥ୍ୟ ହାତେଇ ୭୦ ହଜାର ଟଙ୍କା ଟ୍ରାନ୍ସଫର୍ କରିନେଇଥିଲେ।

# ଭାଷା, ସାହିତ୍ୟ ଓ ସଂସ୍କୃତି ବିକାଶରେ ଜାଗ୍ରତ ପ୍ରହରୀ ଥିଲେ ଭାବଗ୍ରାହୀ

ଭୁବନେଶ୍ୱର, ୨୭।୫ (ବ୍ୟୁରୋ)

ଉତ୍କଳ ସମ୍ମିଳନୀର ପୂର୍ବତନ ରାଜ୍ୟ ସଭାପତି ତଥା ଉପଦେଷ୍ଟା ଡ. ଭାବଗ୍ରାହୀ ମହାପାତ୍ର (୯୩)ଙ୍କ ବୁଧବାର ସକାଳେ ରାଉରକେଲାସ୍ଥିତ ବାସଭବନରେ ପରଲୋକ ଘଟିଛି। ତାଙ୍କ ବିୟୋଗରେ ସମ୍ମିଳନୀର ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ପକ୍ଷରୁ ଭର୍ଚୁଆଲରେ ଗୁରୁବାର ଶୋକସଭା ଅନୁଷ୍ଠିତ ହୋଇଥିଲା। ଶାଖା ସଭାପତି ଦିଲୀପ ଦାଶଶର୍ମା ଅଧ୍ୟକ୍ଷତା କରି ଡ. ମହାପାତ୍ରଙ୍କ ଗୁଣାବଳୀ ବର୍ଣ୍ଣନା କରିଥିଲେ। ଭାଷା, ସାହିତ୍ୟ ଓ ସଂସ୍କୃତିର ବିକାଶ କ୍ଷେତ୍ରରେ ଭାବଗ୍ରାହୀ ଓଡ଼ିଶାର ପଶ୍ଚିମାଞ୍ଚଳର ଜାଗ୍ରତ ପ୍ରହରୀ ବୋଲି କହିଥିଲେ। ଉପଦେଷ୍ଟା ଡ. ଦ୍ୱାରିକା ନାଥ ମହାନ୍ତି, ଭାବଗ୍ରାହୀଙ୍କୁ ଓଡ଼ିଶାର ଜଣେ ବରପୁତ୍ର ଭାବେ ସମ୍ବୋଧନ କରିଥିଲେ। ଅନ୍ୟତମ ଉପଦେଷ୍ଟା ନିମାଇଁ ଚରଣ ଦାସ, ଉପସଭାପତି ଶୀତଳ ଚନ୍ଦ୍ର ମହାନ୍ତି, ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧି, ଯୁଗ୍ମସମ୍ପାଦକ ସିଦ୍ଧାର୍ଥ ଶେଖର ଗଡନାୟକ, ରୁଷୀ ପଟ୍ଟନାୟକ, ପ୍ରକାଶ ସାମଲ ପ୍ରମୁଖ ଯୋଗଦେଇ ଶୋକ ବ୍ୟକ୍ତ କରିଥିଲେ।



ଲକ୍‌ଡାଉନ୍‌ରେ ବି ଭୁବନେଶ୍ୱର ରାସ୍ତାରେ ଗହଳି।

# ମିଳିପାରୁନି ସ୍ଲଟ୍

## ବିଏମ୍‌ସିର ଟିକାକରଣ ବ୍ୟବସ୍ଥାକୁ ନେଇ ତୀବ୍ର ଅସନ୍ତୋଷ

ଭୁବନେଶ୍ୱର, ୨୭।୫(ବ୍ୟୁରୋ)




ରାଜଧାନୀ ଭୁବନେଶ୍ୱରରେ କୋଭିଡ୍ ଟିକାକରଣକୁ ନେଇ ବିଭିନ୍ନ ସମୟରେ ନାନା ଅଭିଯୋଗ ହେଉଛି। କେତେବେଳେ ଟୋକନ୍ ବଣ୍ଟାକୁ ନେଇ ତ ଆଉ କେତେବେଳେ ଗାଡ଼ିରେ ଟିକାକରଣ (ଡ୍ରାଇଭ୍ ଇନ୍ ଭାକ୍ସିନେଶନ)କୁ ନେଇ ଚର୍ଚ୍ଚାକୁ ଆସିଛି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)। ଟୋକନ୍ ବଣ୍ଟାରେ ବିବାଦ ଉପୁଜିବାରୁ ଗତ ୫ତାରିଖରୁ ବିଭିନ୍ନ ପର୍ଯ୍ୟାୟରେ ଅନ୍‌ଲାଇନ୍‌ରେ ସ୍ଲଟ୍ ବୁକିଂ ଆରମ୍ଭ ହୋଇଛି। ଲୋକମାନେ ସ୍ଲଟ୍ ବୁକିଂ କରିବା ପରେ ଦିଆଯାଉଥିବା ସମୟ ଅନୁସାରେ ଟିକାକରଣ କେନ୍ଦ୍ରକୁ ଯାଇ ଟିକା ନେଉଛନ୍ତି। ହେଲେ ଅଧିକାଂଶ ସ୍ଥାନରେ ବୁକିଂ ପୂର୍ବରୁ ସ୍ଲଟ୍ ସରିଯାଉଥିବା ନେଇ ଅଭିଯୋଗ ଆସୁଛି। ପଞ୍ଜୀକରଣ ସତ୍ତ୍ୱେ ସ୍ଲଟ ମିଳୁ ନ ଥିବାରୁ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ଗୁରୁବାର ବିଏମ୍‌ସି ପକ୍ଷରୁ ୧୮ରୁ ୪୪ବର୍ଷୀୟଙ୍କ ପାଇଁ ୨୮ ଓ ୨୯,୩୧ ଓ ଜୁନ୍ ୧ ଏବଂ ୪୫ ରୁ ଊର୍ଦ୍ଧ୍ୱ ବୟସ୍କଙ୍କ ପାଇଁ ୩୧ ଓ ଜୁନ୍ ୧ ପାଇଁ ନୂଆ ସ୍ଲଟ୍ ଆରମ୍ଭ କରାଯାଇଛି। ଗୁରୁବାର ସନ୍ଧ୍ୟା ୭ଟାରୁ ଏହି ସ୍ଲଟ୍ ବୁକିଂ ଆରମ୍ଭ ହେବ ବୋଲି ବିଏମ୍‌ସି ପକ୍ଷରୁ ଟୁଇଟର ମାଧ୍ୟମରେ ସୂଚନା ଦିଆଯାଇଥିଲା। ଭୁବନେଶ୍ୱରର ୧୩ଟି କେନ୍ଦ୍ର ପାଇଁ ପ୍ରାୟ ୧୨ଶହ ସ୍ଲଟ ବୁକିଂ ପାଇଁ ବ୍ୟବସ୍ଥା କରାଯାଇଥିଲା। ସେହି ଅନୁସାରେ ଲୋକମାନେ କୋୱିନ୍ ଜରିଆରେ ନାମ ପଞ୍ଜୀକରଣ ସହ ସ୍ଲଟ ବୁକିଂ ପାଇଁ ଚେଷ୍ଟା କରିଥିଲେ। ହେଲେ ସ୍ଲଟ ବୁକିଂ ଆରମ୍ଭ ହେବାର କିଛି ସମୟ ପରେ ସ୍ଲଟ ଶେଷ ହୋଇଯାଇଥିବା ଅଧିକାଂଶ ଲୋକ ଜାଣିବାକୁ ପାଇଥିଲେ। ହାତଗଣତି କେତେଟା ସେଣ୍ଟରକୁ ଛାଡ଼ି ଦେଲେ ଅନ୍ୟ ସବୁଗୁଡ଼ିକରେ ବୁକିଂ ଶେଷ ହୋଇଥିବା ଦେଖିବାକୁ ମିଳିଥିଲା। ସେହିପରି ୪୫ରୁ ଊର୍ଦ୍ଧ୍ୱ ବର୍ଗର ହିତାଧିକାରୀଙ୍କ ପାଇଁ ଅଧିକାଂଶ ସ୍ଥାନରେ ସ୍ଲଟ୍ ବୁକ୍ ହୋଇ ସାରିଥିବାବେଳେ ଅନ୍ୟ କେତେକ ସ୍ଥାନରେ ସ୍ଲଟ୍ ଉପଲବ୍ଧ ନ ଥିବା ଦର୍ଶାଇଥିଲା।

ସ୍ଲଟ ବୁକିଂ କରିବାକୁ ଚେଷ୍ଟା କରି ବିଫଳ ହୋଇଥିବା ପଟିଆ ଅଞ୍ଚଳର ଡାକ୍ତର ମାନସ ଦାସ କହିଛନ୍ତି ଯେ, ଟିକା ପାଇଁ ସରକାରଙ୍କ ପକ୍ଷରୁ ଦିଆଯାଇଥିବା ୱେବସାଇଟ ସବୁସମୟରେ ସର୍ଭର ଡାଉନ ରହୁଛି। ଏପରି କି ବିଏମ୍‌ସି ପକ୍ଷରୁ ବିଭିନ୍ନ ସମୟରେ ଦିଆଯାଉଥିବା ସ୍ୱତନ୍ତ୍ର ଲିଙ୍କ୍‌ରେ ମଧ୍ୟ ସ୍ଲଟ ବୁକିଂ ହୋଇପାରୁ ନାହିଁ। ଫଳରେ ଟିକା ନେବା ବର୍ତ୍ତମାନ ସମୟରେ ଏକ ଜରୁରୀକାଳୀନ ପରିସ୍ଥିତି ସୃଷ୍ଟି ହୋଇଛି। ସେହିପରି ରତୁପର୍ଣ୍ଣା ଭୋଇ ନାମ୍ନୀ ଜଣେ ଛାତ୍ରୀଙ୍କ କହିବା ହେଲା ୧୮ ବର୍ଷରୁ ଊର୍ଦ୍ଧ୍ୱ ଟିକା ପାଇଁ ସ୍ଲଟ ବୁକିଂ ବାଧ୍ୟତାମୂଳକ ହୋଇଥିବାବେଳେ ପ୍ରତିଦିନ ସ୍ଲଟ ପାଇଁ ଅନ୍‌ଲାଇନରେ ଫାଙ୍କ ସ୍ଥାନ ଖୋଜି ଖୋଜି ସମୟ ଯାଉଛି। ହେଲେ ସ୍ଲଟ ମିଳୁନାହିଁ। ଟିକାକରଣ ପାଇଁ ସଫଳତାର ସହ ରେଜିଷ୍ଟ୍ରେଶନ ହୋଇଯାଇଥିବା ଉକ୍ତ ମେସେଜକୁ ମଧ୍ୟ କୌଣସି ସ୍ଥାନରେ ଗ୍ରହଣ କରାଯାଉ ନାହିଁ। ସ୍ଲଟ ନ ମିଳିବା ସମ୍ପର୍କରେ ବିଏମ୍‌ସିର ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଅନ୍ତର୍ଯ୍ୟାମୀ ମିଶ୍ରଙ୍କୁ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା ଶାରୀରିକ ଅସୁସ୍ଥତା ଦର୍ଶାଇ ସେ କୌଣସି ମତାମତ ଦେବାକୁ ମନା କରିଦେଇଛନ୍ତି।

## ଆଜିଠାରୁ ଫର୍ଚ୍ୟୁନ୍ ଟାୱାର ଓ ବିଡିଏ କଲ୍ୟାଣ ମଣ୍ଡପରେ 'ଡ୍ରାଇଭ୍ ଇନ୍ ଭାକ୍ସିନେଶନ'

ଭୁବନେଶ୍ୱର, ୨୭।୫ (ବ୍ୟୁରୋ)

ଟିକାକରଣକୁ ଆହୁରି ତ୍ୱରାନ୍ୱିତ ଓ ସୁଗମ କରିବା ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ 'ଡ୍ରାଇଭ୍ ଇନ୍ ଭାକ୍ସିନେଶନ'କୁ ଗୁରୁତ୍ୱ ଦିଆଯାଉଛି। ଏହି ପରିପ୍ରେକ୍ଷୀରେ ମହାନଗରରେ ପୂର୍ବରୁ ୫ଟି ସ୍ଥାନରେ ଏପରି ବ୍ୟବସ୍ଥା କାର୍ଯ୍ୟକାରୀ ହେଉଥିବାବେଳେ ଏବେ ଆଉ ଦୁଇଟି ସ୍ଥାନକୁ ଯୋଡା ଯାଇଛି। ମୈତ୍ରୀ ବିହାରସ୍ଥିତ ଫର୍ଚ୍ୟୁନ୍ ଟାୱାର ଓ କଳିଙ୍ଗ ନଗରସ୍ଥିତ ବିଡିଏ କଲ୍ୟାଣ ମଣ୍ଡପଠାରେ ଶୁକ୍ରବାରଠାରୁ ଡ୍ରାଇଭ୍ ଇନ୍ ଭାକ୍ସିନେଶନ ଆରମ୍ଭ ହେବ। ଠାରେ ୪୫ବର୍ଷରୁ ଊର୍ଦ୍ଧ୍ୱ ବୟସର ଲୋକେ ପ୍ରଥମ ଓ ଦ୍ୱିତୀୟ ଡୋଜ୍ ଟିକା ନେଇ ପାରିବେ ବୋଲି ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି।

## ୨ ଫୁଟର ଶିଶୁ ଜନ୍ମ

ଦକ୍ଷିଣ-ପୂର୍ବ ଇଂଲଣ୍ଡର ବକିଂହାମ୍‌ଶିରେ କାଉଣ୍ଟିର ଜଣେ ୨୭ ବର୍ଷୀୟା ମହିଳା ପ୍ରାୟ ୨ ଫୁଟର ଉଚ୍ଚତାର ଏକ ଶିଶୁଙ୍କୁ ଜନ୍ମ ଦେଇଛନ୍ତି। ଏଭଳି ବିରଳ ଶିଶୁ ପ୍ରସବ ହେବା ପରେ ହସ୍ପିଟାଲ ଡାକ୍ତରଙ୍କ ସମେତ ଅନ୍ୟମାନେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଜାକ୍‌ଙ୍କ ସ୍ତ୍ରୀ ଏମି ମାର୍ଚ୍ଚ ୨୫ରେ ଏକ ଶିଶୁକୁ ଜନ୍ମ ଦେଇଥିଲେ। କିନ୍ତୁ ସାଧାରଣ ନବଜାତକର ଉଚ୍ଚତାଠାରୁ ଏହି ଶିଶୁର ଉଚ୍ଚତା ୨ ଗୁଣ ଅଧିକ ଥିବା ଦେଖି ସମ୍ପୃକ୍ତ ଦମ୍ପତି ମଧ୍ୟ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଅସ୍ତ୍ରୋପଚାରବେଳେ ନବଜାତକକୁ ବାହାରକୁ ଆଣିବା ପାଇଁ ୨ ଜଣ ଲୋକଙ୍କ ଆବଶ୍ୟକ ପଡ଼ିଥିଲା।

# ଉତ୍ତରମେରୁରେ ଶକ୍ତିଶାଳୀ ସାମରିକ ଘାଟି



ମସ୍କୋ: ଆମେରିକା ସହିତ ଲଗାତର ବଢୁଥିବା ଉତ୍ତେଜନା ଭିତରେ ରୁଷିଆ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଆର୍କଟିକ୍ ଓସେନ୍‌ର ଘନ ବରଫାବୃତ ଅଞ୍ଚଳରେ ନିର୍ମାଣ କରିଛି ନିଜର ଅତ୍ୟାଧୁନିକ ସାମରିକ ଘାଟି। ଉଭୟ କ୍ଷେତ୍ରଫଳ ଏବଂ କ୍ଷମତା ଦୃଷ୍ଟିରୁ ଏହା ବେଶ୍ ଶକ୍ତିଶାଳୀ। ସର୍ବଦା ବରଫରେ ଢାଙ୍କି ହୋଇ ରହୁଥିବା ଏହି ସ୍ଥାନର ପରିବେଶ ପ୍ରତିକୂଳ ହୋଇଥିଲେ ମଧ୍ୟ ଜରୁରୀ ସମୟରେ ସାମରିକ କାର୍ଯ୍ୟାନୁଷ୍ଠାନ ଲାଗି ସମସ୍ତ ଘାତକ ଅସ୍ତ୍ର ଏବଂ ବିମାନ ମହଜୁଦ୍ ରହିଛି।

ଉତ୍ତର ମେରୁଠାରୁ ହାରାହାରି ୯୬୦ କିଲୋମିଟର ଦୂରରେ ରୁଷିଆର ଏହି ସାମରିକ ଘାଟି ନିର୍ମାଣ କରାଯାଇଛି। ନାଟୋର ନରୱେଜ୍ଇଆନ ସୀମାଠାରୁ ଏହାର ଦୂରତ୍ୱ ମାତ୍ର ୨୫୭ କିଲୋମିଟର। ଏହି ଅଞ୍ଚଳ ଆର୍ଟିକ ଟ୍ରେଫାଇଲ ନାମରେ ପରିଚିତ। ଯେତେବେଳେ କୌଣସି ଘଟଣା ଅନ୍ତର୍ଜାତୀୟ ବିବାଦରେ ପରିଣତ ହୁଏ, ସେତେବେଳେ ସ୍ୱାଭାବିକ ଭାବେ ଚର୍ଚ୍ଚାକୁ ଆସିଥାନ୍ତି ବିଶ୍ୱର ଦୁଇ ମହାଶକ୍ତି ଆମେରିକା ଏବଂ ରୁଷିଆ। ଉଭୟଙ୍କ ମଧ୍ୟରେ ଦୀର୍ଘଦିନରୁ ଜାରି ରହିଥିବା ଶୀତଳଯୁଦ୍ଧ, ମତଗତ ପାର୍ଥକ୍ୟ ଏବେ ବି ଅନେକ ଘଟଣାରୁ ସ୍ପଷ୍ଟ ପ୍ରତିଫଳିତ। ଏସବୁ କାରଣରୁ ଅଧିକାଂଶ ସମୟରେ ଆମେରିକା ସହ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହେଉଥିବାବେଳେ ନିଜର ଭୂଖଣ୍ଡକୁ ସୁରକ୍ଷିତ ରଖିବା ଲାଗି ଏଠାରେ ରୁଷିଆ ପ୍ରସ୍ତୁତ କରିଛି ବିଶାଳକାୟ ସାମାରିକ ଘାଟି। 'ଫ୍ରାନ୍ସ ଜୋଶେଫ୍ ଲ୍ୟାଣ୍ଡ' ଉପରେ ରୁଷିଆର ସମ୍ପୂର୍ଣ୍ଣ ଅଧିକାର ରହିଛି। ୧୬ ହଜାର ୧୩୪ ବର୍ଗ କିଲୋମିଟର ବିଶିଷ୍ଟ ଏହି ଅଞ୍ଚଳ ଛୋଟବଡ଼ ୧୯୨ଟି ଦ୍ୱୀପ ସମୂହକୁ ନେଇ ଗଠିତ। ସେନା ଅଧିକାରୀଙ୍କ ବ୍ୟତୀତ ଏଠାକୁ ସାଧାରଣ ଲୋକଙ୍କ ପ୍ରବେଶ ଉପରେ କଟକଣା ଜାରି କରାଯାଇଛି।

ଏଭଳି ଏକ ବରଫାବୃତ ସ୍ଥାନରେ ରୁଷିଆର ବିଶାଳକାୟ ସାମରିକ ଘାଟି ଆମେରିକାର ମୁଣ୍ଡବ୍ୟଥା ବଢ଼ାଇଛି। ତେଣୁ ୱାଶିଂଟନ ଏହାକୁ ନେଇ ସବୁବେଳେ ବିରୋଧର ସ୍ୱର ଉଠାଇ ଆସିଛି। ଦେଶର ସାର୍ବଭୌମତ୍ୱର ସୁରକ୍ଷା ଲାଗି ସବୁକିଛି କାର୍ଯ୍ୟପନ୍ଥା ହାତକୁ ନିଆଯିବ ବୋଲି ରୁଷିଆର ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ କହିଛନ୍ତି। ତେବେ ରୁଷିଆର ସାମରିକ ଅଧିକାରୀମାନେ ପ୍ରତିକ୍ରିୟାରେ କହିଛନ୍ତି, ଏହା କୌଣସି ସାମରିକ ଘାଟି ନୁହେଁ। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ ସମୟରେ ଏହି ଅଞ୍ଚଳରେ କୌଣସି ଗତିବିଧି ନାହିଁ। ଖାସ୍ କରି ସୋଭିଏତ୍ ସଂଘ ବିଭାଜନ ହେବା ପରେ ସେଠାରୁ ସୈନିକମାନେ ଫେରି ଆସିଲେଣି। ଏବେ ନିକଟରେ ଉକ୍ତ ସାମରିକ ଘାଟି ଅଞ୍ଚଳରେ ପୁଣିଥରେ ବିଭିନ୍ନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ତେଣୁ ରୁଷିଆ କୌଣସି ନୂଆ ଯୋଜନା କରୁଥିବା ଅନୁମାନ କରାଯାଉଛି।

## ଆମେରିକାର ମୁଣ୍ଡବ୍ୟଥା ବଢ଼ାଇଛି ରୁଷିଆ

**ବରଫାବୃତ ଉତ୍ତର ମହାସାଗର (ଆର୍କଟିକ୍ ଓସେନ) ମଧ୍ୟରେ ଥିବା ଦ୍ୱୀପ 'ଫ୍ରାନ୍ସ ଜୋଶେଫ୍ ଲ୍ୟାଣ୍ଡ'ରେ ରୁଷିଆ ଶକ୍ତିଶାଳୀ ସୈନ୍ୟ ବେସ୍ ପ୍ରସ୍ତୁତ କରିଛି। ଆମେରିକା ନିକଟରୁ ବଢୁଥିବା ବିପଦରୁ ନିଜର ଭୂଖଣ୍ଡକୁ ସୁରକ୍ଷା ଦେବାକୁ ଏହି ବିଶାଳକାୟ ସାମରିକ ପ୍ରସ୍ତୁତି ଆରମ୍ଭ ହୋଇଛି। ଶୀତଦିନେ ଏହି ସ୍ଥାନର ତାପମାତ୍ରା ବିଯୁକ୍ତ ୫୦ ଡିଗ୍ରୀ ସେଲ୍‌ସିୟସ୍‌କୁ ଖସି ଆସୁଥିବାବେଳେ ଏଭଳି ଏକ ପ୍ରତିକୂଳ ସ୍ଥାନରେ ସାମରିକ ଘାଟି ପ୍ରସ୍ତୁତ କରିବାକୁ ରୁଷିଆକୁ ବିପୁଳ ଅର୍ଥ ଖର୍ଚ୍ଚ କରିବାକୁ ପଡ଼ିଛି।**

### ତୈଳ, ଗ୍ୟାସ୍ ସନ୍ଧାନ ଅନୁମାନ

ଉତ୍ତର ସାଗରର ବରଫାଚ୍ଛନ୍ନ ଅଞ୍ଚଳରେ ତୈଳ, ପ୍ରାକୃତିକ ଗ୍ୟାସ୍ ଗଚ୍ଛିତ ରହିଥିବା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ହୁଏତ ରୁଷିଆକୁ ଏଭଳି କିଛି ମୂଲ୍ୟବାନ ଧାତୁର ସନ୍ଧାନ ମିଳିଛି, ଯାହାକୁ ବରଫ ତରଳିବା ପରେ ଉତ୍ତୋଳନ କରିବାକୁ ରୁଷିଆ ଯୋଜନା କରୁଥିବା ଅନୁମାନ କରାଯାଉଛି। ଯଦି ଅନୁମାନ ସତ୍ୟ ହୋଇଥାଏ ତେବେ କରୋନା ପ୍ରଭାବିତ ପୃଥିବୀରେ ଏହା ରୁଷିଆକୁ ଫାଇଦା ଦେବ ବୋଲି ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି। ଅନ୍ୟପଟେ ଉତ୍ତର ମହାସାଗରର ୫୩% ଅଂଶ ରୁଷିଆ ସୀମା ସଂଲଗ୍ନ। ତେଣୁ ଏଠାରେ ଏକ ମଜଭୁତ ସେନା ବେସ୍ ଦ୍ୱାରା ଉଭୟ ଆମେରିକା ଏବଂ ନାଟୋ ସେନାର ଉପଯୁକ୍ତ ମୁକାବିଲା କରାଯାଇପାରିବ। ତେଣୁ ଭବିଷ୍ୟତ ସୁରକ୍ଷା ଦୃଷ୍ଟିରୁ ରୁଷିଆ ଏଭଳି ବଡ଼ ଧରଣର ପ୍ରସ୍ତୁତି ଆରମ୍ଭ କରିଥିବା ଅନ୍ୟ କେତେଜଣ ପ୍ରତିରକ୍ଷା ବିଶେଷଜ୍ଞ ମତ ଦେଇଛନ୍ତି।

### ରହିଛି ସମସ୍ତ ଅତ୍ୟାଧୁନିକ ସୁବିଧା

ବରଫ ଭାଲୁ, ହାତଗଣତି ଉଦ୍ଭିଦ ଥିବା ଅଞ୍ଚଳରେ ରୁଷିଆର ଏଭଳି ସାମରିକ ପ୍ରସ୍ତୁତି ବିଶ୍ୱର ବିକଶିତ ରାଷ୍ଟ୍ରଗୁଡ଼ିକୁ ଚିନ୍ତାରେ ପକାଇଛି। ସବୁଠାରୁ ବଡ଼ କଥା, ବର୍ଷର ଯେକୌଣସି ସମୟରେ ଏହି ସ୍ଥାନକୁ ଯୋଗାଯୋଗ କରିବା ଲାଗି ସମସ୍ତ ପ୍ରକାର ଅତ୍ୟାଧୁନିକ ସୁବିଧା ରହିଛି। ଯୋଗାଯୋଗ ଲାଗି ରାଡାର, ବିମାନ ଅବତରଣ ଲାଗି ରନ୍ ୱେ, ଆବଶ୍ୟକ ଇନ୍ଧନ ମହଜୁଦ୍ ରଖିବାକୁ ଭୂତଳ ଟାଙ୍କି, ଅସ୍ତ୍ରାଗାର ନିର୍ମାଣ କରାଯାଇଥିବା ଅନ୍ତର୍ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି।

## କୋଲ୍ଡ ଡ୍ରିଙ୍କ୍ସ ଠିପି ଖୋଲୁଛି ମହୁମାଛି



ନୂଆଦିଲ୍ଲୀ: ମହୁମାଛି ଖୋଲିଦେଉଛି କୋଲ୍ଡଡ୍ରିଙ୍କ୍ସ ବୋତଲ ଠିପି। କଥାଟା ଶୁଣି ହୁଏତ କେହି ବିଶ୍ୱାସ କରି ପାରିବେ ନାହିଁ। କିନ୍ତୁ ଏଭଳି ଏକ ଭିଜୁଆଲ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଭିଡିଓରେ ଦୁଇଟି ମହୁମାଛି ଧିରେ ଧିରେ ବୋତଲର ଠିପିକୁ ସୁନ୍ଦରଭାବେ ସନ୍ତୁଳନ ରକ୍ଷା କରି ହଲାଇ ଦେଉଛନ୍ତି। କିଛି ସମୟ ପରେ ଠିପିଟିକୁ ହଲାଇ ତାହାକୁ ଢିଲା କରି ଦେଉଛନ୍ତି। ଆଶ୍ଚର୍ଯ୍ୟଜନକଭାବେ ଠିପିଟି ତଳକୁ ବାହାରି ପଡୁଛି। ବୋତଲରୁ ଠିପିଟି ଏତେ ସୁନ୍ଦରଭାବେ ବାହାରି ଯାଉଛି ଯେ ଦେଖିବା ଲୋକଙ୍କୁ ବହୁତ ଖୁସି ଲାଗିବ। ମହୁମାଛିଙ୍କର ଏହି ଭିଡିଓଟିକୁ ଦେଖିବା ପରେ ଲୋକେ ସୁନ୍ଦର କମେଣ୍ଟ ସବୁ ଦେଉଛନ୍ତି। ଏତେ କ୍ଷୁଦ୍ର କୀଟଟିଏ ପାଇଁ ଅସମ୍ଭବ ମନେ ହେଉଥିବା କାମର ଏହି ଭିଡିଓ ଦେଖିଲେ ଯେ କେହି ଆଶ୍ଚର୍ଯ୍ୟ ହୋଇଯିବ। ଭିଡିଓଟିକୁ ଏବେ ସୁଦ୍ଧା ୧.୩ ମିଲିୟନ୍‌ରୁ ଅଧିକ ଲୋକ ଦେଖି ସାରିଲେଣି ଏବଂ ୬୪ହଜାରରୁ ଅଧିକ ଲାଇକ୍ କରି ସାରିଛନ୍ତି। ୧୬ ହଜାରରୁ ଅଧିକ ଲୋକ ଏହି ଭିଜୁଆଲକୁ ରିଟୁଇଟ୍ କରିବା ସହିତ ହଜାର ହଜାର କମେଣ୍ଟ ଦେଇଛନ୍ତି। ଦୁଇଟି ମହୁମାଛି ମିଶିବାରୁ ଏଭଳି ଏକ କାମ କରିପାରିଥିବା ଅଧିକାଂଶ ମତ ଦେଇଛନ୍ତି। ଏକତା ହିଁ ବଳ ବୋଲି ଏଥିରୁ ସମସ୍ତେ ଅନୁଭବ କରିପାରୁଥିବେ ବୋଲି କେତେଜଣ କମେଣ୍ଟ କରିଛନ୍ତି।



## ବିବାହବେଳେ କନ୍ୟା ମୃତ

### ଶାଳୀଙ୍କୁ ବାହାହେଲେ ବର



ଇଟାୱା: ଉତ୍ତରପ୍ରଦେଶର ଇଟାୱାରେ ଏକ ଦୁଃଖଦ ଘଟଣା ଘଟିଛି। ଧୁମ୍‌ଧାମରେ ବାହାଘର ଚାଲୁଥିବାବେଳେ ହଠାତ୍ କନ୍ୟାଙ୍କ ମୃତ୍ୟୁ ଘଟିଥିଲା। ପରେ ଆପୋସ ବୁଝାମଣାରେ ବର ତାଙ୍କ ଶାଳୀଙ୍କୁ ବିବାହ କରିଥିବା ଜଣାପଡ଼ିଛି।

ମେ' ୨୫ରେ ଇଟାୱା ଜିଲା ସମସପୁର ଗାଁର ସୁରଭିଙ୍କ ସହ ନାୱଲି ଚିତ୍ତଭବନର ମଞ୍ଜେସଙ୍କ ବିବାହ ଅନୁଷ୍ଠିତ ହୋଇଥିଲା। ବିବାହର ସମସ୍ତ ରୀତିନୀତି ସୁରୁଖୁରୁରେ ଚାଲିଥିଲା। ହେଲେ ସାତଫେରା ନେବା ପୂର୍ବରୁ ହଠାତ୍ କନ୍ୟା ଅଚେତ ହୋଇପଡ଼ିଥିଲେ। ପରିବାର ଲୋକେ କନ୍ୟାଙ୍କୁ ଡାକ୍ତରଖାନା ନେଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ହୃଦ୍‌ଘାତରେ କନ୍ୟାଙ୍କ ମୃତ୍ୟୁ ଘଟିଥିବା ଡାକ୍ତର କହିଥିଲେ। ଏହାକୁ ନେଇ ପରିବାରରେ ଶୋକର ଛାୟା ଖେଳି ଯାଇଥିଲା। ସମ୍ପର୍କୀୟ ତଥା ବନ୍ଧୁବାନ୍ଧବଙ୍କ ବୁଝାଶୁଝା ପରେ କନ୍ୟାଙ୍କ ସାନ ଭଉଣୀଙ୍କ ସହ ମଞ୍ଜେସ ବିବାହ କରିଥିଲେ। ଏହି ସମୟରେ କନ୍ୟାଙ୍କ ମୃତଦେହକୁ ଅନ୍ୟ ଏକ ଘରେ ରଖାଯାଇଥିଲା। ବିବାହ ସରିବା ପରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଥିଲା।

## ରେଡ୍ ଚିଲିସ୍ ଫିଲ୍ମରୁ ଓହରିଲେ କାର୍ତ୍ତିକ

ନୂଆଦିଲ୍ଲୀ: ଫିଲ୍ମ ନିର୍ମାତା କରନ ଜୋହରଙ୍କ 'ଦୋସ୍ତାନା-୨' ପରେ ରେଡ୍ ଚିଲିସ୍ ବ୍ୟାନର୍‌ର ଏକ ଚଳଚ୍ଚିତ୍ରରୁ ଓହରିଯାଇଛନ୍ତି ଅଭିନେତା କାର୍ତ୍ତିକ ଆର୍ଯ୍ୟନ। ଅଜୟ ବହଲ୍‌ଙ୍କ ଫିଲ୍ମ 'ଗୁଡ୍‌ବାଏ ଫ୍ରେଡି'ରେ କାର୍ତ୍ତିକ ଅଭିନୟ କରିବେନି ବୋଲି ରିପୋର୍ଟ ପ୍ରକାଶ ପାଇଛି। ଏଥିରେ କାର୍ତ୍ତିକଙ୍କ ବିପକ୍ଷରେ କ୍ୟାଟ୍ରିନା କୈଫ ରହିଥିଲେ। ଫିଲ୍ମର ଷ୍ଟୋରିକୁ ନେଇ ନିର୍ଦ୍ଦେଶକ ଓ କାର୍ତ୍ତିକଙ୍କ ମଧ୍ୟରେ ମତ ପାର୍ଥକ୍ୟ ଦେଖାଦେଇଥିବା ଜଣାଯାଇଛି। ଏହାସହ ପୂର୍ବରୁ ରଖାଯାଇଥିବା ସ୍କ୍ରିପ୍ଟକୁ ବଦଳାଯାଇଥିବା କାର୍ତ୍ତିକ କହିଛନ୍ତି। ଫିଲ୍ମରୁ ଓହରିବା ପରେ କାର୍ତ୍ତିକ ଆଗୁଆ ନେଇଥିବା ୨ କୋଟି ଟଙ୍କା ମଧ୍ୟ ଫେରାଇଥିବା ଜଣାପଡ଼ିଛି। ସୋସିଆଲ କମେଡି ଫିଲ୍ମ 'ଗୁଡ୍‌ବାଏ ଫ୍ରେଡି'ର ଶୁଟିଂ ଆସନ୍ତା ଜୁନରେ ଆରମ୍ଭ ହେବାକୁ ସ୍ଥିର ହୋଇଥିଲା। କାର୍ତ୍ତିକ ଏହି ପ୍ରୋଜେକ୍ଟରୁ ବାହାରିଯିବା ପରେ ତାଙ୍କ ସ୍ଥାନରେ ଆଉ କାହାକୁ ନିଆଯିବ ସେ ନେଇ ଫିଲ୍ମ ନିର୍ମାତାଙ୍କ ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ। ଚଳଚ୍ଚିତ୍ରରେ ରାଜ କୁମାର ରାଓଙ୍କୁ ନିଆଯାଇପାରେ ବୋଲି ଚର୍ଚ୍ଚା ହେଉଛି। ପୂର୍ବରୁ 'ଦୋସ୍ତାନା ୨'ର ୬୦ ପ୍ରତିଶତ ଶୁଟିଂ ସରିଥିଲେ ମଧ୍ୟ କାର୍ତ୍ତିକ ପ୍ରୋଜେକ୍ଟରୁ ବାଦ୍ ପଡ଼ିଥିଲେ। କରନ ଜୋହରଙ୍କ ସହ ମତଭେଦ ଯୋଗୁ ଧର୍ମା ପ୍ରଡକ୍ସନ କାର୍ତ୍ତିକଙ୍କୁ ଫିଲ୍ମରୁ ବାହାର କରିଥିବା ନେଇ ରିପୋର୍ଟ ପ୍ରକାଶ ପାଇଥିଲା। ଏବେ କାର୍ତ୍ତିକଙ୍କ ହାତରେ ହରର୍ ଫିଲ୍ମ 'ଭୁଲ ଭୁଲୈୟା ୨' ରହିଥିବାବେଳେ ଏଥିରେ କିଆରା ଆଡଭାନିଙ୍କୁ ଦେଖିବାକୁ ମିଳିବ। ଏହା ସହ ରୋହିତ ଧାୱନଙ୍କ ଆଉ ଏକ ଫିଲ୍ମ ପାଇଁ ସେ ସାଇନ୍ କରିଛନ୍ତି। ରୋନି ସ୍କ୍ରିଓ୍ୱାଲାଙ୍କ ପ୍ରଯୋଜିତ 'ଧମାକା'ରେ କାର୍ତ୍ତିକ ଅଭିନୟ କରିଥିବାବେଳେ ଏହା ଖୁବ ଶୀଘ୍ର ଓଟିଟି ପ୍ଲାଟଫର୍ମରେ ମୁକ୍ତିଲାଭ କରିବ।

## କେମିତି ରହିବ ଆଜିର ପାଗ

**ରାଜ୍ୟ-** ଆଗାମୀ ୨୪ ଘଣ୍ଟା ମଧ୍ୟରେ ଉତ୍ତର ଓଡ଼ିଶାର ଆଭ୍ୟନ୍ତରୀୟ ଜିଲା ସମେତ ଉତ୍ତର ଉପକୂଳ ଅଞ୍ଚଳ ଏବଂ ଦକ୍ଷିଣ ଓଡ଼ିଶାର କେତେକ ଜିଲାରେ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା କିମ୍ବା ଘଡ଼ଘଡ଼ି ସହ ବର୍ଷା ହେଇପାରେ। ଦିନର ସାଧାରଣ ତାପମାତ୍ରାରେ ୩ରୁ ୫ ଡିଗ୍ରୀ ସେଲ୍‌ସିୟସ୍ ବୃଦ୍ଧି ପାଇପାରେ।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଆଖପାଖ ଅଞ୍ଚଳରେ ଆକାଶ ମେଘୁଆ ରହିବ। ଶୁକ୍ରବାର ଦିନର ସର୍ବାଧିକ ତାପମାତ୍ରା ୩୬ ଡିଗ୍ରୀ ସେଲ୍‌ସିୟସ୍ ଏବଂ ସର୍ବନିମ୍ନ ତାପମାତ୍ରା ୨୫ ଡିଗ୍ରୀ ସେଲ୍‌ସିୟସ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ଗୁରୁବାର ରାଜ୍ୟର ବିଭିନ୍ନ ସ୍ଥାନରେ ରେକର୍ଡ କରାଯାଇଥିବା ତାପମାତ୍ରା ପାର୍ଶ୍ୱରେ ଦିଆଗଲା।



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୧.୬ | ୨୪.୬ |
| ଚାନ୍ଦବାଲି | ୩୨.୫ | ୨୩.୧ |
| କଟକ | ୩୨.୮ | ୨୩.୪ |
| ପାରାଦୀପ | ୩୨.୫ | ୨୫.୮ |
| ଭୁବନେଶ୍ୱର | ୩୩.୨ | ୨୪.୨ |
| ଗୋପାଳପୁର | ୩୫.୦ | ୨୯.୨ |
| ପୁରୀ | ୩୪.୪ | ୨୮.୨ |
| ଅନୁଗୋଳ | ୨୭.୧ | ୨୩.୦ |
| ବାରିପଦା | ୨୯.୫ | ୨୪.୪ |
| ଝାରସୁଗୁଡ଼ା | ୨୬.୪ | ୨୩.୬ |
| କେନ୍ଦୁଝର | ୨୫.୨ | ୨୨.୪ |
| ସମ୍ବଲପୁର | ୨୮.୦ | ୨୪.୨ |
| ସୁନ୍ଦରଗଡ଼ | ୩୧.୦ | ୨୦.୦ |
| ହୀରାକୁଦ | ୨୭.୩ | ୨୩.୫ |
| ତାଳଚେର | ୩୧.୧ | ୨୪.୫ |
| ଭବାନୀପାଟଣା | ୪୦.୭ | ୨୬.୯ |
| ବଲାଙ୍ଗୀର | ୩୪.୮ | – |
| କୋରାପୁଟ | ୩୩.୬ | ୨୧.୦ |
| ଫୁଲବାଣୀ | ୩୦.୦ | ୧୬.୦ |
| ଟିଟିଲାଗଡ଼ | ୩୫.୪ | ୨୫.୦ |
| ମାଲକାନଗିରି | ୩୧.୦ | ୨୧.୫ |
| ସୋନପୁର | ୩୨.୪ | ୨୫.୨ |
| ଦାରିଙ୍ଗିବାଡ଼ି | ୩୧.୦ | ୨୨.୦ |
| ନୟାଗଡ଼ | ୩୬.୦ | ୨୧.୫ |
| ବୌଦ୍ଧ | ୨୮.୫ | ୨୩.୦ |
| ଛତ୍ରପୁର | ୩୪.୭ | ୨୮.୪ |
| ପାରଳାଖେମୁଣ୍ଡି | ୪୧.୦ | ୨୬.୦ |
| ରାୟଗଡ଼ା | ୩୯.୪ | – |

ଡିଗ୍ରୀ ସେଲ୍‌ସିୟସ୍

CLASSIFIED DISPLAY
MORE SPACE • SAME PRICE
TARIFF | GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଆଡଭାନ୍ସ ନେଉନ୍ତୁ, ଧୋକା ଦେଉନ୍ତୁ
ହିନ୍ଦୁସ୍ଥାନ ଫାଇନାନ୍ସ
ଆଧାରକାର୍ଡ, ଗ୍ରୁପ୍ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଏଗ୍ରିକଲ୍‌ଚର୍, ସବୁ ଋଣ ମାତ୍ର 24 ଘଣ୍ଟାରେ
ସୁଧ 2% ଛାଡ଼ 50%
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ ଯୋଗାଯୋଗ କରନ୍ତୁ
08765087341
09473641974
Sasane Nagar, Pune

BIKASHA FINANCE
BIKASHA FINANCE
ସମସ୍ତ ପ୍ରକାର LOAN ଯୋଗାଇ ଦେଉଛି। ମାର୍କଶିଟ, ପର୍ସନାଲ, ସମ୍ପତ୍ତି, ଗୃହ, ବ୍ୟବସାୟ, କୃଷି, ଶିକ୍ଷା, କୁକୁଡ଼ା ଓ ଗୋପାଳନ ଇତ୍ୟାଦି ସମସ୍ତ ପ୍ରକାର LOAN ଘରେ ବସି ପାଆନ୍ତୁ।
ସୁଧ = 2%
Mob.: 8280503279
7656825022
Retamunda, Bhatigaon, Baragarh

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ୩୪ ପ୍ରାର୍ଥୀଙ୍କୁ ହତ୍ୟା କରାଗଲାଣି

### ମେକ୍ସିକୋ ଇତିହାସରେ ସବୁଠୁ ହିଂସ୍ର ନିର୍ବାଚନ

ମେକ୍ସିକୋ ସିଟି

ଉତ୍ତର-କେନ୍ଦ୍ରୀୟ ମେକ୍ସିକୋରେ ଆଉ ଜଣେ ମେୟର ପ୍ରାର୍ଥୀଙ୍କ ମୃତ୍ୟୁ ଘଟିଛି। ଫଳରେ ଜୁନ୍ ୬ରେ ହେବାକୁ ଥିବା ନିର୍ବାଚନ ପୂର୍ବରୁ ଦେଶବ୍ୟାପୀ ପ୍ରାଣ ହରାଇଥିବା ପ୍ରାର୍ଥୀଙ୍କ ସଂଖ୍ୟା ୩୪ରେ ପହଞ୍ଚିଛି। ରାଷ୍ଟ୍ରପତି ଆଣ୍ଡ୍ରେସ୍ ମାନୁଏଲ୍ ଲୋପେଜ୍ ଓବ୍ରାଡୋର ବୁଧବାର କହିଛନ୍ତି, ଏହି ହତ୍ୟା ଏକ ସଙ୍ଗଠିତ ଆପରାଧିକ ଗ୍ୟାଙ୍ଗ୍‌ର କାଣ୍ଡ ବୋଲି ନିଃସନ୍ଦେହରେ କୁହାଯାଇପାରେ। ଏଟେଲେକ୍ଟ ପରାମର୍ଶଦାତା ସଂସ୍ଥା କହିଛି ଯେ, ମୃତ ୩୪ ଜଣଙ୍କ ମଧ୍ୟରୁ ଅଧିକାଂଶ ମେୟର ପ୍ରାର୍ଥୀ ହୋଇଥିଲେ କିମ୍ବା ସ୍ଥାନୀୟ ନିର୍ବାଚନ ଲଢୁଥିଲେ। ମଙ୍ଗଳବାର ଅଲମା ବାରାଗନ୍‌ଙ୍କୁ ହତ୍ୟା କରାଯାଇଥିଲା, ଯେତେବେଳେ ସେ ହିଂସା ପ୍ରବଣ ଗୁଆନାଜୁଆଟୋ ରାଜ୍ୟର ମୋରୋଲେଓନ ସହରରେ ମେୟର ହେବା ପାଇଁ ନିର୍ବାଚନ ପ୍ରଚାର କରୁଥିଲେ। ବାରାଗନ୍ ସିଟିଜେନ୍ସ ମୁଭମେଣ୍ଟ ପାର୍ଟି ନାମକ ଏକ ଛୋଟ ଦଳର ଟିକେଟରେ ସେ ନିର୍ବାଚନ ଲଢୁଥିଲେ। ବିଶେଷଜ୍ଞଙ୍କ ମତରେ ଡ୍ରଗ୍ସ ଗ୍ୟାଙ୍ଗ୍ ଟାଉନ୍ ହଲ ଓ ସିଟି ସରକାରଗୁଡ଼ିକରେ ନିଜ ସମର୍ଥକଙ୍କୁ ଜିତାଇବାକୁ ଚାହୁଁଛନ୍ତି। ଏହି ଗ୍ୟାଙ୍ଗଗୁଡ଼ିକର ପ୍ରାର୍ଥୀ ନିର୍ବାଚନରେ ବିଜୟୀ ହେଲେ ଚାଲାଣକାରୀମାନେ ପୋଲିସର ବିନା ହସ୍ତକ୍ଷେପରେ ନିଜ କାରବାର ଚଳାଇପାରିବେ। ଏହାସହ ସ୍ଥାନୀୟ ବ୍ୟବସାୟିକ ସଂସ୍ଥା ଓ ସରକାରୀ ବଜେଟରୁ ମଧ୍ୟ ଅର୍ଥ ହଡ଼ପ କରିପାରିବେ। ରାଷ୍ଟ୍ରପତି କହିଛନ୍ତି, ଭୋଟରମାନଙ୍କୁ ମତଦାନରୁ ହଟାଇବା ଲାଗି ପ୍ରାର୍ଥୀ ହତ୍ୟା ଏକ ଆତଙ୍କ। ଲୋକେ ଏହି ଗଣତାନ୍ତ୍ରିକ ପ୍ରକ୍ରିୟାରେ ସାମିଲ ନ ହେଲେ ମାଫିଆମାନେ ନିର୍ବାଚନରେ ଆଧିପତ୍ୟ ବିସ୍ତାର କରିବେ। ମେକ୍ସିକୋ ଇତିହାସରେ ଏହା ହେଉଛି ସବୁଠୁ ହିଂସ୍ର ନିର୍ବାଚନ।

## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ**



ଏବିଦ୍ୟୁଲତା ଦେବୀ
ଏମ୍/୪-୩୬ ଆଚାର୍ଯ୍ୟ ବିହାର, ଭୁବନେଶ୍ୱର
ଆବିର୍ଭାବ: ୧୫।୦୮।୧୯୩୪
ତିରୋଧାନ: ୧୮।୦୫।୨୦୨୧
ତୁମେ ଆମ ସମସ୍ତଙ୍କୁ ହଠାତ୍ ଛାଡ଼ି ଚାଲିଯିବ ବୋଲି ଆଶା ନଥିଲା। ତୁମର ପରୋପକାର, ସ୍ନେହ, ଶ୍ରଦ୍ଧା, ମିଷ୍ଟଭାଷିନତା, ଆଦର୍ଶ, ମାର୍ଗଦର୍ଶନ, ତ୍ୟାଗ, ସହନଶୀଳତା ଓ ଆତିଥ୍ୟ ଆମମାନଙ୍କ ପାଇଁ ଅବିସ୍ମରଣୀୟ। ତୁମର ପବିତ୍ର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥ, ଶ୍ରୀମଦନ ମୋହନ ଓ ସାଇନାଥଙ୍କ ନିକଟରେ ପ୍ରାର୍ଥନା ।
-:ଶୋକସନ୍ତପ୍ତ:-
ପୁତ୍ର: ବିଦ୍ୱାନ, ସିଦ୍ଧାର୍ଥ, ନୀଳକଣ୍ଠ, ପାର୍ଥ, ପୁତ୍ରବଧୂ: ବିଜୟଲକ୍ଷ୍ମୀ, ସୁଜତା, ସ୍ନିଗ୍ଧା, କସ୍ତୁରୀ, ନାତି: ବିବେକ, ସ୍ୱରୂପ, ନାତୁଣୀ: ସୋନି, ମୋନି, ରୋନି, ନାତୁଣୀଜ୍ୱାଇଁ: ସ୍ନେହାଶିଷ
ଧ-୬୫୯୧୯

**Shradhanjali**



We pay condolences and homage to the 17th Death Anniversary of our Late father *"Promotha Nath Ghosh's"* Demise on 28th May 2004. We pray that his everlasting soul find eternal peace and tran quillity in the realm of after life space.

By bereaved family including his Wife, Son, Daughter and their spouses and grand children and the staff of Sea View Hotel, marine parade road Puri Odisha. Pin-752001
D-20788

**ସପ୍ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**
ଶ୍ରଦ୍ଧାଞ୍ଜଳି



ଏଭୂବନ ବିହାରୀ କର
ଆବିର୍ଭାବ: ୦୩।୦୪।୧୯୫୯
ତିରୋଧାନ: ୧୬।୦୫।୨୦୧୪
ଆପଣଙ୍କ ଶ୍ରଦ୍ଧା, ସ୍ନେହ ତଥା ଆଶୀର୍ବାଦ ସଦା ଆମମାନଙ୍କ ଉପରେ ରହିଥାଉ। ଏତିକି ଶ୍ରୀ ଶ୍ରୀଜଗନ୍ନାଥଙ୍କ ଚରଣ ତଳେ ପ୍ରାର୍ଥନା ।
ଇତି ଆପଣଙ୍କର- ମିଢୁ, ରିତୁ ଓ ସିକୁ
ଧ-୨୦୬୮୪



ନିର୍ମଳ କୁମାର ମିଶ୍ର

# ଓଡ଼ିଶା କ୍ରିକେଟର ଗୁରୁତ୍ୱ ବଢୁଛି

**ପୂର୍ବତନ ଟେଷ୍ଟ ବ୍ୟାଟ୍ସମ୍ୟାନ ଶିବସୁନ୍ଦର ଦାସଙ୍କୁ ମିଳିଛି ଭାରତୀୟ ସିନିୟର ମହିଳା ଦଳର ବ୍ୟାଟିଂ କୋଚ୍ ଦାୟିତ୍ୱ। ପୂର୍ବରୁ ଦେବାଶିଷ ମହାନ୍ତି ଜାତୀୟ ସିନିୟର ଦଳର ଚୟନ କର୍ତ୍ତା ଭାବେ ମନୋନୀତ ହୋଇଥିଲେ। ଓଡ଼ିଶା କ୍ରିକେଟର ଗୁରୁତ୍ୱ ବଢ଼ିଛି ବୋଲି ଏଥିରୁ ସ୍ପଷ୍ଟ ହୋଇଛି। ରାଜ୍ୟର ଏହି ଦୁଇ ପୂର୍ବତନ କ୍ରିକେଟର ନିଜ ଦାୟିତ୍ୱ ସଫଳତାର ସହ ସମ୍ପାଦନ କରିବେ ବୋଲି ଆଶା କରାଯାଉଛି...**

ଓଡ଼ିଶା କ୍ରିକେଟ ପାଇଁ ଆସିଛି ଆଉ ଏକ ଶୁଭ ଖବର। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଶୁଭଦୃଷ୍ଟି ଓଡ଼ିଶା କ୍ରିକେଟ ଉପରେ ପଡିଛି। ରାଜ୍ୟର ପୂର୍ବତନ ଷ୍ଟାର ବ୍ୟାଟ୍ସମ୍ୟାନ୍ ଶିବ ସୁନ୍ଦର ଦାସଙ୍କୁ ମିଳିଛି ନୂଆ ଦାୟିତ୍ୱ। ଦେବାଶିଷ ମହାନ୍ତି ଜାତୀୟ ସିନିୟର ଦଳର ଚୟନ କର୍ତ୍ତା ମନୋନୀତ ହେବା ପରେ ଓଡ଼ିଶା କ୍ରିକେଟରେ ଖୁସିର ଲହରି ଖେଳିଯାଇଥିଲା। ଏବେ ଶିବ ସୁନ୍ଦର ଦାସଙ୍କୁ ମିଳିଛି ସିନିୟର ମହିଳା ଦଳର ବ୍ୟାଟିଂ କୋଚ ଦାୟିତ୍ୱ। ଶିବ ସୁନ୍ଦରଙ୍କ ଏହି ନୂତନ ଦାୟିତ୍ୱକୁ ସବୁ ମହଲରୁ ସ୍ୱାଗତ କରାଯାଇଛି। ଓଡ଼ିଶା କ୍ରିକେଟ ଆସୋସିଏଶନ୍ (ଓସିଏ)ର ନବ ନିର୍ବାଚିତ କର୍ମକର୍ତ୍ତା ଏବଂ ସମ୍ପାଦକ ସଞ୍ଜୟ ବେହେରା ଏହାକୁ ସ୍ୱାଗତ କରିଛନ୍ତି। ଗୋଟିଏ ପରେ ଗୋଟିଏ ଶୁଭ ଖବର ମିଳିବା ପରେ ଓଡ଼ିଶା କ୍ରିକେଟର ଗୁରୁତ୍ୱ ବଢ଼ିଯାଇଛି। ଏଥି ମଧ୍ୟରେ ଓସିଏ ତା'ର ଭିଜନ ୨୦୨୪ ମାଧ୍ୟମରେ ଓଡ଼ିଶା କ୍ରିକେଟକୁ ଅଧିକ ଶକ୍ତିଶାଳୀ କରିବା ପାଇଁ ପ୍ରୟାସ ଅବ୍ୟାହତ ରଖିଛି। ଏହି ସ୍ୱତନ୍ତ୍ର ଅଭିଯାନରେ ମଧ୍ୟ କିଛି ମାତ୍ରାରେ ସଫଳ ହୋଇଛି। ଚଳିତ ବିସିସିଆଇ ଘରୋଇ କ୍ରିକେଟ ସିରିଜରେ ସିନିୟର ଓଡ଼ିଶା ମହିଳା ଟିମ୍ ଭଲ ପ୍ରଦର୍ଶନ କରିଛି।

ସମସ୍ତ ଖେଳାଳି ଏବଂ ଓସିଏ କର୍ମକର୍ତ୍ତାମାନଙ୍କ ଗୋଟିଏ ଚିନ୍ତା କେବେ ଆମ ରାଜ୍ୟର ଖେଳାଳି ସିନିୟର ଦଳ ପାଇଁ ଯୋଗ୍ୟ ବିବେଚିତ ହେବେ, ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ପରି ମେଗା ଇଭେଣ୍ଟରେ ପୁନର୍ବାର ସୁଯୋଗ ପାଇବେ।

ଶିବ ସୁନ୍ଦରଙ୍କର ଏହି ନୂତନ ନିଯୁକ୍ତି ନିଶ୍ଚିତ ରୂପେ ଓଡ଼ିଶା ମହିଳା କ୍ରିକେଟ ଉପରେ ଯଥେଷ୍ଟ ପ୍ରଭାବ ପକାଇବ। ସୂଚନାଯୋଗ୍ୟ ଯେ, ଭାରତୀୟ ସିନିୟର ମହିଳା ଦଳ ଗୋଟିଏ ଟେଷ୍ଟ ମ୍ୟାଚ, ୩ଟି ଏକଦିବସୀୟ ଏବଂ ୩ଟି ଟି୨୦ ମ୍ୟାଚ ପାଇଁ ଆସନ୍ତା ଜୁନ ୨ରୁ ଇଂଲଣ୍ଡ ଗସ୍ତ କରିବାର କାର୍ଯ୍ୟସୂଚୀ ରହିଛି। ରମେଶ ପାୱାର ମହିଳା କ୍ରିକେଟ ସିନିୟର ଦଳର ମୁଖ୍ୟ କୋଚ୍ ପଦକୁ ଫେରିଛନ୍ତି। ବ୍ୟାଟିଂ କୋଚ୍ ପାଇଁ ଅନେକ ପୂର୍ବତନ ଖେଳାଳିଙ୍କ ନାମ ବିଚାରକୁ ନିଆଯାଇଥିବା ବେଳେ ଶେଷରେ ବିସିସିଆଇ ଶିବ ସୁନ୍ଦରଙ୍କ ନାମରେ ମୋହର ମାରିଛି। ଶିବ ସୁନ୍ଦର ପୂର୍ବରୁ ଭାରତୀୟ ମହିଳା 'ଏ' ଦଳ ସହିତ କାର୍ଯ୍ୟ କରିଥିଲେ। ସେ ପୂର୍ବରୁ ଜଣେ ସଫଳ ବ୍ୟାଟ୍ସମ୍ୟାନ ରୂପେ ସିନିୟର ଦଳରେ ସାମିଲ ରହି ଟେଷ୍ଟ ମ୍ୟାଚରେ ଭଲ ପ୍ରଦର୍ଶନ କରିଥିଲେ। ଏହି ଇଂଲଣ୍ଡ ଗସ୍ତ ତାଙ୍କ ପାଇଁ ବେଶ୍ ଚ୍ୟାଲେଞ୍ଜପୂର୍ଣ୍ଣ ରହିବ। ଇଂଲଣ୍ଡ ପରିବେଶ ଏବଂ ପିଚ୍‌କୁ ନେଇ ତାଙ୍କର ଯଥେଷ୍ଟ ଅଭିଜ୍ଞତା ରହିଛି। ଭାରତୀୟ ମହିଳା ସିନିୟର ଦଳ ଦୀର୍ଘ ୪ ବର୍ଷ ପରେ ଟେଷ୍ଟ ମ୍ୟାଚ ଖେଳିବାକୁ ଯାଉଛି। ଦଳରେ ଅଭିଜ୍ଞ ଏବଂ ଯୁବ ଖେଳାଳିମାନେ ରହିଛନ୍ତି। ସେମାନଙ୍କ ମଧ୍ୟରୁ ମିଥାଲି ରାଜ, ଝୁଲଣ ଗୋସ୍ୱାମୀ, ସ୍ମୃତି ମନ୍ଧାନା, ପୁନମ ରାଉତ, ହରମନପ୍ରୀତ କୌର, ତାନିୟା ଭାଟିଆ ଅନ୍ୟତମ। ନୂଆ ପିଢ଼ିର ଖେଳାଳିମାନଙ୍କୁ କୋଚିଂ ଦେବାରେ କିଛି ଅସୁବିଧା ହେବ ନାହିଁ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ଏହି ବ୍ୟାଟିଂ କୋଚ୍।

ଭାରତୀୟ ଦଳର ସଫଳତା ପାଇଁ ବେଶ୍ ଆଶାବାଦୀ ଅଛନ୍ତି ଶିବସୁନ୍ଦର। ଭାରତୀୟ ସିନିୟର ଦଳର ଏହି ଖେଳାଳି ଓଡ଼ିଶାର ୩ୟ ଖେଳାଳି ରୂପେ ଟିମ୍ ଇଣ୍ଡିଆରେ ସାମିଲ ହୋଇଥିଲେ। ୨୦୦୦ମସିହାରେ ବାଂଲାଦେଶ ବିପକ୍ଷରେ ଟେଷ୍ଟମ୍ୟାଚ ଆରମ୍ଭ କରିଥିବା ବେଳେ ଶେଷ ଟେଷ୍ଟ ମ୍ୟାଚ ୨୦୦୨ରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଖେଳିଥିଲେ। ଟେଷ୍ଟମ୍ୟାଚ ସହିତ ଏକଦିବସୀୟ ମ୍ୟାଚ ଖେଳିବାର ଅଭିଜ୍ଞତା ମଧ୍ୟ ତାଙ୍କର ରହିଛି। ୨୦୦୧ରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଏକଦିବସୀୟ କ୍ୟାରିୟର ଆରମ୍ଭ କରିଥିବା ବେଳେ ୨୦୦୨ରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଶେଷ ମ୍ୟାଚ ଖେଳିଥିଲେ। ୨୩ଟି ଟେଷ୍ଟ ମ୍ୟାଚ ଖେଳି ମୋଟ ୨ଟି ଶତକ ଏବଂ ୯ଟି ଅର୍ଦ୍ଧଶତକ ସହିତ ୧୩୨୬ ରନ୍ ଏବଂ ୪ଟି ଏକଦିବସୀୟ ମ୍ୟାଚରେ ୩୭ରନ୍ ସଂଗ୍ରହ କରିଥିଲେ। ଟେଷ୍ଟ ମ୍ୟାଚରେ ସର୍ବାଧିକ ସ୍କୋର ୧୧୦ରନ୍ ହୋଇଥିବା ବେଳେ ୨ଟି ଶତକ ଜିମ୍ବାୱେ ବିପକ୍ଷରେ ହାସଲ କରିଥିଲେ। ପୂର୍ବରୁ ତାଙ୍କର କୋଚିଂ ଅଭିଜ୍ଞତା ମଧ୍ୟ ଯଥେଷ୍ଟ ରହିଛି। ୨୦୧୬ରେ ସିଲଂ ପାଇଁ ୧୬ ବର୍ଷରୁ କମ୍ ଏବଂ ୧୯ ବର୍ଷରୁ କମ୍ ଦଳର କୋଚ୍ ଦାୟିତ୍ୱ ତୁଲାଇଥିବା ବେଳେ ୨୦୧୭ରେ ୱେଷ୍ଟଇଣ୍ଡିଜ କ୍ରିକେଟ ବୋର୍ଡ ଦ୍ୱାରା ମନୋନୀତ ହୋଇ ଶକ୍ତିଶାଳୀ ବାର୍ବାଡୋସ୍ ଦଳର କୋଚ ଦାୟିତ୍ୱ ହାତକୁ ନେଇଥିଲେ। ୨୦୧୮ରେ ମଧ୍ୟ ମଣିପୁର କ୍ରିକେଟ ଟିମ୍‌ର ବ୍ୟାଟିଂ କୋଚ ଦାୟିତ୍ୱରେ ରହିଥିଲେ। ଇଂଲଣ୍ଡ ଗସ୍ତ ସମୟରେ ଏସେକ୍ସ ଦଳ ସହିତ ଖେଳି ଶିବସୁନ୍ଦର ୨୫୦ ରନର ଦ୍ୱିଶତକୀୟ ଇନିଂସ ଖେଳିଥିଲେ। ଏଥିସହ ତାଙ୍କର ଅନେକ କାଉଣ୍ଟି ମ୍ୟାଚର ଅଭିଜ୍ଞତା ମହିଳା ଦଳକୁ ନିଶ୍ଚିତ ଫଇଦାରେ ରଖିବ।

ଦାୟିତ୍ୱ ବଢ଼ିଲା। ଓଡ଼ିଶାର ଗର୍ବ ଏବଂ ଗୌରବ ଶିବସୁନ୍ଦର ବିସିସିଆଇ ପକ୍ଷରୁ ଦିଆଯାଇଥିବା ନୂତନ ଦାୟିତ୍ୱ ସଫଳ ରୂପେ ସମ୍ପାଦନ କରିବେ ବୋଲି ପ୍ରତ୍ୟେକ ଓଡ଼ିଶା କ୍ରିକେଟପ୍ରେମୀ ଆଶା ରଖିଛନ୍ତି।



ଶିବସୁନ୍ଦର ଦାସ

### ଶିବସୁନ୍ଦର ଦାସ

ଜନ୍ମ: ୫ ନଭେମ୍ବର, ୧୯୭୭
ବୟସ: ୪୩ ବର୍ଷ
ଭୂମିକା: ବ୍ୟାଟିଂ

**ଟେଷ୍ଟ ଫର୍ମାଟ**
ମ୍ୟାଚ:୨୩
ରନ: ୧୩୨୬
ଆଭରେଜ୍: ୩୪.୮୯
ଶତକ: ୨
ଅର୍ଦ୍ଧଶତକ: ୯
ଟପ୍ ସ୍କୋର: ୧୧୦

**ଦିନିକିଆ ଫର୍ମାଟ**
ମ୍ୟାଚ୍: ୪
ରନ: ୩୯
ଆଭରେଜ:୧୩
ଟପ୍ ସ୍କୋର: ୩୦

**ପ୍ରଥମଶ୍ରେଣୀ କ୍ରିକେଟ**
ମ୍ୟାଚ୍: ୧୮୦
ରନ: ୧୦,୯୦୮
ଆଭରେଜ: ୩୮.୬୮
ଶତକ: ୨୪
ଅର୍ଦ୍ଧଶତକ: ୫୨
ଟପ୍ ସ୍କୋର: ଅପରାଜିତ ୩୦୦

**ଲିଷ୍ଟ ଏ କ୍ରିକେଟ**
ମ୍ୟାଚ୍: ୮୧
ରନ: ୨,୪୨୧
ଆଭରେଜ: ୩୨.୭୧
ଶତକ: ୪
ଅର୍ଦ୍ଧଶତକ: ୧୩
ଟପ୍ ସ୍କୋର: ଅପରାଜିତ ୧୩୩

# ଷ୍ଟାର ଲେଗ୍‌ସ୍ପିନର

**ଆଫଗାନିସ୍ତାନ ଲେଗ୍ ସ୍ପିନର ରସିଦ ଖାଁ ନିଜ ଅସାଧାରଣ ପ୍ରତିଭା ବଳରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସୁନ୍ଦର ଫିଲ୍ଡିଂ କରିପାରୁଥିବା ଏହି କ୍ରିକେଟର ଉପଯୋଗୀ ବ୍ୟାଟିଂ କରିବାରେ ମଧ୍ୟ ସିଦ୍ଧହସ୍ତ। ସନରାଇଜର୍ସ ହାଇଦ୍ରାବାଦ ତରଫରୁ ଆଇପିଏଲ୍ ଖେଳୁଥିବା ରସିଦ କ୍ରିକେଟର ୩ ଫର୍ମାଟ୍‌ରେ ନିଜର ଦକ୍ଷତା ପ୍ରତିପାଦନ କରିବାରେ ସଫଳ ହୋଇଛନ୍ତି...**

କ୍ରିକେଟର ୧୩୭ବର୍ଷ ଇତିହାସ ମଧ୍ୟରେ ଅନେକ କ୍ଲାସ ଲେଗ୍‌ସ୍ପିନରମାନେ ସେମାନଙ୍କର ଯାଦୁକରୀ ସ୍ପିନ ମାଧ୍ୟମରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ସେମାନଙ୍କର ଅସାଧାରଣ ବଲ କଣ୍ଟ୍ରୋଲ, ଆକ୍ୟୁରେସି ବାଉନ୍ସ ଏବଂ ସ୍ପିନ ମାଧ୍ୟମରେ କ୍ରିକେଟର ୩ଟି ଫର୍ମାଟରେ କମାଲ କରି ଦେଖାଇଛନ୍ତି। ଭାରତୀୟ ଉପମହାଦେଶର ପିଚ୍‌ଗୁଡିକ ସ୍ପିନରମାନଙ୍କ ଭୂସ୍ୱର୍ଗ କୁହାଯାଏ। ଏପରି କି ଘାସ ନ ଥିବା ସ୍ଲୋ ଏବଂ ଲୋ ଟ୍ରାକଗୁଡିକରେ ଏମାନେ ମ୍ୟାଚର ପ୍ରଥମ ଦିନରୁ ହିଁ ସେମାନଙ୍କର ବୋଲିଂ ମାଧ୍ୟମରେ ଭଲ ଭଲ ବ୍ୟାଟ୍ସମ୍ୟାନ୍‌ମାନଙ୍କୁ ବାନ୍ଧି ରଖିବାକୁ ସକ୍ଷମ ହୋଇଥାନ୍ତି। ଶେନ୍ ୱାର୍ଣ୍ଣ, ଅନିଲ କୁମ୍ବଲେ, ଅବଦୁଲ କାଦିର, ବି.ଏସ୍. ଚନ୍ଦ୍ରଶେଖର, ବିଲ୍.ଓ.ରେଲି, ରିଚି ବେନୋର୍ଡ, ସୁବାସ ଗୁପ୍ତେ, ମୁସ୍ତାକ ମହମ୍ମଦ, ଷ୍ଟୁଆର୍ଟ ମାଗ୍‌ଗିଲ୍, ଦାନିସ୍ କାନେରିଆ ଲେଗ୍ ସ୍ପିନ୍ ବୋଲିଂ କଳାକୁ ବେଶ୍ ଲୋକପ୍ରିୟ କରାଇଥିବା ବେଳେ ବର୍ତ୍ତମାନର ବିଭିନ୍ନ ଦେଶର ଖେଳୁଥିବା ଯୁବ ଲେଗ୍‌ସ୍ପିନରଙ୍କ ମଧ୍ୟରେ ଅଛନ୍ତି ଇମ୍ରାନ୍ ତାହିର, ଯୁଜବେନ୍ଦ୍ର ଚହଲ, ଆଡାମ ଜାମ୍ପା, ୟାଶିର ଶାହା।

ସେହିପରି ଜଣେ ଯୁବ ଉଦୀୟମାନ ସ୍ପିନର ହେଉଛନ୍ତି ଆଫଗାନିସ୍ତାନ କ୍ରିକେଟର ଟ୍ରମ୍ପକାର୍ଡ ସ୍ପିନର ରସିଦ ଖାଁ ଅରମାନ। ଅନ୍ତର୍ଜାତୀୟ କ୍ରିକେଟ କାଉନ୍‌ସିଲ (ଆଇସିସି)ର ଆସୋସିଏଶନ୍ ମେମ୍ବର ଦେଶ ରୂପେ ଟେଷ୍ଟ ମାନ୍ୟତା ପାଇବା ପରେ ଆଫଗାନିସ୍ତାନ କ୍ରିକେଟରେ ଏହି ଲେଗ୍‌ସ୍ପିନରଙ୍କ ଗୁରୁତ୍ୱ ବେଶ୍ ବଢିଯାଇଛି। ଏହି ୨୩ବର୍ଷୀୟ ଯୁବ ସ୍ପିନର ଆଇପିଏଲରେ ସନରାଇଜର୍ସ ହାଇଦ୍ରାବାଦ ପକ୍ଷରୁ ବେଶ୍ ଉପଯୋଗୀ ଅଲରାଉଣ୍ଡର ରୂପେ ନିଜର କମାଲ ଦେଖାଇଛନ୍ତି। ୨୦୧୫ରୁ ଜାତୀୟ ଦଳରେ ସାମିଲ ହୋଇ ୨୦୧୮ରେ ଭାରତ ବିପକ୍ଷରେ ପ୍ରଥମ ଟେଷ୍ଟ ମ୍ୟାଚ, ୨୦୧୫ରେ ଜିମ୍ବାୱେ ବିପକ୍ଷରେ ପ୍ରଥମ ଏକଦିବସୀୟ ମ୍ୟାଚ ଏବଂ ସେହି ୨୦୧୫ରେ ଜିମ୍ବାୱେ ବିପକ୍ଷରେ ପ୍ରଥମ ଟି୨୦ ମ୍ୟାଚ ଖେଳି ନିଜର ନିଖୁଣ ଲେଗ୍ ସ୍ପିନ ମାଧ୍ୟମରେ ବେଶ୍ ପ୍ରଭାବିତ କରିବାକୁ ସକ୍ଷମ ହୋଇଛନ୍ତି। ଏପର୍ଯ୍ୟନ୍ତ ସେ ମାତ୍ର ୫ଟି ଟେଷ୍ଟ ମ୍ୟାଚ, ୭୪ଟି ଏକଦିବସୀୟ ଏବଂ ୫୧ଟି ଟି୨୦ ମ୍ୟାଚ ଖେଳିଛନ୍ତି। ସେ ଟେଷ୍ଟରେ ମୋଟ ୧୦୬ରନ୍, ଦିନିକିଆରେ ୧୦୦୮ରନ୍ ଏବଂ ଟି୨୦ ମ୍ୟାଚରେ ୧୭୯ ରନ୍ କରିବା ସହିତ ଗୋଟିଏ ଅର୍ଦ୍ଧଶତକ ଏବଂ ଓଡିଆଇରେ ୫ଟି ଅର୍ଦ୍ଧଶତକ ହାସଲ କରିଛନ୍ତି।

ସେହିପରି ବୋଲିଂରେ ୩୪ଟି ଟେଷ୍ଟ ଉଇକେଟ ନେବା ସହ ଏକଦିବସୀୟ ଫର୍ମାଟ୍‌ରେ ୧୪୦ଟି ଏବଂ ଟି୨୦ରେ ୯୫ଟି ଉଇକେଟ ହାସଲ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ୨୦୧୭ ମସିହାରେ ଆୟର୍ଲାଣ୍ଡ ବିପକ୍ଷ ଟି୨୦ ମ୍ୟାଚରେ ମାତ୍ର ୩ ରନ୍ ଦେଇ ୫ଟି ଉଇକେଟ ନେଇ ବେଶ୍ ଚର୍ଚ୍ଚାରେ ରହିଥିଲେ। ସେହି ଆୟର୍ଲାଣ୍ଡ ବିପକ୍ଷରେ ଏକଦିବସୀୟ ମ୍ୟାଚରେ ମଧ୍ୟ ୫ଟି ଉଇକେଟ ନେବା ସହ ଶକ୍ତିଶାଳୀ ୱେଷ୍ଟଇଣ୍ଡିଜ ବିପକ୍ଷରେ ଏକଦିବସୀୟ ମ୍ୟାଚରେ ମାତ୍ର ୧୮ରନ୍ ଦେଇ ୭ଟି ଉଇକେଟ ନେଇ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ୨୦୧୮ରେ ଆଇସିସି ଦ୍ୱାରା ଆସୋସିଏଶନ୍ କ୍ରିକେଟର ଅଫ୍ ଦି ପୁରସ୍କାର ପାଇବା ସହ ଲର୍ଡ୍ସ ଗ୍ରାଉଣ୍ଡରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ବିଶ୍ୱ ଏକାଦଶ ଟିମ୍‌ରେ ସ୍ଥାନ ପାଇ ଟି୨୦ ମ୍ୟାଚ ଖେଳି ବେଶ୍ ପ୍ରଭାବୀ ବୋଲିଂ କରିଥିଲେ। ୨୦୧୯ରେ ଆୟର୍ଲାଣ୍ଡ ବିପକ୍ଷରେ ୩ୟ ଟି୨୦ ମ୍ୟାଚରେ ହ୍ୟାଟ୍ରିକ ନେବା ସହ ୪ଟି ବଲରେ ୪ଟି ଉଇକେଟ ନେଇ ଚର୍ଚ୍ଚାରେ ଥିଲେ।

୨୦୧୮ରେ ଖେଳିଥିବା ପ୍ରଥମ ଟେଷ୍ଟ ମ୍ୟାଚ ଭାରତ ବିପକ୍ଷରେ ୨ଟି ଉଇକେଟ ନେଇଥିଲେ। ସେ ଆୟର୍ଲାଣ୍ଡ ବିପକ୍ଷରେ ପ୍ରଥମ ଆଫଗାନ୍ ଟେଷ୍ଟ କ୍ରିକେଟର ରୂପେ ପ୍ରଥମ ୫ ଉଇକେଟ ସଫଳତା ହାସଲ କରିଥିଲେ। ବିଶ୍ୱକପ ପରେ ଆଫଗାନିସ୍ତାନ ବୋର୍ଡ ପକ୍ଷରୁ ତାଙ୍କୁ କ୍ରିକେଟର ୩ଟି ଫର୍ମାଟରେ ଅଧିନାୟକ ପଦ ଦିଆଯାଇଥିଲା। ଅଧିନାୟକ ହିସାବରେ ବାଂଲାଦେଶ ବିପକ୍ଷ ଟେଷ୍ଟ ମ୍ୟାଚରେ ଆଫଗାନିସ୍ତାନକୁ ବିଜୟୀ କରାଇବାରେ ପ୍ରମୁଖ ଭୂମିକା ନେଇଥିଲେ। ଏହି ମ୍ୟାଚରେ ୧୦ଟି ଉଇକେଟ ନେବା ସହ ଅର୍ଦ୍ଧଶତକ ମଧ୍ୟ କରିଥିଲେ। ୨୦୨୦ ଆଇସିସି ଦ୍ୱାରା ଟି୨୦ କ୍ରିକେଟରେ ତାଙ୍କର ଦମଦାର ପ୍ରଦର୍ଶନ ପାଇଁ କ୍ରିକେଟର ଅଫ୍ ଦି ଡିକାଡ୍ ଉପାଧି ପାଇଥିଲେ।

ପ୍ରଥମ ଆଫଗାନିସ୍ତାନ କ୍ରିକେଟର ରୂପେ ଆଇପିଏଲ ମ୍ୟାଚରେ ୨୦୧୭ ରେ ସନ୍‌ରାଇଜର୍ସ ହାଇଦ୍ରାବାଦ ପକ୍ଷରୁ ପଦାର୍ପଣ କରିଥିଲେ। ତାଙ୍କର ବିଡିଂ ପ୍ରାଇସ ୪କୋଟି ରହିଥିଲା। ଆଇପିଏଲ ସହିତ କାରିବିୟାନ ପ୍ରିମିୟର ଲିଗ୍, ବିଗ୍ ବାସ୍ ଲିଗ୍, ପାକିସ୍ତାନ ସୁପରଲିଗ୍, ଆଫଗାନିସ୍ତାନ ପ୍ରିମିୟର ଲିଗରେ ନିଜର ଶ୍ରେଷ୍ଠ ପ୍ରଦର୍ଶନ ଅବ୍ୟାହତ ରଖିଛନ୍ତି। ଭାରତର ସଚିନ୍ ତେନ୍ଦୁଲକର ଏହି ଲେଗ୍ ବ୍ରେକ୍ ବୋଲରଙ୍କର ପ୍ରଶଂସା କରିବା ସହିତ ବିଶ୍ୱ କ୍ରିକେଟର ଅନ୍ୟତମ ଶ୍ରେଷ୍ଠ ବୋଲରର ମାନ୍ୟତା ଦେବା ଫଳରେ ତାଙ୍କର ମନୋବଳ ବେଶ୍ ବୃଦ୍ଧି ପାଇଛି। ସେ ନିଜର ଶ୍ରେଷ୍ଠ ପ୍ରଦର୍ଶନ ମାଧ୍ୟମରେ ଆଫଗାନିସ୍ତାନ କ୍ରିକେଟକୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଛନ୍ତି।




ରସିଦ୍ ଖାଁ

# ମୋହ ଭଙ୍ଗ

**ଦୀର୍ଘ ବର୍ଷ ଧରି ରିୟଲ ମାଡ୍ରିଡର କୋଚ ରହିବା ପରେ କିମ୍ବଦନ୍ତୀ ଫୁଟବଲର ଜିନେଡାଇନ ଜିଡାନ ପଦ ଛାଡି ବେଶ୍ ଚର୍ଚ୍ଚା ସୃଷ୍ଟି କରିଛନ୍ତି। ଜଣେ ଫୁଟବଲର ଓ ପରେ କୋଚ୍ ଭାବେ ତାଙ୍କର ସଫଳତା ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି। ଦଳର ନୈରାଶ୍ୟଜନକ ପ୍ରଦର୍ଶନ ପାଇଁ ସେ ଦ୍ୱିତୀୟଥର ଲାଗି ଦାୟିତ୍ୱରୁ ଓହରିଛନ୍ତି ଓ ତାଙ୍କର ମୋହ ଭଙ୍ଗ ହୋଇଛି...**

ପୂର୍ବତନ ଷ୍ଟାର ଫୁଟବଲର ତଥା ଜଣାଶୁଣା କୋଚ୍ ଜିନେଡାଇ ଜିଡାନିଙ୍କ ମୋହ ଭଙ୍ଗ ହୋଇଛି। ସେ ବିଶ୍ୱର ଅନ୍ୟତମ ହାଇପ୍ରୋଫାଇଲ ଫୁଟବଲ କ୍ଲବ ରିୟଲ ମାଡ୍ରିଡ ହେଡ୍ କୋଚ ପଦରୁ ଇସ୍ତଫା ଦେଇଛନ୍ତି। ଗୋଟିଏ ସପ୍ତାହ ତଳେ ସେ କୋଚ୍ ପଦ ଛାଡ଼ିବା ନେଇ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ଖବରକୁ ଖଣ୍ଡନ କରିଥିଲେ। ତେବେ ସେ ବର୍ତ୍ତମାନ ଯଥାଶୀଘ୍ର ଆନୁଷ୍ଠାନିକ ଭାବେ ପଦତ୍ୟାଗ କରିଛନ୍ତି ବୋଲି ଘୋଷଣା କରି ସମସ୍ତଙ୍କୁ ଚକିତ କରିଛନ୍ତି। ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଆଟଲେଟିକୋ ମାଡ୍ରିଡ୍‌ଠାରୁ ପରାସ୍ତ ହୋଇ ରିୟଲ ମାଡ୍ରିଡ୍ ଲା ଲିଗା ଟାଇଟଲରୁ ବଞ୍ଚିତ ହେବା ପରେ ଜିଡାନ କୋଚ୍ ପଦ ଛାଡ଼ିବାର ନିଷ୍ପତ୍ତି ନେଇଛନ୍ତି ବୋଲି କୁହାଯାଇଛି।

ଦ୍ୱିତୀୟଥର ପାଇଁ ଜିଡାନ ରିୟଲ ମାଡ୍ରିଡ୍ କୋଚ୍ ପଦ ଛାଡ଼ିବାର ନିଷ୍ପତ୍ତି ନେଇଛନ୍ତି। ଏହାପୂର୍ବରୁ ୨୦୧୮ରେ ମଧ୍ୟ ସେ ଏହି ନିଷ୍ପତ୍ତି ନେଇଥିଲେ। ଜିଡାନ ପଦ ଛାଡ଼ିବା ନେଇ ବିଭିନ୍ନ କାରଣ ଦର୍ଶାଯାଇଛି। ତେବେ ଦଳର ପ୍ରଦର୍ଶନ ଏହାର ମୁଖ୍ୟ କାରଣ ବୋଲି କୁହାଯାଇଛି। ୧୩ଥର ୟୁରୋପିଆନ ଚାମ୍ପିୟନଶିପ୍ ହାସଲ କରିଥିବା ରିୟଲ ମାଡ୍ରିଡ୍ ଚାମ୍ପିୟନ୍ସ ଲିଗ୍ ସେମିଫାଇନାଲରେ ମାଡ୍ରିଡ୍ ପରାସ୍ତ ହେବା ପରେ ସେ ନିରାଶ ହୋଇଥିଲେ। ପ୍ରଥମଥର ପାଇଁ ଗତ ୧୧ଟି ସେସନରେ ଦଳ କୌଣସି ଟ୍ରଫି ନ ଜିତିବା ତାଙ୍କର ହଜମ ହୋଇ ନ ଥିଲା। ୧୦ ଦିନ ତଳେ ତାଙ୍କ ଚୁକ୍ତି ୨୦୨୨ ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି କୁହାଯାଇଥିଲେ ମଧ୍ୟ ଶେଷରେ ତାଙ୍କୁ ଚରମ ନିଷ୍ପତ୍ତି ନେବାକୁ ହୋଇଛି।

ଫ୍ରାନ୍ସ ତରଫରୁ ପ୍ରତିନିଧିତ୍ୱ କରି ୧୯୯୮ ଫିଫା ବିଶ୍ୱକପ୍ ବିଜେତା ଜିଡାନ ୨୦୧୬ରେ ଦାୟିତ୍ୱ ନେଇଥିଲେ। ତାଙ୍କ ତତ୍ତ୍ୱାବଧାନରେ ରିୟଲ ମାଡ୍ରିଡ୍ ୨୧୦୭ ଲା ଲିଗା ଟାଇଟଲ ହାସଲ କରିଥିଲା।୨୦୧୮ ମେ ୩୧ ତାରିଖରେ ପ୍ରଥମଥର ପାଇଁ କୋଚ୍ ପଦ ଛାଡ଼ିବା ପୂର୍ବରୁ ସେ ରିୟଲ ମାଡ୍ରିଡକୁ କ୍ରମାଗତ ତୃତୀୟଥର ପାଇଁ ଚାମ୍ପିୟନ୍ସ ଲିଗ୍ ଟାଇଟଲ ବିଜେତା କରାଇଥିଲେ ଓ ଏହା ଏକ ବିରଳ ହ୍ୟାଟ୍ରିକ ବିବେଚିତ ହୋଇଥିଲା। ତେବେ ସେ ୨୦୧୯ରେ ପଦକୁ ପୁଣି ପ୍ରତ୍ୟାବର୍ତ୍ତନ କରିଥିଲେ ଓ ୨୦୨୦ରେ ଦଳକୁ ପୁଣି ଥରେ ଲା ଲିଗା ଟାଇଟଲ ଜିତାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ତାଙ୍କ ତତ୍ତ୍ୱାବଧାନରେ ଏହି ବର୍ଷ ରିୟଲ ମାଡ୍ରିଡ୍ ସ୍ପାନିଶ ସୁପର କପ୍ ମଧ୍ୟ ହାସଲ କରିଥିଲା।

ଶେଷରେ ରିୟଲ ମାଡ୍ରିଡ ସହ ଜିଡାନଙ୍କ ମୋହ ଭଙ୍ଗ ହୋଇଛି କହିଲେ ଭୁଲ୍ ହେବ ନାହିଁ। ଜଣେ ଫୁଟବଲ ହିସାବରେ ଜିଡାନ ସଫଳତାର ଶୀର୍ଷକୁ ଛୁଇଁ ଥିଲେ। ପରେ କୋଚ୍ ହିସାବରେ ସେ ଏହି ସଫଳତାକୁ ଦୋହରାଇଥିଲେ। ଖେଳାଳି ହିସାବରେ ସେ ବିଶ୍ୱର ପ୍ରାୟ ସବୁ ପୁରସ୍କାର ହାସଲ କରିଥିଲେ। ଏକାଧିକବାର ଫିଫା ୱାର୍ଲ୍ଡ ପ୍ଲେୟାର ଅଫ୍ ଦି ଇୟର ବିବେଚିତ ହୋଇଥିବା ଜିଡାନ ବାଲନ ଡି'ଅର ପୁରସ୍କାର ମଧ୍ୟ ଜିତିଥିଲେ। ହେଡ୍ ବଟ୍ ମାମଲାରେ ବିବାଦୀୟ ହୋଇପଡିଥିବା ଏହି ପୂର୍ବତନ ତାରକା ଖେଳାଳି ଅବସର ନେବା ପରେ କୋଚିଂ ଉପରେ ମନୋନିବେଶ କରିଥିଲେ। ରିୟଲ ମାଡ୍ରିଡ କାଷ୍ଟିଲାର କୋଚ୍ ଭାବେ ସେ ନୂଆ ଇନିଂସ ଆରମ୍ଭ କରିଥିଲେ। ପ୍ରଥମ କୋଚ୍ ଭାବେ ସେ କ୍ରମାଗତ ୩ଥର ଚାମ୍ପିୟନ୍ସ ଲିଗ୍ ଟାଇଟଲ ଜିତି ଇତିହାସ ସୃଷ୍ଟି କରିଥିଲେ। ସେ ମଧ୍ୟ ୟୁଇଏଫ୍ଏ ସୁପର କପ୍, ଫିଫା କ୍ଲବ୍ ୱାର୍ଲ୍ଡ କପ୍ ଦୁଇଥର ହାସଲ କରିଥିଲେ। ସେହିପରି ସେ ଲା ଲିଗା ଓ ସୁପରକୋପା ଡି ଏସ୍‌ପାନା ମଧ୍ୟ ଜିତିଥିଲେ। କୋଚ୍ ହିସାବରେ ତାଙ୍କ ସଫଳତା ଦୃଷ୍ଟାନ୍ତମୂଳକ ରହିଆସିଛି। ଫଳରେ ତାଙ୍କୁ ୨୦୧୭ରେ ବେଷ୍ଟ ଫିଫା ମେନ୍ସ କୋଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଏବେ ସେ କି ନିଷ୍ପତ୍ତି ନେଉଛନ୍ତି ତାହା ଦେଖିବାକୁ ବାକି ରହିଲା। ତାଙ୍କ ଭଳି କୋଚ୍‌ଙ୍କୁ ଅବଶ୍ୟ ବଡ଼ ପ୍ରସ୍ତାବ ମିଳିଯିବ ଏହା ଜୋରଦେଇ କୁହାଯାଇପାରେ। ଅବଶ୍ୟ ସେ ପରବର୍ତ୍ତୀ ପଦକ୍ଷେପ ବିଷୟରେ କିଛି ଘୋଷଣା କରିନାହାନ୍ତି।



ଜିନେଡାଇନ ଜିଡାନ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶୁକ୍ରବାର, ମେ ୨୮/୨୦୨୧ Bhubaneswar, Friday, May 28/ 2021

# ଆଶା ଆଶଙ୍କାରେ ପାର୍ବତୀ



**ଡିସ୍କସ୍ ଓ ଶଟ୍‌ପୁଟ୍‌କୁ କ୍ୟାରିୟର କରି ଦୀର୍ଘ ୩୦ ବର୍ଷ ତିଷ୍ଠି ରହିବା ପରେ ମଧ ତାରକା ଆଥ୍‌ଲେଟ ପାର୍ବତୀ ସେଠୀଙ୍କର ଭୋକ ମେଣ୍ଟିନାହିଁ। ଆହୁରି କିଛି କରି ଦେଖାଇବାର ତୃଷ୍ଣା ତାଙ୍କୁ ଆଗକୁ ବଢ଼ିବାର ସାହସ ଯୋଗାଇଛି।**

ଭୁବନେଶ୍ୱର, ୨୭।୫ (କ୍ରୀଡ଼ା ପ୍ରତିନିଧି)

କରୋନାର କଷଣ ମଧ୍ୟରେ ପ୍ରଭାବିତ ହୋଇଛି କ୍ରୀଡ଼ା ଦୁନିଆ। ବିଶେଷକରି ଭାରତରେ ସଂକ୍ରମଣ ସଂଖ୍ୟା ବଢୁଥିବାରୁ କୌଣସି ପ୍ରତିଯୋଗିତା ଆୟୋଜନ ସମ୍ଭବ ହେଉନାହିଁ। ହାତବାନ୍ଧି ବସିଛନ୍ତି କ୍ରୀଡ଼ାବିତ୍। ନିଜକୁ ସହଜ ହେଉଥିବା ସ୍ଥାନରେ ଅଭ୍ୟାସ ଜାରିରଖି ଭବିଷ୍ୟତରେ ହେବାକୁଥିବା ଜାତୀୟ-ଅନ୍ତର୍ଜାତୀୟ କ୍ରୀଡ଼ା ପ୍ରତିଯୋଗିତା ପାଇଁ ନିଜକୁ ପ୍ରସ୍ତୁତ କରୁଛନ୍ତି। ନିକଟ ଭବିଷ୍ୟତରେ ଭାରତରେ କ୍ରୀଡ଼ା ପ୍ରତିଯୋଗିତା ପାଇଁ ଅନୁମତି ମିଳିବ କି ନାହିଁ ତାହାକୁ ନେଇ ସମସ୍ତେ ସନ୍ଦିହାନ। ତଥାପି ଆଶା ଅଛି। କଷ୍ଟ ସମୟ ଦୂରେଇ ଯିବା ସହ କ୍ରୀଡ଼ା ଜଗତ ପୁଣି ଚଳଚଞ୍ଚଳ ହେବା ଆଶାରେ ସମସ୍ତ ଆଥଲେଟ୍। ଶଟ୍‌ପୁଟ୍ ଓ ଡିସ୍କସ୍ ପରି କଷ୍ଟସାଧ ପାୱାର ଗେମ୍‌କୁ କ୍ୟାରିୟର କରି ଓଡ଼ିଶାକୁ ଗର୍ବିତ କରିଥିବା ତାରକା ଆଥ୍‌ଲେଟ୍ ପାର୍ବତୀ ସେଠୀ ମଧ ଏହି ସ୍ରୋତରେ ସାମିଲ। ସାମ୍ପ୍ରତିକ ସ୍ଥିତିକୁ ଦେଖିଲେ ଭବିଷ୍ୟତକୁ ନେଇ ଆଶା ଅଛି, ଆଶଙ୍କା ମଧ ରହିଛି। ଆଥ୍‌ଲେଟିକ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ୱେବ୍‌ସାଇଟ୍‌ରେ ଉପଲବ୍ଧ କାର୍ଯ୍ୟସୂଚୀ ଅନୁସାରେ ଜୁନ୍ ୧୫ରେ ଇଣ୍ଡିଆନ ଗ୍ରାଁ ପ୍ରି-୪ ପଟିଆଲାରେ ଅନୁଷ୍ଠିତ ହେବ। ସେହିପରି ୬୦ତମ ଜାତୀୟ ଆନ୍ତଃରାଜ୍ୟ ସିନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ପଟିଆଲାରେ ଜୁନ୍ ୨୫ରୁ ୨୯ ପର୍ଯ୍ୟନ୍ତ ଆୟୋଜନ ହେବ। ସମ୍ପ୍ରତି ଭୁବନେଶ୍ୱରରେ ରହୁଥିବା ପାର୍ବତୀ ଏହି ଦୁଇ ସମ୍ମାନଜନକ ପ୍ରତିଯୋଗିତା ପାଇଁ ନିଜକୁ ପ୍ରସ୍ତୁତ କରୁଛନ୍ତି।

ରେଲ୍‌ୱେରେ ଟିଟିଆଇ ଭାବେ କାର୍ଯ୍ୟରତ ପାର୍ବତୀ ସମ୍ପ୍ରତି ଭୁବନେଶ୍ୱରରେ ରହୁଥିବାରୁ କଳିଙ୍ଗ ଷ୍ଟାଡିୟମରେ ସକାଳ ୬ଟାରୁ ୮ଟା ପର୍ଯ୍ୟନ୍ତ ଅଭ୍ୟାସ କରୁଛନ୍ତି। ଛୁଟି ଦିନଗୁଡ଼ିକରେ ଏହି ସମୟ ୯ଟା ୩୦ ପର୍ଯ୍ୟନ୍ତ ମଧ ବଢୁଛି। ଆଥ୍‌ଲେଟିକ୍ସରେ ପାଖାପାଖି ୩୦ ବର୍ଷ ତିଷ୍ଠି ରହିବା ପରେ ମଧ ତାଙ୍କ ଭୋକ ମେଣ୍ଟିନି। ଆଗକୁ ଆହୁରି କିଛି କରି ଦେଖାଇବାର ନିଶା ତାଙ୍କୁ ମନୋବଳ ଯୋଗାଉଛି। ଷ୍ଟାଡିୟମରେ ଅଭ୍ୟାସ ଅବସରରେ ମୁଖ୍ୟତଃ ଟେକ୍ନିକ ଏବଂ ୱେଟ୍ ଟ୍ରେନିଂ କରୁଛନ୍ତି। ରାଜ୍ୟରେ ଡିସ୍କସ୍ କୋଚ୍ କେହି ନ ଥିବାରୁ ତାଙ୍କୁ ଅନେକ ସମୟରେ ଅସୁବିଧାର ସମ୍ମୁଖୀନ ହେଉଥିବା ସେ ସ୍ୱୀକାର କରିଛନ୍ତି। ହରିୟାଣା ଓ ପଞ୍ଜାବରେ ଶଟ୍‌ପୁଟ୍ ଓ ଡିସ୍କସ୍‌କୁ କ୍ୟାରିୟର କରୁଥିବା ଆଥ୍‌ଲେଟମାନେ ଅଧିକ ସଫଳ, କାରଣ ସେମାନଙ୍କ ନିକଟରେ ଦକ୍ଷ କୋଚ୍ ଅଛନ୍ତି ବୋଲି ସେ କହିଛନ୍ତି। ଓଡ଼ିଶାରେ ନିଜେ ଖେଳାଳି ଓ କୋଚ୍‌ଭାବେ ତାଙ୍କୁ କାର୍ଯ୍ୟ କରିବାକୁ ପଡୁଛି ବୋଲି କହିଛନ୍ତି।

ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଅନେକ ପଦକ ଆଣି ରାଜ୍ୟ ଓ ଦେଶକୁ ଗର୍ବିତ କରି ଚାଲିଥିଲେ ହେଁ ଏ ପର୍ଯ୍ୟନ୍ତ ତାଙ୍କୁ ଆବଶ୍ୟକ ସହାୟତା ମିଳିଛି କି ନାହିଁ ତାକୁ ଗୁରୁତ୍ୱ ଦେଇ ନାହାନ୍ତି। ମୁଁ ପ୍ରଦର୍ଶନକୁ ଭଲ ପାଏ। ସ୍ୱାମୀ କୁବେର ବେହେରାଙ୍କ ଭରପୂର ସମର୍ଥନ ମୋ ପ୍ରତି ଅଛି। ଏହା ହିଁ ମୋ ମନର ବଳ। ରାଜ୍ୟ ସରକାର ଖେଳକୁ ଅନେକ ଗୁରୁତ୍ୱ ଦେଉଛନ୍ତି। ଫଳରେ ରାଜ୍ୟରେ ଅନ୍ତର୍ଜାତୀୟ ସ୍ତରର ଭିତ୍ତିଭୂମି ଉପଲବ୍ଧ। ସରକାର ଖେଳାଳିଙ୍କ ପାଇଁ ମଧ ଅନେକ ପଦକ୍ଷେପ ନେଉଛନ୍ତି। ସେଥିପାଇଁ ଦେଶ ବିଦେଶରେ ଏବେ ଓଡ଼ିଶାର ସୁନାମ। ମୁଁ ପ୍ରଦର୍ଶନ ଦେଇ ଚାଲିବି। ଆଗାମୀ ଦିନରେ ଅଧିକରୁ ଅଧିକ ପଦକ ଜିତି ମୋ ରାଜ୍ୟ ଏବଂ ଦେଶକୁ ଗର୍ବିତ କରିବା ମୋର ଲକ୍ଷ୍ୟ। ୨୦୦୮ରେ ମଦୁରାଇରେ ଅନୁଷ୍ଠିତ ସିନିୟର ନ୍ୟାଶନାଲରେ ବ୍ରୋଞ୍ଜ ପଦକ ଜିତିବା ପରେ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ପକ୍ଷରୁ ୧୬,୦୦୦ଟଙ୍କା ମିଳିଥିଲା। ଏହାପରେ ଆଉ ସମ୍ଭବ ହୋଇନି। ମୁଁ ଚାକିରି ଟଙ୍କାକୁ ଖେଳରେ ଲଗାଇ ଆଗକୁ ବଢୁଛି। ଖେଳ ମୋର ଜୀବନ, ତେଣୁ ସେଥିପାଇଁ ମନରେ କେବେହେଲେ ଗ୍ଲାନି ଆଣିନାହିଁ। ମୁଁ ଜାତୀୟ-ଅନ୍ତର୍ଜାତୀୟ ସ୍ତରରେ ଭଲ ପ୍ରଦର୍ଶନ କରୁଥିବାରୁ ରାଜ୍ୟ ସରକାର ସହାୟତାର ହାତ ବଢ଼ାଇବେ ବୋଲି ଆଶା ରଖିଛି। ସହଯୋଗ ନ ମିଳିଲେ ଆଗକୁ ଆଗେଇବା ସମ୍ଭବ ହୋଇପାରୁନି ବୋଲି ଦୁଃଖମିଶା କଣ୍ଠରେ ପ୍ରକାଶ କରିଛନ୍ତି ପାର୍ବତୀ। ଆଥ୍‌ଲେଟିକ୍ସରେ ଦୀର୍ଘ ୩୦ ବର୍ଷ ତିଷ୍ଠି ରହିବା କିଛି ସହଜ କଥା ନୁହେଁ। ତେଣୁ ନିଜକୁ ପ୍ରମାଣିତ କରିବା ପାଇଁ ଆଉ କିଛି ନାହିଁ । ଆଗକୁ ଜାପାନରେ ୱାର୍ଲ୍ଡ ମାଷ୍ଟର୍ସ ଗେମ୍ ଅଛି। ତେଣୁ ସେଥିପାଇଁ ନିଜକୁ ପ୍ରସ୍ତୁତ କରୁଛି ବୋଲି ସେ କହିଛନ୍ତି। କଳିଙ୍ଗ ଷ୍ଟାଡିୟମରେ ସକାଳେ ଅଭ୍ୟାସ ସମୟରେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ (୫-ଟି) ଭି. କେ. ପାଣ୍ଡିଆନଙ୍କ ସହ ସାକ୍ଷାତ ଏବଂ ସ୍ୱଳ୍ପ ସମୟର ଆଲୋଚନା ତାଙ୍କୁ ଖୁବ୍ ଉତ୍ସାହିତ କରିଛି। ଆହୁରି ଅନେକ ଦୂର ଯିବା ପାଇଁ ତାଙ୍କୁ ସାହସ ମିଳିଛି ବୋଲି ପାର୍ବତୀ କହିଛନ୍ତି।

## ସ୍ୱର୍ଣ୍ଣିମ ସଫଳତାରୁ ଅଟକିଛି ଅଭିଯାନ

କରୋନା କଟକଣା ପାଇଁ ୨୦୨୦ ମଧଭାଗରୁ ଏ ପର୍ଯ୍ୟନ୍ତ ଆଉ କୌଣସି ପ୍ରତିଯୋଗିତା ସମ୍ଭବ ହୋଇନାହିଁ। ୨୦୨୦ରେ ଗୁଜରାଟର ଭଦୋଦରାରେ ଅନୁଷ୍ଠିତ ମାଷ୍ଟର ଗେମ୍ସର ଉଭୟ ଡିସ୍କସ୍ ଓ ଶଟ୍‌ପୁଟ୍‌ରେ ସେ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ଏହିଠାରୁ ହିଁ ତାଙ୍କ ଅଭିଯାନ ଅଟକିଛି। ଅନ୍ତର୍ଜାତୀୟ ସଫଳତା ଦେଖିଲେ ୨୦୧୯ରେ ଇଟାଲିର ଟୋରିନୋଠାରେ ଅନୁଷ୍ଠିତ ୟୁରୋପିଆନ ମାଷ୍ଟର୍ସ ଗେମ୍ସର ଡିସ୍କସ୍‌ରେ ସେ ରୌପ୍ୟ ଏବଂ ଶଟ୍‌ପୁଟ୍‌ରେ ବ୍ରୋଞ୍ଜ ପଦକ ପାଇଥିଲେ। ସେହିପରି ୨୦୧୮ରେ ମାଲେସିଆର ପେନାଙ୍ଗରେ ଅନୁଷ୍ଠିତ ଏସିଆ ପାସିଫିକ୍ ମାଷ୍ଟର୍ସ ଗେମ୍ସର ଡିସ୍କସ୍ ଏବଂ ଶଟ୍‌ପୁଟ୍‌ରେ ସେ ଯଥାକ୍ରମେ ସ୍ୱର୍ଣ୍ଣ ଏବଂ ରୌପ୍ୟ ପଦକ ହାସଲ କରିଥିଲେ।

# ବେଟିଅଲ ଜିତିଲେ ୧୮ତମ ଷ୍ଟେଜ୍



**ଗିରୋ ଡି' ଇଟାଲିଆ**

ରୋମ୍, ୨୭।୫

ଗିରୋ ଡି' ଇଟାଲିଆ ସାଇକ୍ଲିଂ ରେସ୍‌ର ୧୮ତମ ରେସ୍ ଇଟାଲିର ଅଲବର୍ଟୋ ବେଟିଅଲ (ଟିମ୍ ଇଏଫ୍ ଏଜୁକେଶନ ନିପ୍ପୋ) ଜିତିଛନ୍ତି। ରେସ୍‌ର ଶେଷ ପର୍ଯ୍ୟାୟରେ ପ୍ରଥମେ ଆୟର୍ଲାଣ୍ଡର ନିକୋଲାସ ରୋଚ୍ (ଟିମ୍ ଡିଏସ୍‌ଏମ୍) ଏବଂ ପରେ ଫ୍ରାନ୍ସର ରେମି କାଭାଗ୍ନା (ଡିସେନିକ୍-କ୍ୱିକ୍‌ଷ୍ଟେପ୍) ବାରମ୍ବାର ତାଙ୍କୁ ଟକ୍କର ଦେଇଥିଲେ। ମାତ୍ର ଉଭୟେ ବିଫଳ ହୋଇଥିଲେ। ତେବେ ରୋଚ୍ ଇଟାଲିର ସିମୋନ୍ କନ୍‌ସୋନି(କୋଫିଡିସ୍)ଙ୍କ ପଛକୁ ତୃତୀୟ ସ୍ଥାନରେ ରହିଥିଲେ। ଅନ୍ୟପକ୍ଷରେ କାଭାଗ୍ନା ୮ମ ହୋଇଥିଲେ। ୧୮ତମ ଷ୍ଟେଜ୍ ରୋଭେରେଟୋଠାରୁ ଷ୍ଟ୍ରାଡେଲା ପର୍ଯ୍ୟନ୍ତ ୨୩୧ କିଲୋମିଟର ବିଶିଷ୍ଟ ଥିଲା। ବେଟିଅଲ ନିଜ ମାଟିରେ ପ୍ରଥମ ଥର ବିଜୟ ଲାଭ କରିଥିବାବେଳେ ତାଙ୍କ ଟିମ୍‌କୁ ଚଳିତ ବର୍ଷ ପ୍ରଥମ ଥର ଷ୍ଟେଜ ବିଜେତା କରିପାରିଛନ୍ତି। ଜେନେରାଲ କ୍ଲାସିଫିକେଶନରେ କଲମ୍ବିଆର ଇଗାନ୍ ବର୍ନାଲ ଗୋମେଜ୍ (ଇନୋସ୍ ଗ୍ରେନେଡିଅର୍ସ), ଇଟାଲିର ଡାମିଆନୋ କାରୁସୋ (ବାହାରିନ୍ ଭିକ୍ଟୋରିଅସ୍) ଏବଂ ଗ୍ରେଟ୍ ବ୍ରିଟେନର ସିମନ୍ ୟେଟ୍ସ (ଟିମ୍ ବାଇକ୍ ଏକ୍ସଚେଞ୍ଜ) ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି।

# ଅଲିମ୍ପିକ୍ସ ଦ୍ୱାରା ବ୍ୟାପିପାରେ କରୋନା ଭାରିଆଣ୍ଟ



ନାଓତୋ ଉୟାମା

ଟୋକିଓ, ୨୭।୫ (ଏପି)

ଟୋକିଓ ଅଲିମ୍ପିକ୍ସର ଆୟୋଜନ ଦ୍ୱାରା କରୋନା ଭାଇରସ୍‌ର ନୂଆ ଭାରିଆଣ୍ଟ ବ୍ୟାପିବା ଆଶଙ୍କା ରହିଛି। ଜାପାନ ଡାକ୍ତର ସଂଘର ପ୍ରତିନିଧିତ୍ୱ କରୁଥିବା ଜଣେ ସ୍ୱାସ୍ଥ୍ୟ ବିଶେଷଜ୍ଞ ନାଓତୋ ଉୟାମା ଏକଥା ପ୍ରକାଶ କରିଛନ୍ତି। ଦେଶରେ ଅଲିମ୍ପିକ୍ସ ଆୟୋଜନ ହେଲେ ଏଥିରେ ଭାଗନେବା ଲାଗି ୨୦୦ରୁ ଅଧିକ ଦେଶର ୧୫,୦୦୦ ଅଲିମ୍ପିକ ଓ ପାରାଅଲିମ୍ପିକ ଆଥଲେଟ୍‌ଙ୍କ ସମାଗମ ହେବ। ଏହାଛଡ଼ା ୧୦ହଜାର ଅଫିସିଆଲ, ଜଜ୍, ମିଡିଆ ଓ ବ୍ରଡ୍‌କାଷ୍ଟର ମଧ ଆସିବେ। ସେମାନଙ୍କ ପରାମର୍ଶକୁ ଜାପାନ ସରକାର ହେୟଜ୍ଞାନ କରୁଛନ୍ତି। ସରକାର ବଡ଼ ରିସ୍କ ନେଉଛନ୍ତି ବୋଲି ସେ କହିଛନ୍ତି। ବର୍ତ୍ତମାନ ପରିସ୍ଥିତିରେ ଅଲିମ୍ପିକ ଆୟୋଜନ ଦ୍ୱାରା କ'ଣ ଘଟିବ ତାହା ପୂର୍ବାନୁମାନ କରିବା କଠିନ ବ୍ୟାପାର ବୋଲି ଉୟାମା କହିଛନ୍ତି। ଏଣେ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ଓ ସ୍ଥାନୀୟ ଆୟୋଜକ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ପବ୍ଲିକ ହେଲ୍‌ଥ ଗାଇଡାନ୍ସ ଉପରେ ନିର୍ଭର କରୁଛନ୍ତି। ଅଲିମ୍ପିକ ଓ ପାରାଅଲିମ୍ପିକ୍ସ ସୁରକ୍ଷିତ ଓ ନିରାପଦ। ଏହି ସଂଗଠନ ବ୍ୟାପକ ଟେଷ୍ଟିଂ, କଡ଼ାକଡ଼ି ପ୍ରୋଟୋକଲ, ସାମାଜିକ ଦୂରତା ଏବଂ ବହୁ ସଂଖ୍ୟାରେ ଆଥ୍‌ଲେଟଙ୍କୁ ଟୋକିଓ ଉପକୂଳବର୍ତ୍ତୀ ଅଲିମ୍ପିକ ଭିଲେଜରେ ପୃଥକ୍ ପୃଥକ୍ ଭାବେ ରଖିବା ଉପରେ ଗୁରୁତ୍ୱାରୋପ କରୁଛି। ଭିଲେଜ୍‌ରେ ଅବସ୍ଥାନ କରୁଥିବା ୮୦ପ୍ରତିଶତରୁ ଊର୍ଦ୍ଧ୍ୱ ଲୋକଙ୍କର ଟିକାକରଣ ହେବ। ସେ ତୁଳନାରେ ଜାପାନରେ ଟିକାକରଣ ମନ୍ଥର ରହିଛି। ଦେଶରେ ୫% ଲୋକ ଟିକା ନେଇସାରିଛନ୍ତି। ଜାପାନର ଡାକ୍ତର ମହାସଂଘ ଅଲିମ୍ପିକ୍ସକୁ ବିରୋଧ କରୁଛି। ଏହାକୁ ବାତିଲ କରିବା ଲାଗି ସରକାରଙ୍କ ଉପରେ ଚାପ ପକାଉଛନ୍ତି। ଉୟାମା କହିଛନ୍ତି, ଅଲିମ୍ପିକ୍ସ ଆୟୋଜନ ଦ୍ୱାରା ବ୍ରିଟେନ, ବ୍ରାଜିଲ, ଭାରତ ଓ ଦକ୍ଷିଣ ଆଫ୍ରିକାରେ ଯେଉଁ ଷ୍ଟ୍ରେନ୍‌ର ଭାଇରସ ଦେଖାଯାଉଛି ତାହା ହୁଏତ ଟୋକିଓକୁ ଆସିଯାଇପାରେ। ପିସିଆର ଟେଷ୍ଟିଂ ଓ ଟିକାକରଣ ଦ୍ୱାରା ସମ୍ପୂର୍ଣ୍ଣ ସୁରକ୍ଷିତ ମନେକରିବା ଠିକ୍ ନୁହେଁ ବୋଲ ସେ ପୁଣି ଦୋହରାଇ କହିଛନ୍ତି।

# ୭୦ ପ୍ରତିଶତ ମହିଳା କ୍ଲବ କ୍ଷତିରେ ଚାଲୁଛି

ଜେନେଭା, ୨୭।୫(ଏପି)

ବିଶ୍ୱ ଫୁଟ୍‌ବଲର ସର୍ବୋଚ୍ଚ ପ୍ରଶାସନିକ ସଂସ୍ଥା ଫିଫାର ଏକ ସର୍ଭେ ବିଶ୍ୱ ମହିଳା ଫୁଟ୍‌ବଲର ସମସ୍ୟାକୁ ପଦାରେ ପକାଇଛି। ଅନ୍ତର୍ଜାତୀୟସ୍ତରର ୭୦ ପ୍ରତିଶତ ମହିଳା ଫୁଟ୍‌ବଲ କ୍ଲବ କ୍ଷତିରେ ଚାଲୁଛି



ବୋଲି ଏହି ସର୍ଭେରେ ଦର୍ଶାଯାଇଛି। ମାତ୍ର ୧୩ ପ୍ରତିଶତ କ୍ଲବ ୧୦ ଲକ୍ଷ ଆମେରିକୀୟ ଡଲାରଠାରୁ ସାମାନ୍ୟ ଊର୍ଦ୍ଧ୍ୱ ରାଜସ୍ୱ ଉପାର୍ଜନ କରୁଛି। ଏହାର ଅଧାରୁ ଅଧିକ ଅର୍ଥ ପ୍ରାୟୋଜନ ଚୁକ୍ତିରୁ ଆସୁଛି ବୋଲି ବୁଧବାର ପ୍ରକାଶିତ ଫିଫା ଡାଟା ରିଲିଜ୍‌ରୁ ଜଣାଯାଇଛି। ୩୦ଟି ଲିଗ୍ ଓ ୨୮୨ଟି କ୍ଲବର ପରିଚାଳନା ଉଚ୍ଚକୋଟୀର ହୋଇଛି। ଫିଫା ବେଞ୍ଚମାର୍କିଂ ରିପୋର୍ଟରେ ଏ ନେଇ ଉଲ୍ଲେଖ କରାଯାଇଛି।

କୋଭିଡ୍-୧୯ ମହାମାରୀ ଏହାର ମୁଖ୍ୟ କାରଣ ବୋଲି କୁହାଯାଇଛି। ଏହି ରିପୋର୍ଟରେ ଗଭର୍ନାନ୍ସ, ଫାଇନାନ୍ସ, ଫ୍ୟାନ ଏନ୍‌ଗେଜମେଣ୍ଟ, ଖେଳାଳି ଓ ଅନ୍‌ଫିଲ୍ଡ ଘଟଣା କରୋନା ମହାମାରୀ ଦ୍ୱାରା ପ୍ରଭାବିତ ହୋଇଛି ବୋଲି ଦର୍ଶାଯାଇଛି। ମହିଳା ଫୁଟ୍‌ବଲ ଏବେ ବିଶ୍ୱର ଏକମାତ୍ର ଇଭେଣ୍ଟ, ଯାହାର ଲୋକପ୍ରିୟତା ବୃଦ୍ଧି ଘଟୁଛି। ଏହା ଜାରି ରହିବା ଉଚିତ ବୋଲି ଫିଫା ମୁଖ୍ୟ ଫୁଟ୍‌ବଲ ଅଧିକାରୀ ସରାଇ ବାରେମାନ କହିଛନ୍ତି। ପ୍ରତିବର୍ଷ ଏହି ସର୍ଭେ କରାଯିବ ବୋଲି ବାରେମାନ କହିଛନ୍ତି।

# ମେରୀ କମ୍, ସାକ୍ଷୀ ଫାଇନାଲରେ



ଏମ୍. ସି. ମେରୀ କମ୍



ସାକ୍ଷୀ

ଦୁବାଇ, ୨୭।୫ (ପି.ଟି.)

ଛଅ ଥର ବିଶ୍ୱ ଚାମ୍ପିୟନ ଏମ୍. ସି. ମେରୀ କମ୍ (୫୧ କେଜି) ଓ ସାକ୍ଷୀ (୫୪ କେଜି) ଏସିଆନ ବକ୍ସିଂ ଚାମ୍ପିୟନଶିପ୍‌ର ଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ଅନୁଷ୍ଠିତ ସେମିଫାଇନାଲରେ ମେରୀ କମ୍ ୪-୧ରେ ମଙ୍ଗୋଲିଆର ଲୁସାଇଖାନ ଆଲଟାନସେସେଗଙ୍କୁ ହରାଇଥିବାବେଳେ ୨ ଥର ୟୁଥ୍ ବିଶ୍ୱ ଚାମ୍ପିୟନ ସାକ୍ଷୀ ଟପ୍ ସିଡ୍ କାଜାଖସ୍ତାନର ଦିନା ଝୋଲାମନଙ୍କୁ ୩-୨ରେ ପରାସ୍ତ କରିଛନ୍ତି। ତେବେ ମୋନିକା (୪୮ କେଜି) ଓ ଜସ୍‌ମିନ (୫୭ କେଜି) ସେମାନଙ୍କ ସେମିଫାଇନାଲ ଲଢ଼େଇ ହାରି ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। ମୋନିକା ୦-୫ରେ ଦ୍ୱିତୀୟ ସିଡ୍ କାଜାଖସ୍ତାନର ଆଲୁଆ ବାଲ୍‌କିବେକୋଭାଙ୍କଠାରୁ ଏବଂ ଜସ୍‌ମିନ ସମାନ ପଏଣ୍ଟରେ ଆଉ ଜଣେ କାଜାଖ ପ୍ରତିଯୋଗୀ ଭ୍ଲାଡିସ୍ଲାଭ କୁଖିତାଙ୍କଠାରୁ ପରାଜିତ ହୋଇଥିଲେ। ମେରୀ କମ୍ ଫାଇନାଲରେ ୨ ଥର ବିଶ୍ୱ ଚାମ୍ପିୟନ କାଜାଖସ୍ତାନର ନଜିମ କାଜିବେଙ୍କୁ ଭେଟିବେ। ପୂର୍ବରୁ କେତେକ ଲଢ଼େଇରେ କାଜିବେଙ୍କୁ ହରାଇଥିବାରୁ ଦୃଢ଼ ଆତ୍ମବିଶ୍ୱାସରେ ଅଛନ୍ତି ୩୮ ବର୍ଷୀୟା ମେରୀ କମ୍। ସାକ୍ଷୀ ଫାଇନାଲରେ ଉଜବେକିସ୍ତାନର ସିତୋରା ଶୋଗ୍‌ଡାରୋଭାଙ୍କୁ ଭେଟିବେ। ବୁଧବାର ରାତିରେ ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ଅଲିମ୍ପିକ୍ ଯୋଗ୍ୟତା ହାସଲକାରୀ ଆଶିଷ କୁମାର (୭୫ କେଜି) ୨-୩ରେ ଏସିଆନ ଗେମ୍ସ ସିଲ୍‌ଭର ମେଡାଲିଷ୍ଟ କାଜାଖସ୍ତାନର ଅବିଖାନ ଅମନକୁଲଙ୍କଠାରୁ ହାରିଥିଲେ।

# ଭିଲ୍ଲାରିୟଲକୁ ଐତିହାସିକ ପ୍ରଥମ ଟାଇଟଲ



ୟୁରୋପା ଲିଗ୍ ଫୁଟ୍‌ବଲ ଚାମ୍ପିୟନ ଭିଲ୍ଲାରିୟଲ ଦଳ ଟ୍ରଫି ସହ ଖୁସି ମୁହୂର୍ତ୍ତରେ।

**ୟୁରୋପା ଲିଗ୍ ଫୁଟ୍‌ବଲ**

ଗଡାନସ୍କ, ୨୭।୫(ଏପି)

ୟୁରୋପା ଲିଗ୍ ଫୁଟ୍‌ବଲରେ ଭିଲ୍ଲାରିୟଲ ପ୍ରଥମଥର ପାଇଁ ଟାଇଟଲ ହାସଲ କରିବାର ଗୌରବ ଅର୍ଜନ କରିଛି। ଗୁରୁବାର ଖେଳାଯାଇଥିବା ଲିଗ୍‌ର ସଂଘର୍ଷପୂର୍ଣ୍ଣ ତଥା ରୋମାଞ୍ଚକ ଫାଇନାଲ ମ୍ୟାଚ୍‌ରେ ଭିଲ୍ଲାରିୟଲ ୧୧-୧୦ରେ ଶକ୍ତିଶାଳୀ ମାଞ୍ଚେଷ୍ଟର ୟୁନାଇଟେଡ୍‌କୁ ପରାସ୍ତ କରି ପ୍ରଥମଥର ପାଇଁ କୌଣସି ମେଜର ଟାଇଟଲ ହାସଲ କରିବାରେ ସକ୍ଷମ ହୋଇଛି। ୯୮ ବର୍ଷର ଇତିହାସରେ ସ୍ପେନର ଏହି କ୍ଲବ କୌଣସି ବଡ଼ ଟ୍ରଫି ଜିତି ଇତିହାସ ସୃଷ୍ଟି କରିଛି। ଫାଇନାଲରେ ୟୁନାଇଟେଡ ଭଳି ଶୀର୍ଷସ୍ତରୀୟ କ୍ଲବକୁ ହରାଇବା ମଧ ଏହି କ୍ଲବ ପାଇଁ ଏକ ବଡ଼ ଉପଲବ୍ଧି ସାବ୍ୟସ୍ତ ହୋଇଛି।

ଟାଇଟଲ ମୁକାବିଲାରେ ଜବରଦସ୍ତ ସଂଘର୍ଷ ଦେଖିବାକୁ ମିଳିଥିଲା। ନିର୍ଦ୍ଧାରିତ ସମୟ ଶେଷ ସୁଦ୍ଧା ମ୍ୟାଚ୍ ୧-୧ ଗୋଲରେ ଅମୀମାଂସିତ ରହିଥିଲା। ୨୯ତମ ମିନିଟ୍‌ରେ ଭିଲ୍ଲାରିୟଲ ତରଫରୁ ଗେରାର୍ଡ ମୋରେନୋ ଫିଲ୍ଡ ଗୋଲ ଦେଇ ଦଳକୁ ୧-୦ରେ ଅଗ୍ରଣୀ କରାଇଥିଲେ। କିନ୍ତୁ ୫୫ତମ ମିନିଟରେ ମାଞ୍ଚେଷ୍ଟର ୟୁନାଟେଡ ତରଫରୁ ଏଡିନଶନ କାଭାନି ଗୋଲ ଦେଇ ମ୍ୟାଚ୍‌କୁ ୧-୧ ବରାବର ସ୍ଥିତିକୁ ଆଣିଥିଲେ ଓ ଏକ୍ସଟ୍ରା ଟାଇମ ପରେ ମଧ ମ୍ୟାଚ୍ ଡ୍ର ହୋଇଥିଲା। ଫଳାଫଳ ପାଇଁ ପେନାଲ୍ଟି ଶୁଟ୍ ଆଉଟ୍‌ର ସହାୟତା ନିଆଯାଇଥିଲା। ଏଥିରେ ଭିଲ୍ଲାରିୟଲ ୧୧-୧୦ରେ ବାଜିମାରି ଥିଲା ଓ ଚାମ୍ପିୟନ ହେବା ସହ ଇତିହାସ ସୃଷ୍ଟି କରିଥିଲା। ମାଞ୍ଚେଷ୍ଟର ୟୁନାଇଟେଡ ଗୋଲକିପର ଡେଭିଡ୍ ଡି ଜିଆ ଭଲ ପ୍ରଦର୍ଶନ କରିପାରି ନ ଥିଲେ। ଫଳରେ ୟୁନାଇଟେଡ ମ୍ୟାଚ୍ ହାତଛଡ଼ା କରିବା ସହ ରନର୍ସ ଅପ୍‌ରେ ସନ୍ତୁଷ୍ଟ ହେବାକୁ ବାଧ ହୋଇଥିଲା। ଭିଲ୍ଲାରିୟଲ କୋଚ୍ ଉନାଇ ଇମରୀଙ୍କ ପାଇଁ ଏହି ବିଜୟ ଏକ ଉପଲବ୍ଧି ସଦୃଶ ହୋଇଛି। ଇମରୀ ଏହାପୂର୍ବରୁ ୨୦୧୪ ଓ ୨୦୧୬ରେ ସେଭିଲାର କୋଚ୍ ହିସାବରେ ଏହି ଟାଇଟଲ ଜିତିଥିଲେ। ଦଳର ପ୍ରଦର୍ଶନରେ ସେ ଖୁସି ଜାହିର କରିଛନ୍ତି।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତ୍ପଥୀ

# କୋଭିଡ୍ ମୃତଦେହ ସତ୍କାରରେ ଭେଦଭାବ

କଟକ ଅଫିସ,୨୭।୫

## ଅବଗତ କରାଗଲେ ନିଆଯିବ ପଦକ୍ଷେପ: ସିଏମ୍‌ସି

କରୋନାରେ ଆକ୍ରାନ୍ତଙ୍କ ମୃତଦେହ ସତ୍କାର ପାଇଁ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ବ୍ୟବସ୍ଥା କରାଯାଇଛି। ଗୋଟିଏ ମୃତଦେହ ସତ୍କାର ପାଇଁ ସିଏମ୍‌ସି ପକ୍ଷରୁ ୪୪୮୦ ଟଙ୍କା ଖର୍ଚ୍ଚ କରାଯାଉଥିବାବେଳେ ଏଥିପାଇଁ ସାବିତ୍ରୀ ଜନସେବା ନାମକ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି। ହେଲେ ପରିତାପର ବିଷୟ କରୋନାରେ ମୃତ୍ୟୁ ଘଟୁଥିବା ମୁସଲମାନ, ଖ୍ରୀଷ୍ଟିଆନ ଲୋକମାନଙ୍କ ସତ୍କାର ପାଇଁ ସିଏମ୍‌ସି ପକ୍ଷରୁ ଏହି ସୁବିଧା ଉପଲବ୍ଧ ନାହିଁ ବୋଲି ଓଡ଼ିଶା ୱାକଫ୍ ବୋର୍ଡର ପୂର୍ବତନ ଚେୟାରମ୍ୟାନ ସୟଦ ଏକ୍ରାମ ହୁସେନ୍ ଅଭିଯୋଗ କରିଛନ୍ତି। ଏ ନେଇ ସେ ସିଏମ୍‌ସି କମିଶନର ଓ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି।

ହୁସେନ୍ କହିଛନ୍ତି, କରୋନାରେ ମୃତ୍ୟୁ ଘଟୁଥିବା ମୁସଲମାନ ଲୋକଙ୍କ ସତ୍କାର ପାଇଁ କଟକ କଦମ-ଇ-ରସୁଲ ଓ ଇଦ୍‌ଗାହାରେ ଏବଂ ଖ୍ରୀଷ୍ଟିଆନ ଲୋକଙ୍କ ପାଇଁ ଗୋରାକବରଠାରେ ବ୍ୟବସ୍ଥା କରାଯାଇଛି। ସିଏମ୍‌ସି ଗାଡ଼ି ମୃତଦେହଗୁଡ଼ିକ ଆଣି କବର ସ୍ଥାନରେ ପକାଇ ପଳାଇଯାଉଛି। ହେଲେ ସିଏମ୍‌ସି ସେଠାରେ ଗାତ ଖୋଳି ପୋତିବା ବ୍ୟବସ୍ଥା ନ କରିବାରୁ ତାଙ୍କ ପରିବାର ଲୋକଙ୍କୁ ଖର୍ଚ୍ଚାନ୍ତ ହେବାକୁ ପଡୁଛି। କୋଭିଡ୍ ଗାଇଡ୍‌ଲାଇନ ଅନୁସାରେ ସିଏମ୍‌ସି ପକ୍ଷରୁ ମୃତଦେହ ସତ୍କାର ପାଇଁ ବ୍ୟବସ୍ଥା କରିବାକୁ ଉଭୟ ସମ୍ପ୍ରଦାୟର ଲୋକେ ଦାବି କରିଛନ୍ତି। ହିନ୍ଦୁମାନଙ୍କ ମୃତଦେହ ସତ୍କାର ପାଇଁ ସିଏମ୍‌ସି ପକ୍ଷରୁ ଆର୍ଥିକ ବ୍ୟବସ୍ଥା କରାଯାଇଥିବାବେଳେ ମୁସଲମାନ ଓ ଖ୍ରୀଷ୍ଟିଆନ ଲୋକଙ୍କ କ୍ଷେତ୍ରରେ କ'ଣ ପାଇଁ ଭେଦଭାବ କରାଯାଉଛି ଓ ଏଥିପାଇଁ ଦାୟୀ କିଏ ବୋଲି ପ୍ରଶ୍ନ ଉଠିଛି? ଏ ସମ୍ପର୍କରେ କଦମ-ଇ-ରସୁଲ ମ୍ୟାନେଜିଂ କମିଟି ସଭାପତି ତଥା ପୂର୍ବତନ କର୍ପୋରେଟର ରମଜାନ୍ ଖାଁ କହିଛନ୍ତି, କଦମ-ଇ-ରସୁଲ ଓ ଇଦ୍‌ଗାହାରେ ମୁସଲମାନ ଲୋକଙ୍କ ମୃତଦେହ ଓ କବରସ୍ଥାନଠାରେ ଖ୍ରୀଷ୍ଟିଆନ ଲୋକଙ୍କ ମୃତଦେହ କୋଭିଡ୍‌ଗାଇଡ୍ ଲାଇନ ଅନୁଯାୟୀ ପୋତାଯାଉଛି। ଏ ପର୍ଯ୍ୟନ୍ତ ୩୦ରୁ ୪୦ ଜଣଙ୍କୁ ଏହି ଦୁଇଟି ସ୍ଥାନରେ ପୋତାଯାଇଛି। ସତୀଚଉରାରେ କରୋନା ଆକ୍ରାନ୍ତ ଅନ୍ୟମାନଙ୍କ ମୃତଦେହ ସତ୍କାର ପାଇଁ ସିଏମ୍‌ସି ବ୍ୟବସ୍ଥା କରିଥିବାବେଳେ ମୁସଲମାନ ଓ ଖ୍ରୀଷ୍ଟିଆନ ଲୋକଙ୍କ ମୃତଦେହ ପୋତିବା ପାଇଁ କୌଣସି ବ୍ୟବସ୍ଥା କରାଯାଇନାହିଁ। ସିଏମ୍‌ସି କର୍ତ୍ତୃପକ୍ଷଙ୍କୁ ଏ ସମ୍ପର୍କରେ ଜଣାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନାହିଁ। ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ର କହିଛନ୍ତି, ଏ ସମ୍ବନ୍ଧରେ ସେମାନଙ୍କ ପକ୍ଷରୁ କୌଣସି ପ୍ରସ୍ତାବ ଦିଆଯାଇନାହିଁ। ଆଗାମୀ ଦିନରେ ସେମାନଙ୍କ ପକ୍ଷରୁ ସିଏମ୍‌ସିକୁ ଏ ବାବଦରେ ଅବଗତ କରାଗଲେ ପଦକ୍ଷେପ ନିଆଯିବ।



କଟକ ଚାଉଳିଆଗଞ୍ଜ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଗୁରୁବାର କୋଭିଡ୍ ଟିକା ନେବା ପାଇଁ ଲୋକେ ଧାଡିରେ ଛିଡା ହୋଇଛନ୍ତି।

## ୧୩,୯୭୭ ଜଣଙ୍କୁ କୋଭିଡ୍ ଟିକାକରଣ

କଟକ ଅଫିସ,୨୭।୫

କଟକ ସହରରେ ଗୁରୁବାରଠାରୁ ପୁଣି ଟିକାକରଣ ଆରମ୍ଭ ହୋଇଛି। ବାତ୍ୟା 'ୟାସ୍' ଯୋଗୁ ବୁଧବାର ସହରରେ ଟିକାକରଣ ବନ୍ଦ ରହିଥିଲା। ଗୁରୁବାର ସହରର ବିଭିନ୍ନ ସ୍ଥାନରେ ଥିବା ଟିକାକେନ୍ଦ୍ରରେ ଲୋକଙ୍କ ଭିଡ ଦେଖିବାକୁ ମିଳିଥିଲା। ବିଶେଷକରି ଚାଉଳିଆଗଞ୍ଜ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଖାନ୍‌ନଗର ହାଇସ୍କୁଲ ଓ ସ୍ଥାନୀୟ ମଞ୍ଜୁଲତା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସମେତ ବିଭିନ୍ନ ଟିକାକରଣ କେନ୍ଦ୍ରରେ ଟିକା ନେବା ପାଇଁ ଲୋକଙ୍କ ଲମ୍ବା ଲାଇନ ଦେଖିବାକୁ ମିଳିଥିଲା। ସହରର ୩୬ଟି କେନ୍ଦ୍ରରେ ୧୮ରୁ ୪୪ ବର୍ଷର ଲୋକଙ୍କୁ ପ୍ରଥମ ଡୋଜ୍ ଟିକା ଦିଆଯାଉଛି। ଗୁରୁବାର ୧୩,୯୭୭ ଜଣଙ୍କୁ ଟିକା ପ୍ରଦାନ କରାଯାଇଛି। ଅନ୍ୟପକ୍ଷରେ ବାତ୍ୟା ଯୋଗୁ ବୁଧବାର ବନ୍ଦ ଥିବା ଟିକାକରଣ ଆସନ୍ତା ସୋମବାର ହେବ ବୋଲି ସିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି।

# ବାତ୍ୟା ବିପନ୍ନଙ୍କୁ ମିଳୁ ଘରଭଙ୍ଗା ସହାୟତା

କଟକ ଅଫିସ, ୨୭।୫

## ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି

ବାତ୍ୟା 'ୟାସ୍' ସ୍ଥଳଭାଗ ଅତିକ୍ରମ କରିବା ପରେ ରାଜ୍ୟର ଉପକୂଳବର୍ତ୍ତୀ ଜିଲା ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ ଓ କେନ୍ଦ୍ରାପଡ଼ାରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଏଣୁ ରାଜ୍ୟ ସରକାର ତୁରନ୍ତ ବାତ୍ୟା ବିପନ୍ନଙ୍କୁ ରିଲିଫ ଯୋଗାଇ ଦେବା ପାଇଁ ଏସ୍‌ୟୁସିଆଇ(ସି) ରାଜ୍ୟ କମିଟି ପକ୍ଷରୁ ଦାବି କରାଯାଇଛି। ଏ ସମ୍ପର୍କରେ ଏସ୍‌ୟୁସିଆଇ(ସି) ପକ୍ଷରୁ ୧୨ ଦଫା ସମ୍ବଳିତ ଦାବିପତ୍ର ଅନ୍‌ଲାଇନରେ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପଠାଯାଇଛି। ବାତ୍ୟା ବିପନ୍ନଙ୍କୁ ରନ୍ଧାଖାଦ୍ୟ, ୬ ମାସ ପର୍ଯ୍ୟନ୍ତ ମାଗଣାରେ ରାଶନ ସାମଗ୍ରୀ ପ୍ରଦାନ, ଘର ଭାଙ୍ଗିଥିବା ଲୋକଙ୍କୁ ସହାୟତା ସହିତ ହିତାଧିକାରୀଙ୍କୁ ଦୁଇ ବଖରା ପକ୍କାଘର ଯୋଗାଇଦେବା, କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ, ବିନା ମୂଲ୍ୟରେ ମଞ୍ଜି, ସାର, ବିହନ, ଚାରା ଯୋଗାଇଦେବାକୁ ଦାବି କରାଯାଇଛି। ଏଥିସହ କ୍ଷତିଗ୍ରସ୍ତ କ୍ଷୁଦ୍ର ବ୍ୟବସାୟୀ ଓ ମତ୍ସ୍ୟଜୀବୀଙ୍କୁ ଆର୍ଥିକ ସହାୟତା ଦେବା, ବାତ୍ୟା ପରବର୍ତ୍ତୀ ସମୟରେ ବ୍ୟାପିବାକୁ ଥିବା ବିଭିନ୍ନ ରୋଗ ସଂକ୍ରମଣକୁ ରୋକିବା ପାଇଁ ଭ୍ରାମ୍ୟମାଣ ଚିକିତ୍ସା ବ୍ୟବସ୍ଥା, ପାଣି ଘେରରେ ଥିବା ଗୃହପାଳିତ ପ୍ରାଣୀଙ୍କ ପାଇଁ ଗୋଖାଦ୍ୟ, ଔଷଧ, ଇଞ୍ଜେକ୍ସନ ଯୋଗାଣ, ଯୁଦ୍ଧକାଳୀନ ଭିତ୍ତିରେ ବିଦ୍ୟୁତ ସଂଯୋଗ, ବାତ୍ୟାରେ ମୃତ୍ୟୁ ଘଟିଥିବା ବ୍ୟକ୍ତିଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ଦଳ ପକ୍ଷରୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏସ୍‌ୟୁସିଆଇ(ସି) ରାଜ୍ୟ ସମ୍ପାଦକ ଧୂର୍ଜଟୀ ଦାସ ଉକ୍ତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପଠାଇଛନ୍ତି।

# ଶ୍ରୀଲିଙ୍ଗରାଜଙ୍କ ଦୁଇଦିନ ଚାପ ବନ୍ଦ ନେଇ ଅସନ୍ତୋଷ

ପୁରୁଣା ଭୁବନେଶ୍ୱର,୨୭।୫(ଡି.ଏନ୍.ଏ)



**ଚନ୍ଦନଯାତ୍ରାରେ ବ୍ୟତିକ୍ରମ**
- ୧୦୦ ବର୍ଷର ପରମ୍ପରା ଭାଙ୍ଗିଲା
- ଖାମଖିଆଲକୁ ଦାୟୀ କଲେ ସେବାୟତ

ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ୯୦୦ବର୍ଷର ପରମ୍ପରା ହାଣ୍ଡି ଭଙ୍ଗା ଯାତ୍ରା ବନ୍ଦ ପରେ ଚଳିତବର୍ଷ ଚନ୍ଦନ ଯାତ୍ରାର ଚାପ କ୍ରୀଡ଼ା ଦୁଇ ଦିନ ବନ୍ଦ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ଶ୍ରୀଜୀଉଙ୍କ ଚନ୍ଦନଯାତ୍ରା ଅକ୍ଷୟ ତୃତୀୟା ଠାରୁ ୨୨ଦିନ ଧରି ଚାଲିଥାଏ। ପ୍ରତ୍ୟେହ ଠାକୁର ବିନ୍ଦୁ ସାଗରରେ ଚାପ ଡଙ୍ଗାରେ ଭଉଁରି ଖେଳିଥାନ୍ତି। ମନ୍ଦିର ପ୍ରଶାସନ ଗତ ମଙ୍ଗଳବାର ଓ ବୁଧବାର ଏହି ଚାପ କ୍ରୀଡ଼ା ବନ୍ଦ କରିବାରୁ ୧୦୦ବର୍ଷର ପରମ୍ପରାରେ ବ୍ୟତିକ୍ରମ ସୃଷ୍ଟି ହୋଇଛି। ଏହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ଦେଖାଦେଇଛି। ତେବେ ଗୁରୁବାର ଠାରୁ ପୁନଃ ଶ୍ରୀଜୀଉଙ୍କ ଚାପ କ୍ରୀଡ଼ା ଆରମ୍ଭ ହୋଇଛି। ତେବେ ଅତୀତରେ ଝଡ, ବର୍ଷା ହୋଇଥିଲେ ମଧ୍ୟ ଚାପ ଡଙ୍ଗାରେ ଠାକୁର ବିଜେ ହୋଇ ମଠ ଘାଟରୁ ସ୍ୱମନ୍ଦିରକୁ ଫେରିଥାନ୍ତି। ମନ୍ଦିର ପ୍ରଶାସନ ଏହି ପରମ୍ପରାକୁ କିପରି ଭଙ୍ଗ କଲେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏନେଇ ଲିଙ୍ଗରାଜ ମନ୍ଦିର ଟ୍ରଷ୍ଟ ବୋର୍ଡ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ଦାଶ କହିଛନ୍ତି, ବାତ୍ୟା ୟାସ୍ ପାଇଁ ୨ଦିନ ଚାପ କ୍ରୀଡ଼ା ବନ୍ଦ କରାଯାଇଥିଲା।

ପୂଜାପଣ୍ଡା ନିଯୋଗ ବରିଷ୍ଠ ସେବାୟତ କାଶୀନାଥ ପୂଜାପଣ୍ଡା କୁହନ୍ତି , ମୋର ୬୫ ବର୍ଷ ସେବାରେ କେବେ ଚାପ କ୍ରୀଡ଼ା ବନ୍ଦ ହୋଇନଥିଲା। ମଠ ଘାଟରେ ଦିଅଁ ବିଜେ ପରେ ଝଡ ପବନରେ ଚାପ ଡଙ୍ଗା ଉତ୍ତରେଶ୍ୱର ଘାଟକୁ ଚାଲିଯାଏ। ଚାପଡଙ୍ଗା ମଧ୍ୟ ଅତୀତରେ ବୁଡିଯାଇଛି। ଉଠାଯାଇ ଚାପ ହୋଇଛି। ଚନ୍ଦ୍ରଗ୍ରହଣରେ ମଧ୍ୟ ଚାପ ହୋଇପାରିଥାନ୍ତା। ନୀତିକାନ୍ତି ଏବେ ସରକାରଙ୍କ ହାତରେ ଯାହା ହେବ । ବଡୁ ନିଯୋଗ ସମ୍ପାଦକ କମଳାକାନ୍ତ ବଡୁ କୁହନ୍ତି, ଭିତରେ ଚନ୍ଦନ ହେଲେ ମଧ୍ୟ ଠାକୁର ବିଜେ ହୋଇ ମଠ ଘାଟରେ ଚାପ ଡଙ୍ଗାରେ ବସି ନୀତିକାନ୍ତି ପରେ ପରେ ଫେରିଯାଇପାରିଥାନ୍ତେ। ଏହା ଦ୍ୱାରା ପରମ୍ପରାରେ ବ୍ୟତିକ୍ରମ ହୋଇଛି। କାହା ପାଇଁ ନୀତି କାର୍ଯ୍ୟ ବନ୍ଦ ହେଲା ତାହାର ତଦନ୍ତ କରାଯାଉ।

## ଶ୍ରମଜୀବୀଙ୍କୁ ବର୍ଦ୍ଧିତ ହାରରେ ମଜୁରି ଦିଅ

**ସମସ୍ତ ଶିଳ୍ପସଂସ୍ଥାକୁ ନିର୍ଦ୍ଦେଶ**

କଟକ ଅଫିସ, ୨୭।୫

ରାଜ୍ୟ ସରକାରଙ୍କ ନିଷ୍ପତ୍ତିକ୍ରମେ କାର୍ଯ୍ୟରତ କୁଶଳୀ, ଅଣକୁଶଳୀ ଓ ଅର୍ଦ୍ଧକୁଶଳୀ ଶ୍ରମଜୀବୀମାନଙ୍କ ମଜୁରି ବର୍ଦ୍ଧିତ ହାରରେ ଦେବା ପାଇଁ ଗୁରୁବାର ଜିଲା ଡିଭିଜନାଲ ଲେବର କମିଶନର(ଡିଏଲ୍‌ସି) ବନମାଳି ମହାପାତ୍ର ସମସ୍ତ ଶିଳ୍ପସଂସ୍ଥାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ବର୍ଦ୍ଧିତ ମଜୁରି ଗତ ଏପ୍ରିଲ ପହିଲାରୁ ଲାଗୁ ହେବ। ଏଥିରେ ବ୍ୟତିକ୍ରମ ହେଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମହାପାତ୍ର ସ୍ପଷ୍ଟ କରିଛନ୍ତି। ସେ କହିଛନ୍ତି, ଏବେ ଜିଲାର ୧୭୦ଟି ବୃହତ୍, ମଧ୍ୟମ ଓ କ୍ଷୁଦ୍ର ଶିଳ୍ପସଂସ୍ଥା ଅଣ ସଙ୍ଗଠିତ କ୍ଷେତ୍ର, ହୋଟେଲ ଆଦିରେ ୨ ଲକ୍ଷ ୫୦ ହଜାର ଶ୍ରମିକ କାର୍ଯ୍ୟ କରୁଛନ୍ତି। ବିଭିନ୍ନ ବର୍ଗର ଶ୍ରମିକଙ୍କ ପାଇଁ ସରକାର ଧାର୍ଯ୍ୟ କରିଥିବା ମୂଲ୍ୟରେ ସାମାନ୍ୟ ପରିବର୍ତ୍ତନ କରିଛନ୍ତି। ପୂର୍ବରୁ ଅଣକୁଶଳୀ ଶ୍ରମିକଙ୍କ ଦୈନିକ ମଜୁରି ୩୦୮ ଟଙ୍କା ଥିଲାବେଳେ ଏବେ ତାହା ବୃଦ୍ଧି ପାଇ ୩୧୧ ଟଙ୍କା ରହିଛି। ସେହିପରି ଅର୍ଦ୍ଧକୁଶଳୀ ଶ୍ରମିକଙ୍କ ମଜୁରି ୩୪୮ରୁ ୩୫୧ ଟଙ୍କା, କୁଶଳୀ ଶ୍ରମିକଙ୍କ ମଜୁରି ୩୯୮ରୁ ୪୦୧ ଟଙ୍କା, ଉଚ୍ଚ କୁଶଳୀ ଶ୍ରମିକଙ୍କ ମଜୁରି ୪୫୮ରୁ ୪୬୧ ଟଙ୍କାକୁ ବୃଦ୍ଧି ପାଇଛି ।

## ସଂକ୍ଷେପରେ

### ଗଣ୍ଡଗୋଳ ସମାଧାନବେଳେ କନଷ୍ଟେବଲ ଆହତ

**କଟକ ଅଫିସ, ୨୭।୫:** ଜଗତ୍‌ପୁର ଥାନା ଅନ୍ତର୍ଗତ ଫକିରପୁର ପଣ୍ଡାସାହିରେ ଘରଭଡା ନେଇ ରହୁଥିବା ଏକ ଦମ୍ପତିଙ୍କ ମଧ୍ୟରେ ବୁଧବାର ରାତିରେ ପାରିବାରିକ ବିବାଦକୁ କେନ୍ଦ୍ରକରି ଗଣ୍ଡଗୋଳ ହୋଇଥିଲା। ଖବରପାଇ ସ୍ଥାନୀୟ ପୋଲିସର ଏକ ପିସିଆର ଭ୍ୟାନ୍ ଘଟଣାସ୍ଥଳରେ ପହଞ୍ଚିଥିଲା। ସେଠାରେ ପୋଲିସ ଦମ୍ପତିଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲା। ଏହି ସମୟରେ ଉତ୍‌କ୍ଷିପ୍ତ ହୋଇ ସ୍ୱାମୀ ଜଣେ କନଷ୍ଟେବଲଙ୍କ ଗାଲକୁ କାମୁଡି ଦେଇଥିଲେ। ଫଳରେ ରକ୍ତ ବାହାରିବାରୁ ତାଙ୍କର ପ୍ରାଥମିକ ଚିକିତ୍ସା କରାଯାଇଥିଲା। ଆହତ ପୋଲିସ କର୍ମଚାରୀଙ୍କ ଅଭିଯୋଗକ୍ରମେ ଘଟଣାର ତଦନ୍ତ ଜାରି ରହିଛି।

### ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଶ୍ରାଦ୍ଧବାର୍ଷିକୀ

**କଟକ ଅଫିସ, ୨୭।୫:** କଟକ ନଗର (ଜିଲା) କଂଗ୍ରେସ କମିଟି ପକ୍ଷରୁ ପୁରୀଘାଟସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ପୂର୍ବତନ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଶ୍ରାଦ୍ଧବାର୍ଷିକୀ ଗୁରୁବାର ପାଳିତ ହୋଇଯାଇଛି। ନଗର କଂଗ୍ରେସ ସଭାପତି ଗିରିବାଳା ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ଇଂ. ମହମ୍ମଦ ମୋକିମ ମୁଖ୍ୟଅତିଥି ଭାବେ ଯୋଗଦେଇ ନେହେରୁଙ୍କ ସ୍ମୃତିଚାରଣ କରିଥିଲେ। ପ୍ରାରମ୍ଭରେ ମୋକିମଙ୍କ ସମେତ ଉପସ୍ଥିତ କଂଗ୍ରେସ କର୍ମୀମାନେ ନେହେରୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ।

### ନଦୀପଠାରୁ ହରିଣ ଉଦ୍ଧାର

**କଟକ ଅଫିସ,୨୭।୫:** ଖାନ୍‌ନଗର ପଞ୍ଚମୁଖୀ ହନୁମାନ ମନ୍ଦିର ନିକଟ କାଠଯୋଡ଼ି ନଦୀପଠାରେ ଗୁରୁବାର ଏକ ହରିଣ ଦେଖିବାକୁ ମିଳିଥିଲା। ଖବରପାଇ ବନ ବିଭାଗ କର୍ମଚାରୀ ପହଞ୍ଚି ହରିଣକୁ ୪୨ ମୌଜା ଆଡକୁ ଘଉଡାଇ ଦେଇଥିଲେ। ଫରେଷ୍ଟ ରେଞ୍ଜର ଦୁର୍ଗା ଚରଣ ସାହୁ କହିଛନ୍ତି, ୪୨ ମୌଜା ଅଞ୍ଚଳରେ ୩/୪ଟି ହରିଣ ରହିଛନ୍ତି। ବୁଧବାର ବର୍ଷା, ପବନ ହେବାରୁ ଏହି ହରିଣ ଜନବସତି ଆଡକୁ ଆସିଯାଇଥିବା ଅନୁମାନ କରାଯାଉଛି।

### ଆଇନଜୀବୀଙ୍କ ପରଲୋକରେ ଗାୟତ୍ରୀ ପରିବାର ପକ୍ଷରୁ ଶୋକସଭା

**ବାଙ୍କୀ, ୨୭।୫ (ଡି.ଏନ.ଏ.):** ବାଙ୍କୀ ଏନ୍‌ଏସି ଅନ୍ତର୍ଗତ ମାଣିକପାଟଣାର ଆଇନଜୀବୀ ସୁଶାନ୍ତ କୁମାର ପ୍ରଧାନଙ୍କ ବିୟୋଗରେ ଗୁରୁବାର ଗାୟତ୍ରୀ ପରିବାର ପକ୍ଷରୁ ଏକ ଶୋକସଭା ଆୟୋଜନ କରାଯାଇଥିଲା। ସ୍ଥାନୀୟ ଗାୟତ୍ରୀ ମନ୍ଦିର ପରିସରରେ ପୂର୍ବାହ୍ନ ୧୦ଟାରେ ଗାୟତ୍ରୀ ପରିବାର ଟ୍ରଷ୍ଟର ସହଯୋଗୀ ଟ୍ରଷ୍ଟି ଜିତେନ କୁମାର ରଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶୋକସଭାରେ କୋଭିଡ୍ କଟକଣା ମଧ୍ୟରେ ଦିବଂଗତ ପ୍ରଧାନଙ୍କ ଉଦ୍ଦେଶ୍ୟରେ ୨ମିନିଟ ନୀରବ ପ୍ରାର୍ଥନା କରାଯିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏହି ଶୋକସଭାରେ ଗାୟତ୍ରୀ ପରିବାରର ମୁଖ୍ୟ ପ୍ରବନ୍ଧକ ଅରୁଣ କୁମାର ବେହେରା, ଉପଦେଷ୍ଟା ସୁରେଶ ଚନ୍ଦ୍ର ମଲ୍ଲିକ, କୋଷାଧ୍ୟକ୍ଷ ଭରତ ଚନ୍ଦ୍ର ବିଶ୍ୱାଳ, ପ୍ରଭାତ ଦାସ, ମୁରଲୀମୋହନ ମହାପାତ୍ର, ସୁଶାନ୍ତ କୁମାର ଭଞ୍ଜ, ପୁଷ୍ପିତା ରଥ, ରାଜଲକ୍ଷ୍ମୀ ମହାପାତ୍ର ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପ୍ରଧାନଙ୍କ ଗୁଣାବଳୀ ବର୍ଣ୍ଣନା କରିଥିଲେ। ପ୍ରଧାନ କୋଭିଡ୍‌ରେ ଆକ୍ରାନ୍ତ ହୋଇ କଟକରେ ଚିକିତ୍ସିତ ହେଉଥିବାବେଳେ ବୁଧବାର ସକାଳେ ତାଙ୍କର ମୃତ୍ୟୁ ଘଟିଥିଲା।

### ଅଧ୍ୟାପକ ସନ୍ତୋଷ ମାଲୁଆଙ୍କ ପରଲୋକ

**କଟକ ଅଫିସ,୨୭।୫:** ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗର ଅଧ୍ୟାପକ ଡ. ସନ୍ତୋଷ କୁମାର ମାଲୁଆ(୪୨)ଙ୍କର ବୁଧବାର ପରଲୋକ ହୋଇଛି। ସେ କିଛିଦିନ ହେବ କରୋନାରେ ଆକ୍ରାନ୍ତ ହୋଇ କଟକର ଏକ ଘରୋଇ ହସ୍ପିଟାଲ୍‌ରେ ଚିକିତ୍ସିତ ହେଉଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ହୋଇଥିଲା। ସତୀଚୌରା ଶ୍ମଶାନରେ ଗୁରୁବାର ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ତାଙ୍କ ସମ୍ପର୍କୀୟ ଭାଇ ଯୋଗେସ ଦାସ ମୁଖାଗ୍ନି ଦେଇଥିଲେ। ସୂଚନାଯୋଗ୍ୟ, ରାଞ୍ଚିଠାରେ ଜନ୍ମଗ୍ରହଣ କରିଥିବା ମାଲୁଆ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟରୁ ପିଏଚ୍‌ଡି ଉପାଧି ହାସଲ କରିଥିଲେ। ୨୦୧୩ରେ ସେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ଇତିହାସ ବିଭାଗର ଅଧ୍ୟାପକ ଭାବରେ ଯୋଗଦେଇଥିଲେ। ତାଙ୍କ ବିୟୋଗରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସଞ୍ଜୟ କୁମାର ନାୟକ, ଇତିହାସ ବିଭାଗ ମୁଖ୍ୟ ଡ. ସୁବ୍ରତ କୁମାର ଆଚାର୍ଯ୍ୟ ଓ ପ୍ରଫେସର ଚଣ୍ଡୀ ପ୍ରସାଦ ନନ୍ଦ ଶୋକ ପ୍ରକାଶ କରିଛନ୍ତି।

## ଶ୍ରୋତାଙ୍କ ହୃଦୟରେ ରାଜ୍ କରୁଥିଲେ ଶାନ୍ତିରାଜ

ଲୋକପ୍ରିୟ ସଙ୍ଗୀତ ନିର୍ଦ୍ଦେଶକ ଶାନ୍ତିରାଜ ଖୋସ୍‌ଲାଙ୍କ ଗୁରୁବାର ପରଲୋକରେ ଚଳଚ୍ଚିତ୍ର ଜଗତରେ ଶୋକର ଛାୟା ଖେଳିଯାଇଛି। ସେ ବହୁ ହିଟ୍‌ଫିଲ୍ମ, ଆଲବମ୍ ଓ ଭଜନରେ ସଙ୍ଗୀତ ନିର୍ଦ୍ଦେଶନା ଦେବା ସହ ଅନେକ ଗୀତ ଗାଇ ଶ୍ରୋତାଙ୍କ ହୃଦୟରେ ରାଜ୍ କରୁଥିଲେ। ତାଙ୍କ ସହ କାମ କରିଥିବା ଅନେକ ସଙ୍ଗୀତ ନିର୍ଦ୍ଦେଶକ, କଣ୍ଠଶିଳ୍ପୀ ଓ ଗୀତିକାର ପୁରୁଣା ଦିନର ସ୍ମୃତିକୁ ମନେ ପକାଇ ଝୁରି ହେଉଛନ୍ତି।



**'ଶାନ୍ତିଭାଇଙ୍କ ସହିତ ଅନେକ ଗୀତରେ କାମ କରିଛି'**

ଶାନ୍ତିଭାଇଙ୍କ ମୃତ୍ୟୁ ଓଡ଼ିଆ ଚଳଚ୍ଚିତ୍ର ଜଗତ ପାଇଁ ଏକ ଅପୂରଣୀୟ କ୍ଷତି। ସେ ଜଣେ ସୁନାମଧନ୍ୟ ନିର୍ଦ୍ଦେଶକ ଥିଲେ। ତାଙ୍କ ସହ ମୁଁ ଅନେକ ଗୀତରେ କାମ କରିଛି। ଗୀତ ରେକର୍ଡିଂ ସମୟରେ ସେ ଆମକୁ ବହୁତ ହସଉଥିଲେ। ଜଣେ ବଡ଼ଭାଇ ପରି ଆମମାନଙ୍କୁ ବାଟ ଦେଖାଉଥିଲେ।

-ଇରା ମହାନ୍ତି, କଣ୍ଠଶିଳ୍ପୀ



**'ବଡ଼ଭାଇ ଭଳି ଆମକୁ ତାଗିଦ୍ କରନ୍ତି'**

ଶାନ୍ତିରାଜ ଭାଇ ଓ ମୁଁ ଏକ ସାଙ୍ଗରେ ସଙ୍ଗୀତ ପାଇଁ ସଂଘର୍ଷ କରୁଥିଲୁ। ସେ କ୍ଲାସିକାଲ, ୱେଷ୍ଟର୍ନ ଓ ଫୋକ୍ ମ୍ୟୁଜିକ୍‌ରେ ପାରଙ୍ଗମ ଥିଲେ। ଜଣେ ବଡ଼ଭାଇ ଭଳି ଆମକୁ ତାଗିଦ୍ କରନ୍ତି ଓ ବୁଝାନ୍ତି। ସେ ଫିଲ୍ମ ଜଗତକୁ ବଡ଼ ବଡ଼ ହିଟ୍ ଗୀତ ଦେଇଛନ୍ତି।

-ଅଭିଜିତ୍ ମଜୁମ୍‌ଦାର, ସଙ୍ଗୀତ ନିର୍ଦ୍ଦେଶକ



**'ଶାନ୍ତିଭାଇଙ୍କ ନିର୍ଦ୍ଦେଶରେ ବହୁ ଚଳଚ୍ଚିତ୍ର ଗୀତ ଲେଖିଛି'**

ମୁଁ ଶାନ୍ତିଭାଇଙ୍କ ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ତାଙ୍କ ସହିତ ମୋର ୧୫ ବର୍ଷର ବନ୍ଧୁତା। ତାଙ୍କ ନିର୍ଦ୍ଦେଶରେ ପ୍ରଥମେ ସମ୍ବଲପୁରୀ ଓ ପରେ ଅନେକ ଚଳଚ୍ଚିତ୍ରରେ ଗୀତ ଲେଖିଥିଲି। ତାଙ୍କ ବିୟୋଗରେ ଏକ ଅଙ୍ଗ କଟିଗଲା ପରି ଲାଗୁଛି।

-ଯତୀନ୍ଦ୍ର ପ୍ରଧାନ, ଗୀତିକାର



**'ନାଁ ଯେମିତି, ବ୍ୟକ୍ତିତ୍ୱ ସେମିତି'**

ତାଙ୍କ ନାଁ ଯେମିତି, ବ୍ୟକ୍ତିତ୍ୱ ମଧ୍ୟ ସେମିତି। ଭଗବାନ ଯଦି ଏହିପରି କଳାକାର ଛଡାଇ ନେବେ କଳାଜଗତ କେମିତି ବଞ୍ଚିବ? ତାଙ୍କ ମୃତ୍ୟୁ ଖବର ଶୁଣି ମୋର ରକ୍ତ ଶୁଖିଗଲା ପରି ଲାଗିଲା।

-ପ୍ରଭାଂଶୁ ସାମନ୍ତରାଏ, ଉତ୍କଳ ସିନେଚାମ୍ବର ଉପସଭାପତି

## ୩ ବଖରା ଜଳିଗଲା

ଟିଗିରିଆ,୨୭।୫( ଡି.ଏନ୍.ଏ)



ଟିଗିରିଆ ତହସିଲ ଅନ୍ତର୍ଗତ କରଡ଼ାପଲ୍ଲୀ ଗ୍ରାମର ନଶିର ଖାଁଙ୍କ ଘରେ ବୁଧବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୩ ବଖରା ଜଳିଯାଇଛି। ଏଥିରେ ଘରର ସମସ୍ତ ଆସବାବପତ୍ର ପୋଡ଼ିଯାଇଛି। ପରିବାର ଲୋକେ ରାତିରେ ଶୋଇଥିବା ବେଳେ କୌଣସି କାରଣରୁ ନିଆଁ ଲାଗି ଅନ୍ୟଆଡ଼େ ବ୍ୟାପିଯାଇଥିଲା। ଖବରପାଇ ଟିଗିରିଆ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ମାତ୍ର ସେତେବେଳକୁ ସବୁପୋଡି ପାଉଁଶ ହୋଇଯାଇଥିଲା। ଗୁରୁବାର ଟିଗିରିଆ ରାଜସ୍ୱ ନିରୀକ୍ଷକ ସଞ୍ଜୟ ବେହେରା କ୍ଷୟକ୍ଷତିର ଆକଳନ କରି ପଲିଥିନ ଯୋଗାଇଦେଇଛନ୍ତି। ବିପନ୍ନ ପରିବାରକୁ ୯୫ ହଜାର ଟଙ୍କାର ସହାୟତା ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି। ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏ ସମ୍ପର୍କରେ ଜାଣିବା ପରେ ବିପନ୍ନ ପରିବାରକୁ ଚାଉଳ, ଚୁଡା, ଗୁଡ଼, କମ୍ବଳ ଓ ଲୁଗା ସମେତ ୨ ହଜାର ଟଙ୍କା ବିଜୁ ଯୁବ ବାହିନୀ କର୍ମକର୍ତ୍ତାଙ୍କ ଦ୍ୱାରା ପ୍ରଦାନ କରିଥିଲେ।

## ସମାଜସେବା କ୍ଷେତ୍ରରେ ନୀଳମଣିଙ୍କ ଅବଦାନ ରହିଛି

କଟକ ଅଫିସ/ ଚୌଦ୍ୱାର,୨୭।୫(ଡି.ଏନ.ଏ.)

ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳଙ୍କ ବାପା ନୀଳମଣି ବିଶ୍ୱାଳଙ୍କ ଏକାଦଶାହ ଉପଲକ୍ଷେ ମହାନଦୀ ବିହାରସ୍ଥିତ ବାସଭବନଠାରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟକ ଦେବୀ ପ୍ରସାଦ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ସମାଜସେବା କ୍ଷେତ୍ରରେ ନୀଳମଣିଙ୍କର ଅବଦାନ ବିଷୟରେ ମତବ୍ୟକ୍ତ କରିଥିଲେ। ଏଥିରେ ପୂର୍ବତନ ବିଧାୟକଙ୍କ ସ୍ତ୍ରୀ ଲକ୍ଷ୍ମୀ ବିଳାସିନୀ ବିଶ୍ୱାଳ, ବିଧାୟକ ସୌଭିକ ବିଶ୍ୱାଳ, ଗୋପାଳକୃଷ୍ଣ ବେହେରା, ମହାନଦୀ ବିହାର ଡେଭ୍‌ଲପମେଣ୍ଟ ଆସୋସିଏଶନ ସଭାପତି ରବିନାରାୟଣ ଶତପଥୀ, ଗୁରୁଦ୍ୱାରର ମୁଖ୍ୟ ସୁକଦେବ ସିଂହ, ବିଜୟ ସାହୁ, ରବୀନ୍ଦ୍ର ପ୍ରସାଦ ତ୍ରିପାଠୀ, ଇଂ. ସୁବ୍ରତ ଘଡାଇ ପ୍ରମୁଖ ଉପସ୍ଥିତ ରହି ନୀଳମଣିଙ୍କ ଜୀବନୀ ଉପରେ ପର୍ଯ୍ୟବସିତ 'ବାପାଙ୍କ ସ୍ମୃତିରେ' ପୁସ୍ତକ ଉନ୍ମୋଚନ କରିଥିଲେ। ଏହି ଅବସରରେ ଗୀତା, ବାଇବେଲ, କୋରାନ ପାଠ କରାଯାଇଥିଲା।

ସେହିପରି ନୀଳମଣିଙ୍କ ବିୟୋଗରେ ଚୌଦ୍ୱାର ନଗର ବିଜେଡି ପକ୍ଷରୁ ଏକ ଶୋକସଭା ଚୌଦ୍ୱାର କଳାପ୍ରକାଶିନୀ କ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଚୌଦ୍ୱାର ନଗର ବିଜେଡି ସଭାପତି ବିଷ୍ଣୁ ଚରଣ ପରିଡ଼ାଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ପୌରାଧ୍ୟକ୍ଷ ପ୍ରେମଚାନ୍ଦ ନାୟକ ଯୋଗଦେଇଥିଲେ। ବିଜେଡି ଯୁବ ସଭାପତି ଅର୍ଜୁନ ପଣ୍ଡା, ମନୋଜ ମହାନ୍ତି, ଅଜୟ ବେହେରା, ବିମଳ ବେଉରା, ରଞ୍ଜନ ସ୍ୱାଇଁ, ଦିଲ୍ଲୀପ ସାହୁ, ବିଶ୍ୱରଞ୍ଜନ ପ୍ରଧାନ, ଛାତ୍ରନେତା ଭରତ ସାହୁ ପ୍ରମୁଖ ବିଶ୍ୱାଳଙ୍କ ତୈଳଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ସ୍ଥାନୀୟ ଶିଶୁସଦନର ମୁଖ୍ୟ ଦାମୋଦର ସାହୁଙ୍କ ପରିଚାଳନାରେ ପିଲାମାନଙ୍କ ଦ୍ୱାରା ସମୂହ ବେଦ ଆବୃତି, ସର୍ବଧର୍ମ ପ୍ରାର୍ଥନା ଓ ଭକ୍ତି ସଙ୍ଗୀତ ପରିବେଷିତ ହୋଇଥିଲା।


ଲକ୍‌ଡାଉନ ଜାରି ରହିଥିବାବେଳେ ଗୁରୁବାର କଟକ ରାଣୀହାଟ-ବକ୍ସିବଜାର ରାସ୍ତାରେ ଲୋକଙ୍କ ଗହଳି।

# ନବନିର୍ମିତ ରାସ୍ତାରୁ ପିଚୁ ଉଠିବାରୁ ଉତ୍ତେଜନା

ନିଶ୍ଚିନ୍ତକୋଇଲି, ୨୭।୫(ସ୍ୱ.ପ୍ର.)

ବିଜୁ ସଡ଼କ ଯୋଜନାରେ ନିର୍ମିତ ହୋଇଥିବା ଗୋତରା-କାଲୁରିଆ କେନାଲ ବନ୍ଧ ରାସ୍ତା ୧୦ ରୁ୧୫ ଦିନ ମଧ୍ୟରେ ଦବିଯାଇଥିବା ବେଳେ ବିଭିନ୍ନ ସ୍ଥାନରୁ ପିଚୁ ଉଠିଯାଇଛି। କଟକ ଜିଲା ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଏହି ରାସ୍ତା ନିର୍ମାଣ କରାଯାଇଥିଲା। ମାତ୍ର ନିମ୍ନମାନର କାମ ପାଇଁ ସ୍ଥାନୀୟ ଲୋକେ ଗୁରୁବାର ସେଠାରେ ପହଞ୍ଚି ପାଟିତୁଣ୍ଡ କରିଥିଲେ। ଏ ବିଷୟରେ ସେମାନେ ଟୁଇଟ ଯୋଗେ ବିଭାଗୀୟ ସଚିବ ପ୍ରଦୀପ ଜେନାଙ୍କ ସୂଚନା ଦେଇଥିଲେ। ଏହାପରେ ୭୨ ଘଣ୍ଟା ମଧ୍ୟରେ ଘଟଣାର ତଦନ୍ତ କରି ରିପୋର୍ଟ ଦେବାକୁ ଜେନା ଟୁଇଟ ଯୋଗେ ନିର୍ଦ୍ଦେଶ ଦେଇଛନ୍ତି। ବିଭାଗୀୟ ସଚିବଙ୍କ ତାଗିଦ୍ ପରେ ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀ ଯନ୍ତ୍ରୀ ସନ୍ତୋଷ ମିଶ୍ର, ସହକାରୀ ନିର୍ବାହୀ ଅଧିକାରୀ ସତ୍ୟଜିତ୍ ଦଳାଇ ଓ ଯନ୍ତ୍ରୀ କ୍ଷିତୀଶ କୁମାର ପ୍ରଧାନ ଘଟଣାସ୍ଥଳକୁ ଯାଇ ତଦନ୍ତ କରିବା ସହ ନଷ୍ଟ ହୋଇଥିବା ରାସ୍ତାର ପୁନରୁଦ୍ଧାର କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏହାପରେ ଉତ୍ତେଜନା ହ୍ରାସ ପାଇଛି। ସୂଚନାଯୋଗ୍ୟ, କିଛିଦିନ ପୂର୍ବେ ଏହି କେନାଲ ବନ୍ଧ ରାସ୍ତାର ଉନ୍ନତୀକରଣ କାର୍ଯ୍ୟ ଶେଷ ହୋଇଛି। ଏନେଇ ୨କୋଟି ୫୦ ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଥିଲା। ସମ୍ପୃକ୍ତ ଠିକାଦାର ମନମୁଖିଭାବେ ନିମ୍ନମାନର କାମକରି ତରବରିଆ ଭାବେ କାର୍ଯ୍ୟ ଶେଷ କରି ଦେଇଥିଲା। ଫଳରେ ନିର୍ମାଣ ହେବାର ମାତ୍ର ଅଳ୍ପଦିନ ଭିତରେ ରାସ୍ତା ଖରାପ ହୋଇଯାଇଥିଲା। ଏ ସମ୍ପର୍କରେ ନିର୍ବାହୀ ଯନ୍ତ୍ରୀ ସନ୍ତୋଷ ମିଶ୍ର କୁହନ୍ତି, ରାସ୍ତା ଖରାପ ହୋଇଥିବା ନେଇ ଦେଖିବା ପରେ ସମ୍ପୃକ୍ତ ଠିକାଦାରଙ୍କୁ ମରାମତି ପାଇଁ ନିର୍ଦ୍ଦେଶ ଦିଆଯାଇଛି।


ଫାଟିଯାଇଥିବା ରାସ୍ତା।

- ୭୨ ଘଣ୍ଟାରେ ରିପୋର୍ଟ ଦେବାକୁ ବିଭାଗୀୟ ସଚିବଙ୍କ ନିର୍ଦ୍ଦେଶ
- ରାସ୍ତାର ପୁନରୁଦ୍ଧାର କରିବାକୁ ପ୍ରତିଶ୍ରୁତି

**ଖଣି ମାଫିଆ ଗିରଫ**

ଟାଙ୍ଗୀ(ଖୋର୍ଦ୍ଧା), (ଡି.ଏନ୍.ଏ.): ଚାନ୍ଦପୁର ଥାନା ଅଞ୍ଚଳରେ ଖଣି ମାଫିଆଙ୍କୁ ଧରିବା ପାଇଁ ସ୍ଥାନୀୟ ପୋଲିସ ଚଢ଼ାଉ ଆରମ୍ଭ କରିଛି। ପୋଲିସ ଚଢ଼ାଉ କରି ମୟୂରଝାଲିଆ ଗ୍ରାମର ଅମରେନ୍ଦ୍ର ନାୟକ ଓରଫ ଅନିକୁ ଗିରଫ କରିଛି। ଏନେଇ ଥାନାରେ ଏକ ମାମଲା (ନଂ.୭୦/୨୧) ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟଚାଲଣ କରାଯାଇଛି।

## ସଂକ୍ଷେପରେ

### ଶ୍ରୀଲିଙ୍ଗରାଜଙ୍କ ଦୁଇ ଦିନ ଚାପ ବନ୍ଦ ନେଇ ଅସନ୍ତୋଷ

**ପୁରୁଣା ଭୁବନେଶ୍ୱର,୨୭।୫(ଡି.ଏନ୍.ଏ):** ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ୯୦୦ ବର୍ଷର ପରମ୍ପରା ହାଣ୍ଡିଭଙ୍ଗା ଯାତ୍ରା ବନ୍ଦ ପରେ ଚଳିତବର୍ଷ ଚନ୍ଦନ ଯାତ୍ରାର ଚାପକ୍ରୀଡ଼ା ଦୁଇ ଦିନ ବନ୍ଦ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଶ୍ରୀଜୀଉଙ୍କ ଚନ୍ଦନଯାତ୍ରା ଅକ୍ଷୟତୃତୀୟାଠାରୁ ୨୨ଦିନ ଧରି ଚାଲିଥାଏ। ପ୍ରତ୍ୟହ ଠାକୁର ବିନ୍ଦୁସାଗରରେ ଚାପ ଡଙ୍ଗାରେ ଭଉଁରି ଖେଳିଥାନ୍ତି। ମନ୍ଦିର ପ୍ରଶାସନ ଗତ ମଙ୍ଗଳବାର ଓ ବୁଧବାର ଏହି ଚାପକ୍ରୀଡ଼ା ବନ୍ଦ କରିବାରୁ ୧୦୦ବର୍ଷର ପରମ୍ପରାରେ ବ୍ୟତିକ୍ରମ ସୃଷ୍ଟି ହୋଇଛି। ଏହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ଦେଖାଦେଇଛି। ତେବେ ଗୁରୁବାରଠାରୁ ପୁନଃ ଶ୍ରୀଜୀଉଙ୍କ ଚାପକ୍ରୀଡ଼ା ଆରମ୍ଭ ହୋଇଛି। ତେବେ ଅତୀତରେ ଝଡ଼ବର୍ଷା ହୋଇଥିଲେ ମଧ ଚାପ ଡଙ୍ଗାରେ ଠାକୁର ବିଜେ ହୋଇ ମଠଘାଟରୁ ସ୍ୱମନ୍ଦିରକୁ ଫେରିଥାନ୍ତି। ମନ୍ଦିର ପ୍ରଶାସନ ଏହି ପରମ୍ପରାକୁ କିପରି ଭଙ୍ଗ କଲେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏନେଇ ଲିଙ୍ଗରାଜ ମନ୍ଦିର ଟ୍ରଷ୍ଟ ବୋର୍ଡ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ଦାଶ କହିଛନ୍ତି, ବାତ୍ୟା ୟାସ୍ ପାଇଁ ୨ଦିନ ଚାପକ୍ରୀଡ଼ା ବନ୍ଦ କରାଯାଇଥିଲା। ପୂଜାପଣ୍ଡା ନିଯୋଗ ବରିଷ୍ଠ ସେବାୟତ କାଶୀନାଥ ପୂଜାପଣ୍ଡା କୁହନ୍ତି, ମୋର ୬୫ ବର୍ଷ ସେବାରେ କେବେ ଚାପକ୍ରୀଡ଼ା ବନ୍ଦ ହୋଇନଥିଲା। ମଠଘାଟରେ ଦିଅଁ ବିଜେ ପରେ ଝଡ ପବନରେ ଚାପଡଙ୍ଗା ଉତ୍ତରେଶ୍ୱର ଘାଟକୁ ଚାଲିଯାଏ। ଚାପଡଙ୍ଗା ମଧ ଅତୀତରେ ବୁଡିଯାଇଛି। ଉଠାଯାଇ ଚାପ ହୋଇଛି। ଚନ୍ଦ୍ରଗ୍ରହଣରେ ମଧ ଚାପ ହୋଇ ପାରିଥାନ୍ତା। ନୀତିକାନ୍ତି ଏବେ ସରକାରଙ୍କ ହାତରେ, ଯାହା ହେବ। ବଡୁ ନିଯୋଗ ସମ୍ପାଦକ କମଳାକାନ୍ତ ବଡୁ କୁହନ୍ତି, ଭିତରେ ଚନ୍ଦନ ହେଲେ ମଧ ଠାକୁର ବିଜେ ହୋଇ ମଠଘାଟରେ ଚାପଡଙ୍ଗାରେ ବସି ନୀତିକାନ୍ତି ପରେ ପରେ ଫେରି ଯାଇପାରିଥାନ୍ତେ। ଏହା ଦ୍ୱାରା ପରମ୍ପରାରେ ବ୍ୟତିକ୍ରମ ହୋଇଛି। କାହା ପାଇଁ ନୀତି କାର୍ଯ୍ୟ ବନ୍ଦ ହେଲା ତାହାର ତଦନ୍ତ କରାଯାଉ।

### ରାସ୍ତାରୁ ହଟିଲା ଗଛଡାଳ

**କୃଷ୍ଣପ୍ରସାଦ,୨୭।୫(ଡି.ଏନ୍.ଏ.):** ମାଲୁଦରୁ ସିଆଳ ଏବଂ କୃଷ୍ଣପ୍ରସାଦରୁ ଜହ୍ନିକୁଦା ପର୍ଯ୍ୟନ୍ତ ରାସ୍ତାର ଦୁଇ ପାର୍ଶ୍ୱରେ ବିଭିନ୍ନ କଣ୍ଟାଗଛ ଝୁଲି ରହିଥିଲା। ଫଳରେ ଲୋକେ ଯାତାୟାତ ବେଳେ ହଇରାଣ ହେଉଥିଲେ। ପୂର୍ତ୍ତ ବିଭାଗ ଯନ୍ତ୍ରୀ ସଞ୍ଜୟ କୁମାର ଗିରି, ପାରିକୁଦ ବନରକ୍ଷୀ ସୁଜିତ ବେହେରାଙ୍କ ଉଦ୍ୟମରେ ସମସ୍ତ କର୍ମକର୍ତ୍ତାଙ୍କ ସହଯୋଗରେ ଜେସିବି ମାଧମରେ ତିଛିଣି ଗ୍ରାମ ନିକଟରୁ ତିନିଛକ ଏବଂ ତିନିଛକଠାରୁ ବଡ଼ଘାଇ ଶଙ୍ଖ ଯାଏ କଣ୍ଟାଗଛର ଡାଳକୁ କଟାଯାଇଥିଲା। ଏହି ଉଦ୍ୟମ ମାଲୁଦରୁ ଜହ୍ନିକୁଦା ପର୍ଯ୍ୟନ୍ତ କରାଯିବ ବୋଲି ଯନ୍ତ୍ରୀ ଗିରି କହିଛନ୍ତି। କାର୍ଯ୍ୟକ୍ରମରେ ବନବିଭାଗ କର୍ମଚାରୀ ନୂଆପଡା ବନରକ୍ଷୀ ଅନିଲ ସାହୁ, ସନ୍ତୋଷ ସେଠୀ, ଭିକାରୀ ଚରଣ ପଲେଇ, ରବୀନ୍ଦ୍ର ଜେନା, ସନ୍ୟାସୀ ପରିଡା ପ୍ରମୁଖ ସହଯୋଗ କରିଥିଲେ।

### ଧଳା କାଉ ଉଦ୍ଧାର



**ଖୋର୍ଦ୍ଧା ଅଫିସ,୨୭।୫:** ଖୋର୍ଦ୍ଧା ବନବିଭାଗ ମଲ୍ଲିପଡା ଅଞ୍ଚଳରୁ ଏକ ବିରଳ ପ୍ରଜାତିର ଧଳା କାଉ ଗୁରୁବାର ଉଦ୍ଧାର କରିଛନ୍ତି। ବନ କାର୍ଯ୍ୟାଳୟରେ କାଉକୁ ରଖାଯାଇଛି। ଏହାର ଉପର ଅଂଶ କଳା ରଙ୍ଗ ଏବଂ ତଳଅଂଶ ପର ଭାଗ ଧଳା ରହିଛି। ପ୍ରକାଶ ଯେ, ମଲ୍ଲିପଡାର କେତେଜଣ ଗ୍ରାମବାସୀ ଏହି କାଉକୁ ଉଦ୍ଧାର କରି ବନ ବିଭାଗକୁ ଜଣାଇଥିଲେ। ଏକ ଟିମ୍ ପହଞ୍ଚି କାଉକୁ ଉଦ୍ଧାର କରି ବନ କାର୍ଯ୍ୟାଳୟରେ ରଖାଯାଇଥିବା ବନ ଅଧିକାରୀ ଅସିତ ମିଶ୍ର କହିଛନ୍ତି।

# ଯୁବକଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା

**ନୟାଗଡ଼ ଅଫିସ/ଟାଙ୍ଗୀ(ଖୋର୍ଦ୍ଧା) ୨୭।୫(ଡି.ଏନ୍.ଏ.):**

■ କୋଭିଡ୍ ହସ୍ପିଟାଲରେ ଚିକିତ୍ସା ଅବହେଳା ଅଭିଯୋଗ

■ ବାପାଙ୍କୁ କୁହାଗଲା ନାହିଁ ପୁଅର ମୃତ୍ୟୁ ଖବର



ମୃତ ଯଶୋବନ୍ତ ଜେନା।

ନୟାଗଡ଼ ଜିଲା ରଣପୁର ବ୍ଲକ ଚାନ୍ଦପୁରସ୍ଥିତ କୋଭିଡ୍ ହସ୍ପିଟାଲରେ ବୁଧବାର ଜଣେ ଯୁବକଙ୍କ ମୃତ୍ୟୁକୁ ନେଇ ଗୁରୁବାର ଉତ୍ତେଜନା ପ୍ରକାଶ ପାଇଥିଲା। ମୃତକ ହେଲେ ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅଧୀନ କୁହୁଡି ଲକ୍ଷ୍ମୀଧରପୁର ଗାଁର ଯଶୋବନ୍ତ ଜେନା (୨୦)। ଏହି ଘଟଣା ପରେ ଚାନ୍ଦପୁର ଥାନା ପୋଲିସ ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷେ ଯଶୋବନ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ଜାଣିବା ପାଇଁ ତାଙ୍କ ବାପା, ମାଆ, ଭାଇ ଓ ପିଇସୀ ବୁଧବାର ଅପରାହ୍ନରେ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ଫେରିଥିଲେ। ଏହାର ୨ ଘଣ୍ଟା ପରେ ଯଶୋବନ୍ତଙ୍କ ମୃତ୍ୟୁ ଖବର ହସ୍ପିଟାଲ କର୍ତ୍ତୃପକ୍ଷ ତାଙ୍କ ପିଇସୀଙ୍କୁ ଜଣାଇଥିଲେ। ଏପରି ଦୁଃଖଦ ଖବର ହସ୍ପିଟାଲ କର୍ତ୍ତୃପକ୍ଷ ଯଶୋବନ୍ତଙ୍କ ବାପାଙ୍କୁ ନ ଜଣାଇବା ଘଟଣା ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଏ ସଂକ୍ରାନ୍ତରେ ଯଶୋବନ୍ତଙ୍କ ବାପା ଯଦୁମଣି ଜେନା କୁହନ୍ତି, ପୁଅ ଗତ ୨୩ ତାରିଖରେ ଅସୁସ୍ଥ ଅନୁଭବ କରିବାରୁ ଟାଙ୍ଗୀ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଙ୍କ କୋଭିଡ୍ ଟେଷ୍ଟ କରାଯାଇଥିଲା। ରିପୋର୍ଟ ପଜିଟିଭ୍ ଆସିବା ପରେ ତାଙ୍କୁ ସ୍ଥାନୀୟ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅକ୍ସିଜେନ ନ ଥିବା ଦର୍ଶାଇ ତାଙ୍କୁ ଚାନ୍ଦପୁର କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଦିନ ରାତି ୧୨.୧୫ରେ ଯଶୋବନ୍ତ ଫୋନ କରି ବାପା ମୁଁ ଏବେ ଚାନ୍ଦପୁର କୋଭିଡ୍ ହସ୍ପିଟାଲରେ ଅଛି। ଏଠାରେ ଭଲ ସେବା ମିଳୁ ନାହିଁ। ମୋତେ ସେମାନେ ମାରିଦେବେ। ଏଠାରୁ ମୋତେ ନେଇଯାଅ ବୋଲି କହିଥିଲେ। ଏହା ପରେ ସେ ଆଉ ଫୋନ ଉଠାଇଲେ ନାହିଁ। ସେହି କଲ୍ ମୋ ପାଖରେ ଏଯାବତ୍ ରେକର୍ଡ ଅଛି। ଏଭଳିସ୍ଥଳେ ଆମେ ପ୍ରତିଦିନ ଡାକ୍ତରଙ୍କ ସହ ଯୋଗାଯୋଗ ରଖିଥିଲୁ। ପୁଅ ସହିତ ଫୋନ୍‌ରେ କଥାବାର୍ତ୍ତା କରିବାକୁ ବାରମ୍ବାର ଅନୁରୋଧ କରିଛୁ। ଡାକ୍ତର ହଁ କରିଥିଲେ। ହେଲେ କେବେ ବି କଥାବାର୍ତ୍ତା କରାଇବାର ସୁଯୋଗ ଦେଲେ ନାହିଁ। ପୁଣି ପୁଅର ମୃତ୍ୟୁ ଖବର ମୋତେ ଜଣାଇଲେ ନାହିଁ। ପୁଅର ମୃତ୍ୟୁ ଖବର ଆମେ ଅନ୍ୟ ଲୋକଙ୍କଠାରୁ ଶୁଣିଲୁ। ଚିକିତ୍ସା ଅବହେଳା ଯୋଗୁ ମୋ ପୁଅର ମୃତ୍ୟୁ ଘଟିଲା ବୋଲି ସେ କହିଛନ୍ତି।

ଯଶୋବନ୍ତଙ୍କ ପିଉସୀ ମଞ୍ଜୁଲତା ଇନ୍ଦ୍ରଜିତ କୁହନ୍ତି, ୨୬ ତାରିଖ ଅପରାହ୍ନ ସାଢ଼େ ୧ଟାରେ ମୁଁ ଅନ୍ୟମାନଙ୍କ ସହ ଚାନ୍ଦପୁର ହସ୍ପିଟାଲକୁ ଯାଇଥିଲି। ସେଠାରେ ଯଶୋବନ୍ତଙ୍କ ସହ ଫୋନ୍‌ରେ କଥାବାର୍ତ୍ତା ହେବାକୁ ଅନୁରୋଧ କରିଥିଲୁ। ହେଲେ ହସ୍ପିଟାଲ କର୍ତ୍ତୃପକ୍ଷ ସେ ସୁଯୋଗ ଦେଲେ ନାହିଁ। ଡାକ୍ତର କହିଥିଲେ, ମଙ୍ଗଳବାର ଅପେକ୍ଷା ବୁଧବାର ଯଶୋବନ୍ତ ଭଲ ଅଛି। ତେବେ ଫୁସ୍‌ଫୁସ୍ ଇନ୍‌ଫେକ୍ସନ ଅଛି। ସିଟି ସ୍କାନ୍ ମେଶିନ୍ ନ ଥାଇ ଆପଣ କିପରି ଜାଣିଲେ, ଆମକୁ ରିପୋର୍ଟ ଦରକାର ବୋଲି କହିଥିଲୁ। ଡାକ୍ତର କହିଥିଲେ, କୋଭିଡ୍ ରୋଗୀଙ୍କ ରିପୋର୍ଟ ଦେଇହେବନି। ଯଶୋବନ୍ତଙ୍କ ଅକ୍ସିଜେନ୍ ମାତ୍ରା ୮୦ ଓ ୮୪ ଅଛି। ରକ୍ତଚାପ ବି ନର୍ମାଲ ଅଛି। ଆମେ କିଛି ଯୁକ୍ତିତର୍କ ନ କରି ଘରକୁ ଫେରିଲୁ। ହେଲେ ଅପରାହ୍ନ ସାଢ଼େ ୩ଟାରେ ମୋତେ ଫୋନ୍‌ରେ କୁହାଗଲା ୨୬ ତାରିଖ ଅପରାହ୍ନ ୩.୧୦ରେ ତୁମ ପୁତୁରାଙ୍କ ମୃତ୍ୟୁ ଘଟିଛି। ଏହି ଘଟଣାର ତଦନ୍ତ ହେବା ଦରକାର ବୋଲି ସେ କହିଛନ୍ତି।

ଏନେଇ କୋଭିଡ୍ ହସ୍ପିଟାଲର ଇନ୍‌ଚାର୍ଜ ପ୍ରତାପ ଚିନ୍ନାରାଙ୍କୁ ପଚାରିବାରୁ ସେ କିଛି ନ କହି ଅଭିଯୋଗକୁ ଏଡାଇ ଯାଇ ଥିଲେ। ଚାନ୍ଦପୁର ସାମାଜିକ କର୍ମୀ ମନୋଜ ଦାସ କୁହନ୍ତି, ଚାନ୍ଦପୁର କୋଭିଡ୍ ହସ୍ପିଟାଲକୁ ଡାକ୍ତର ରାତି ୮ଟାରେ ଆସି ୨ ଘଣ୍ଟା ରହି ଚାଲିଯାଉଛନ୍ତି। ହସ୍ପିଟାଲ ଭିତରେ ଚାଲିଥିବା ଅବ୍ୟବସ୍ଥା ସମ୍ପର୍କରେ ଜଣାପଡୁଥିଲେ ହେଁ କିଛି କରି ହେଉ ନାହିଁ। ସୂଚନାଯୋଗ୍ୟ, ଗତ ୨୬ ତାରିଖ ଦିନ ଏହି ହସ୍ପିଟାଲରେ ୮ଜଣଙ୍କ ମୃତ୍ୟୁ ଘଟିଛି।



ଭାରତୀୟ ନୌସେନା ଚିଲିକା ଶାଖା ପକ୍ଷରୁ ଗୁରୁବାର ବାତ୍ୟାରେ କ୍ଷତିଗ୍ରସ୍ତ ଜଣେ ମହିଳାଙ୍କୁ ରିଲିଫ ସାମଗ୍ରୀ ପ୍ରଦାନ କରାଯାଉଛି।

## ଆଜି ୧୪ କେନ୍ଦ୍ରରେ ୨ୟ ଡୋଜ୍

**ଖୋର୍ଦ୍ଧା ଅଫିସ,୨୭।୫**

ଖୋର୍ଦ୍ଧା ସବ୍‌ଡିଭିଜନର ୧୪ କେନ୍ଦ୍ରରେ ଶୁକ୍ରବାର ୨୭୦୦ଜଣ ୨ୟ ଡୋଜ୍ ଟିକା ନେବେ। ଖୋର୍ଦ୍ଧା ବ୍ଲକର ପି.ଏନ୍. କଲେଜରେ ୧୩୦୦ଜଣଙ୍କ ଟିକାକରଣ କରାଯିବ। ମଳିପଡା ପିଏଚ୍‌ସି, ଟାଙ୍ଗୀ ସିଏଚ୍‌ସି, ଭୂଷଣପୁର ପିଏଚ୍‌ସି, ଓଲସିଂ ପିଏଚ୍‌ସି, ବେଗୁନିଆ ବ୍ଲକର କଣ୍ଟାବାଡ ପିଏଚ୍‌ସି (ନୂତନ), ବୋଲଗଡ ବ୍ଲକ ବାଙ୍କେଇ ହାଇସ୍କୁଲ, ମାଣିକାଗୋଡ଼ା ପିଏଚ୍‌ସି, ଗୌଡ ନୂଆଗାଁ ପିଏଚ୍‌ସି ଏବଂ ପିଚୁକୁଳି ହାଇସ୍କୁଲ, ବାଣପୁର ବ୍ଲକର ବାଣପୁର ବାଳକ ହାଇସ୍କୁଲ, ଚିଲିକା ବ୍ଲକର ବାଲୁଗାଁ ହାଇସ୍କୁଲ, ନଇରୀ ପିଏଚ୍‌ସି ଓ ଜରିପଡ଼ା ପିଏଚ୍‌ସିରେ ଶହେ ଜଣ ଲେଖାଏଙ୍କୁ ଟିକା ଦିଆଯିବ। ପ୍ରଥମ ଡୋଜ ଟିକା ନେବାର ୮୪ଦିନ ଅତିକ୍ରାନ୍ତ କରିଥିବା ବ୍ୟକ୍ତି ଏହି ଟିକା ନେଇପାରିବେ। ସେହିପରି ଏହି ଉପଖଣ୍ଡ ଅନ୍ତର୍ଗତ ୧୪ଟି କେନ୍ଦ୍ରରେ କୋଭିଡ ପରୀକ୍ଷା ଜାରି ରହିବ। ଏହି କେନ୍ଦ୍ରଗଡ଼ିକ ହେଲା ବେଗୁନିଆ ବ୍ଲକର ହଜ ପିଏଚ୍‌ସି (ନୂତନ), ବେଗୁନିଆ ଆଦର୍ଶ ବିଦ୍ୟାଳୟ, ବୋଲଗଡ଼ ବ୍ଲକର ଗୋବର୍ଦ୍ଧନପୁର ପ୍ରାଥମିକ ବିଦ୍ୟାଳୟ, କଲାଙ୍ଗ ଓ ମଣିବନ୍ଧ ପିଏଚ୍‌ସି (ନୂତନ), ଖୋର୍ଦ୍ଧା ମେଡିକାଲ, ବାଜପୁର ପିଏଚ୍‌ସି, ଶ୍ରଦ୍ଧାପୁର ଓତରଡୁଆ, ମୋବାଇଲ ଟିମ, ଟାଙ୍ଗୀ ସିଏଚ୍‌ସି, ବାଣପୁର ସିଏଚସି, ଭାଟପଡା ଗ୍ରାମ, ଚିଲିକା ଏନ୍‌ଏସି ଅଡିଟୋରିୟମ ହଲ, ସୋରଣ ପ୍ରାଥମିକ ବିଦ୍ୟାଳୟ ଏବଂ ମଣିସିଙ୍ଗପୁର କାଳିଜାଇ ୟୁଜିଏମ୍‌ଇ ସ୍କୁଲ ପ୍ରଭୃତି।

## ୩ ଗାଁ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ୍

**ଖୋର୍ଦ୍ଧା ଅଫିସ,୨୭।୫**

ଚିଲିକା ବ୍ଲକ ୨ଟି ପଞ୍ଚାୟତର ୩ ଗ୍ରାମକୁ ୧୦ଦିନ ପର୍ଯ୍ୟନ୍ତ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଛି ବୋଲି ଉପଜିଲାପାଳ ଅଶୋକ ବେହୁରିଆ କହିଛନ୍ତି। ଜରିପଡ଼ା ପଞ୍ଚାୟତର ମାଟିଆପଡ଼ା, ବଡକୁଳ ପଞ୍ଚାୟତର ରାଉତରାପଲ୍ଲୀ ଓ ଖଡିକାପଲ୍ଲୀ ଗ୍ରାମ ପ୍ରଭୃତି ରହିଛି। ଏହି ଗ୍ରାମର ସଂକ୍ରମିତ ପରିବାରର ଆଖପାଖ ଅଞ୍ଚଳକୁ ଗୁରୁବାରଠାରୁ ଆସନ୍ତା ଜୁନ ୫ ତାରିଖ ପର୍ଯ୍ୟନ୍ତ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ଏହି ଅଞ୍ଚଳରେ ରହୁଥିବା ପରିବାର ବାହାରକୁ ଯିବେ ନାହିଁ, କି ବାହାର ଲୋକ ଏହି ଅଞ୍ଚଳକୁ ଆସିବେ ନାହିଁ। ସ୍ଥାନୀୟ ପ୍ରଶାସନ ପକ୍ଷରୁ ସମସ୍ତ ସେବା ଯୋଗାଇ ଦିଆଯିବ।



ପୁରୀ: ରଥଖଳା ପରିସରରେ ଗୁରୁବାର ତୁମ୍ବରେ ପଇ ସଂଯୋଗ ପାଇଁ ମୁଖ୍ୟ ମହାରଣାଙ୍କ ଦ୍ୱାରା ପଇ ଅନୁକୂଳ କରାଯାଉଛି।

## ଆଶ୍ରୟସ୍ଥଳ ଫେରନ୍ତାଙ୍କ ପାଇଁ ସଂକ୍ରମଣ ବୃଦ୍ଧି ଆଶଙ୍କା

**ଖୋର୍ଦ୍ଧା ଅଫିସ,୨୭।୫**

ବାତ୍ୟା 'ୟାସ୍' ପରବର୍ତ୍ତୀ ସମୟରେ ସମ୍ପ୍ରତି ଖୋର୍ଦ୍ଧା ଜିଲାରେ କରୋନା ସଂକ୍ରମଣ ପୁଣି ବଢିବା ଆଶଙ୍କା ରହିଛି। ସମ୍ଭାବ୍ୟ ବାତ୍ୟା ମୁକାବିଲା ଲାଗି ଜିଲା ପ୍ରଶାସନ ପକ୍ଷରୁ ପ୍ରାୟ ୯୭୪୭ ଜଣଙ୍କୁ ୨୨୫ଟି ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ଅଧିକାଂଶ ଆଶ୍ରୟସ୍ଥଳରେ ଲୋକେ କୋଭିଡ୍ ଗାଇଡ୍‌ଲାଇନକୁ ଭୁଲିଯାଇଥିଲେ। ଅନେକଙ୍କ ମୁହଁରେ ମାସ୍କ ନ ଥିବାବେଳେ ସାମାଜିକ ଦୂରତା ନ ଥିବା ଦେଖିବାକୁ ମିଳିଥିଲା। ତେଣୁ ଆଗାମୀ ଦିନରେ କରୋନା ସଂକ୍ରମଣ ବଢିବା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ସମ୍ପୃକ୍ତ ଅଞ୍ଚଳରେ ସ୍ୱତନ୍ତ୍ର ଡ୍ରାଇଭ ମାଧମରେ କୋଭିଡ୍ ପରୀକ୍ଷା ଏବଂ ସ୍ୱାସ୍ଥ୍ୟ ସର୍ବେକ୍ଷଣକୁ ଗୁରୁତ୍ୱ ଦେବାକୁ ପିସିସି ସଭ୍ୟ ଶିଶିର କୁମାର ପରିଡ଼ା କହିଛନ୍ତି।

## ଗୋରୁ ବୋଝେଇ ପିକ୍‌ଅପ୍ ଜବତ, ୨ ଗିରଫ

**ଖୋର୍ଦ୍ଧା ଅଫିସ,୨୭।୫**



ବାଘମାରୀ ପୋଲିସ ବୁଧବାର ବିଳମ୍ବିତ ରାତିରେ ଏକ ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ ଜବତ କରିଛି। ୪ଟି ଗୋରୁ ଉଦ୍ଧାର କରିବା ସହ ୨ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ଡ୍ରାଇଭର ବାଣପୁରର ହେମନ୍ତ ପ୍ରଧାନ (୨୮) ଏବଂ ଗୋରୁ ବ୍ୟବସାୟୀ କେରଙ୍ଗର ଇଲିଆସ ମହମ୍ମଦ (୪୫)। ଉଦ୍ଧାର ଗୋରୁଙ୍କୁ ଭୁବନେଶ୍ୱର ସିଜୁଆସ୍ଥିତ ଗୋଶାଳାକୁ ପଠାଇ ଦିଆଯାଇଥିବା ଥାନା ଅଧିକାରୀ ଅର୍ଚ୍ଚନା ମଲ୍ଲିକ କହିଛନ୍ତି। ସୂଚନା ମୁତାବକ, ବୁଧବାର ବିଳମ୍ବିତ ରାତିରେ ପିକ୍‌ଅପ୍ ଭ୍ୟାନ (ଓଡି ୦୫ ଏଇ ୮୪୩୦) ବାଣପୁରରୁ ଖୋର୍ଦ୍ଧା ଅଭିମୁଖେ ଯାଉଥିବା ଖବରପାଇ ପୋଲିସ ଅଟ୍ରି ଛକରେ ଗାଡ଼ିକୁ ଅଟକାଇଥିଲା। ପରେ ପିକ୍‌ଅପ୍‌କୁ ଜବତ କରିବା ସହ ଗୋରୁଙ୍କୁ ଉଦ୍ଧାର କରିଥିଲା। ଏନେଇ ଥାନାରେ ଏକ ମାମଲା (ନଂ.୩୬/୨୧) ରୁଜୁ ହୋଇଛି।

# ଆଜିଠୁ ସହରର ୭ କେନ୍ଦ୍ରରେ ଟିକା

**ଖୋର୍ଦ୍ଧା ଅଫିସ,୨୭।୫**

କରୋନା ସଂକ୍ରମଣ ରୋକିବା ଲାଗି ସରକାର ଟିକାକରଣ ଉପରେ ଗୁରୁତ୍ୱ ଦେଉଛନ୍ତି। ଶୁକ୍ରବାରଠାରୁ ଖୋର୍ଦ୍ଧା ସହରରେ ୧୮ରୁ ୪୪ ବର୍ଷ ଯୁବବର୍ଗଙ୍କୁ ଟିକାଦାନ ଆରମ୍ଭ ହେବ। ୭ଟି କେନ୍ଦ୍ରରେ ଏହି ଟିକା ଦିଆଯିବ। ଗୁରୁବାର ଏନେଇ ଖୋର୍ଦ୍ଧା ପୌର ପରିଷଦ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ଟିକାକରଣ ଶୁକ୍ରବାରଠାରୁ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଟିକାଦାନ ସକାଳ ୮ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଜାରି ରହିବ। ଏହି କେନ୍ଦ୍ରଗୁଡିକ ହେଉଛି, ବ୍ଲକ ଆରଇଓ ୟୁପି ସ୍କୁଲ (ୱାର୍ଡ ନଂ. ୫, ୬ ଓ ୮), ଗଡ଼ଖୋର୍ଦ୍ଧା ୟୁପି ସ୍କୁଲ (ୱାର୍ଡ ନଂ. ୪ ଓ ୭), ଖୋର୍ଦ୍ଧା ପ୍ରୋଜେକ୍ଟ ୟୁପି ସ୍କୁଲ (ୱାର୍ଡ ନଂ. ୧୩, ୧୪ ଓ ୨୦), ଗୁରୁଜଙ୍ଗ ହାଇସ୍କୁଲ (ୱାର୍ଡ ନଂ. ୧୬, ୧୭, ୧୮ ଓ ୧୯), ପ୍ରାକ୍ଟିସିଂ ୟୁଜିଏମ୍‌ଇ ସ୍କୁଲ (ୱାର୍ଡ ନଂ. ୧୧, ୧୨ ଓ ୧୫) ଏବଂ ପି.ଏନ୍. କଲେଜ (ୱାର୍ଡ ନଂ. ୧, ୨, ୩, ୨୧ ଓ ୨୨)ରେ ବାସିନ୍ଦା ଟିକା ନେବା ଲାଗି ବ୍ୟବସ୍ଥା ହୋଇଛି। ସମସ୍ତ ଟିକାକରଣ କେନ୍ଦ୍ରରେ ପୌର କର୍ମଚାରୀ ଦାୟିତ୍ୱରେ ରହିଛନ୍ତି। ୱାର୍ଡ ନମ୍ବର ୯ ଓ ୧୦ ର ଯୁବବର୍ଗ ଖୋର୍ଦ୍ଧା ମେଡିକାଲରେ ଟିକା ନେବେ ବୋଲି ପୌର ନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଶତପଥୀ କହିଛନ୍ତି। ପୂର୍ବରୁ ସ୍ଲଟ ବୁକିଂ କରିଥିବା ଯୁବବର୍ଗଙ୍କ ତାଲିକା ସିଡିଏମ୍‌ଓ ଅଫିସ ପକ୍ଷରୁ ପ୍ରସ୍ତୁତ ସରିଛି। ୱାର୍ଡ ବାସିନ୍ଦାଙ୍କ ସୁବିଧା ଏବଂ ଶୃଙ୍ଖଳିତ ଟିକାକରଣ ଦୃଷ୍ଟିରୁ ପୌର ପ୍ରଶାସନ ପକ୍ଷରୁ ୱାର୍ଡ ୱାରି ବ୍ୟବସ୍ଥା କରାଯାଇଛି ବୋଲି ଶତପଥୀ କହିଛନ୍ତି। ଏଥିସହ ଜିଲାର ସମସ୍ତ ବ୍ଲକରେ ଟିକାକରଣ ଜାରି ରହିଛି ବୋଲି ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି।

### ଗ୍ରାମାଞ୍ଚଳରେ ୫୭ ଆକ୍ରାନ୍ତ, ୩୦୯ ସୁସ୍ଥ

ଖୋର୍ଦ୍ଧା ଗ୍ରାମାଞ୍ଚଳରେ ବୁଧବାର ୪୯୫ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ଗୁରୁବାର ସଂକ୍ରମଣ ସଂଖ୍ୟା କମିଛି। ଗତ ୨୪ ଘଣ୍ଟାରେ ୫୭ ପଜିଟିଭ୍ ଚିହ୍ନଟ ଏବଂ ୩୦୯ ଜଣ ସୁସ୍ଥ ହୋଇଛନ୍ତି। ଆକ୍ରାନ୍ତଙ୍କ ତୁଳନାରେ ସୁସ୍ଥହାର ବୃଦ୍ଧି ପାଇଛି। ଆକ୍ରାନ୍ତଙ୍କ ମଧ୍ୟରେ ଭୁବନେଶ୍ୱର ବ୍ଲକରୁ ୬, ବାଲିଅନ୍ତାରୁ ୨, ବାଲିପାଟଣାରୁ ୩, ଜଟଣୀରୁ ୧, ବେଗୁନିଆରୁ ୩, ବୋଲଗଡରୁ ୮, ଟାଙ୍ଗୀରୁ ୧୩, ଚିଲିକାରୁ ୧, ବାଣପୁରରୁ ୨ ଏବଂ ଖୋର୍ଦ୍ଧାରୁ ୧୮ଜଣ ରହିଛନ୍ତି। ଗୁରୁବାର ଆକ୍ରାନ୍ତଙ୍କୁ ମିଶାଇ ମୋଟ ୬୯୮୨ ପଜିଟିଭ୍ ଓ ୫୧୪୦ ସୁସ୍ଥ ହୋଇଛନ୍ତି। ୧୮୪୨ ସକ୍ରିୟ ସଂକ୍ରମିତ ଥିବା ଜିଲା ପ୍ରଶାସନ ସୂଚନା ଦେଇଛି।

### ଖୋର୍ଦ୍ଧା ଉପଖଣ୍ଡରେ ସୁସ୍ଥ ହାର ୬୯.୭୨%

**ଖୋର୍ଦ୍ଧା ଅଫିସ,୨୭।୫:** ଖୋର୍ଦ୍ଧା ଉପଖଣ୍ଡରେ କରୋନା ସଂକ୍ରମଣ ନିୟନ୍ତ୍ରଣ ସ୍ଥିତିରେ ରହିଛି। ଗୁରୁବାର ୧୮ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୧୪୬ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ସୁସ୍ଥଙ୍କ ମଧ୍ୟରେ ଖୋର୍ଦ୍ଧା ବ୍ଲକରୁ ୨୪, ବେଗୁନିଆରୁ ୧୪, ବୋଲଗଡ଼ରୁ ୨୫, ଟାଙ୍ଗୀରୁ ୨୪, ଖୋର୍ଦ୍ଧା ସହରରୁ ଜଣେ, ବାଲୁଗାଁ ଏନ୍‌ଏସିରୁ ୬ ଏବଂ ଚିଲିକାରୁ ସର୍ବାଧିକ ୩୬ ଜଣ ରହିଛନ୍ତି। ଗୁରୁବାର ସୁଦ୍ଧା ୩୭୮୮ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୨୬୪୧ ଜଣ ସୁସ୍ଥ ହୋଇଛନ୍ତି। ୧୧୪୭ ସକ୍ରିୟ ଆକ୍ରାନ୍ତ ରହିଛନ୍ତି। ତନ୍ମଧ୍ୟରୁ ୯୯୨ ଘରୋଇ ସଙ୍ଗରୋଧ ଓ ୧୫୩ ଜଣ କୋଭିଡ୍ ହସ୍ପିଟାଲରେ ଚିକିତ୍ସାଧୀନ ରହିଛନ୍ତି। ସୁସ୍ଥ ହାର ୬୯.୭୨% ବୋଲି ଉପଜିଲାପାଳ ଅଶୋକ ବେହୁରିଆ କହିଛନ୍ତି।

## ପର୍ଶୁରାମଙ୍କ ଅବଦାନ ଅତୁଳନୀୟ

**ବାଣପୁର,୨୭।୫(ଡି.ଏନ୍.ଏ.)**

ବିଶିଷ୍ଟ ସାମାଜିକ କର୍ମୀ, ନାଟ୍ୟକାର ତଥା ସ୍ୱାଧୀନତା ସଂଗ୍ରାମୀ ପର୍ଶୁରାମ ହରିଚନ୍ଦନଙ୍କ ୪୪ତମ ଶ୍ରାଦ୍ଧୋତ୍ସବ ଗମ୍ଭାରୀମୁଣ୍ଡାରେ ନିରାଡ଼ମ୍ବର ଭାବେ ପାଳିତ ହୋଇଯାଇଛି। କରୋନା କଟକଣାରେ ଆୟୋଜିତ ସଭାରେ ପର୍ଶୁରାମ ସ୍ମୃତି କମିଟିର ସଭାପତି ଗୋଲଖ ବିହାରୀ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ପର୍ଶୁରାମ ମହାବିଦ୍ୟାଳୟ ଅଧକ୍ଷ ପ୍ରେମରାଜ ପ୍ରଧାନଙ୍କ ସହଯୋଗରେ ପଲ୍ଲୀ ସଂସ୍କୃତି କଳାପରିଷଦରେ ଆୟୋଜିତ ଉତ୍ସବରେ ସ୍ୱର୍ଗତ ହରିଚନ୍ଦନଙ୍କ ସମାଜ ପ୍ରତି ବହୁମୁଖୀ ପ୍ରତିଭାର ଆଲୋଚନା କରାଯାଇଥିଲା। ସ୍ୱର୍ଗତ ହରିଚନ୍ଦନ ଅବିଭକ୍ତ ପୁରୀ ଜିଲାର ବିକାଶ ଓ ସାମଗ୍ରିକ ଭାବେ ଓଡିଆ ଜାତିପାଇଁ ତାଙ୍କର ଅବଦାନ ଅନସ୍ୱୀକୃତ ବୋଲି ମତପ୍ରକାଶ ପାଇଥିଲା। ଉକ୍ତ ଉତ୍ସବରେ ଗମ୍ଭାରିମୁଣ୍ଡା ଅଞ୍ଚଳର ପୂର୍ବତନ ଜିଲା ପରିଷଦ ସଭ୍ୟ ଦୁଷ୍ମନ୍ତ ହରିଚନ୍ଦନ, ସୌମ୍ୟରଞ୍ଜନ ସାମନ୍ତରାୟ, ଦେବେନ୍ଦ୍ର ହରିଚନ୍ଦନ, ତପନ ପ୍ରଧାନ ଓ ବିଶ୍ୱବିଜୟୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଓକିଲଙ୍କୁ ମାସ୍କ ବାଣ୍ଟିଲେ ବିଧାୟକ



ବିଧାୟକ ସୁରେଶ କୁମାର ରାଉତରାୟ ମାସ୍କ ବଣ୍ଟନ କରୁଛନ୍ତି।

**ଖୋର୍ଦ୍ଧା ଅଫିସ,୨୭।୫**

ରାଜ୍ୟରେ କରୋନାର ଦ୍ୱିତୀୟ ଲହର ଜାରି ରହିଛି। ସଂକ୍ରମଣ ରୋକିବା ଲାଗି ସରକାର ମାସ୍କ ଏବଂ ସାମାଜିକ ଦୂରତ୍ୱ ଉପରେ ଗୁରୁତ୍ୱ ଦେଉଛନ୍ତି। ଗୁରୁବାର ପୂର୍ବାହ୍ନରେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ଖୋର୍ଦ୍ଧା କୋର୍ଟରେ ପହଞ୍ଚି ଓକିଲମାନଙ୍କୁ ମାସ୍କ ବାଣ୍ଟିଥିଲେ। କୋଭିଡ୍ ଗାଇଡଲାଇନ ପାଳନ ଲାଗି ସଚେତନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓକିଲ ସଂଘ ସଭାପତି ଅଜିତ୍ ପଟ୍ଟନାୟକ, ଉପସଭାପତି ଲୋତକ ବିନ୍ଦୁ ପଟ୍ଟନାୟକ, ସମ୍ପାଦକ ସଞ୍ଜୟ ପଟ୍ଟନାୟକ, ପୂର୍ବତନ ବାର ସଭାପତି ଶିଶିର କୁମାର ପରିଡା, ମାନସ ପଟ୍ଟନାୟକ, ପବିତ୍ର ରାଜଗୁରୁ, ମୁନା ପଟ୍ଟନାୟକ, ପ୍ରଣୟ ଦାସ, ଛାତ୍ର କଂଗ୍ରେସ ସଭାପତି ସୌମ୍ୟରଞ୍ଜନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ପଲିଥିନ୍ ତଳେ ବିତୁଛି ଜୀବନ

**ନିରାକାରପୁର,୨୭।୫(ଡି.ଏନ୍.ଏ.)**

କେନ୍ଦ୍ର ଓ ରାଜ୍ୟ ସରକାର ଗରିବଙ୍କ ସହାୟତା ପାଇଁ ବିଭିନ୍ନ ଯୋଜନା କରିଛନ୍ତି। ଗ୍ରାମାଞ୍ଚଳରେ ରହୁଥିବା କେତେକ ଲୋକଙ୍କ ପାଇଁ ସରକାରଙ୍କ ଏହି ଯୋଜନା ସାତସପନ ହୋଇ ରହିଛି। ଏହାର ଉଦାହରଣ ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଲେଣ୍ଡୋ ପଞ୍ଚାୟତ ଭଗବତୀପଡ଼ା ଅଞ୍ଚଳର ଡୁଙ୍ଗେଇ ବେଓ୍ୱା (୫୦)ଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି। ସୂଚନା ମୁତାବକ, ୧୭ବର୍ଷ ପୂର୍ବେ ଡୁଙ୍ଗେଇଙ୍କ ସ୍ୱାମୀଙ୍କ ମୃତ୍ୟୁ ହୋଇଥିବା ବେଳେ ପୁଅ ଚାରି ବର୍ଷର ହୋଇଥିଲା। ପରେ ଡୁଙ୍ଗେଇ ଭିକ୍ଷାବୃତ୍ତି କରି ପୁଅକୁ ବଡ଼ କରିଛନ୍ତି। ଏବେ ପୁଅର ପାରିଶ୍ରମିକରେ ଚଳୁଛନ୍ତି। ଦିନ ମଜୁରିଆ ଭାବେ ପୁଅ କାର୍ଯ୍ୟ କରୁଥିବାରୁ ଘର କରିବାକୁ ତାଙ୍କର ସମର୍ଥ ନାହିଁ। ଏପରିକି ରାଶନ କାର୍ଡ ମଧ ମିଳିନାହିଁ। ଏନେଇ ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ ପରେ ତାଙ୍କୁ ବିଧବା ଭତ୍ତା ମିଳୁଛି। ପକ୍କା ଘର ପାଇଁ ଡୁଙ୍ଗେଇ ବାରମ୍ବାର ପ୍ରଶାସନ ଓ ସ୍ଥାନୀୟ ସରପଞ୍ଚଙ୍କୁ ଗୁହାରି କରିଥିଲେ ମଧ ମିଳିଲା ନାହିଁ। ଫଳରେ ବର୍ଷା, ଖରା, ଶୀତ କାକରରେ ପଲିଥିନ ତଳେ ବିତୁଛି ଜୀବନ। ସରକାରଙ୍କ ଯୋଜନା ତାଙ୍କ ପାଇଁ ସାତସପନ ହୋଇପଡ଼ିଛି। ଆଗକୁ ବର୍ଷା ଦିନ ଆସୁଥିବାରୁ ଇନ୍ଦିରା ଆବାସ ଯୋଜନାରେ ଡୁଙ୍ଗେଇଙ୍କୁ ପକ୍କା ଘର ଯୋଗାଇଦେବା ଲାଗି ଗ୍ରାମବାସୀ ଦାବି କରିଛନ୍ତି।



ଭଗବତୀପଡ଼ାର ଡୁଙ୍ଗେଇ ବେଓ୍ୱା।

# କ୍ୱାର୍ଟର୍ସ ପାଇଁ ଧାଉଁଛନ୍ତି ଷ୍ଟାଫ ନର୍ସ

**ଖୋର୍ଦ୍ଧା ଅଫିସ,୨୭।୫**

■ ଜିଲାପାଳଙ୍କୁ ଜଣାଇଲେ ଗୁହାରି

■ କ୍ଲରିକାଲ ଷ୍ଟାଫ୍ ରହିବାକୁ ନେଇ ପ୍ରଶ୍ନ

ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ଷ୍ଟାଫ ନର୍ସ କ୍ୱାର୍ଟର୍ସ ପାଇପାରୁନାହାନ୍ତି। ଏଥିଲାଗି ସେମାନଙ୍କୁ ସିଡିଏମ୍‌ଓ କାର୍ଯ୍ୟାଳୟ ଏବଂ ଜିଲାପାଳଙ୍କ କାର୍ଯ୍ୟାଳୟକୁ ବାରମ୍ବାର ଧାଇଁବାକୁ ପଡୁଛି। ଷ୍ଟାଫ ନର୍ସ ଭଗବତୀ ସିଂଙ୍କ କ୍ଷେତ୍ରରେ ଏଭଳି ଦେଖିବାକୁ ମିଳିଛି। ସେ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଗୁହାରି ଜଣାଇ ନିରାଶ ହେବା ପରେ ଶେଷରେ ଗୁରୁବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଜିଲାପାଳଙ୍କୁ ଲିଖିତ ଭାବେ ନିଜର ଅଭିଯୋଗ ଜଣାଇଛନ୍ତି। ପୂର୍ବରୁ ସେ ସିଡିଏମଓଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ମଧ ଦେଇଥିଲେ। ଏପରି କି ଜଣେ ଅଧିକାରୀ ତାଙ୍କୁ ଲାଞ୍ଚ ମାଗିଥିବା ସେ ଗଣମାଧମ ଆଗରେ ଅଭିଯୋଗ ଆଣିଥିଲେ, ଯାହାକୁ ନେଇ ସେତେବେଳେ ଚର୍ଚ୍ଚା ହୋଇଥିଲା। ତେବେ ସରକାରୀ ନିୟମ ଅନୁଯାୟୀ କ୍ୱାର୍ଟର୍ସ ଦିଆଯିବ କହି ସିଡିଏମ୍‌ଓ ନିଜ ମୁଣ୍ଡରୁ ଦୋଷ ଖସାଇ ଦେଇଥିଲେ।



ଷ୍ଟାଫ ନର୍ସ ଭଗବତୀ ସିଂ

ଅଭିଯୋଗରେ ଦର୍ଶାଯାଇଛି ଯେ, ଭଗବତୀ ଦିବ୍ୟାଙ୍ଗ ଓ ଅନୁସୂଚିତ ଜାତିର ହୋଇଥିବା ବେଳେ ସେ ୨୦୧୫ରୁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ଅଛନ୍ତି। ସେ କୋଭିଡ୍ ଯୋଦ୍ଧା ଭାବେ କରୋନା ଡ୍ୟୁଟିରେ ନିୟୋଜିତ ରହିଛନ୍ତି। କ୍ୱାର୍ଟର୍ସ ପାଇବା ଲାଗି ୨୦୨୦ ଡିସେମ୍ବର ୨୦, ୨୦୨୧ ଏପ୍ରିଲ ୧୨ ଏବଂ ମେ ୧୫ରେ କର୍ତ୍ତୃପକ୍ଷଙ୍କ ନିକଟରେ ଆବେଦନ କରିଥିଲେ। ପୁରୁଣା ମେଡିକାଲ କଲୋନିର କ୍ୱାର୍ଟର୍ସ କେବଳ ଷ୍ଟାଫନର୍ସଙ୍କ ଲାଗି ଉଦ୍ଦିଷ୍ଟ। ଅଥଚ ଜଣେ କ୍ଲରିକାଲ ଷ୍ଟାଫଙ୍କୁ କ୍ୱାର୍ଟର୍ସ ଦିଆଯାଇଛି। ଏ ନେଇ ସିଡିଏମ୍‌ଓଙ୍କୁ ଅଭିଯୋଗ ଜଣାଇବାରୁ ଡିଏମଓଙ୍କୁ ଯୋଗାଯୋଗ କରିବାକୁ କୁହାଯାଇଥିଲା। ଡିଏମ୍‌ଓ ତାଙ୍କୁ ପ୍ରତିଶ୍ରୁତି ଦେଇଥିଲେ ମଧ ତାହା ପାଣିର ଗାର ପାଲଟିଛି। ଏହି ଘଟଣାର ତଦନ୍ତ କରି ତାଙ୍କୁ ନ୍ୟାୟ ଦେବାକୁ ଭଗବତୀ ଦାବି କରିଛନ୍ତି। ଅନ୍ୟପକ୍ଷରେ ଏହି ଘଟଣାରେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନୀରବତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ଏ ନେଇ ସେ କିଛି ଜାଣି ନ ଥିବା ଏବଂ ଅଭିଯୋଗର ତଦନ୍ତ ହେବ ବୋଲି ସିଡିଏମ୍‌ଓ ବିଶ୍ୱରଞ୍ଜନ ପତି କହିଛନ୍ତି।

## ଘର କାମକୁ ନେଇ ମାଲିକଙ୍କୁ ମିସ୍ତ୍ରିଙ୍କ ଆକ୍ରମଣ

ପୁରୀ ଅଫିସ: ପୁରୀ ସଦର ଥାନା ଅଞ୍ଚଳରେ ଗୁରୁବାର ଘରକାମକୁ ନେଇ ରାଜମିସ୍ତ୍ରିଙ୍କ ଆକ୍ରମଣରେ ଘର ମାଲିକ ଆହତ ହୋଇଛନ୍ତି। ଆକ୍ରମଣର ଶିକାର ବ୍ୟକ୍ତି ହେଲେ ପୁରୀ ସଦର ଥାନା ଅନ୍ତର୍ଗତ ଭାରତୀପୁରର ହରିହର ସାହୁ (୬୨)। ତାଙ୍କୁ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ଘର କାମ ଭୁଲ କରିଥିବାରୁ ହରିହର ଓ ରାଜମିସ୍ତ୍ରିଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏଥିରେ ରାଜମିସ୍ତ୍ରି ରାଗିଯାଇ ହରିହରଙ୍କ ମୁଣ୍ଡକୁ ଏକ ଲୁହାରଡ଼ରେ ପିଟି ଦେଇଥିଲେ। ହରିହରଙ୍କ ମୁଣ୍ଡ ଫାଟି ରକ୍ତ ବାହାରିଥିଲା। ପରେ ତାଙ୍କୁ ତାଙ୍କ ଭାଇ ଉଦ୍ଧାର କରି ଚିକିତ୍ସା ପାଇଁ ନେଇଥିଲେ।



୨୭.୦୫.୨୦୨୧
୪୭୧ ଟଙ୍କା

# ନାଟ୍-ପିସିଆର୍ ଟେଷ୍ଟିଂ ହେଉନି

**ପୁରୀ ଅଫିସ,୨୭ା୫:**

ରକ୍ତଦାନ ମହାପୁଣ୍ୟ। ମାତ୍ର ରକ୍ତଦାନ ବେଳେ ରକ୍ତଦାତାଙ୍କଠାରେ ଥିବା ସଂକ୍ରମଣ ଯେପରି ରକ୍ତଗ୍ରହୀତାଙ୍କୁ ନ ବ୍ୟାପେ ସେନେଇ ନିଶ୍ଚିତ କରାଇବା ସ୍ୱାସ୍ଥ୍ୟ ବିଭାଗର ଦାୟିତ୍ୱ। ତେଣୁ ରକ୍ତଭଣ୍ଡାରରେ ଏଲିସା(ଏନଜାଇମ୍ ଲିଙ୍କ୍ଡ ଇମ୍ୟୁନୋ ସୋର୍ବେଣ୍ଟ ଆଶେ) ପରିବର୍ତ୍ତେ ନାଟ୍ (ନ୍ୟୁକ୍ଲେରିକ ଏସିଡ୍ ଟେଷ୍ଟ)-ପିସିଆର୍ (ପଲିମେରାଜ୍ ଚେନ୍ ରିଆକ୍ସନ) ପଦ୍ଧତିରେ ଟେଷ୍ଟିଂ କରାଯାଇ ସଂକ୍ରମଣକୁ ଅଧିକ ମାତ୍ରାରେ ରୋକାଯାଇପାରିବ। ମାତ୍ର ପୁରୀ ଜିଲା ସ୍ୱାସ୍ଥ୍ୟ ବିଭାଗ ଏଥିପ୍ରତି ଗୁରୁତ୍ୱ ଦେଉନାହିଁ। ପୁରୀ ଜିଲାରେ ଏବେ ବି ନାଟ୍-ପିସିଆର୍ ପରିବର୍ତ୍ତେ ଏଲିସା ପଦ୍ଧତିରେ ରକ୍ତ ପରୀକ୍ଷା କରାଯାଉଛି। ଫଳରେ ସଂକ୍ରମଣ ଚିହ୍ନଟ ଓ ରୋକିବାରେ ବିଶେଷ ସହାୟତା ହୋଇପାରୁ ନ ଥିବା କୁହାଯାଉଛି।

ଏଲିସା ହେଉଛି ଏକ ଟେଷ୍ଟିଂ ପଦ୍ଧତି ଯାହା ଦ୍ୱାରା ରକ୍ତରେ ଥିବା ଆଣ୍ଟିବଡ଼ିକୁ ଚିହ୍ନଟ କରାଯାଇ ସଂକ୍ରମଣ ହୋଇଥିବା ସୂଚନା ମିଳିଥାଏ। ତେବେ ଜଣେ ବ୍ୟକ୍ତିଙ୍କ ଶରୀରରେ ଏଚ୍ଆଇଭି ସଂକ୍ରମଣ ହେବା ପରେ ମଧ୍ୟ ଆଣ୍ଟିବଡି ବିକଶିତ ହେବାକୁ ସମୟ ଲାଗିଥାଏ। ସେହିଭଳି ହେପାଟାଇଟିସ୍-ସି ଭୂତାଣୁ ଚିହ୍ନଟ ପାଇଁ




■ ରକ୍ତ ସଂଗ୍ରହରେ ସଂକ୍ରମଣ ଚିହ୍ନଟ ନେଇ ବିଶେଷ ସହାୟକ ହୋଇପାରୁନି

■ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଏଲିସା ପଦ୍ଧତିରେ ରକ୍ତ ପରୀକ୍ଷା

ଏଲିସା ପଦ୍ଧତିରେ ୨ ମାସ ଲାଗିଥାଏ। ଏହି ସମୟ ମଧ୍ୟରେ ରକ୍ତ ଅନ୍ୟ କାହା ବ୍ୟବହାରରେ ଲାଗିଲେ ସଂକ୍ରମଣର ଆଶଙ୍କା ରହେ। ଆଣ୍ଟିବଡି ମୁଖ୍ୟତଃ ରୋଗକୁ ରୋକିବା ପାଇଁ ଶରୀରରେ ସ୍ୱତଃ ପ୍ରସ୍ତୁତ ହେଉଥିବା ଏକ ପ୍ରକ୍ରିୟା। ଏହା ପ୍ରସ୍ତୁତ ହେବାକୁ ସର୍ବନିମ୍ନ ୭ଦିନ ଲାଗେ। ଯଦି ଏହି ସମୟ ମଧ୍ୟରେ କୌଣସି ବ୍ୟକ୍ତି ସଂକ୍ରମଣର ଶିକାର ହୁଅନ୍ତି ତା'ହେଲେ ଏଲିସା ଟେଷ୍ଟିଂ ଏହାକୁ ଚିହ୍ନଟ କରିବାରେ ବିଶେଷ ସମର୍ଥ ହୋଇପାରେ ନାହିଁ। ଅନ୍ୟପକ୍ଷରେ ନାଟ୍-ପିସିଆର୍ ପଦ୍ଧତି ଆଣ୍ଟିଜେନ୍‌କୁ ଚିହ୍ନଟ କରିଥାଏ। ଆଣ୍ଟିଜେନ୍ ରୋଗ ପ୍ରତିରୋଧକ କ୍ରିୟାକୁ ଚିହ୍ନଟ କରିବା ପ୍ରକ୍ରିୟା ନୁହେଁ। ଏହା ରୋଗକୁ ହିଁ ଚିହ୍ନଟ କରିଥାଏ। ଅର୍ଥାତ୍ ଶରୀରରେ ସଂକ୍ରମଣ ଥିଲେ ଏହା ତୁରନ୍ତ ଚିହ୍ନଟ କରିଥାଏ। ଯାହା ଦ୍ୱାରା ରକ୍ତର ଶୁଦ୍ଧତା ନେଇ ସାର୍ଟିଫିକେଟ୍ ମିଳିପାରେ। ରକ୍ତର ଶୁଦ୍ଧତା ଚିହ୍ନଟ ପାଇଁ ଥିବା ସମୟକୁ ୱିଣ୍ଡୋ ପିରିୟଡ୍ ବୋଲି କୁହାଯାଇଥାଏ। ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ପ୍ରତିବର୍ଷ ପାଖାପାଖି ୧୦ହଜାର ୟୁନିଟ ରକ୍ତ ସଂଗ୍ରହ ହେଉଥିବାବେଳେ ଏଲିସା ପଦ୍ଧତିରେ ଟେଷ୍ଟିଂ କରାଯାଉଛି। ଏଭଳି ଟେଷ୍ଟିଂରେ ସଂକ୍ରମଣ ଚିହ୍ନଟ ହୋଇ ନ ପାରିବାର ଆଶଙ୍କା ରହୁଛି। ଏ ନେଇ ଜିଲା ମୁଖ୍ୟ ଚିକିତ୍ସାଳୟର ପାଥୋଲୋଜି ବିଭାଗ ଇନଚାର୍ଜ ବୀଣାପାଣି ଦାଶ କହିଛନ୍ତି, ସଂକ୍ରମଣର ଆଣ୍ଟିବଡି ପ୍ରସ୍ତୁତ ହେବା ପାଇଁ ଶରୀରରେ ସମୟ ଲାଗିଥାଏ। ମାତ୍ର ଆଣ୍ଟିଜେନ୍ ଚିହ୍ନଟରେ ଖୁବ୍ କମ୍ ସମୟ ଲାଗେ। ତେଣୁ ଏକଥାରେ ଦ୍ୱିମତ ନାହିଁ ଯେ, ରକ୍ତର ଆଣ୍ଟିଜେନ୍ ଟେଷ୍ଟ ପାଇଁ ନାଟ୍-ପିସିଆର୍ ନିହାତି ପକ୍ଷେ ଏକ ଉନ୍ନତ ପଦ୍ଧତି। ତେବେ ଜିଲାରେ ଟିବି ରୋଗର ଆଣ୍ଟିଜେନ୍ ଟେଷ୍ଟ ଚାଲିଛି। ଏହା ବ୍ୟତୀତ ଏଚ୍ଆଇଭି ଟେଷ୍ଟ ପାଇଁ ଆଣ୍ଟିବଡି ଟେଷ୍ଟ ହେଉଛି। ଯାହା ଅତିକମ୍‌ରେ ୧୫ ଦିନ ସମୟ ନିଏ। ଆଣ୍ଟିଜେନ୍ ଟେଷ୍ଟିଂ ଦ୍ୱାରା ଏହି କାମକୁ ୩ରୁ ୪ ଦିନ ମଧ୍ୟରେ କରାଯାଇପାରିବ। ଅନ୍ୟପକ୍ଷରେ ସୂଚନା ଅନୁଯାୟୀ, ନାଟ୍-ପିସିଆର୍ ଯନ୍ତ୍ରାଂଶର ମୂଲ୍ୟ ୩ରୁ ୫ କୋଟି ଟଙ୍କା ହେବ। ଗୋଟିଏ ରକ୍ତନମୁନା ପରୀକ୍ଷା ପାଇଁ ପ୍ରାୟ ୨ହଜାର ଟଙ୍କା ଖର୍ଚ୍ଚ ହେବ। ଏହା ଦ୍ୱାରା ଠିକ ଭାବେ ରକ୍ତ ପରୀକ୍ଷା କରାଯାଇପାରିବ। ସାରା ଦେଶରେ ନାଟ୍-ପିସିଆର୍ ଟେଷ୍ଟିଂ ପାଇଁ ଦିଲ୍ଲୀ ଏମ୍‌ସ ୨୦୦୯ରୁ ସୁପାରିସ କରିସାରିଥିଲେ ମଧ୍ୟ ପୁରୀ ଜିଲାରେ ଏପର୍ଯ୍ୟନ୍ତ ଏହାକୁ କାର୍ଯ୍ୟକାରୀ କରାଯାଇନାହିଁ। ଗବେଷଣାରୁ ସ୍ପଷ୍ଟ ହୋଇସାରିଛି ଯେ, ଏଚ୍ଆଇଭି ଟେଷ୍ଟିଂ ପାଇଁ ଏଲିସାରେ ୩ରୁ ୬ସପ୍ତାହ ଲାଗୁଥିବା ବେଳେ ନାଟ୍-ପିସିଆର୍ ପଦ୍ଧତିରେ ୫ଦିନରେ ଟେଷ୍ଟ ସାରି ରିପୋର୍ଟ ଦିଆଯାଇପାରିବ। ତେବେ ପୁରୀ ଜିଲାରେ ରକ୍ତଦାନକୁ ଗୁରୁତ୍ୱ ଦିଆଯାଉଥିବାବେଳେ ନାଟ୍-ପିସିଆର୍ ପଦ୍ଧତିକୁ କାହିଁକି ଲାଗୁ କରାଯାଉ ନାହିଁ ବୋଲି ସାମାଜିକ କର୍ମୀ ଜୟନ୍ତ କୁମାର ଦାଶ ପ୍ରଶ୍ନ କରିଛନ୍ତି। ନାଟ୍-ପିସିଆର୍ ପଦ୍ଧତି କାର୍ଯ୍ୟକାରୀ ଦ୍ୱାରା ରକ୍ତଦାତାମାନଙ୍କୁ ଅଧିକ ଉତ୍ସାହିତ କରାଯିବା ସହ ସୁରକ୍ଷିତ ରକ୍ତଦାନକୁ ନିଶ୍ଚିତ କରାଯାଇପାରିବ ବୋଲି ଦାଶ କହିଛନ୍ତି।


ବିଶ୍ୱରେ କରୋନା ନିରାକରଣ ପାଇଁ ଗୁରୁବାର ପୁରୀଠାରେ ଶ୍ରୀଜଗନ୍ନାଥ ସେନା ପକ୍ଷରୁ ଆୟୋଜିତ ଯଜ୍ଞ ।

## ରଥଖଳାରୁ

## ପଇ ଅନୁକୂଳ ସରିଲା, ଆଜି ସିଙ୍ଗଡ଼ା ବାଡ଼ିଆ


ତୁମ୍ବରେ ପଇ ସଂଯୋଗ ପାଇଁ ମୁଖ୍ୟ ମହାରଣାଙ୍କ ଦ୍ୱାରା ପଇ ଅନୁକୂଳ କରାଯାଉଛି ।

**ପୁରୀ ଅଫିସ, ୨୭ା୫:**

ରଥଖଳା ଚାଲିକୁ ପୂର୍ବଭଳି ପ୍ରସ୍ତୁତ କରାଯାଇ ବାୟବବଲ୍ ବ୍ୟବସ୍ଥା ଲାଗୁ କରାଯାଇଛି। ତିନି ରଥର ଦୁଇଟି ଲେଖାଏ ତୁମ୍ବରେ ଅର ସଂଯୋଗ ନିମନ୍ତେ ପ୍ରତି ତୁମ୍ବ ପାଇଁ ୧୬ଟି ଲେଖାଏ ୩୨ଟି ଅର ସାଲ କାମ ସରିଛି। ଶୁକ୍ରବାର ଯନ୍ତାଗାଡ଼ଠାରେ ଭୋଇ ସେବକଙ୍କ ଦ୍ୱାରା ତୁମ୍ବରେ ଅର ସଂଯୋଗ ବା ସିଙ୍ଗଡ଼ା ବାଡ଼ିଆ ଅନୁକୂଳ କାର୍ଯ୍ୟ ହେବ। ତାଳଧ୍ୱଜ ରଥର ଦୁଇଟି ତୁମ୍ବରେ ସିଙ୍ଗଡ଼ା ବାଡ଼ିଆ ଅନୁକୂଳ ପାଇଁ ଆବଶ୍ୟକ ୧୬ଯୋଡ଼ା ଅର ସାଲ କାର୍ଯ୍ୟ ସରିଛି। ଏଥିସହ ୫ତୁମ୍ବର ବିନ୍ଧକାମ ସରି ଆଉ ୯ ତୁମ୍ବର ବିନ୍ଧ କାମ ଚାଲିଛି। ଦୁଇଟି ଯନ୍ତାପଟାର ବିନ୍ଧ ଖୋଳା ସମ୍ପୂର୍ଣ୍ଣ ହୋଇଛି। ତାଳଧ୍ୱଜ ରଥର ମୋଟ ୧୬ଟି କୋଣଗୁଜ ମଧ୍ୟରୁ ଅନୁକୂଳ ହୋଇଥିବା ଗୁଜ ଚଉପଟ ପରେ ସେଥିରେ ରୂପକାର ସେବକ ସିଂହ ବିରାଳ ରୂପ ଖୋଦେଇ କାର୍ଯ୍ୟ ଜାରି ରଖିଛନ୍ତି। ବାକି କୋଣଗୁଜ ପ୍ରସ୍ତୁତି ପାଇଁ ଧଉରା କାଠ ଚଉପଟ କାର୍ଯ୍ୟ ହେଉଛି। ଦେବଦଳନ ରଥର ଅରପଟା ସାଇଜ ବା ବକଲା ଅନୁକୂଳ ହୋଇ ତୁମ୍ବରେ ଅର ସଂଯୋଗ ନିମନ୍ତେ ୨ଟି ତୁମ୍ବ ପାଇଁ ୧୬ ଯୋଡ଼ା ଅରସାଲ ସରିଛି। ୧୨ଟି ତୁମ୍ବର ବିନ୍ଧ କାମ ସରି ଅର ସାଲ କାମ ଚାଲିଛି। ଅନୁକୂଳ ହୋଇଥିବା ଦୁଇଟି ଗୁଜ ଚଉପଟ ପରେ ରୂପକାର ସେବକ ସିଂହବିରାଳ ରୂପ ଖୋଦେଇ ଜାରି ରଖିଛନ୍ତି। ମୋଟ ୨୧ ଗୁଜ ପାଇଁ ଗୁଜକାଠଗୁଡ଼ିକର ଚଉପଟ କାର୍ଯ୍ୟ ଚାଲୁ ରହିଛି। ସେଥିରୁ ୪ଟିର କାମ ଆରମ୍ଭ ହୋଇଛି। ନନ୍ଦିଘୋଷ ରଥର ୧୬ ତୁମ୍ବରୁ ୮ଟିର ବିନ୍ଧ କାର୍ଯ୍ୟ ସରିଛି। ପାର୍ଶ୍ୱ ଦେବଦେବୀଙ୍କ ପାଇଁ ଦୁଇଟି ଜଳଯନ୍ତ୍ରର ଚଉପଟ କାର୍ଯ୍ୟ ସରିଛି। ଅନୁକୂଳ ସରିଥିବା ଗୁଜକାଠ ଚଉପଟ ପରେ ରୂପକାର ସେବକ ସିଂହ ବିରଳ ରୂପ ଖୋଦେଇ କାର୍ଯ୍ୟ କରୁଛନ୍ତି। ସେହିପରି ଦୋଳବେଦି ଅସ୍ଥାୟୀ କମାରଶାଳାରେ ତିନି ରଥର ଓଝା ସେବକମାନେ ୪୨ତୁମ୍ବର ୪୨ ଯୋଡ଼ା ପଦାରୀ ଏବଂ ଅରକଣ୍ଟା ପ୍ରସ୍ତୁତି ଜାରି ରଖିଛନ୍ତି। ଶୁକ୍ରବାର ରଥ ନିର୍ମାଣରେ ମୋଟ ୧୫୦ ଜଣ କାରିଗର ଓ ସେବକ ନିୟୋଜିତ ଥିଲେ।

## ସଂକ୍ଷେପରେ

### ସିମିଳି ଗାଁ ୩ଦିନ ଶଟ୍‌ଡାଉନ

କୋଣାର୍କ,୨୭ା୫(ଡି.ଏନ୍.ଏ.): କୋଣାର୍କ ଥାନା ଅଧୀନ ସିମିଳି ପଞ୍ଚାୟତର ସିମିଳି ଗ୍ରାମରେ କରୋନା ସଂକ୍ରମଣ ବୃଦ୍ଧି ଉପରେ ରୋକ ଲଗାଇବା ପାଇଁ ସରପଞ୍ଚ କାଞ୍ଚନବାଳା ସେଠ ଜିଲାପାଳଙ୍କ କ୍ଷମତା ପ୍ରୟୋଗ କରି ୩ଦିନ ପାଇଁ ଏହି ଗ୍ରାମକୁ ଶଟ୍‌ଡାଉନ ଘୋଷଣା କରିଛନ୍ତି। ସୂଚନା ମୁତାବକ, ସିମିଳି ପଞ୍ଚାୟତରେ ସଂକ୍ରମିତଙ୍କ ସଂଖ୍ୟା ୧୦୦ ଟପିଲେଣି। ଏହି ପଞ୍ଚାୟତର ସିମିଳି ଗ୍ରାମରେ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇଛି। ତେଣୁ ସଂକ୍ରମଣ ଉପରେ ରୋକ ଲଗାଇବା ପାଇଁ ସରପଞ୍ଚ ଶଟ୍‌ଡାଉନ ଘୋଷଣା କରିଛନ୍ତି। ଏହି ଗ୍ରାମକୁ ବାହାର ଲୋକଙ୍କ ଯାତାୟାତ ଉପରେ ରୋକ ଲଗାଇବା ସହ ଗ୍ରାମର କୌଣସି ବ୍ୟକ୍ତି ଜରୁରୀ କାର୍ଯ୍ୟ ନ ଥିଲେ ବାହାରକୁ ଯିବା ଉପରେ ପ୍ରତିବନ୍ଧକ ଲଗାଇଛନ୍ତି। ଶଟ୍‌ଡାଉନର ନକଲ ପୁରୀ ଜିଲାପାଳ, ଗୋପ ତହସିଲଦାର, ବିଡିଓ ଏବଂ ଥାନା ଅଧିକାରୀଙ୍କୁ ସରପଞ୍ଚ ଅବଗତ କରାଇଛନ୍ତି।

### ସାକ୍ଷୀଗୋପାଳରେ ୫୮୭ ନେଲେ ଟିକା

ସାକ୍ଷୀଗୋପାଳ,୨୭ା୫(ସ୍ୱ.ପ୍ର.): କରୋନା ସଂକ୍ରମଣ ନିୟନ୍ତ୍ରଣ ଲାଗି ରାଜ୍ୟରେ ଟିକାକରଣ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ସାକ୍ଷୀଗୋପାଳ ବ୍ଲକରେ ସକାଳ ୯ଟାରୁ ତିନୋଟି କେନ୍ଦ୍ରରେ ଟିକା ଦିଆଯାଇଛି। ୪୫ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ପାଇଁ ଟିକାଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସତ୍ୟବାଦୀ ବିଡିଓ କ୍ଷୀରୋଦ କୁମାର ବେହେରା, ମେଡିକାଲ ଅଫିସର ବିଶ୍ୱଜିତ ମିଶ୍ରଙ୍କ ତତ୍ତ୍ୱାବଧାନରେ ଅଳଗୁମରେ ୨୦୯ ଜଣଙ୍କୁ ଟିକା ଦିଆଯାଇଥିବା ବେଳେ ଗବକୁଣ୍ଡରେ ୧୬୯ ଏବଂ ସାକ୍ଷୀଗୋପାଳ ସରକାରୀ ବାଳିକା ବିଦ୍ୟାଳୟରେ ୨୦୯ ଜଣଙ୍କୁ ଟିକା ଦିଆଯାଇଛି।

### ଯୁବକ ନିଖୋଜ ନେଇ ଅଭିଯୋଗ

ପିପିଲି,୨୭ା୫(ସ୍ୱ.ପ୍ର.): ପିପିଲି ଥାନା ଅଧୀନ କଣ୍ଟି ଗ୍ରାମର ସାଧୁ ସେଠୀ (୨୯) ମଙ୍ଗଳବାରଠାରୁ ନିଖୋଜ ଥିବା ନେଇ ଗୁରୁବାର ଅଭିଯୋଗ ହୋଇଛି। ସେ ଘରୁ ଗଲାବେଳେ ଧଳାରଙ୍ଗର ଗଞ୍ଜି ଓ କଳା ରଙ୍ଗର ହାଫ୍ ପ୍ୟାଣ୍ଟ ପିନ୍ଧିଥିବା ବେଳେ ଏକ ନୀଳ ରଙ୍ଗର ଗାମୁଛା ଅଣ୍ଟାରେ ବାନ୍ଧିଥିଲେ। କୌଣସି ବ୍ୟକ୍ତି ସାଧୁଙ୍କ ସନ୍ଧାନ ପାଇଲେ ନିକଟସ୍ଥ ଥାନା କିମ୍ବା ପିପିଲି ଥାନାକୁ ଯୋଗାଯୋଗ କରିବା ପାଇଁ ଅନୁରୋଧ କରାଯାଇଛି।

### ଗୋଦାମରୁ ପିକ୍‌ଅପ୍ ଭ୍ୟାନ୍ ଚୋରି

ପିପିଲି,୨୭ା୫(ଡି.ଏନ୍.ଏ.): ପିପିଲି-ନିମାପଡ଼ା ମୁଖ୍ୟ ରାସ୍ତାର ପଣ୍ଡା ବଜାର ନିକଟ ଡାଇମଣ୍ଡ ଟ୍ରେଡର୍ସ(ସିମେଣ୍ଟ) ଗୋଦାମ ପରିସରରୁ ଏକ ପିକ୍‌ଅପ୍ ଭ୍ୟାନ ଚୋରି ହୋଇଥିବା ନେଇ ଗୁରୁବାର ପିପିଲି ଥାନାରେ ଅଭିଯୋଗ କରାଯାଇଛି। ସୂଚନା ଅନୁଯାୟୀ, ଉକ୍ତ ଗୋଦାମ ପରିସରରେ ପିକ୍‌ଅପ୍ ଭ୍ୟାନ (ଓଡି-୧୯ଏ ୪୭୨୮) ପ୍ରତିଦିନ ପରି ବୁଧବାର ରାତିରେ ରହିଥିଲା। ବିଳମ୍ବିତ ରାତିରେ ଏକ ସ୍କୁଟିରେ ୩ଜଣ ଦୁର୍ବୃତ୍ତ ଆସି ଏହି ପିକ୍‌ଅପ୍‌କୁ ଚୋରାଇ ନେଇଛନ୍ତି। ସମସ୍ତ ଘଟଣା ଗୋଦାମ ପରିସରରେ ଥିବା ସିସିଟିଭି କ୍ୟାମେରାରେ କଏଦ ହୋଇଛି। ଗୋଦାମ ମାଲିକ ଜାହିଦ୍ ରାଜା ଖାନ୍‌ଙ୍କ ଅଭିଯୋଗକ୍ରମେ ପୋଲିସ ତଦନ୍ତ ଚଳାଇଛି। ଏ ସମ୍ପର୍କରେ ଆଇଆଇସି ଅଭିମନ୍ୟୁ ନାୟକ କହିଛନ୍ତି, ସିସିଟିଭି ଫୁଟେଜ୍‌କୁ ଆଧାର କରି ତଦନ୍ତ ଜାରି ରହିଛି।

### ଶିକ୍ଷକଙ୍କ ପରଲୋକ

ପିପିଲି,୨୭ା୫(ଡି.ଏନ୍.ଏ./ସ୍ୱ.ପ୍ର.): ପିପିଲି ବ୍ଲକ ଅନ୍ତର୍ଗତ ସରସ୍ୱତୀପୁର ପଞ୍ଚାୟତର କୋଠସାହି ୟୁ.ପି. ସ୍କୁଲର ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପ୍ରଧାନଙ୍କ ଗୁରୁବାର ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୫୫ବର୍ଷ ହୋଇଥିଲା। ସିଆରସିସି ଅଜୟ ସେଠୀ, ଶିକ୍ଷକ ରମେଶ ବେହେରା ପ୍ରମୁଖ ସୁବଳୟାପାଟଣା ଗ୍ରାମରେ ପହଞ୍ଚି ତାଙ୍କ ପରିବାରକୁ ଅନୁକମ୍ପାମୂଳକ ୫ହଜାର ଟଙ୍କା ପ୍ରଦାନ କରିଥିଲେ। ପୂର୍ଣ୍ଣଚନ୍ଦ୍ର ଜଣେ ଆଦର୍ଶ ଓ ଛାତ୍ରବତ୍ସଳ ଶିକ୍ଷକ ଭାବେ ପରିଚିତ ଥିଲେ। ବ୍ଲକ ଶିକ୍ଷା ଅଧିକାରୀ ବେଣୁଧର ଜାଲିଙ୍କ ସମେତ ଓଡ଼ିଶା ପ୍ରାଥମିକ ଶିକ୍ଷକ ସଙ୍ଘ ମହାସଚିବ ବିକ୍ରମ ରଥ, ପିପିଲି ବ୍ଲକ ସଭାପତି ଜୟପ୍ରକାଶ ପ୍ରଧାନ, ସମ୍ପାଦକ ଲକ୍ଷ୍ମୀଧର ସାହୁ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

## କୋରେକ୍ସ ବିକ୍ରି କରି ୪ ଗିରଫ

**ପୁରୀ ଅଫିସ, ୨୭ା୫:**

ପୁରୀ ଟାଉନ ଥାନା ପୋଲିସ ଗୁରୁବାର ୪ ଯୁବକଙ୍କୁ ନିଶାଦ୍ରବ୍ୟ ବିକ୍ରି ଅଭିଯୋଗରେ ଗିରଫ କରିଛି। ସମ୍ପୃକ୍ତ ଅଭିଯୁକ୍ତମାନେ ହେଲେ ବାସେଳିସାହି ଥାନା ଅଧୀନ ଲୋକନାଥ ରୋଡ୍ ଛପନ ଛକର ସତ୍ୟନାରାୟଣ ତ୍ରିପାଠୀ ଓରଫ ବାବୁନି (୨୬), ସତ୍ୟବାଦୀ ଥାନା ଅନ୍ତର୍ଗତ ଶ୍ରୀରାମଚନ୍ଦ୍ରପୁର ଗ୍ରାମର ସୁରେଶ ମହାପାତ୍ର ଓରଫ ସୋମୁ (୨୨),



ଜବତ ମୋଟର ସାଇକେଲ ଓ କୋରେକ୍ସ ।

କୁମ୍ଭାରପଡ଼ା ଥାନା ଅଧୀନ ନରେନ୍ଦ୍ରକୋଣ ଚକଡ଼ା ଅଞ୍ଚଳର ଏସ୍.କେ. ଫକୀର (୩୦) ଏବଂ ଟାଉନ ଥାନା ଅନ୍ତର୍ଗତ ନରେନ୍ଦ୍ରକୋଣ ଅଞ୍ଚଳର ରବିନାରାୟଣ ମେକାପ ଓରଫ ରକି(୨୮)। ପୋଲିସ ଏ ନେଇ କେସ୍ ନଂ. ୧୪୪/୨୧ ଏବଂ ୧୪୫/୨୧ ରୁଜୁ କରିଛି। ଅଭିଯୁକ୍ତମାନଙ୍କ ନିକଟରୁ ୧୦୦ ମିଲିର ୫୦ଟି କୋରେକ୍ସ ବୋତଲ, ଗୋଟିଏ ଅଟୋ, ଗୋଟିଏ ବାଇକ ଏବଂ ୪ଟି ମୋବାଇଲ ଫୋନ ଜବତ କରାଯାଇଛି। ପୁରୀ ଟାଉନ ଥାନା ଅଞ୍ଚଳରେ ନିଶା କାରବାର ହେଉଥିବା ଖବର ପାଇ ପୋଲିସ ଜଗନ୍ନାଥବଲ୍ଲଭ ପାର୍କିଂ ଏବଂ ପୋଖରିଆ ଛକ ନିକଟରେ ଚଢ଼ାଉ କରି ବିକ୍ରି ହେଉଥିବା କୋରେକ୍ସ ବୋତଲଗୁଡ଼ିକୁ ଜବତ କରିବା ସହ ଉଭୟ ସ୍ଥାନରୁ ୨ଜଣ ଲେଖାଏ ଅଭିଯୁକ୍ତଙ୍କୁ ଧରିଥିଲା।


ପୋଲିସ ଗହଣରେ ଗିରଫ ଅଭିଯୁକ୍ତ ।

## କଣାସରେ ୧୪୨ ସକ୍ରିୟ ସଂକ୍ରମିତ

**କଣାସ,୨୭ା୫(ଡି.ଏନ୍.ଏ/ସ୍ୱ.ପ୍ର.):**

ପୁରୀ ଜିଲା କଣାସ ବ୍ଲକରେ ଗୁରୁବାର ୬ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଫଳରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୬୦୩ରେ ପହଞ୍ଚିଛି। ଗୁରୁବାର ସିରେଇ ୩, ବଡାସ ୧, ପଟଯୋଶୀପୁର ଗ୍ରାମରୁ ୨ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଏବେ ସୁଦ୍ଧା ୩୭୫ଜଣ ସୁସ୍ଥ ହୋଇଥିବା ବେଳେ ୫ଜଣଙ୍କ ମୃତ୍ୟୁ ଘଟିଛି। ସଂକ୍ରମିତଙ୍କ ମଧ୍ୟରୁ ୪୫୬ ଜଣ ସୁସ୍ଥ ହୋଇଥିବା ବେଳେ ୧୪୨ଜଣ ଚିକିତ୍ସାଧୀନ ରହିଛନ୍ତି। ବ୍ଲକର ୨୮ ପଞ୍ଚାୟତରୁ କଣାସ ପଞ୍ଚାୟତରେ ସର୍ବାଧିକ ୫୪ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

## ୟାସ୍ ପ୍ରଭାବରେ ଚାଷଜମି ଜଳମଗ୍ନ

**ଅସ୍ତରଙ୍ଗ,୨୭ା୫(ଡି.ଏନ୍.ଏ.):**

ବାତ୍ୟା 'ୟାସ୍' ପ୍ରଭାବରେ ପୁରୀ ଜିଲା ଅସ୍ତରଙ୍ଗ ଉପକୂଳବର୍ତ୍ତୀ ଅଞ୍ଚଳରେ ଦୁଇଦିନ ଧରିବର୍ଷା ଲାଗିରହିଥିଲା। ଫଳରେ ଚାଷଜମି ଜଳମଗ୍ନ ହେବା ସହ ଖରାଦିନିଆ ଫସଲ ଭେଣ୍ଡି, ଲଙ୍କା, ବାଇଗଣ କ୍ଷତି ହୋଇଛି। ତହସିଲଦାର ରାଜଲକ୍ଷ୍ମୀ ନାୟକ କ୍ଷତି ହୋଇଥିବା ଛୁରିଅନା, ଶିଶୁଆ, କୋରଣା, ସରିପୁର, ମାଣ୍ଡୁକୀ, ନଗର, କେନ୍ଦ୍ରାପାଟି ଆଦି ଗ୍ରାମ ବୁଲି କ୍ଷୟକ୍ଷତିର ଆକଳନ କରିଛନ୍ତି। ଅନ୍ୟପକ୍ଷେ ବିଡିଓ ବେବିନା ମଞ୍ଜରୀ ନାୟକ ଓ ବ୍ଲକ ଅଧ୍ୟକ୍ଷ ସ୍ୱାଧୀନ ନାୟକ ବିଭିନ୍ନ ପଞ୍ଚାୟତ ବୁଲି ଦେଖିଛନ୍ତି। କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ସାଧାରଣରେ ଦାବି ହେଉଛି।



## ବୁଦ୍ଧ ଦୁଃଖ ନିବାରଣର ମାର୍ଗ ପ୍ରଦର୍ଶନ କରିଥିଲେ

**ପୁରୀ ଅଫିସ, ୨୭ା୫:**

ବୋଧିଚକ୍ର ଅନୁଷ୍ଠାନ ଆନୁକୂଲ୍ୟରେ ବୁଦ୍ଧ ପୂର୍ଣ୍ଣିମା ଏବଂ ସନ୍ଥକବି ଭୀମଭୋଇଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଗିରିଜା ଶଙ୍କର ପାଢୀ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଅଜ୍ଞାନ ଘନ ଅନ୍ଧକାରରେ ଆଚ୍ଛନ୍ନ ମାନବ ସମାଜ ପାଇଁ ତଥାଗତ ବୁଦ୍ଧ ଆଲୋକ ବର୍ତ୍ତିକା ସଦୃଶ ଆବିର୍ଭୂତ ହୋଇ ଦୁଃଖ ନିବାରଣର ମାର୍ଗ ପ୍ରଦର୍ଶନ କରିଥିଲେ ବୋଲି ସଭାପତି ପାଢୀ କହିଥିଲେ। ସମ୍ପାଦକ ରମାବଲ୍ଲଭ ମହାପାତ୍ର ବୁଦ୍ଧପୂର୍ଣ୍ଣିମାର ତାତ୍ପର୍ଯ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଉମେଶ ଚନ୍ଦ୍ର ଦାଶ, ଦୀପ୍ତି ମିଶ୍ର, ପୁଷ୍ପା ପାତ୍ର, ରାଜକିଶୋର ପାତ୍ର, ସତ୍ୟନାରାୟଣ ମିଶ୍ର, ଅବନୀଶ ରଥ, ଅଶୋକ କୁମାର ଆଢ୍ୟ, ଅଧ୍ୟାପକ ଡ଼ଃ ବଳରାମ ଦାଶ, ଦିବାକର ଦଳାଇ ଏବଂ ରଞ୍ଜିତା ମହାପାତ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସେହିପରି ସନ୍ଥକବି ଭୀମଭୋଇଙ୍କ ଜୟନ୍ତୀ ଅବସରରେ ଅଧ୍ୟାପକ ଦେବରାଜ ପ୍ରଧାନ ତାଙ୍କର ଅନବଦ୍ୟ ସାରସ୍ୱତ କୃତି ସମ୍ପର୍କରେ ଆଲୋକପାତ କରିଥିଲେ । ଅନୁଷ୍ଠାନର କୋଷାଧ୍ୟକ୍ଷ ତଥା ଶିଶୁ ସମାଚାର ସମ୍ପାଦକ ସୁକାନ୍ତ ପଣ୍ଡା ଧନ୍ୟବାଦ ଦେଇଥିଲେ ।

## ଅଙ୍ଗନୱାଡି କର୍ମୀ, ସୁପରଭାଇଜରଙ୍କୁ ସ୍ମାର୍ଟ ଫୋନ ପ୍ରଦାନ

**ପିପିଲି,୨୭ା୫(ଡି.ଏନ୍.ଏ.):**

ରାଜ୍ୟ ମହିଳା ଓ ଶିଶୁ ବିକାଶ ମିଶନ ଶକ୍ତି ବିଭାଗ ପକ୍ଷରୁ ସମସ୍ତ ଅଙ୍ଗନୱାଡ଼ି କର୍ମୀ ଓ ସୁପରଭାଇଜରଙ୍କୁ ସରକାରଙ୍କ ପକ୍ଷରୁ ସ୍ମାର୍ଟ ଫୋନ ଯୋଗାଇ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ପିପିଲି ବ୍ଲକ ଅନ୍ତର୍ଗତ ୨୫୮ଜଣ ଅଙ୍ଗନୱାଡ଼ି କର୍ମୀ ଓ ୧୨ଜଣ ସୁପରଭାଇଜରଙ୍କୁ ଗୁରୁବାର ସିଡିପିଓଙ୍କ କାର୍ଯ୍ୟାଳୟରେ କୋଭିଡ୍ ନିୟମାନୁଯାୟୀ ସ୍ମାର୍ଟ ଫୋନ ପ୍ରଦାନ କରାଯାଇଛି। ଅଙ୍ଗନୱାଡ଼ି କର୍ମୀମାନେ ଘରକୁ ଘର ବୁଲି କୋଭିଡ୍ ସଂକ୍ରମିତଙ୍କ ରୋଗର ତଥ୍ୟ ସଂଗ୍ରହ କରିବେ। ଏଥିସହ ଛୋଟ ଛୋଟ ଶିଶୁଙ୍କ ଅଙ୍ଗନୱାଡି କେନ୍ଦ୍ରର ଖାଦ୍ୟ, ଗର୍ଭବତୀ ମହିଳା, ପ୍ରସୂତି ଓ କିଶୋରୀଙ୍କ ସମସ୍ତ ତଥ୍ୟ ଲେଖି ଏହି ସ୍ମାର୍ଟ ଫୋନ ମାଧ୍ୟମରେ ସୁପରଭାଇଜରଙ୍କୁ ଜଣାଇବେ। ସୁପରଭାଇଜର ତଥ୍ୟ ଯାଞ୍ଚ କରି ଉପରୋକ୍ତ ମିଶନ ଶକ୍ତି ବିଭାଗ ଅଧିକାରୀଙ୍କୁ ଅବଗତ କରାଇବେ ବୋଲି ପିପିଲି ସିଡିପିଓ ଶୁଭଲକ୍ଷ୍ମୀ ପଟ୍ଟନାୟକ କହିଛନ୍ତି।

## ୩ ମାନସିକ ବିକାରଗ୍ରସ୍ତ ଉଦ୍ଧାର

**କଣାସ,୨୭ା୫(ଡି.ଏନ୍.ଏ):**

ନୀଳାଦ୍ରି ନିଳୟ ଯୋଜନାରେ ୩ଜଣ ମାନସିକ ବିକାରଗ୍ରସ୍ତଙ୍କୁ ଉଦ୍ଧାର କରାଯାଇ ଗୁରୁବାର କଣାସ ବ୍ଲକ ସ୍ଥିତ ନୀଳାଚଳ ସେବା ପ୍ରତିଷ୍ଠାନର କଲ୍ୟାଣି ଗୃହରେ ରଖାଯାଇଛି। ଉଦ୍ଧାର ୩ଜଣ ହେଲେ, ରାଜେଶ କୁମାର ସାହାନୀ(୪୨), ଦହି ମୁଖି(୪୦) ଓ ଜୟନ୍ତୀ ବେହେରା(୩୮)। ଜିଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟ କରୁଥିବା ୬ ଜଣିଆ ଉଦ୍ଧାରକାରୀ ଦଳ ଏମାନଙ୍କୁ ୩ଦିନ ପୂର୍ବେ ପୁରୀ ରେଳଷ୍ଟେସନରୁ ଉଦ୍ଧାର କରିଥିଲେ। ଉଦ୍ଧାର ପରେ ଚନ୍ଦନପୁର ନିକଟ ଖଡିପଦା ଗୋଲାସାହିସ୍ଥିତ ନୃସିଂହ ଦେବ ଆଞ୍ଚଳିକ ଯୁବ ପରିଷଦରେ ଛାଡିଥିଲେ। ପରେ ଏମାନଙ୍କୁ ନୀଳାଚଳ ସେବା ପ୍ରତିଷ୍ଠାନର କଲ୍ୟାଣୀ ଗୃହରେ ରଖାଯାଇଛି।

## ଗାଁ ସାନିଟାଇଜ୍ କଲେ ସରପଞ୍ଚ

**କୋଣାର୍କ,୨୭ା୫(ଡି.ଏନ୍.ଏ):**

ରାଜ୍ୟରେ କରୋନାର ଦ୍ୱିତୀୟ ଲହର ଜାରି ରହିଛି। ମାସ୍କ ପରିଧାନ ଓ ସାମାଜିକ ଦୂରତ୍ୱକୁ ଗୁରୁତ୍ୱ ଦିଆଯାଇଛି। ଗ୍ରାମାଞ୍ଚଳରେ ସଂକ୍ରମଣ ରୋକିବା ପାଇଁ ସରକାର ସରପଞ୍ଚମାନଙ୍କୁ ଜିଲାପାଳଙ୍କ କ୍ଷମତା ପ୍ରଦାନ କରିଛନ୍ତି। ଏହି ମହାମାରୀ ସମୟରେ ସମସ୍ତେ ଘରେ ରହିଥିବା ବେଳେ ପୁରୀ ଜିଲା କୋଣାର୍କ ଥାନା ଅଧୀନ ବନାଖଣ୍ଡି ପଞ୍ଚାୟତର ସରପଞ୍ଚ ଜିତେନ୍ଦ୍ର କୁମାର ମଲ୍ଲିକ କାନ୍ଧରେ ସାନିଟାଇଜର ବକ୍ସ ଧରି ପଞ୍ଚାୟତର ଘରକୁ ଘର ବୁଲି ସାନିଟାଇଜ୍ କରୁଛନ୍ତି। ଜିତେନ୍ଦ୍ରଙ୍କ ଏହି କାର୍ଯ୍ୟକୁ ନେଇ ବିଭିନ୍ନ ମହଲରୁ ତାଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିଛି। ପଞ୍ଚାୟତର ବିଭିନ୍ନ ଗ୍ରାମର ଘରକୁ ଘର ବୁଲି ସାନିଟାଇଜ



କରିବା ସହ ଶିକ୍ଷାନୁଷ୍ଠାନ, ଅଙ୍ଗନୱାଡିଗୃହ, ସ୍ୱାସ୍ଥ୍ୟ ଉପକେନ୍ଦ୍ର ଓ ଯୁବକ ସଂଘ ଗୃହକୁ ସାନିଟାଇଜ କରୁଛନ୍ତି। ସରପଞ୍ଚଙ୍କ ଏପରି କାର୍ଯ୍ୟକୁ ଗୋପ ବ୍ଲକ ପ୍ରଶାସନ ଓ ଜିଲାପାଳ ଦୃଷ୍ଟି ଦେବା ସହ ତାଙ୍କୁ ସମ୍ମାନିତ କରିବା ପାଇଁ ବିଭିନ୍ନ ମହଲରୁ ଦାବି ହେଉଛି।

## ଏସ୍‌ପିଙ୍କ ପିପିଲି ଥାନା ପରିଦର୍ଶନ


ଏସ୍‌ପି କନ୍‌ୱର ବିଶାଲ ସିଂ ପିପିଲି ଥାନା ପରିଦର୍ଶନ ବେଳେ ଲୋକଙ୍କ ସହ ଆଲୋଚନା କରୁଛନ୍ତି ।

**ପିପିଲି,୨୭ା୫(ଡି.ଏନ୍.ଏ./ସ୍ୱ.ପ୍ର.):**

ପୁରୀ ଏସ୍‌ପି କନ୍‌ୱର ବିଶାଲ ସିଂ ଗୁରୁବାର ପିପିଲି ଥାନା ପରିଦର୍ଶନ କରିଛନ୍ତି। ଥାନାରେ ପହଞ୍ଚି ସମସ୍ତ କର୍ମଚାରୀ ଏବଂ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ପିପିଲିରେ ଅପରାଧ, ଆଇନ ଶୃଙ୍ଖଳା ପରିସ୍ଥିତି ଏବଂ ଲକ୍‌ଡାଉନ କାର୍ଯ୍ୟକାରିତା ଉପରେ ସମୀକ୍ଷା କରିଥିଲେ। ଏଥିସହ ପିପିଲି ଥାନାର 'ମୋ ସରକାର' ସେଲ୍ ଏବଂ ରିସେପ୍ସନ ସେଲ ସମୀକ୍ଷା କରି ଅଭିଯୋଗ ପାଇଁ ଆସିଥିବା ଲୋକଙ୍କ ସହ କଥା ହୋଇଥିଲେ। ବାଲି ଓ ପଥର ମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଆଇଆଇସି ଅଭିମନ୍ୟୁ ନାୟକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ବେଆଇନ ବାଲି ଖନନ ଏବଂ ପରିବହନରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ସ୍ୱାସ୍ଥ୍ୟକେନ୍ଦ୍ରରେ ବର୍ଷାଜଳ, ରୋଗୀ ହଇରାଣ

**ଗୋପ,୨୭ା୫(ଡି.ଏନ୍.ଏ.):**

ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜମି ରହିଛି ବର୍ଷାଜଳ। ଫଳରେ ରୋଗୀ ଓ ତାଙ୍କ ସମ୍ପର୍କୀୟମାନେ ଯାତାୟାତରେ ହଇରାଣ ହେଉଛନ୍ତି। ଏନେଇ ଅଭିଯୋଗ ହୋଇଥିଲେ ମଧ୍ୟ ପଦକ୍ଷେପ ନିଆଯାଉ ନାହିଁ। ସୂଚନା ମୁତାବକ, ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଦୈନିକ ଶତାଧିକ ରୋଗୀ ଚିକିତ୍ସା ପାଇଁ ଆସିଥା'ନ୍ତି। ସ୍ୱାସ୍ଥ୍ୟକେନ୍ଦ୍ର ପଛରେ ଡାକ୍ତରଙ୍କ ରୁମ୍‌କୁ ରୋଗୀ ସକାଳେ ଓ ଅପରାହ୍ନରେ ଯାଉଥିବା ବେଳେ ପଛ ଭାଗରେ ମଧ୍ୟ ଡ୍ରେସିଂ ରୁମ ସହିତ କେତେକ ଜରୁରିକାଳୀନ ସେବା ଲାଗି ରୁମ୍ ରହିଛି। ଅଧିକାଂଶ ସମୟରେ ଦୁର୍ଘଟଣାଜନିତ ରୋଗୀ ପୁରୁଣା ଡାକ୍ତରଖାନାକୁ



ଯାଉଛନ୍ତି। କିନ୍ତୁ ଡାକ୍ତରଖାନାକୁ ଥିବା ଏହି ସଂକୀର୍ଣ୍ଣ ରାସ୍ତାରେ ବର୍ଷାପାଣି ଜମି ରହିବା ଫଳରେ ରୋଗୀ ଓ ତାଙ୍କ ସମ୍ପର୍କୀୟମାନେ ଯାତାୟାତରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆମ୍ବୁଲାନ୍ସରେ ଯିବାକୁ ହେଲେ ୧୦୮ କର୍ମଚାରୀମାନେ ଗୁରୁତର ରୋଗୀଙ୍କୁ ଏହି ବର୍ଷାଜଳ ଦେଇ ଆଣିବାକୁ ପଡୁଛି। ଏହାର ସମାଧାନ ପାଇଁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଶିବ ପ୍ରସାଦ ମଙ୍ଗରାଜ କହିଛନ୍ତି, ବାରମ୍ବାର ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଅବଗତ କରାଯାଇଥିଲେ ମଧ୍ୟ ସୁଫଳ ମିଳିଲା ନାହିଁ। ଅନ୍ୟପଟେ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ଗୋପ ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀ କହିଛନ୍ତି।